# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୨୭/୨୦୨୨ (୧୬ ପୃଷ୍ଠା) | Bhubaneswar, Wednesday, July 27/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଓହରିଲେ ନୀରଜ**
ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଓହରି ଯାଇଛନ୍ତି। ୧୬

୧୦ **'ପୂଜା ମେରୀ ଜାନ୍'ରେ ହୁମା**
ହିନ୍ଦୀ ଫିଲ୍ମ 'ପୂଜା ମେରୀ ଜାନ୍' ଜରିଆରେ ବଲିଉଡ୍ ଅଭିନେତ୍ରୀ ହୁମା କୁରେଶି ଇଣ୍ଡଷ୍ଟ୍ରିକୁ ପୁଣିଥରେ କମ୍ବ୍ୟାକ୍ କରିବାକୁ ଯାଉଛନ୍ତି।



# ଦରବୃଦ୍ଧି ପ୍ରତିବାଦକୁ ମାଡ଼

## ରାଜ୍ୟ ସଭାରୁ ୧୯ ସଦସ୍ୟ ନିଲମ୍ବିତ

ଖାଇବା ତେଲରୁ ନେଇ ଇନ୍ଧନ ଜାତୀୟ ତୈଳ, ଅଟାଠୁ ନେଇ ଔଷଧ ସବୁ ସାମଗ୍ରୀର ଦରଦାମ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାର ନିଜ ରାଜନୈତିକ ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରିବା ପାଇଁ ପ୍ରତ୍ୟେକ ଜିନିଷ ଉପରୁ ଖାଉଟିଙ୍କଠାରୁ ଉଚ୍ଚ ଟିକସ ଅସୁଲ କରୁଛନ୍ତି। ଆକାଶଛୁଆଁ ଦରବୃଦ୍ଧିକୁ ନେଇ ଦେଶବାସୀ ହନ୍ତସନ୍ତ। ଏହି ପ୍ରସଙ୍ଗ ଉଠାଇଲେ ବିରୋଧୀ ନେତାଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଚଢ଼ାଉ କରୁଛି ଏବଂ ପାର୍ଲାମେଣ୍ଟ ସଦସ୍ୟମାନଙ୍କୁ ଗୃହରୁ ନିଲମ୍ବନ କରାଯାଉଛି। ଏଭଳି ଅଭିଯୋଗ ଆଣି ମଙ୍ଗଳବାର ବିରୋଧୀ ଦଳଗୁଡ଼ିକ ନୂଆ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଲେଖି ତ୍ୱରିତ ହସ୍ତକ୍ଷେପ ଲୋଡ଼ିଛନ୍ତି।



ଦରଦାମ୍ ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ପାର୍ଲାମେଣ୍ଟ ହାଉସ୍‌ରେ ଟିଏମ୍‌ସି ଏମ୍‌ପିଙ୍କ ବିକ୍ଷୋଭ।

**ନୂଆଦିଲ୍ଲୀ, ୨୬।୭**

ଜୁଲାଇ ୧୮ରେ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ବିରୋଧୀଙ୍କ ବିକ୍ଷୋଭ ଓ ହଇଚଗୋଳ ଯୋଗୁ ଅଚଳାବସ୍ଥା ଲାଗି ରହିବାରୁ ଉଭୟ ଗୃହରେ ବିଶେଷ କାର୍ଯ୍ୟ ହୋଇପାରୁ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବୃଦ୍ଧି ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରସଙ୍ଗ ଉଠାଇ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ଲୋକ ସଭାରୁ ୪ ସଦସ୍ୟ ନିଲମ୍ବିତ ହେବାର ଦିନକ ପରେ ରାଜ୍ୟ ସଭାର ୧୯ ସଦସ୍ୟଙ୍କ ବିରୋଧରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମଙ୍ଗଳବାରଠାରୁ ସପ୍ତାହେ ପାଇଁ ନିଲମ୍ବିତ ଏମ୍‌ପିମାନଙ୍କ ମଧ୍ୟରେ ତୃଣମୂଳ ☞ପୃଷ୍ଠା-୪

# ବ୍ୟାପୁଛି ଝାଡ଼ାବାନ୍ତି

## ସରକାରୀ ତଥ୍ୟଠାରୁ ଢେର ଅଧିକ

**ଭୁବନେଶ୍ୱର,(ବ୍ୟୁରୋ) ଉମରକୋଟ, ୨୬।୭(ସ୍ୱ.ପ୍ର.)**

ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା ଏବଂ ସୁବର୍ଣ୍ଣପୁର ଜିଲାରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ରାୟଗଡ଼ା ଜିଲା କାଶୀପୁରରେ ଭିବ୍ରିଓ କଲେରାରେ ୮ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶହେରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସେହିଭଳି କୋରାପୁଟ ଜିଲା ଦଶମନ୍ତପୁରରେ ୨ଜଣଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଛି। ଏବେ ନବରଙ୍ଗପୁର ଜିଲାରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଲାଣି। ଝରିଗାଁ ଅଞ୍ଚଳର ଜଣେ ମହିଳାଙ୍କ ସମେତ ନନ୍ଦାହାଣ୍ଡି ବ୍ଲକ ଖଡ଼ିଆଗୁଡ଼ା ଗ୍ରାମର ମଧ୍ୟ ଜଣେ ବ୍ୟକ୍ତିଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଛି। ନନ୍ଦାହାଣ୍ଡି ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ସୋମବାର ସୁଦ୍ଧା ୩୬ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି କୋରାପୁଟର ପ୍ରଭାବିତ ବ୍ଲକ ଦଶମନ୍ତପୁର ସଦର ସହ ଗିର୍ଲିଗୁମା, ଡୁମ୍ବାଗୁଡା, ଚିକାମ୍ବ, ଲୁଲା, ମୁର୍କାର ପଞ୍ଚାୟତରୁ ୫୪ ଜଣ ଆକ୍ରାନ୍ତ ଚିହ୍ନଟ ହେଲେଣି। ସେମାନଙ୍କ ମଧ୍ୟରୁ ଏବେ ସୁଦ୍ଧା ୪୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ୧୨ଜଣ ଦଶମନ୍ତପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ଅଧୀନ ଟିପାପାଣି ଗ୍ରାମର ଉଦ୍ଧବ ମାଝି କୋରାପୁଟ ଜିଲା ଦଶମନ୍ତପୁରରୁ ଶନିବାର ଘରକୁ ଫେରିଥିଲେ। ଏହାପରେ ରବିବାରଠାରୁ ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସରପଞ୍ଚଙ୍କ ସହାୟତାରେ ତାଙ୍କୁ ଏବେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ନୂଆପଡ଼ା ଜିଲା କୋମନା ବ୍ଲକର ଜଟଗଡ଼ ଗ୍ରାମରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହେଲେଣି। ଏପରି କି ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଡୁବୁଲା ପଞ୍ଚାୟତ ସୂର୍ଯ୍ୟମୁଣ୍ଡା ଗ୍ରାମରେ ୧୮ରୁ ଊର୍ଦ୍ଧ୍ୱ ଆକାନ୍ତ ହୋଇଥିବା ଜଣାପଡ଼ିଛି। ତେବେ ଏସବୁ ☞ପୃଷ୍ଠା-୪

### ସରକାରଙ୍କୁ ଘେରିଲେ ବିରୋଧୀ

#### ସର୍ବଦଳୀୟ ଗୃହ କମିଟି ଗଠନ ଦାବି

**ଭୁବନେଶ୍ୱର, ୨୬।୭(ବ୍ୟୁରୋ)**

ରାୟଗଡ଼ା ଜିଲା କାଶୀପୁରରେ ଦେଖାଯାଇଥିବା ଝାଡ଼ାବାନ୍ତିରେ ୮ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଉଥିବାବେଳେ ବେସରକାରୀ ଭାବେ ଏହା ୧୪ରେ ପହଞ୍ଚିଛି। ସେଠାରେ ଏହା ନିୟନ୍ତ୍ରଣ ହୋଇ ନ ଥିବାବେଳେ ଏବେ ଅବିଭକ୍ତ କୋରାପୁଟ ଜିଲାକୁ ଝାଡ଼ାବାନ୍ତି ରୋଗ ବ୍ୟାପିଲାଣି। ଏହି ରୋଗରେ ନବରଙ୍ଗପୁର ଏବଂ କୋରାପୁଟରେ ୨ଜଣ ଲେଖାଏ ପ୍ରାଣ ହରାଇଥିବା ଜଣାପଡ଼ିଛି। କାଶୀପୁରରେ ଦୂଷିତ ପାନୀୟ ଜଳ ଯୋଗୁ ଝାଡ଼ାବାନ୍ତି ବ୍ୟାପିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତା ୨୦୨୪ ସୁଦ୍ଧା ରାଜ୍ୟରେ ସମସ୍ତ ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ☞ପୃଷ୍ଠା-୪






## ଗୁଜରାଟରେ ବିଷାକ୍ତ ମଦ ପିଇ ୩୦ ମୃତ

**ଅହମଦାବାଦ, ୨୬।୭**

ଭାଜପା ଶାସିତ ଗୁଜରାଟରେ ବିଷାକ୍ତ ମଦ ପିଇ ୩୦ ଜଣଙ୍କ ଜୀବନ ଯାଇଛି। ଆହୁରି ୫୧ ଜଣ ଅସୁସ୍ଥ ହୋଇ ସରକାରୀ ହସ୍ପିଟାଲଗୁଡ଼ିକରେ ଭର୍ତ୍ତି ହୋଇଛନ୍ତି। ଚିକିତ୍ସାଧୀନ ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ରାଜ୍ୟ ସରକାର ଏହାର ତଦନ୍ତ ପାଇଁ ଏକ ତିନିଜଣିଆ କମିଟି ଗଠନ କରିଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇଛି। ଗୁଜରାଟର ଏକ ଫ୍ୟାକ୍ଟ୍ରିରୁ ୪୦,୦୦୦ ଟଙ୍କାରେ ୬୦୦ ଲିଟର କେମିକାଲ କିଣାଯାଇଥିଲା। ସେଥିରେ ଅନ୍ୟ କେତେକ ରାସାୟନିକ ପଦାର୍ଥ ମିଶାଇ ମଦ ପ୍ରସ୍ତୁତ କରାଯାଇଥିଲା। ଅହମଦାବାଦ ଓ ବୋଟାଡ୍ ଜିଲାରେ ରବିବାର ଅନେକ ଲୋକ ସେହି ବିଷାକ୍ତ ମଦ ପିଇଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅଜାଣତରେ ନୁହେଁ**






## ଆଜି ରେଜଲ୍ଟ

### ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ

**ଭୁବନେଶ୍ୱର, ୨୬।୭(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ବୁଧବାର ଅପରାହ୍ନ ୪ଟାରେ ପ୍ରକାଶ ପାଇବ। ସେହିପରି ଏହାର ସପ୍ତାହକ ପରେ ଯୁକ୍ତ୨ କଳା ରେଜଲ୍ଟ ପ୍ରକାଶ ପାଇବ ବୋଲି ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରମାନେ ଅଫିସିଆଲ୍ ୱେବ୍‌ସାଇଟ୍ orissaresults.nic.in, chseodisha.nic.inକୁ ଯାଇ ରେଜଲ୍ଟ ଦେଖିପାରିବେ। ☞ପୃଷ୍ଠା-୪

### ଓଜେଇଇ

**ଭୁବନେଶ୍ୱର, ୨୬।୭(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)-୨୦୨୨ ରେଜଲ୍ଟ ବୁଧବାର ପ୍ରକାଶ ପାଇବ। ଷ୍ଟେଟ୍ କାଉନ୍‌ସିଲ୍ ଫର୍ ଟେକ୍ନିକାଲ ଏଜୁକେଶନ ଆଣ୍ଡ୍ ଭୋକେଶନାଲ ଟ୍ରେନିଂ କନ୍‌ଫରେନ୍ସ ହଲ୍‌ରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏହି ପରୀକ୍ଷାଫଳ ଘୋଷଣା କରିବେ। ଏ ନେଇ ମଙ୍ଗଳବାର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ରମାନେ ojee.nic.in ୱେବସାଇଟ୍‌ରେ ସେମାନଙ୍କ ପରୀକ୍ଷାଫଳ ଦେଖିପାରିବେ। ସୂଚନାଯୋଗ୍ୟ, ଓଜେଇଇ-୨୦୨୨ ଗତ ୪ ତାରିଖରୁ ଆରମ୍ଭ ହୋଇ ୮ ତାରିଖ ☞ପୃଷ୍ଠା-୪




## ଆଫଗାନିସ୍ତାନ ଫେରନ୍ତୁ ହିନ୍ଦୁ, ଶିଖ୍: ତାଲିବାନ୍

୨୦୨୧ ଅଗଷ୍ଟ ୧୫ରେ ତାଲିବାନ ଆତଙ୍କବାଦୀମାନେ କାବୁଲ ଦଖଲ କରିଥିଲେ। ସେହି ସମୟରେ ସଂଖ୍ୟାଲଘୁ ହିନ୍ଦୁ ଓ ଶିଖ୍ ସମ୍ପ୍ରଦାୟର ଆଫଗାନିସ୍ତାନ ଛାଡ଼ିଥିଲେ। ଏବେ ସ୍ଥିତିରେ ସୁଧାର ଆସିଥିବା ଦର୍ଶାଇ ତାଲିବାନ୍ ଶାସକ ହିନ୍ଦୁ ଓ ଶିଖ୍ ସମ୍ପ୍ରଦାୟର ଲୋକେ ଦେଶକୁ ଫେରିଆସନ୍ତୁ ବୋଲି ଅନୁରୋଧ କରିଛନ୍ତି।

## ସୋନିଆଙ୍କ ବୟାନ ରେକର୍ଡ କଲା ଇଡି

ନୂଆଦିଲ୍ଲୀ,୨୬।୭

ନ୍ୟାଶନାଲ ହେରାଲ୍ଡ ଖବରକାଗଜ ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଦ୍ୱିତୀୟ ଥର ପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଜେରା କରାଯାଇଛି। ୭୫ ବର୍ଷୀୟା ସୋନିଆ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜେଡ୍ ପ୍ଲସ୍ ସୁରକ୍ଷା ବଳୟ ମଧ୍ୟରେ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ପୁଅ ରାହୁଲ ଗାନ୍ଧୀଙ୍କ ସହ କେନ୍ଦ୍ରୀୟ ଦିଲ୍ଲୀସ୍ଥିତ ଇଡି ଅଫିସରେ ପହଞ୍ଚିଥିଲେ। ପ୍ରଥମ ପର୍ଯ୍ୟାୟରେ ଅଢ଼େଇ ଓ ପରେ ସାଢ଼େ ୩ ଘଣ୍ଟାର ଜେରା ବେଳେ ଇଡି ଅଧିକାରୀମାନେ ତାଙ୍କ ବୟାନ ରେକର୍ଡ କରିଥିଲେ। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ନିଜ ମା'ଙ୍କ ସହ ଇଡି ଅଫିସରେ ରହିଥିବାବେଳେ ୱାୟନାଡ୍ ଏମ୍‌ପି ରାହୁଲ ସେଠାରୁ ଚାଲିଯାଇଥିଲେ। ଅପରାହ୍ନ ୨ଟାରେ ସୋନିଆଙ୍କୁ ମଧ୍ୟାହ୍ନଭୋଜନ ପାଇଁ ଛଡ଼ାଯାଇଥିଲା। ସେ ୩.୩୦ରେ ଫେରି ପୁଣି ଜେରାର ସମ୍ମୁଖୀନ ହୋଇଥିଲେ। ଏହା ପୂର୍ବରୁ ଜୁନ୍ ୨୮ରେ ଜେରା ବେଳେ ସୋନିଆ ଇଡି ଅଧିକାରୀଙ୍କ ୨୮ ପ୍ରଶ୍ନର ଉତ୍ତର ଦେଇଥିଲେ।



କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଇଡି ଜେରା ପ୍ରତିବାଦରେ ରାହୁଲ ଗାନ୍ଧୀଙ୍କ ସମେତ ଦଳୀୟ ଏମ୍‌ପିମାନେ ପାର୍ଲାମେଣ୍ଟରୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଛନ୍ତି।

## ରାହୁଲଙ୍କୁ ଉଠାଇନେଲା ଦିଲ୍ଲୀ ପୋଲିସ

ନୂଆଦିଲ୍ଲୀ,୨୬।୭

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଇଡି ଜେରା କରୁଥିବାବେଳେ ଏହାର ପ୍ରତିବାଦରେ ତାଙ୍କ ପୁଅ ରାହୁଲ ଗାନ୍ଧୀ ଓ ଦଳୀୟ ଏମ୍‌ପିମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାର୍ଲାମେଣ୍ଟରୁ ବିଜୟ ଚୌକ ଦେଇ ରାଷ୍ଟ୍ରପତି ଭବନ ଅଭିମୁଖେ ଯାଉଥିବାବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ବସ୍‌ରେ ଉଠାଇନେଇଥିଲା। ରାହୁଲ ଏହାକୁ ସମାଲୋଚନା କରି କହିଛନ୍ତି, ଭାରତ ଏକ ପୋଲିସ୍ ଷ୍ଟେଟ୍। ମୋଦି ଜଣେ ରାଜା। ପାର୍ଲାମେଣ୍ଟରେ ମୁଦ୍ରାସ୍ଫୀତି ଓ ବେରୋଜଗାରୀ ଉପରେ ଆଲୋଚନା ପାଇଁ ଅନୁମତି ଦିଆଯାଉନାହିଁ। ଏକଚ୍ଛତ୍ରବାଦୀ ଶାସକ ପୋଲିସ ଓ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ଲଗାଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭକୁ ବନ୍ଦ କରାଉଛନ୍ତି। ସତ୍ୟ ଦ୍ୱାରା ହିଁ ଏହି ଏକଚ୍ଛତ୍ରବାଦର ଅବସାନ ଘଟିବ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାହୁଲଙ୍କୁ ଜବାବ ଦେଇ କହିଛନ୍ତି, ଏଜେନ୍ସିଗୁଡ଼ିକ ଆଇନ ଅନୁସାରେ କାର୍ଯ୍ୟ କରୁଛନ୍ତି। ରାହୁଲ ହେଉଛନ୍ତି ସେହି ବ୍ୟକ୍ତି ଯିଏ ନିଜ ସରକାରଙ୍କ ଅଧ୍ୟାଦେଶକୁ ଚିରି ଦେଇଥିଲେ।

### ସଂକ୍ଷେପରେ

## ସେକ୍ସ ରାକେଟ: ଭାଜପା ନେତା ଗିରଫ

**ଲକ୍ଷ୍ନୌ,୨୬।୭:** ମେଘାଳୟ ଭାଜପା ଉପାଧ୍ୟକ୍ଷ ବର୍ନାର୍ଡ ଏନ୍ ମରାକ୍‌ଙ୍କୁ ଉତ୍ତର ପ୍ରଦେଶ ହାପୁର ଜିଲାରୁ ପୋଲିସ ଗିରଫ କରିଛି। ନିଜ ଫାର୍ମହାଉସ୍‌ରେ ସେକ୍ସ ରାକେଟ୍ ଚଳାଇବା ଅଭିଯୋଗରେ ମେଘାଳୟ ପୋଲିସ ତାଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ୍ ଜାରି କରିଥିଲା। ବର୍ନାର୍ଡଙ୍କୁ ତୁରା ନେବା ପାଇଁ ମେଘାଳୟ ପୋଲିସର ସ୍ୱତନ୍ତ୍ର ଟିମ୍ ୟୁପି ଆସୁଥିବା ଜିଲା ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ବିବେକାନନ୍ଦ ସିଂ କହିଛନ୍ତି।


ବର୍ନାର୍ଡ ଏନ୍ ମରାକ

ତାଙ୍କ ବିରୋଧରେ ଇମ୍ମୋରାଲ ଟ୍ରାଫିକିଂ ଆଇନ, ୧୯୫୬ ଅନ୍ତର୍ଗତ ମାମଲା ରୁଜୁ ହୋଇଛି। ରବିବାର ୱେଷ୍ଟଗାରୋ ହିଲ୍ସ ଜିଲା ସଦର ମହକୁମା ତୁରା ସ୍ଥିତ ବର୍ନାର୍ଡଙ୍କ ଫାର୍ମ ହାଉସ୍‌ରେ ବେଆଇନ୍ ଭାବେ ସେକ୍ସ ରାକେଟ ଚାଲୁଥିବା ଖବର ପାଇ ସ୍ଥାନୀୟ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୬ ନାବାଳିକାଙ୍କୁ ଉଦ୍ଧାର କରିବା ସହ ୭୩ ଜଣଙ୍କୁ ପୋଲିସ ଗିରଫ କରିଥିଲା। ବର୍ନାର୍ଡ ଘଟଣାସ୍ଥଳରୁ ଫେରାର୍ ଥିଲେ। ପୋଲିସ ତାଙ୍କୁ ଆତ୍ମସମର୍ପଣ ପାଇଁ କହିଥିବାବେଳେ ସେ ଏକ ଭିଡିଓ ଜାରି କରି ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସାଙ୍ଗ୍‌ମାଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଥିଲେ।

## ଫାରୁକ୍‌ଙ୍କ ନାଁରେ ଚାର୍ଜଶିଟ୍

**ମୁମ୍ବାଇ, ୨୬।୭:** ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏଶନ(ଜେକେସିଏ) ମନିଲଣ୍ଡରିଂ ମାମଲାରେ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲାଙ୍କ ବିରୋଧରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରାଯାଇଛି। ଶ୍ରୀନଗରସ୍ଥିତ ପିଏମ୍‌ଏଲ୍‌ଏ କୋର୍ଟରେ ହାଜର ହେବା ପାଇଁ ତାଙ୍କୁ ନୋଟିସ କରାଯାଇଛି। ୨୦୦୧ରୁ ୨୦୧୨ ମଧ୍ୟରେ ଫାରୁକ୍ ଜେକେସିଏ ଅଧ୍ୟକ୍ଷ ଥିବାବେଳେ ବ୍ୟାପକ ଆର୍ଥିକ ଅନିୟମିତତା ଅଭିଯୋଗ ହୋଇଥିଲା।

## ରଣବୀରଙ୍କୁ ପୋଷାକ ଦାନ ଅଭିଯାନ

### ଅଭିନେତାଙ୍କ ନାଁରେ ମାମଲା

**ଭୋପାଳ,୨୬।୭:** ପେପର ମାଗାଜିନ୍ ପାଇଁ ବଲିଉଡ୍ ଅଭିନେତା ରଣବୀର ସିଂ କରିଥିବା ନଗ୍ନ ଫଟୋଶୁଟକୁ ନେଇ ଏବେ ଚାରିଆଡ଼େ ପ୍ରତିବାଦ ଦେଖିବାକୁ ମିଳିଛି। ଏ ନେଇ ମଙ୍ଗଳବାର ଇନ୍ଦୋରରେ ଏକାଧିକ ସଂଗଠନ ପୋଷାକ ସଂଗ୍ରହ କରୁଥିବାର ଦେଖିବାକୁ ମିଳିଛି। ଏନ୍‌ଜିଓ ପକ୍ଷରୁ ରଣବୀରଙ୍କ ଫଟୋ ଥିବା ଏକ ବକ୍ସ ଇନ୍ଦୋରରେ ବୁଲୁଥିବାବେଳେ ଲୋକେ ନିଜ ସ୍ୱଇଚ୍ଛାରେ ପୋଷାକ ସେହି ଡବାରେ ପକାଉଥିବାର ଏକ ଭିଡିଓରେ ଦେଖିବାକୁ ମିଳିଛି। ରଣବୀରଙ୍କ ନ୍ୟୁଡ୍ ଫଟୋକୁ ବିରୋଧ କରି ସୋମବାର ରଣବୀରଙ୍କ ନାଁରେ ମୁମ୍ବାଇରେ ଦୁଇଟି ଏଫ୍‌ଆଇଆର୍ ଦାଖଲ କରାଯାଇଛି। ଫଟୋକୁ ନେଇ ଥାନାରେ ଅଭିଯୋଗ କରିବା ବୋକାମି ବୋଲି ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରି ନାୟିକା ସ୍ୱରା ଭାସ୍କର କହିଛନ୍ତି।

# ବ୍ଲାକ୍ ଡାଏରିରେ ପ୍ରମାଣ

### ଏସ୍‌ଏସ୍‌ସି ଦୁର୍ନୀତି: ୧୦ ଦିନିଆ ରିମାଣ୍ଡରେ ପାର୍ଥ, ଅର୍ପିତା

ନୂଆଦିଲ୍ଲୀ, ୨୬।୭

ପଶ୍ଚିମବଙ୍ଗର ବହୁଚର୍ଚ୍ଚିତ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ସହଯୋଗୀ ତଥା ଅଭିନେତ୍ରୀ ଅର୍ପିତା ମୁଖାର୍ଜୀଙ୍କ ଘରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ବ୍ଲାକ୍ ଡାଏରି ଏବଂ ପକେଟ୍ ବୁକ୍ ଜବତ କରିଛି। ଡାଇମଣ୍ଡ ସିଟିସ୍ଥିତ ଅର୍ପିତାଙ୍କ ଘରୁ ମିଳିଥିବା ଏହି ଡାଏରିରେ ପାର୍ଥ କିପରି ଟଙ୍କା ନେଇ ଶିକ୍ଷକ ନିଯୁକ୍ତି କରାଉଥିଲେ ତାହାର ବହୁ ପ୍ରମାଣ ଲୁଚି ରହିଥିବା କୁହାଯାଉଛି। ଇଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହି ଡାଏରିରେ ଶିକ୍ଷକଙ୍କ ନିଯୁକ୍ତି ପାଇଁ ଲାଞ୍ଚ ନେଇଥିବା ବ୍ୟକ୍ତିଙ୍କ ନାମ ରହିଛି। ପାର୍ଥ ଚାଟାର୍ଜୀଙ୍କ ବ୍ୟତୀତ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ବହୁ ବରିଷ୍ଠ ନେତାଙ୍କ ନାମ ମଧ୍ୟ ସେଥିରେ ଉଲ୍ଲେଖ ରହିଛି। ଏଥିରେ ଓଡ଼ିଶା ଏବଂ ତାମିଲନାଡୁର ମଧ୍ୟ କେତେଜଣଙ୍କ ନାଁ ଥିବା କୁହାଯାଉଛି। ସେମାନେ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଡାଏରିରେ ନାଁ ଲେଖାଥିବା ବ୍ୟକ୍ତିଙ୍କୁ ପଚରାଉଚରା କରିବା ପାଇଁ ପ୍ରସ୍ତୁତି ଚଲାଇଛି। ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ଇଡି ଜବତ କରିଥିବା ସାମଗ୍ରୀ ତାଲିକା ଦାଖଲ କରିଛି। ଅପରପକ୍ଷେ ପାର୍ଥ ଏବଂ ଅର୍ପିତାଙ୍କୁ ଇଡି ୧୦ ଦିନିଆ ରିମାଣ୍ଡରେ ନେବାକୁ ଏକ ସ୍ୱତନ୍ତ୍ର କୋର୍ଟ ସୋମବାର ଅନୁମତି ଦେଇଛନ୍ତି।


ପାର୍ଥ ଚାଟାର୍ଜୀ


ଅର୍ପିତା ମୁଖାର୍ଜୀ

ପାର୍ଥ ଓ ଅର୍ପିତା ମିଳିତ ଭାବେ କେତେକ ସମ୍ପତ୍ତି କ୍ରୟ କରିଥିବା ଇଡି ଜାଣିବାକୁ ପାଇଛି। ତେଣୁ ଏହି ଦୁଇଜଣ ପରସ୍ପରର ଘନିଷ୍ଠ ସହଯୋଗୀ ବୋଲି ଅତିରିକ୍ତ ସଲିସିଟର ଜେନେରାଲ ଏସ୍. ଭି. ରାଜୁ କହିଛନ୍ତି। ଉଚ୍ଚ ଶିକ୍ଷା ବିଭାଗର ଏନ୍‌ଭେଲପ୍‌ରେ ୫ ଲକ୍ଷ ନଗଦ ଟଙ୍କା ମିଳିଛି। ତେଣୁ ପାର୍ଥ ଓ ଅର୍ପିତା ନିୟମିତ ଭାବେ ପରସ୍ପରର ଯୋଗାଯୋଗରେ ଥିଲେ ବୋଲି ଏସ୍. ରାଜୁ କହିଛନ୍ତି। ମିଳିଥିବା ବ୍ଲାକ୍ ଡାଏରୀରେ ଅନ୍ୟୂନ ୪୦ ପୃଷ୍ଠାରେ ଲାଞ୍ଚ ବଦଳରେ ଶିକ୍ଷକ ନିଯୁକ୍ତି ଦିଆଯାଇଥିବା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି। ସେହିପରି ପକେଟ୍ ବୁକ୍‌ର ୧୬ ପେଜ୍‌ରେ ମଧ୍ୟ ଏହି ଦୁର୍ନୀତି ବାବଦରେ ପ୍ରମାଣ ରହିଛି ବୋଲି ଇଡି କହିଛି। ପ୍ରକାଶ ଯେ, ପାର୍ଥ ୨୦୧୪ରୁ ୨୦୨୧ ପର୍ଯ୍ୟନ୍ତ ଶିକ୍ଷାମନ୍ତ୍ରୀ ଥିବାବେଳେ ପଶ୍ଚିମବଙ୍ଗ ବିଦ୍ୟାଳୟ ସେବା ଆୟୋଗ (ଡବ୍ଲୁବିଏସ୍‌ଏସ୍‌ସି) ଅଧୀନରେ ଶିକ୍ଷକ ନିଯୁକ୍ତି ବେଳେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଥିଲା। ଅର୍ପିତା ମୁଖାର୍ଜୀଙ୍କ ଘରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ହିସାବ ବହିର୍ଭୂତ ୨୧ କୋଟି ଟଙ୍କ, ୭୬ ଲକ୍ଷ ଟଙ୍କା ମୂଲ୍ୟର ଅଳଙ୍କାର ଆଦି ଜବତ କରିବା ପରେ ଉଭୟଙ୍କୁ ଗିରଫ କରାଯାଇଥିଲା। କୋର୍ଟରେ ହାଜର ହେବା ପୂର୍ବରୁ ପାର୍ଥ ଅସୁସ୍ଥ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସ ନେବାକୁ ରବିବାର କାଲ୍‌କାଟା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ପାର୍ଥଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ଏମ୍ସ ଡାକ୍ତର ସୋମବାର ମନା କରିବା ପରେ ସେ ଭୁବନେଶ୍ୱରରୁ କୋଲକାତା ଫେରିଥିଲେ। ଅନ୍ୟପକ୍ଷରେ ଅର୍ପିତା କେତେକ ନକଲି କମ୍ପାନୀ ଚଳାଉଥିଲେ ବୋଲି ଇଡି ଜାଣିବାକୁ ପାଇଛି। ଅନ୍ୟୂନ ୧୨ କମ୍ପାନୀର ଦସ୍ତାବିଜ୍ ଏହି ତଦନ୍ତକାରୀ ଏଜେନ୍ସି ହାତରେ ଲାଗିଛି।

## ଆଶିଷ ମିଶ୍ରାଙ୍କୁ ମିଳିଲାନି ଜାମିନ

ନୂଆଦିଲ୍ଲୀ, ୨୬।୭

ଉତ୍ତରପ୍ରଦେଶର ଲଖିମପୁରଖେରି ହିଂସା ମାମଲାରେ ଗିରଫ ହୋଇଥିବା କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଜାମିନ ଆବେଦନକୁ ଆଲ୍ଲାହାବାଦ ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଗତ ଫେବୃୟାରୀ ୧୦ରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ଖଣ୍ଡପୀଠ ଆଶିଷଙ୍କୁ ଜାମିନ ପ୍ରଦାନ ନିମନ୍ତେ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ପୀଡ଼ିତଙ୍କୁ ଯଥେଷ୍ଟ ସୁଯୋଗ ଦିଆଯାଇ ସେମାନଙ୍କ ପକ୍ଷ ଶୁଣିବା ପରେ ହିଁ ହାଇକୋର୍ଟ ଆଶିଷଙ୍କ ଜାମିନ ପ୍ରଦାନ ନିଷ୍ପତ୍ତି ନିଅନ୍ତୁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଏହା ପରେ ଆଶିଷ ଆଉ ଏକ ପିଟିଶନ ଦାଏର କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ହାଇକୋର୍ଟ ଗତ ୧୫ ତାରିଖରେ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଗତ ବର୍ଷ ଅକ୍ଟୋବରରେ ଲଖିମପୁରଖେରିରେ ଆଶିଷଙ୍କ କାର୍ ଧକ୍କାରେ ୪ କୃଷକ ଏବଂ ଜଣେ ଖବରଦାତାଙ୍କ ମୃତ୍ୟୁ ଘଟିଥିଲା।

# ପବ୍‌କୁ ବଜରଙ୍ଗ ଦଳ କର୍ମୀଙ୍କ ଟାର୍ଗେଟ

ମାଙ୍ଗାଲୁରୁ, ୨୬।୭

କର୍ନାଟକର ମାଙ୍ଗାଲୁରୁରେ ସୋମବାର ବିଳମ୍ବିତ ରାତିରେ ଦକ୍ଷିଣପନ୍ଥୀ ସଙ୍ଗଠନ ବଜରଙ୍ଗ ଦଳ ପକ୍ଷରୁ ଏକ ପାର୍ଟିକୁ ଟାର୍ଗେଟ କରାଯାଇଛି। ଏକ ଘରୋଇ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ବାଲମାତା ଅଞ୍ଚଳର ରିସାଇକେଲ୍ ପବ୍‌ରେ ଆୟୋଜିତ ଉକ୍ତ ପାର୍ଟିରେ ବଜରଙ୍ଗ ଦଳ କର୍ମୀମାନେ ସେଠାର କର୍ମଚାରୀଙ୍କୁ କାର୍ଯ୍ୟକ୍ରମ ବନ୍ଦ କରିବାକୁ କହିଥିଲେ। ଛାତୀଛାତ୍ରମାନେ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଦର୍ଶାଇ ସେମାନଙ୍କୁ ଗାଳିଗୁଲଜ କରିବା ସହ ପବ୍ ଛାଡ଼ିବାକୁ କହିଥିଲେ ବୋଲି ଅଭିଯୋଗ ହୋଇଛି। ପାର୍ଟିରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନେକ ନାବାଳକ ନାବାଳିକା ଥିବା ଏବଂ ସେଠାରେ ସେମାନେ ନିଶାସେବନ କରୁଥିଲେ ବୋଲି ବଜରଙ୍ଗ ଦଳ ପକ୍ଷରୁ କୁହାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଛାତ୍ରୀଛାତ୍ର, କଲେଜ କର୍ତ୍ତୃପକ୍ଷ ଏବଂ ପବ୍ କର୍ମଚାରୀଙ୍କ ବୟାନ ଆଧାରରେ ଯାଞ୍ଚ କରାଯାଉଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାଙ୍ଗାଲୁରୁ ପୋଲିସ କମିଶନର ଶଶୀ କୁମାର କହିଛନ୍ତି।

ଏ ନେଇ କର୍ନାଟକ ଯୁବ କଂଗ୍ରେସ ମୁଖ୍ୟ ମହମ୍ମଦ ନାଲାପଦ୍ ଭାଜପା, ଆର୍‌ଏସ୍‌ଏସ୍ ଏବଂ ବଜରଙ୍ଗ ଦଳକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ପୋଲିସ କମିଶନରଙ୍କ ମନ୍ତବ୍ୟରୁ କିଛି ନ ହେଲା ପରି ଜଣାପଡୁଛି। କଂଗ୍ରେସ କିମ୍ବା ଅନ୍ୟ କୌଣସି ସଙ୍ଗଠନ କି ସମ୍ପ୍ରଦାୟ ପକ୍ଷରୁ ଏପରି କରାଯାଇଥିଲେ ମାମଲା ରୁଜୁ ହୋଇସାରନ୍ତାଣି। ଭାଜପା, ଆର୍‌ଏସ୍‌ଏସ୍, ବଜରଙ୍ଗ ଦଳ କ'ଣ ଆଇନରୁ ଊର୍ଦ୍ଧ୍ୱରେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। କଂଗ୍ରେସ ନେତା ବି. କେ. ହରିପ୍ରସାଦ ମଧ୍ୟ ଏହାକୁ ନିନ୍ଦା କରି ସରକାର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।



## ସ୍ପେସ୍ ଷ୍ଟେଶନ ପାର୍ଟନରଶିପ୍‌ରୁ ଓହରିବ ରୁଷିଆ

ମସ୍କୋ, ୨୬।୭

ୟୁକ୍ରେନ ଯୁଦ୍ଧକୁ ନେଇ ମୁହାଁମୁହିଁ ହୋଇଥିବା ରୁଷିଆ ଓ ଆମେରିକା ମଧ୍ୟରେ ତିକ୍ତତା ଆଉପାଦେ ଆଗକୁ ବଢ଼ିଛି। ରୁଷିଆ ଓ ଆମେରିକା ଅନ୍ତର୍ଜାତୀୟ ସ୍ପେସ୍‌ଷ୍ଟେଶନ ପାଇଁ ମିଳିତ ଭାବେ କାମ କରୁଥିବାବେଳେ ୨୦୨୪ରେ ମସ୍କୋ ଏହି ସହଭାଗିତାରୁ ଓହରିଯିବ ବୋଲି ନିଷ୍ପତ୍ତି ନେଇଛି। ଏ ନେଇ ରୁଷୀୟ ସ୍ପେସ୍ ଏଜେନ୍ସି ରସ୍‌କୋମୋସ୍ ମହାନିର୍ଦ୍ଦେଶକ ୟୁରି ବୋରିସୋଭ୍ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଜଣାଇଥିବା କ୍ରେମ୍‌ଲିନ୍ ପକ୍ଷରୁ ମଙ୍ଗଳବାର ଏକ ବିବୃତିରେ କୁହାଯାଇଛି। କିଛି ଦିନ ତଳେ ବୋରିସୋଭ୍‌ଙ୍କୁ ପୁଟିନ୍ ରୁଷୀୟ ସ୍ପେସ୍ ଏଜେନ୍ସିରେ ନିଯୁକ୍ତ କରିଥିଲେ। ପୃଥିବୀ କକ୍ଷପଥରେ ରୁଷିଆ ନିଜର ଅର୍ବିଟାଲ ଷ୍ଟେଶନ କରିବାକୁ ଲକ୍ଷ୍ୟ ଥିବା ବୋରିସୋଭ୍ କହିଛନ୍ତି। ତେବେ ମସ୍କୋ ପକ୍ଷରୁ ବିଧିବଦ୍ଧ ଭାବେ ୱାଶିଂଟନ୍‌କୁ ଏ ନେଇ ଜଣାଯାଇ ନ ଥିବା ଆମେରିକା ସ୍ପେସ୍ ଏଜେନ୍ସି ନାସା ପକ୍ଷରୁ କୁହାଯାଇଛି।



### ମାଗଣା ସାମଗ୍ରୀ ବଣ୍ଟନ ପ୍ରତିଶ୍ରୁତି

# ଆଭିମୁଖ୍ୟ ସ୍ପଷ୍ଟ କରୁ କେନ୍ଦ୍ର

- ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ
- ଆସନ୍ତା ସପ୍ତାହରେ ଶୁଣାଣି

ନୂଆଦିଲ୍ଲୀ, ୨୬।୭

ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ମାଗଣାରେ ବିଭିନ୍ନ ସାମଗ୍ରୀ ବଣ୍ଟନ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ପ୍ରତିଶ୍ରୁତି ଦେବା ଏକ ଗମ୍ଭୀର ପ୍ରସଙ୍ଗ। କେନ୍ଦ୍ର ସରକାର ଏହାର ଯାଞ୍ଚ କରି ମୁକ୍ତ ଉପହାର ପ୍ରଦାନ ପ୍ରତିଶ୍ରୁତି ଉପରେ ନିୟନ୍ତ୍ରଣ ଆଣିବା ପାଇଁ ରାସ୍ତା ବାହାର କରନ୍ତୁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଏବଂ ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ କରିଥିବା ମାଗଣା ଯୋଜନା ଓ ଅନୁରୂପ ପ୍ରତିଶ୍ରୁତି ଉପରେ ରୋକ ଲଗାଇବା ନିମନ୍ତେ ଅର୍ଥ ଆୟୋଗ ସହ ବିଚାରବିମର୍ଶ କରି ରାସ୍ତା ବାହାର କରିବାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ କ୍ରିଷ୍ଣା ମୁରାରି ଏବଂ ଜଷ୍ଟିସ୍ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ଏହା ଉପରେ କେନ୍ଦ୍ରକୁ ରିପୋର୍ଟ ମାଗିଛନ୍ତି। ଆସନ୍ତା ସପ୍ତାହରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

ମାଗଣା ଯୋଜନାକୁ ବିରୋଧ କରି ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ସୁପ୍ରିମକୋର୍ଟରେ କରିଥିବା ଆବେଦନର ଶୁଣାଣିବେଳେ ଅଦାଲତରେ ଉପସ୍ଥିତ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ସିଜେଆଇ ରମନା ଏହା ଉପରେ ତାଙ୍କ ମତ ମାଗିଥିଲେ। ସିବଲ କହିଥିଲେ, ଏହା ଏକ ଗମ୍ଭୀର ବିଷୟ। କିନ୍ତୁ ରାଜନୈତିକ ଉପାୟରେ ଏହାକୁ ନିୟନ୍ତ୍ରଣ କରିବା କଷ୍ଟକର। ରାଜ୍ୟଗୁଡ଼ିକୁ ଆବଣ୍ଟନବେଳେ ସମ୍ପୃକ୍ତ ରାଜ୍ୟର କେତେ ଋଣ ରହିଛି ଏବଂ ସେଠାରେ ଚାଲିଥିବା ମାଗଣା ଯୋଜନା ଉପରେ କିମ୍ବା ଅର୍ଥ କମିଶନ ଦୃଷ୍ଟି ଦେବା ଉଚିତ। ଏ ପ୍ରସଙ୍ଗରେ କେନ୍ଦ୍ର ସରକାର କୌଣସି ନିର୍ଦ୍ଦେଶ ଦେବା ନେଇ ଆଶା କରାଯାଇ ନ ପାରେ। ତେଣୁ ଅର୍ଥ କମିଶନ ଏ ଦିଗରେ ଉପାୟ ଚିନ୍ତା କରନ୍ତୁ ବୋଲି ସିବଲ କହିଥିଲେ। ଏଥିସହ ମାଗଣା ଯୋଜନା ଚାଲିବା ଉଚିତ କି ନା ସେ ବିଷୟରେ କେନ୍ଦ୍ର ସରକାର ନିଜ ଆଭିମୁଖ୍ୟ ରଖନ୍ତୁ ବୋଲି ଅତିରିକ୍ତ ସଲିସିଟର ଜେନେରାଲ କେ. ଏମ୍. ନଟରାଜଙ୍କୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହି ପିଟିଶନ ଉପରେ ଗତ ଏପ୍ରିଲ ଶୁଣାଣିବେଳେ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଯୁକ୍ତି ବାଢ଼ିଥିଲେ, ମାଗଣା ସାମଗ୍ରୀ ବଣ୍ଟନକୁ ରାଜନୈତିକ ଦଳ ଇସ୍ତାହାରର ଏକ ଅଂଶବିଶେଷ ବୋଲି ଅଦାଲତ ନିଜ ପୂର୍ବ ରାୟରେ କହିଥିଲେ। ଏହା ରାଜନୈତିକ ଦଳଗୁଡ଼ିକର ନୀତିଗତ ନିଷ୍ପତ୍ତି। ରାଜ୍ୟର ନୀତି ଏବଂ ଦଳଗୁଡିକ ନେଇଥିବା ନିଷ୍ପତ୍ତିକୁ ଭାରତର ନିର୍ବାଚନ କମିଶନ(ଇସିଆଇ) ନିୟନ୍ତ୍ରଣ କରିପାରିବେ ନାହିଁ। ଏଭଳି ନୀତିର ନକାରାତ୍ମକ କିପରି ରହିବ ତାହା ସ୍ଥିର କରିବା ଭୋଟରଙ୍କ କାମ ବୋଲି ଇସିଆଇ କାଉନସିଲ କହିଥିଲେ। ଏ ନେଇ ସୁପ୍ରିମକୋର୍ଟ କହିଥିଲେ, ଭୋଟରମାନଙ୍କୁ ମତଦାନ ପାଇଁ ଲାଞ୍ଚ ଦିଆଯାଉଛି। ସେହି ବିଷୟରେ ଏବେର ଆଲୋଚନା। ଯଦି ଇସିଆଇ ଏପରି କହିବେ ତେବେ ଏହି ସ୍ୱତନ୍ତ୍ର ସାମ୍ବିଧାନିକ ଅନୁଷ୍ଠାନର କାମ କ'ଣ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। କେନ୍ଦ୍ର ସରକାର ଏହା ଉପରେ ଏକ ଆଇନ ଆଣି ସମସ୍ୟା ସମାଧାନ କରିପାରିବେ ବୋଲି ଇସିଆଇ ପରେ ପ୍ରସ୍ତାବ ଦେଇଥିଲେ। ହେଲେ ଏହା ନିର୍ବାଚନ କମିଶନଙ୍କ କାମ ବୋଲି ଅତିରିକ୍ତ ସଲିସିଟର ଜେନେରାଲ ନଟରାଜ କହିଥିଲେ। ଏହାକୁ ନେଇ ସିଜେଆଇଙ୍କ ଖଣ୍ଡପୀଠ କହିଛନ୍ତି, ଏ ପ୍ରସଙ୍ଗରେ କେନ୍ଦ୍ର ସରକାର ତାଙ୍କ ପକ୍ଷ ରଖିବାକୁ କାହିଁକି ଦ୍ୱିଧା ପ୍ରକାଶ କରୁଛନ୍ତି? କେନ୍ଦ୍ର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବା ପରେ ଆମେ ଏହା ଉପରେ କୌଣସି ନିଷ୍କର୍ଷରେ ପହଞ୍ଚିପାରିବା ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୭,୬୪,୮୦,୯୪୨ | ୬୪,୦୫,୮୩୭ | ୫୪,୬୩,୪୭,୩୮୦ |
| ଭାରତ | ୪,୩୯,୨୦,୪୫୧ | ୫,୨୬,୧୧୦ | ୪,୩୨,୪୬,୮୨୯ |
| ଓଡ଼ିଶା | ୧୩,୦୭,୯୧୧ | ୯୧୩୫(+୫୩) | ୧୨,୯୨,୮୮୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପ୍ରକୃତିଙ୍କୁ ଘଣ୍ଟାଏ ଜେରା

## ବାବୁସାନ୍-ତୃପ୍ତି-ପ୍ରକୃତି ହାଇଡ୍ରାମା



- ସକାଳେ ଭୁବନେଶ୍ୱର ଫେରିଥିଲେ ପ୍ରକୃତି
- ଚେନ୍ନାଇ ବିମାନ ବନ୍ଦରରେ ବାବୁସାନ୍‌ଙ୍କ ଭିଡିଓ ଭାଇରାଲ

ଭୁବନେଶ୍ୱର, ୨୬।୭(ବ୍ୟୁରୋ)

ରାଜଧାନୀ ରାଜରାସ୍ତାରେ ଅଭିନେତା ବାବୁସାନ୍ ମହାନ୍ତି, ସ୍ତ୍ରୀ ତୃପ୍ତି ଏବଂ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ହୋଇଥିବା ହାଇଡ୍ରାମାକୁ ନେଇ ବିବାଦ ଲାଗି ରହିଥିବାବେଳେ ପୋଲିସର ତଦନ୍ତ ଆଉ ପାଦେ ଆଗେଇଛି। ବାବୁସାନ୍ ଓ ପ୍ରକୃତି କାହିଁକି ଓଡ଼ିଶା ଫେରୁନାହାନ୍ତି ବୋଲି ଚାରିଆଡ଼େ ଚର୍ଚ୍ଚା ଲାଗି ରହୁଥିଲା। ଏପରିସ୍ଥିତିରେ ଚେନ୍ନାଇରେ ଥିବା ପ୍ରକୃତି ତାଙ୍କ ପରିବାର ସହ ମଙ୍ଗଳବାର ସକାଳେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଏହା ଜଣାପଡ଼ିବା ପରେ ଦ୍ୱିପ୍ରହରରେ ଖାରବେଳନଗର ପୋଲିସର ଏକ ଟିମ୍ ସତ୍ୟବିହାରସ୍ଥିତ ବାସଭବନକୁ ଯାଇ ପରିବାର ଲୋକଙ୍କ ଉପସ୍ଥିତିରେ ପ୍ରକୃତିଙ୍କୁ ୧ଘଣ୍ଟା ୨୦ମିନିଟ୍ ଧରି ଜେରା କରିଥିଲା। ଥାନାଧିକାରୀ ଅରୁଣ କୁମାର ସ୍ୱାଇଁ, ମହିଳା ତଦନ୍ତକାରୀ ଅଧିକାରୀ ମୀନତି କୁମାରୀ ନାୟକ ମଧ୍ୟାହ୍ନ ପ୍ରାୟ ୧୨ଟାରେ ପ୍ରକୃତିଙ୍କ ଘରେ ପହଞ୍ଚି ଉଭୟ ପ୍ରକୃତିଙ୍କ ମା' ଏବଂ ବାବୁସାନଙ୍କ ସ୍ତ୍ରୀ ତୃପ୍ତି କରିଥିବା ଅଭିଯୋଗକୁ ଭିତ୍ତି କରି ରୁଜୁ ହୋଇଥିବା ମାମଲାର ବିଭିନ୍ନ ଦିଗକୁ ନେଇ ପୋଲିସ ଜେରା କରିଥିବା ଜଣାପଡ଼ିଛି। ପ୍ରକୃତିଙ୍କୁ କ'ଣ କ'ଣ ପଚରାଯାଇଛି ବୋଲି ପୋଲିସ କୌଣସି ସୂଚନା ଦେଇ ନ ଥିବାବେଳେ ବାବୁସାନ ଓ ପ୍ରକୃତିଙ୍କ ମଧ୍ୟରେ ଥିବା ସମ୍ପର୍କ ଏବଂ ୨୩ତାରିଖରେ ଘଟିଥିବା ଘଟଣା ବିଷୟରେ ଏକାଧିକ ପ୍ରଶ୍ନ ପଚାରିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ଏନେଇ ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର କହିଛନ୍ତି, ବାବୁସାନ୍‌ଙ୍କ ସହ ଚେନ୍ନାଇରେ ମୋର ଦେଖା ହୋଇଥିଲା। ପ୍ରକୃତି ପରିବାର ସହ ଶାନ୍ତିରେ ଅଛି। ବାବୁ ତାଙ୍କ ପରିବାର ପାଖକୁ ଫେରିଯାଉ ଏବଂ ସୁଖରେ ସଂସାର କରୁ ବୋଲି ସେ ଜଣେ ବାପା ହିସାବରେ ଚାହୁଁଥିବା କହିଛନ୍ତି। ଅପରପକ୍ଷରେ ସନ୍ଧ୍ୟାରେ ଚେନ୍ନାଇ ବିମାନ ବନ୍ଦରରେ ବାବୁସାନ୍ ଅଭିନେତା ରବି ମିଶ୍ର ଏବଂ ଅନ୍ୟ ଜଣେ ସହଯୋଗୀଙ୍କ ସହ ଯାଉଥିବା ଏକ ଭିଡ଼ିଓ ଭାଇରାଲ ହୋଇଥିଲା। ଏପରି କି ରାତିରେ ଚେନ୍ନାଇରୁ ଭୁବନେଶ୍ୱର ଆସୁଥିବା ବିମାନରେ ବାବୁସାନ ଆସୁଥିବା ଚର୍ଚ୍ଚା ଜୋର ଧରିଥିଲା। ହେଲେ ଖବର ଲେଖାହେବା ପର୍ଯ୍ୟନ୍ତ ସେ ଆସି ନ ଥିବା ଜଣାପଡ଼ିଛି।

### ବାବୁସାନ୍‌ଙ୍କୁ ନେଇ ଚିନ୍ତାରେ ଓଲିଉଡ୍



ଚେନ୍ନାଇ ବିମାନ ବନ୍ଦରରେ ବାବୁସାନ୍ ଯାଉଥିବାର ଦୃଶ୍ୟ।

ପାରିବାରିକ ବିବାଦକୁ ନେଇ ବାବୁସାନ୍ ଅଡୁଆରେ ପଡ଼ିଛନ୍ତି। ପ୍ରକୃତିଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ସ୍ତ୍ରୀ ତୃପ୍ତି ରାସ୍ତାରେ ଯେପରି ଘଟଣା ଘଟାଇଲେ ସେନେଇ ବାବୁସାନଙ୍କ ଛବି କିଛିଟା ମଳିନ ପଡ଼ିଛି। ଏପରିକି ସୋସିଆଲ୍ ମିଡିଆରେ ଅନେକ ସିନେପ୍ରେମୀ ଏହି ଘଟଣାକୁ ନେଇ ବାବୁସାନ୍‌ଙ୍କ ବିଷୟରେ ନକାରାତ୍ମକ ମନ୍ତବ୍ୟ ଦେଉଛନ୍ତି। ସେପଟେ ଓଲିଉଡ୍ ଗତ ୨ବର୍ଷରୁ ଅଧିକ ସମୟ ଧରି ମାନ୍ଦାବସ୍ଥା ଦେଇ ଗତି କରୁଛି। ଓଡ଼ିଆ ଲୋକମାନେ ହିନ୍ଦୀ ଓ ତେଲୁଗୁ ଭାଷା ଚଳଚ୍ଚିତ୍ରକୁ ଅଧିକ ପସନ୍ଦ କରୁଛନ୍ତି। ଏପରି ସ୍ଥିତିରେ ଓଡ଼ିଆ ସିନେମା ଜଗତକୁ ଏକ ଦଶନ୍ଧି ଧରି ପ୍ରତିବର୍ଷ ସୁପରହିଟ୍ ଚଳଚ୍ଚିତ୍ର ଭେଟି ଦେଉଥିବା ବାବୁସାନଙ୍କୁ ନେଇ ଓଲିଉଡ୍ ଚିନ୍ତାରେ ପଡ଼ିଛି। ଏପରିକି ଆଗକୁ ମୁକ୍ତିଲାଭ ଅପେକ୍ଷାରେ ଥିବା 'ଦମନ' ସିନେମାର ସଫଳତାକୁ ନେଇ ପ୍ରଯୋଜନା ସଂସ୍ଥା ଓ ଫ୍ୟାନ ମଧ ଚିନ୍ତାରେ ପଡ଼ିଛନ୍ତି। ଘଟଣାକୁ ନେଇ ବାବୁସାନ୍ ଏକ ଭିଡିଓ ମାଧମରେ ମଧ କହିଥିଲେ ଦରକାର ପଡ଼ିଲେ କୌଣସି ହିରୋଇନ୍‌ଙ୍କ ସହ ମଧ ଫିଲ୍ମ କରିବେନି। ଏପରିସ୍ଥିତିରେ ସବୁ ବିବାଦକୁ ଭୁଲି ବାବୁସାନ୍ ପୁଣି ଥରେ ବଳିଷ୍ଠ ଅଭିନୟ ଜାରି ରଖନ୍ତୁ ବୋଲି ବରିଷ୍ଠ କଳାକାର, ନିର୍ଦ୍ଦେଶକ, ପ୍ରଯୋଜକମାନେ ତାଙ୍କୁ ଗଣମାଧ୍ୟମ ଜରିଆରେ ପରାମର୍ଶ ଦେଇଛନ୍ତି।

# ତହସିଲ ଅଫିସ ଆଗରେ ବିଷ ପିଇଲେ ଯୁବକ

**ଜମି ମାପଚୁପ ପାଇଁ ବାରମ୍ବାର ଆବେଦନ କରି ନିରାଶ ହୋଇଥିଲେ**

ବାସୁଦେବପୁର, ୨୬।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଜଣେ ଦିବ୍ୟାଙ୍ଗ ଜମି ଡିମାର୍କେଶନ ନ ହେବାରୁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିବାର ଦିନକ ପରେ ଭଦ୍ରକ ଜିଲାରେ ଅନୁରୂପ ଏକ ଘଟଣାର ପୁନରାବୃତ୍ତି ଘଟିଛି। ମଙ୍ଗଳବାର ବାସୁଦେବପୁର ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାରଙ୍କ ପ୍ରକୋଷ୍ଠ ସାମ୍ନାରେ ଆର୍ଡ୍ରୁଂ ଗ୍ରାମର ବୃନ୍ଦାବନ ଦାସଙ୍କ ପୁଅ ଶିବାଜୀ ଦାସ (୨୩) ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଅପରାହ୍ନରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଜମିଜମାକୁ ନେଇ ଶିବାଜୀଙ୍କ ପରିବାର ସହ ତାଙ୍କର ପଡ଼ୋଶୀଙ୍କର ପୂର୍ବରୁ ବିବାଦ ଥିଲା। ଏନେଇ ସରକାରୀ ମାପଚୁପ ତଥା ଚଉଘେରଦୀ ଚିହ୍ନଟ ପାଇଁ ତାଙ୍କ ପରିବାର ପକ୍ଷରୁ ତହସିଲ କାର୍ଯ୍ୟାଳୟରେ ଆବେଦନ ହୋଇଥିଲା। ଏହି ଜମିର ମାପଚୁପ ପାଇଁ ସରକାରୀ ଭାବେ ସୋମବାର ଦିନ ଧାର୍ଯ୍ୟ ହୋଇଥିଲା। ତେବେ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜମି ମାପଚୁପ ଚିହ୍ନଟ ପ୍ରକ୍ରିୟା ବାତିଲ କରାଯାଇଥିଲା। ଏହାର ପ୍ରତିବାଦରେ ଶିବାଜୀ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ସାମ୍ନାରେ ମଙ୍ଗଳବାର ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

ଏ ସମ୍ପର୍କରେ ବାସୁଦେବପୁର ତହସିଲଦାର ଅନୀତା ନାୟକଙ୍କୁ ପଚାରିବାରୁ ତହସିଲ କାର୍ଯ୍ୟାଳୟ ଆଗରେ ଯୁବକ ଜଣକ ଆତ୍ମହତ୍ୟା ଉଦ୍ୟମ କରିବା ଆଦୌ ଗ୍ରହଣୀୟ ନୁହେଁ। ଜମି ମାପଚୁପ ପାଇଁ ସୋମବାର ଧାର୍ଯ୍ୟ ଥିବା ବେଳେ କୌଣସି କାରଣ ଯୋଗୁ ତାହା ସମ୍ଭବ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ମାପଚୁପ କରାଯାଇ ତାଙ୍କର ସୀମା ନିର୍ଦ୍ଧାରଣ କରାଯିବ ବୋଲି କହିଛନ୍ତି।

### ୩ୟ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ଖଇରା, ୨୬।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ବର୍ତ୍ତନା ପଞ୍ଚାୟତ ଅଞ୍ଚଳର ଜଣେ ୩ୟ ଶ୍ରେଣୀ ଛାତ୍ର କୀଟନାଶକ ପିଇଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ଘରେ ରଖାଯାଇଥିବା କୀଟନାଶକକୁ ଥଣ୍ଡାପାନୀୟ ଭାବି ପିଇ ଦେଇଥିବା ଗ୍ରାମବାସୀ କହିଛନ୍ତି। ଛାତ୍ରଜଣକ ସୋମବାର ସ୍କୁଲରୁ ଫେରିବାର କିଛି ସମୟ ପରେ ସେ ବାନ୍ତି କରିବା ଆରମ୍ଭ କରିଦେଇଥିଲେ। ହାତରେ କିଟନାଶକ ବୋତଲ ଧରିଥିବା ଦେଖି ପରିବାର ଲୋକେ ତାଙ୍କୁ ଭଦ୍ରକ ଡାକ୍ତରଖାନା ନେଇଯାଇଥିଲେ। ହେଲେ ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।









# ମୁଖ୍ୟ ଶାସନ ସଚିବଙ୍କ ଫଟୋ ବ୍ୟବହାରକରି ଟଙ୍କା ଲୁଟିବାକୁ ଉଦ୍ୟମ

**ଏଭଳି ମେସେଜ୍ ପ୍ରତି ସତର୍କ ରହିବାକୁ ଅନୁରୋଧ**

ଭୁବନେଶ୍ୱର, ୨୬।୭(ବ୍ୟୁରୋ)

ସାଇବର ଠକଙ୍କ ନଜରକୁ ଏବେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଆସିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଫଟୋକୁ ହ୍ୱାଟ୍ସଆପ୍‌ରେ ବ୍ୟବହାରକରି ଠକ ଏବେ ଟଙ୍କା ଆଦାୟ କରିବାରେ ଲାଗି ପଡ଼ିଛନ୍ତି। ଏହା ନଜରକୁ ଆସିବା ପରେ ଏଭଳି ମେସେଜ୍‌ଠାରୁ ଦୂରେଇ ରହିବାକୁ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।

ସୂଚନା ମୁତାବକ, ସାମାଜିକ ଗଣମାଧ୍ୟମ ଜରିଆରେ ମେସେଜ ପଠାଇ ଟଙ୍କା ଲୁଟିବା ନିମନ୍ତେ ସାଇବର ଠକମାନେ ଏକ ନୂଆ ଉପାୟ ବ୍ୟବହାର କରୁଥିବା ନଜରକୁ ଆସିଛି। ଯେପରି ୯୩୧୫୬୪୧୭୮୪ ନମ୍ବରରେ ମୁଖ୍ୟ ଶାସନ ସଚିବଙ୍କ ଫଟୋକୁ ହ୍ୱାଟ୍ସଆପ୍ ଆକାଉଣ୍ଟରେ ଲଗାଇ ଆମାଜନ ଭଳି କମ୍ପାନୀଗୁଡ଼ିକର ବିଲ୍ ପୈଠ କରିଦେବା ପାଇଁ ମେସେଜ୍ ପଠାଉଥିବା ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ଦୃଷ୍ଟିଗୋଚର ହୋଇଛି। ଏନେଇ ଏକ ସ୍କ୍ରିନ୍‌ସଟ୍ ଜାରି କରାଯାଇଛି। ସମସ୍ତଙ୍କୁ ଅବଗତ କରାଇବା ଲାଗି କୁହାଯାଇଛି ଯେ, ଏସବୁ ମେସେଜ୍ ନକଲି। ଦୁଷ୍ଟ ପ୍ରକୃତି ଠକମାନଙ୍କ ଏହା ଏକ ପ୍ରକାର ଚାଲାକି। ମୁଖ୍ୟ ଶାସନ ସଚିବ ତାଙ୍କ ତରଫରୁ କୌଣସି ବିଲ୍ ପୈଠ ବା କୌଣସି ଆକାଉଣ୍ଟକୁ ଟଙ୍କା ପଠାଇବା ଆଦି କଥା କାହାକୁ କୁହନ୍ତି ନାହିଁ। ଯଦି ଏଭଳି କୌଣସି ମେସେଜ୍ ପାଇବା ମାତ୍ରେ ନିକଟତମ ସାଇବର ପୋଲିସ ଷ୍ଟେଶନ ବା ପୋଲିସ ଷ୍ଟେଶନରେ ଜଣାଇବା ପାଇଁ ଜନସାଧାରଣଙ୍କୁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି। ଏପରି ଫେକ୍ ମେସେଜ ଭିତ୍ତିରେ କେହି କୌଣସି କାରବାର କଲେ ସେଥିପାଇଁ ମୁଖ୍ୟ ଶାସନ ସଚିବ ଦାୟୀ ରହିବେ ନାହିଁ। କେବଳ ମୁଖ୍ୟ ଶାସନ ସଚିବ ନୁହନ୍ତି ଅନ୍ୟ କୌଣସ ଅଧିକାରୀଙ୍କ ଫଟୋ ଥିବା ହ୍ୱାଟ୍ସଆପ୍‌ରୁ ଆସୁଥିବା ଏପରି ମେସେଜ୍ ପ୍ରତି ପୂର୍ଣ୍ଣ ସତର୍କ ରହିବାକୁ ଅନୁରୋଧ କରାଯାଇଛି।




**ଆଜିର ମନ୍ତବ୍ୟ**

“ଭୟାଳୁ ମୋଦି ସରକାର ରାଜ୍ୟ ସଭାର ୧୯ ସଦସ୍ୟଙ୍କୁ ନିଲମ୍ବନ କରି ଗଣତନ୍ତ୍ରକୁ ସସ୍‌ପେଣ୍ଡ୍ କରିଛନ୍ତି। ପାର୍ଲାମେଣ୍ଟ ଏକ ଘନ ଅନ୍ଧକାର କୋଠରିରେ ପରିଣତ ହୋଇଯାଇଛି।

– ଡେରେକ୍ ଓ’ବ୍ରାଏନ୍, ଟିଏମ୍‌ସି ନେତା



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଆଦର୍ଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଷ ହୁଡ଼ିଲେ ବରଷେ,**
**ପାଠ ହୁଡ଼ିଲେ ପୁରୁଷେ।**

କୌଣସି କାରଣବଶତଃ ଚାଷୀ ଯଦି ଠିକ୍ ସମୟରେ ଚାଷକାର୍ଯ୍ୟ କରି ନ ପାରେ ତେବେ ଚାଷ କରିବା ପାଇଁ ତାକୁ ଆଉ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡିଥାଏ। କିନ୍ତୁ ଯେଉଁ ବ୍ୟକ୍ତି ପାଠଶାଠ ନ ପଢି ମୂର୍ଖ ହୁଏ ତା’ ବଂଶରେ ମୁର୍ଖତା ଦୋଷ କଟିବା ପାଇଁ ତାକୁ ଆଉ ଏକ ପିଢ଼ି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଚଷା,**
**ଲକ୍ଷେ ଯିବ ପୋଷା।**

ଚାଷୀ ବର୍ଷ ତମାମ ପରିଶ୍ରମ କରି ଜମିରେ ଫସଲ ଅମଳ କରେ। ଫସଲ ଲୋକଙ୍କୁ ଆହର ଯୋଗାଇଦେବା ସହ ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ। ଚାଷୀ ଚାଷ କରି ଅନେକଙ୍କୁ ପୋଷିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଦରବୃଦ୍ଧି ପ୍ରତିବାଦକୁ...

**ପ୍ରଥମ ପୃଷ୍ଠାରୁ...**

କଂଗ୍ରେସର ୭ ଜଣ ଅଛନ୍ତି। ସେମାନେ ହେଲେ ସୁସ୍ମିତା ଦେବ, ମୌସମ ନୂର, ଡ. ଶାନ୍ତନୁ ସେନ, ଦୋଳ ସେନ, ମହମ୍ମଦ ନଦିମଲ ହକ୍, ଅଭି ରଞ୍ଜନ ବିଶ୍ୱାସ ଓ ଶାନ୍ତା ଛେତ୍ରି। ସେହିପରି ଡିଏମ୍‌କେର ୬ ରାଜ୍ୟ ସଭା ସଦସ୍ୟ କାନିମୋଝି ଏନ୍.ଭି.ଏନ୍. ସୋମୁ, ଏମ୍. ହମାମେଦ ଅବଦୁଲ୍ଲା, ଏସ୍. କଲ୍ୟାଣ ସୁନ୍ଦରମ୍, ଆର୍. ଗିର୍‌ରଞ୍ଜନ, ଏନ୍.ଆର୍. ଏଲାଙ୍ଗୋ, ଏମ୍. ଷଣ୍ମୁଗମ୍ ଏବଂ ଟିଆର୍‌ଏସ୍‌ର ଲିଙ୍ଗାୟା ଯାଦବ, ରବୀନ୍ଦ୍ର ଭାଡ୍ଡିରାଜୁ, ଦାମୋଦର ରାଓ ଦିବାକୋଣ୍ଡାଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ଏଥିସହ ସିପିଆଇଏମ୍‌ର ଏ.ଏ. ରହିମ, ଡ. ଭି. ଶିବଦାସନ ଏବଂ ସିପିଆଇ ସଦସ୍ୟ ସନ୍ଦୋଶ କୁମାର ପି. ମଧ୍ୟ ଉଚ୍ଚ ସଦନରୁ ନିଲମ୍ବିତ ହୋଇଛନ୍ତି। ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗରେ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଉପାଧ୍ୟକ୍ଷ ହରିବଂଶ ସେମାନଙ୍କୁ ନିଜ ନିଜ ଆସନରେ ବସି ଶୂନ୍ୟକାଳ ଚଳାଇଦେବା ପାଇଁ ପରାମର୍ଶ ଦେଇଥିଲେ। ସେମାନେ ନ ଶୁଣିବାକୁ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା। ବିରୋଧୀ ସଦସ୍ୟମାନେ ରୁଲ୍ ୨୬୭ ଅଧୀନରେ ଦରବୃଦ୍ଧି ଏବଂ ଜିଏସ୍‌ଟି ପ୍ରସଙ୍ଗରେ ବିତର୍କ କରାଯାଉ ବୋଲି ଦାବି କରି ହୋହଲ୍ଲା କରିଥିଲେ। ଫଳରେ ବିଶୃଙ୍ଖଳିତ ଆଚରଣ ପାଇଁ ଉପାଧ୍ୟକ୍ଷ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଏକକାଳୀନ ୧୯ ଏମ୍‌ପି ନିଲମ୍ବିତ ହେବାର ଏହା ହେଉଛି ପ୍ରଥମ ଘଟଣା। ଗତବର୍ଷ ନଭେମ୍ବରରେ ରାଜ୍ୟ ସଭାରୁ ୧୨ ସଦସ୍ୟ ନିଲମ୍ବିତ ହୋଇଥିଲେ। ଏହା ପୂର୍ବରୁ ସୋମବାର କଂଗ୍ରେସ ସଦସ୍ୟ ମଣିକମ୍ ଟାଗୋର, ଟି.ଏନ୍. ପ୍ରଥପନ୍, ଜ୍ୟୋତିମଣି ଏବଂ ରାମ୍ୟା ହରିଦାସଙ୍କୁ ଗୃହ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ଅଭିଯୋଗରେ ନିଲମ୍ବନ କରାଯାଇଥିଲା। ଏନେଇ ରାଜ୍ୟ ସଭାରେ ଶାସକ ଦଳ ନେତା ପୀୟୂଷ ଗୋୟଲ କହିଛନ୍ତି, ସରକାର ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଥିବାବେଳେ ବିରୋଧୀ ଅଯଥା ହୋହଲ୍ଲା କରି ଗୃହକାର୍ଯ୍ୟ ଚଳାଇ ଦେଉନାହାନ୍ତି। ଗୃହକାର୍ଯ୍ୟ ଚାଲୁ ବୋଲି ଚାହୁଁଥିବା ଅନ୍ୟ ନିର୍ବାଚିତ ଏମ୍‌ପିମାନଙ୍କ ଅଧିକାରରେ ସେମାନେ ହସ୍ତକ୍ଷେପ କରିଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ସରକାରଙ୍କୁ ଘେରିଲେ...

ଜଳ ଯୋଗାଇ ଦେବାକୁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା ମଧ୍ୟ ଆରମ୍ଭ କରାଯାଇଛି। ଏତେ ସବୁ ଯୋଜନା ପରେ ଲୋକଙ୍କୁ ଟୋପାଏ ସ୍ୱଚ୍ଛ ପାନୀୟ ଜଳ ପିଇବାକୁ ମିଳୁନାହିଁ। ଦୂଷିତ ପାଣି ପିଇ ଲୋକମାନେ ମୃତ୍ୟୁମୁଖରେ ପଡୁଛନ୍ତି। ଝାଡ଼ାବାନ୍ତି ବ୍ୟାପିବା ଓ ଦୂଷିତ ପିଇବା ପାଣିକୁ ନେଇ ବିରୋଧୀ ଦଳ ମଙ୍ଗଳବାର ସରକାରଙ୍କୁ ଘେରିଛନ୍ତି। କାଶୀପୁରରେ ୮ଜଣ ନୁହେଁ ୧୪ଜଣଙ୍କର ମୃତ୍ୟୁ ଘଟିଛି। ଉତ୍କଳ ଆଲୁମିନା କମ୍ପାନୀର ଦୂଷିତ ଜଳ ମିଶା ପାନୀୟ ଜଳ ପିଇ ଲୋକମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ୨ ଘଣ୍ଟା ମଧ୍ୟରେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟୁଛି। ଏହି ଘଟଣାର ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ଲାଗି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ଗୃହ କମିଟି ଗଠନ କରାଯାଉ। ସେହି କମିଟି କାଶୀପୁର ଓ ଅନ୍ୟାନ୍ୟ ଅଞ୍ଚଳକୁ ପଠାଯାଇ ସ୍ଥିତି ଅନୁଧ୍ୟାନ କରାଯାଉ ବୋଲି ବିରୋଧୀ ଦାବି କରିଛନ୍ତି।

ଭାଜପା ସଭ୍ୟ ମୋହନ ମାଝି ମଙ୍ଗଳବାର ବିଧାନସଭା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଜୁଲାଇ ୨୪ ତାରିଖରେ ଭାଜପାର ଏକ ଟିମ୍ ରାୟଗଡ଼ାର ଟିକିରି ଓ ପଞ୍ଚାରି ପଞ୍ଚାୟତକୁ ଯାଇଥିଲା। ସେଠାରେ ପରିସ୍ଥିତି ଆହୁରି ସାଂଘାତିକ। ସରକାର ୮ ଜଣଙ୍କ ମୃତ୍ୟୁ କଥା କହୁଛନ୍ତି। ବାସ୍ତବରେ ୧୪ ଜଣଙ୍କର ମୃତ୍ୟୁ ହେଲାଣି। ଅନ୍ୟାନ୍ୟ ଅଞ୍ଚଳକୁ ଏହା ବ୍ୟାପିଲାଣି। ପାନୀୟ ଜଳ ପାଇପରେ ଉତ୍କଳ ଆଲୁମିନାର ଦୂଷିତ ଜଳ ପଶୁଛି। ଏହାକୁ ପିଇ ଲୋକେ ରୋଗଗ୍ରସ୍ତ ହେଉଛନ୍ତି। ଏହା ଏକ ସ୍ପର୍ଶକାତର ବିଷୟ ହୋଇଥିବାରୁ ଅନୁଧ୍ୟାନ ଲାଗି ଏକ ସର୍ବଦଳୀୟ କମିଟି ଗଠନ କରାଯାଉ ବୋଲି ସେ ଦାବି କରିଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ ଯେ ଅବିଭକ୍ତ କୋରାପୁଟ ଜିଲା ଦଶମନ୍ତପୁରରେ ଝାଡ଼ାବାନ୍ତି ଯୋଗୁ ୩ଜଣ ଲୋକଙ୍କ ଜୀବନ ଗଲାଣି। ଉତ୍କଳ ଆଲୁମିନାର ଦୂଷିତ ପାଣି ପାନୀୟ ଜଳରେ ମିଶୁଛି। ଏହାକୁ ବାଚସ୍ପତି ଗୁରୁତର ସହ ନିଅନ୍ତୁ। ନଚେତ ଲୋକେ ମରିଯିବେ। ୨୦୦୭ରେ ଝାଡ଼ାବାନ୍ତିରେ କାଶୀପୁରରେ ୩୦୦ ଲୋକ ମରିଥିବା ବେଳେ ଥୁଆମୂଳ ରାମପୁରରେ ୩୦୦ରୁ ୪୦୦ ଲୋକ ମରିଥିଲେ। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଗଠନ କରାଯାଇ ପ୍ରଭାବିତ ଅଞ୍ଚଳକୁ ପଠାଯାଉ। ଯେଉଁମାନେ ମରିଛନ୍ତି ସେମାନଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯାଉ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ମଧ୍ୟ କାଶୀପୁର ଏବଂ ଲମତାପୁଟ ବ୍ଲକରେ ହେଉଥିବା ଝାଡ଼ାବାନ୍ତି ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଗୃହର ଉଦ୍‌ବେଗକୁ ଦେଖି ବାଚସ୍ପତି କହିଥିଲେ ଯେ ବିଭିନ୍ନ ଅଞ୍ଚଳର ପରିବେଶ ସମ୍ପର୍କିତ ସମସ୍ୟା ଦେଖିବା ଲାଗି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବିଧାନସଭା ଗୃହ କମିଟି ରହିଛି। ଏହି କମିଟି ସେହି ସବୁ ଅଞ୍ଚଳକୁ ମଧ୍ୟ ଅନୁଧ୍ୟାନ କରିବ। ଏହା କହିବା ବେଳେ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ପୁଣି ପାଟିତୁଣ୍ଡ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ଯେଉଁ ଗୃହ କମିଟି ରହିଛି ତାହା କେଉଁଠିକୁ ଯାଉନି। କିଛି ଅନୁଧ୍ୟାନ କରୁନାହିଁ। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସବୁ ଦଳର ବିଧାୟକଙ୍କୁ ନେଇ ଆଉ ଗୋଟିଏ ଗୃହ କମିଟି ଗଠନ କରାଯାଉ। କମିଟି ସେହି ଅଞ୍ଚଳକୁ ଯାଉ। ସେଠାକାର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରାଯାଉ। ବାଚସ୍ପତି ଏ ନେଇ ରୁଲିଂ ଦିଅନ୍ତୁ। ବାଚସ୍ପତି କହିଲେ,ମୋ ରୁଲିଂକୁ ମୁଁ ରିଜର୍ଭ(ସଂରକ୍ଷିତ) ରଖିଛି। ଠିକ୍ ସମୟରେ ଘୋଷଣା କରିବି। ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ନ କରି ଗୃହକାର୍ଯ୍ୟରେ ଯୋଗଦାନ କରନ୍ତୁ ବୋଲି କହିଥିଲେ। ବାଚସ୍ପତିଙ୍କ ଅନୁରୋଧ ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

## ବ୍ୟାପୁଛି ଝାଡ଼ାବାନ୍ତି...

ଜିଲାଗୁଡ଼ିକରେ ବେସରକାରୀଭାବେ ମୃତ ଓ ଆକ୍ରାନ୍ତଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଦୂଷିତ ଜଳପାନ ଏବଂ ସଚେତନତା ଅଭାବ ହିଁ ଝାଡ଼ାବାନ୍ତି ବ୍ୟାପିବାର ମୁଖ୍ୟ କାରଣ କୁହାଯାଉଛି। ଲୋକେ ଆକ୍ରାନ୍ତ ହେବା ପରେ ସଙ୍ଗେ ସଙ୍ଗେ ଚିକିତ୍ସା ନ କରାଇ ବିଭିନ୍ନ ଚେରମୂଳି ଔଷଧ ଉପରେ ଭରସା କରୁଛନ୍ତି। ଡେରିରେ ଡାକ୍ତରଖାନା ଯାଉଥିବାରୁ ଗୁରୁତରଙ୍କ ସଂଖ୍ୟା ବଢୁଛି ବୋଲି ସ୍ୱାସ୍ଥ୍ୟ ବିଭାଗ ଟିମ୍ କହିଛି। ଅପରିଷ୍କାର ଟାଙ୍କି ପାଣି ପିଇ ରୋଗ ବ୍ୟାପୁଥିବାରୁ ପାଣିକୁ ଫୁଟାଇ ପିଇବାକୁ ଏବେ ସଚେତନ କରାଯାଉଛି।

## ଗୁଜରାଟରେ ବିଷାକ୍ତ...

ବିଷକ୍ରିୟାରେ ୩୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଭାବନଗର ଓ ଅହମଦାବାଦ ସିଭିଲ ହସ୍ପିଟାଲରେ ୫୧ ଜଣ ଚିକିତ୍ସିତ ହେଉଛନ୍ତି। ଗୃହମନ୍ତ୍ରୀ ହର୍ଷ ସାଂଘଭି ପୋଲିସ ଆଇଜି ସୁଭାଷ ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ ସ୍ୱତନ୍ତ୍ର ତଦନ୍ତ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୩ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସେ କହିଛନ୍ତି। ଅହମଦାବାଦର ଧନ୍ଧୁକାରେ ମଧ୍ୟ ଏପରି ୫ଟି ମାମଲା ସାମ୍ନାକୁ ଆସିଛି, ଯାହାର ତଦନ୍ତ କରାଯିବ ବୋଲି ଗୃହ ବିଭାଗ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ମଦ୍ୟପାନକାରୀ ମୃତାହତମାନଙ୍କ ରକ୍ତ ନମୁନାରେ ୯୮.୭୧-୯୮.୯୯ ପ୍ରତିଶତ ମେଥିଲ ଆଲ୍‌କୋହଲ ଥିବା ଗାନ୍ଧୀନଗର ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏଫ୍‌ଏସ୍‌ଏଲ୍) ପକ୍ଷରୁ କରାଯାଇଥିବା ବିଶ୍ଳେଷଣରୁ ଜଣାପଡ଼ିଛି। ବିଷାକ୍ତ ପଦାର୍ଥକୁ ନିଷ୍କ୍ରିୟ କରିବା ପାଇଁ ଏଫ୍‌ଏସ୍‌ଏଲ୍ ଅଧିକାରୀମାନଙ୍କ ସହ ଡାକ୍ତରୀ ଟିମ୍ ବିଚାରବିମର୍ଶ ଜାରି ରଖିଛି। ଏନେଇ ବୋଟାଡ୍ ଜିଲାର ବରୱାଲା ଓ ରାମପୁର ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଛି।

## ଯୁକ୍ତ୨ ବିଜ୍ଞାନ...

ସୂଚନାଯୋଗ୍ୟ, ଗତବର୍ଷ କରୋନା ଯୋଗୁ ଯୁକ୍ତ୨ ପରୀକ୍ଷା ହୋଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇଥିଲା। ତେବେ ଚଳିତବର୍ଷ କରୋନା ପ୍ରକୋପ କମିଯାଇଥିବାରୁ ଅଫ୍‌ଲାଇନ ପରୀକ୍ଷା କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଯୁକ୍ତ ୨ ପରୀକ୍ଷା ଏପ୍ରିଲ ୨୮ରୁ ଆରମ୍ଭ ହୋଇଥିଲା। ସେହିପରି ଜୁନ୍ ୨ ତାରିଖଠାରୁ ମୂଲ୍ୟାୟନ ଆରମ୍ଭ ହୋଇଥିଲା। ୬୪ଟି ମୂଲ୍ୟାୟନ କେନ୍ଦ୍ରରେ ଅଫ୍‌ଲାଇନ୍ ଓ ୩୭ଟି କେନ୍ଦ୍ରରେ ଅନ୍‌ଲାଇନ ଯୋଗେ ମୂଲ୍ୟାୟନ କରାଯାଇଥିଲା। ୨ଟି ପର୍ଯ୍ୟାୟରେ ଖାତା ଦେଖା ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜୁନ ୨ରୁ ୧୨ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଜୁନ ୧୩ରୁ ୨୨ ତାରିଖ ପର୍ଯ୍ୟନ୍ତ ଖାତାଦେଖା ହୋଇଥିଲା। ପ୍ରତିବର୍ଷ ପରି ଏଥର ମଧ୍ୟ ବିଜ୍ଞାନ ଓ ବାଣିଜ୍ୟର ସମସ୍ତ ଉତ୍ତର ଖାତା ଇ-ମୂଲ୍ୟାୟନ କରାଯାଇଛି। ମୂଲ୍ୟାୟନ ଲାଗି ୧୨ହଜାରରୁ ଊର୍ଦ୍ଧ୍ୱ ଅଧ୍ୟାପିକା, ଅଧ୍ୟାପକଙ୍କୁ ନିଯୁକ୍ତ କରାଯାଇଥିଲା। ମୂଲ୍ୟାୟନରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରତି କେନ୍ଦ୍ରରେ ସିସିଟିଭି ଲଗାଯିବା ସହ ଇ-ମୂଲ୍ୟାୟନ କେନ୍ଦ୍ରରେ ଏସି ଲଗାଇବା ବାଧ୍ୟତାମୂଳକ ହୋଇଥିଲା। ଚଳିତ ବର୍ଷ ରାଜ୍ୟର ୧,୧୩୩ଟି ପରୀକ୍ଷା କେନ୍ଦ୍ରରେ ୩ଲକ୍ଷ ୨୧ହଜାର ୫୦୮ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ କେତେଜଣ ଅନୁପସ୍ଥିତ ରହିଥିବା ନଜରକୁ ଆସିଥିଲା।

## ଓଜେଇଇ...

ପର୍ଯ୍ୟନ୍ତ ଚାଲିଥିଲା। ଦିନକୁ ୩ଟି ସିଟିଂରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଲାଟେରାଲ ଏଣ୍ଟ୍ରି(ଡିପ୍ଲୋମା), ଏମ୍‌ସିଏ/ଏମ୍‌ଏସ୍‌ସି, ଏମ୍‌ଟେକ୍(୧୧ ବିଷୟ), ଏମ୍‌ଆର୍କିଟେକ୍ଟ, ଏମ୍‌ପ୍ଲାନ, ଏମ୍‌ଫାର୍ମା, ବି.କ୍ୟାଟ୍, ଏମ୍‌ବିଏ, ଲାଟେରାଲ ଏଣ୍ଟ୍ରି ଫାର୍ମା, ଲାଟେରାଲ ଏଣ୍ଟ୍ରି (ବିଏସ୍‌ସି), ବି.କ୍ୟାଟ୍ (ଫିଲ୍ମ ଏଡିଟିଂ), ଇଣ୍ଟିଗ୍ରେଟେଡ ଏମ୍‌ବିଏ, ଡିପ୍ଲୋମା ଲାଟେରାଲ ଏଣ୍ଟ୍ରି ପରୀକ୍ଷା, ବି.ଫାର୍ମାରେ ନାମ ଲେଖାଇବା ପାଇଁ ଓଜେଇଇ ଅନୁଷ୍ଠିତ ହୋଇଥିଲା। ଏଥର ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ୬୧ଟି ପରୀକ୍ଷାକେନ୍ଦ୍ର କରାଯାଇଥିଲା। ୩୦ଟି ଜିଲାରେ ପରୀକ୍ଷା କେନ୍ଦ୍ର ସମେତ ରାଜ୍ୟ ବାହାରେ ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡରେ ୩ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ପ୍ରତିବର୍ଷ ଭଳି ଏଥର ମଧ୍ୟ କମ୍ପ୍ୟୁଟର ବେସ୍‌ଡ ପରୀକ୍ଷା ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ସ୍ୱେଚ୍ଛାକୃତ ଭାବରେ ଏକ ମହତ୍ତ୍ୱପୂର୍ଣ୍ଣ କାମରେ ଅର୍ଥ ବ୍ୟୟ କରିବେ। ଦ୍ୱିଜା ନକ୍ଷତ୍ରର ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦ ଦେଖାଦେଇପାରେ । ପାରିବାରିକ କ୍ଷେତ୍ରରେ କେତେକ ସମସ୍ୟାକୁ କେନ୍ଦ୍ର କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପ୍ରତିଯୋଗିତା, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ବୃଷ**



କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରିବହନ, ପ୍ରଶାସନ, ପ୍ରକାଶନ, ଆନୁଷ୍ଠାନିକ କାମ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ। ମୃଗଶିରା ନକ୍ଷତ୍ର ଆର୍ଥିକ ସଂକଟ ମଧ୍ୟ ଦେଇ ଗତି କରିବାକୁ ବାଧ୍ୟ ହେବେ।

**ମିଥୁନ**



ଅର୍ଥ ଓ ସମ୍ମାନ ଲାଭ କାରଣରୁ ଶୁକ୍ରଚନ୍ଦ୍ରଙ୍କ ସଂଯୋଗରୁ ମନ ପ୍ରଫୁଲ୍ଲ ରହିବ। ବହୁତ ଦିନରୁ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କୌଣସି ନୂତନ ଯୋଜନା ସଙ୍ଗକୁ କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇପାରନ୍ତି ।

**କର୍କଟ**



ଉତ୍ତମ ବୁଝାମଣାଜନିତ ପରିବାର ଭିତରେ ସୌହାର୍ଦ୍ଦ୍ୟତା ମଧ୍ୟରେ କାମ କରିବେ। ଭ୍ରମଣ, ଦେବଦର୍ଶନ ସାଙ୍ଗକୁ କୌଣସି ନୂତନ ଜିନିଷ କିଣିବାକୁ ମନ ବଳାଇବେ। ପୁନର୍ବସୁ ନକ୍ଷତ୍ରର ଭାଇଙ୍କ ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ଅଶାନ୍ତ ରହିପାରେ। ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଭୃତିରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ସିଂହ**



ଅଭାବନୀୟ ପରିସ୍ଥିତି ସଙ୍ଗକୁ କେତେକ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ମଘା ନକ୍ଷତ୍ର ପଡ଼ୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ଅଫିସରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ପାରିବାରିକ ସମସ୍ୟାର ସମାଧାନ ହେତୁ ସାୟାହ୍ନରେ ଟେନସନ ଦୂର ହେବ।

**କନ୍ୟା**



ଆଜି ସବୁ କାମ ଶୃଙ୍ଖଳିତ ରହିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ । ହସ୍ତା ନକ୍ଷତ୍ର ପାଇଁ ଆତ୍ମୀୟ ମାନଙ୍କର ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି। ସାମାଜିକ ସ୍ତରରେ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ତୁଳା**



ଯାହା ଆଜି ପର୍ଯ୍ୟନ୍ତ ପାଉ ନ ଥିଲେ ଆଜି ତାହା ପାଇଯିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ, ଏଣୁ ସତର୍କତାର ସହ କିଛି ମତମନ୍ତବ୍ୟ ଦେବା ଭଲ ହେବ। ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବିଶାଖା ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ବିଛା**



ଆଜିର ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲରେ କୌଣସି ଅସୁବିଧା ହେବ ନାହିଁ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅନୁରାଧା ନକ୍ଷତ୍ର ପାଇଁ ଶତ୍ରୁମାନେ ସମସ୍ୟା ସୃଷ୍ଟି ସକାଶେ ଯୋଜନା କରିପାରନ୍ତି । ପରିବହନ କ୍ଷେତ୍ରରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ।

**ଧନୁ**



ନୂତନ ସ୍ଥାନ ପରିଦର୍ଶନ ସହ ଏକ ଆଧ୍ୟାତ୍ମିକ ପରିବେଶରେ ସତ୍‌ସଙ୍ଗୀଙ୍କ ସାନ୍ନିଧ୍ୟରେ ସମୟ କଟିବ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ମୂଳା ନକ୍ଷତ୍ର ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରି ପାରନ୍ତି । କାମ ହାସଲ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର**



ପାରିବାରିକ ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶ୍ରବଣା ନକ୍ଷତ୍ର ସବୁ କଥାରେ ଟିକିଏ ପଛକୁ ରହି କାମ କରିବା ଭଲ ହେବ । କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରି ଦୁଃଖ ପ୍ରକାଶ କରିପାରନ୍ତି। ମହିଳାଙ୍କ ମନ ଉଚ୍ଚାଟ ରହିବ।

**କୁମ୍ଭ**



ଆଜି ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇ ଉଲ୍ଲସିତ ହେବେ। କେତେକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ପୂର୍ବଭାଦ୍ରବ ନକ୍ଷତ୍ରର ସଙ୍ଗୀତ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ । ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ, ବିଶେଷ ଭାବରେ ଉପକୃତ ହେବେ।

**ମୀନ**



ବିଭିନ୍ନ ପ୍ରକାରର ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି । ରେବତୀ ନକ୍ଷତ୍ରର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

## ଜମିବାଡ଼ି ବିବାଦରୁ ଯୁବକଙ୍କୁ ହତ୍ୟା

**ବଲାଙ୍ଗୀର ଅଫିସ, ୨୬।୭:** ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ ଫୁଟୁକୁପଡା ଗ୍ରାମରେ ମଙ୍ଗଳବାର ଜମିବାଡ଼ି ବିବାଦକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଛି। ବିପକ୍ଷ ଗୋଷ୍ଠୀ ସନ୍ତୋଷ ଧରୁଆ(୪୦) ନାମକ ଜଣେ ଯୁବକଙ୍କ ହାତକାଟି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଏହି ଘଟଣାରେ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଫୁଟୁକୁପଡାରେ ଅପରାହ୍ଣ ପ୍ରାୟ ୪ଟାରେ ଜମିବାଡି ବିବାଦକୁ କେନ୍ଦ୍ରକରି ସନ୍ତୋଷ ଧରୁଆ ଏବଂ ମାଝି ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ମାଝି ପରିବାର ସଦସ୍ୟମାନେ ସଂଘବଦ୍ଧ ଆକ୍ରମଣ କରି ଟାଙ୍ଗିଆରେ ସନ୍ତୋଷଙ୍କ ବାମହାତ କହୁଣି ତଳକୁ କାଟି ଦେଇଥିଲେ।



# classifieds Everyday
0674-2580101, 2549302



MATRIMONIAL

**BRIDE WANTED**

ବ୍ୟବସାୟ କରୁଥିବା ଉଚ୍ଚ ଶିକ୍ଷିତ ବ୍ରାହ୍ମଣ ପୁଅ ୩୭ବର୍ଷ, ୫’୮’’, ଗୌରବର୍ଣ୍ଣ ପାଇଁ ସୁନ୍ଦର ପାତ୍ରୀ ଆବଶ୍ୟକ। ବାପା ଓ ମା ଉଭୟ ରିଟାର୍ଡ ସରକାରୀ ଚାକିରିଆ। (ଭୁବନେଶ୍ୱରରେ ପ୍ରତିଷ୍ଠିତ)। **Contact: 9040070093.** D-73849

**GROOM WANTED**

49 ବୟସ୍କା ଏକାକୀ ରହୁଥିବା ଚାକିରିଆ, ନିଃସନ୍ତାନ, ବିଧବା, ଖଣ୍ଡାୟତ ସୁନ୍ଦରୀ ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 8093860535. D-1078

43 ବର୍ଷର Divorcee ମହିଳା Rural Development Officer ଭାବରେ କାର୍ଯ୍ୟରତ। ଘର- କେନ୍ଦୁଝର, ଜାତି- ଖଣ୍ଡାୟତ। ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7655858756. D-1074



automobile

**SALE**

ALTO K1O VXI AMT (O) 2017, ran 28500KM, price Rs. 3,35,000. Only secondparty deal.Contact Mobile 9124140371. D-1077

**HIRE**

New Model Dzire Etios Hondacity, Ciaz, Inova ବିକ୍ରି କରିବାକୁ ଚାହୁଁଛନ୍ତି କି। 9937272794. D-73944



real estate

**SALE**

Residential plot measuring 800sqft. near to Samantarapur, BBSR for sale. Contact: 9437932367. D-73338

**5000sqft. (50ft. X100ft.) gharabari, sthitiban yellowzone, 100% clear single Patta owner plot for sale with boundary, filling & outhouse completed. Address- Bhargavi Vihar, just 3rd plot from Dhauli & Uttara NH with 25ft. wide concrete road Price Rs.1,35,00,000/-. Contact owner. 9040026465 (BABU BHAI).** D-1039

**Hanspal near Balianta Rangabazar Middle pointରେ road, electricity, boundary ସହିତ plot କିଣନ୍ତୁ। sqft.-1350/-. 7008425796.** D-73286

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320.** D-73283

Bhubaneswar ରେତଙ୍ଗ, ଗଂଗପଡ଼ା, କାଟେଣୀରେ ୩୦’ରାସ୍ତା, ଇଲେକ୍ଟ୍ରି ଥାଇ ବର୍ଗଫୁଟକୁ 649/699/849/ କିଣନ୍ତୁ। Sasmita. 9853150290. D-73288

**ହଂସପାଳ, ବାଲିଅନ୍ତା, ନଖରା, ନିଆଳି ରାସ୍ତା ପାଖରେ ଜାଗା ବିକ୍ରି କରାଯାଉଅଛି। 9437765989.** D-73289

ଭୁବନେଶ୍ୱର ଗଙ୍ଗପଡ଼ା Adyanta College ପାଖରେ ପିଚୁ ରୋଡ୍‌କୁ ଲାଗି commercial ଏବଂ ଘର ଉପଯୋଗୀ yellowzone plot କିଣି ଘର କରନ୍ତୁ। 9938066403, 9777067303. D-73287

Gharabari conversion plot with 30ft. internal road for sale near DN Regalia Patrapada, Bhubaneswar @ 7978801755. D-73850

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**Bhubaneswar to Pipili NHକୁ ଲାଗି boundary plot, 30ft. Road, Electrification, Temple, Drainage, Streetlight, Security, Gate, Plantation, Gated community ଥାଇ sqft.-980/ରେ ମିଳୁଛି। 9937006862.** D-73284

ଭୁବନେଶ୍ୱର ରଙ୍ଗବଜାରରୁ 2K.M. ଦୂରତାରେ well developed plot road, electricity, gate ଥାଇ sqft.-800/- ବିକ୍ରିହେବ। 9853169267, 7205624547. D-73285



healthcare

Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73847

**Relax, Refresh your body, Mind at Saikrupa Spa with best therapies. 8984068077.** D-980

“Only Professional Massage & Steam Bath- Trupti Spa. 9337337007, 9861550765.” D-1058

Full body massage in homely atmosphere all therapy. Mob: 8114881641. D-73407

Newly open SPA Offer @799/-, positively health benefits, Kalpana. 7846814019. D-73627

**AFFIDAVIT**

I, Prakash Chandra M Harichandan, residing at Palace, Nilgiri, Post Rajnilgiri, Dist.- Balasore, Odisha 756040 India. I have changed my name to Prakash Chandra Mardaraj Vide Affidavit No.- 693 dt 11/07/2022 sworn before Shri. P.K. Das, ORS, Executive Magistrate, Nilgiri, Balasore, Odisha. D-1113

By virtue of an affidavit sworn in the Court of Executive Magistrate, Bhubaneswar, I, Arupa Padhan, S/o- Hrushikesh Padhan working as Senior Auditor in the Office of the A.G.II, Odisha, Bhubaneswar, changed my name and surname from Arupa Padhan to Arup Pradhan for all Official and Non- Official purposes from today dated 25.07.2022. My present postal address is Qr. No H/83, Old A.G. Colony, Po.- Nayapalli, Bhubaneswar, Odisha. D-1108

By virtue an affidavit before Executive Magistrate, Dhenkanal, my name has changed from Niranjan Sahoo to Nilamani Sahoo. Henceforth, I shall be known as Nilamani Sahoo, S/o. Rama Sahoo, Vill-Chhakilo, PO-Kakudibhag, Dist.- Dhenkanal for LIC Policy-589757175 and all purposes. D-74003

By virtue of an affidavit before the Executive Magistrate, Angul on dated 26.07.2022, I have changed my name from Saumendra Mishra to Saumendra Kumar Mishra. Henceforth, I shall be known as Saumendra Kumar Mishra for all purpose. D-1109

**ନିରୁଦ୍ଦିଷ୍ଟ**



ଯଯାତି ପହି, ବୟସ-୪୨, ଶ୍ୟାମଳ ବର୍ଣ୍ଣ (ମାନସିକ ବିକୃତ, ଛୋଟେଇ ଚାଲନ୍ତି) ହଂସପାଳରୁ ନିଖୋଜ ହୋଇଯାଇଛନ୍ତି। ସନ୍ଧାନ ପାଇଲେ 9776623370, 9937058669କୁ ଯୋଗାଯୋଗ କରିବାକୁ ବିନିତ ଅନୁରୋଧ। ଧ-୧୧୧୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୭ ଜୁଲାଇ, ୨୦୨୨

**ଶ୍ରୀଲଙ୍କା ଫେରିବେ ଗୋଟାବାୟା**

ଶ୍ରୀଲଙ୍କାରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବା ପରେ ପଳାୟନ କରିଥିବା ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଶୀଘ୍ର ସ୍ୱଦେଶ ଫେରିବେ। ଏ ନେଇ ସେଠାକାର ସର୍ବଦଳୀୟ ସରକାରର ଜଣେ ମନ୍ତ୍ରୀ ମଙ୍ଗଳବାର ସୂଚନା ଦେଇଛନ୍ତି। ଗଣମାଧ୍ୟମ ମନ୍ତ୍ରୀ ବନ୍ଦୁଲା ଗୁଣବର୍ଦ୍ଧେନା କହିଛନ୍ତି, ଗୋଟାବାୟା ସିଙ୍ଗାପୁରରେ ଆତ୍ମଗୋପନ କରିନାହାନ୍ତି। ବୈଧ ଭିଜା ପାଇଁ ସେ ସିଙ୍ଗାପୁର ଯାଇଛନ୍ତି। ସେ ଶୀଘ୍ର ଶ୍ରୀଲଙ୍କାକୁ ଫେରିବେ।



# ପ୍ରଥମ ଟୁଇଟ୍‌ରେ ଶହୀଦଙ୍କୁ ସାଲ୍ୟୁଟ କଲେ ରାଷ୍ଟ୍ରପତି



ଦ୍ରୌପଦୀ ମୁର୍ମୁ

**ନୂଆଦିଲ୍ଲୀ, ୨୬।୭**

୧୯୯୯ ଜୁଲାଇରେ ପାକିସ୍ତାନୀ ଆତଙ୍କବାଦୀ ଓ ସୈନ୍ୟମାନେ କାର୍‌ଗିଲରେ ଅନୁପ୍ରବେଶ କରି ଭାରତକୁ ଟାର୍ଗେଟ କରିଥିବାବେଳେ ଭାରତୀୟ ସେନା ଅପରେଶନ ବିଜୟ ଆରମ୍ଭ କରି ମୁହଁତୋଡ଼ ଜବାବ ଦେଇଥିଲା। ସେବେଠୁ ୨୩ ବର୍ଷ ହେଲା ଭାରତୀୟ ସେନା ଜୁଲାଇ ୨୬ରେ କାର୍‌ଗିଲ ଦିବସ ପାଳନ କରିଆସୁଛି। ମଙ୍ଗଳବାର ଭାରତର ନୂଆ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଶସ୍ତ୍ର ବଳର ବୀରତ୍ୱ, ପରାକ୍ରମ ଓ ସଂକଳ୍ପକୁ ମନେପକାଇ ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହୀଦମାନଙ୍କୁ ସାଲ୍ୟୁଟ କରିଛନ୍ତି। ଦେଶର ପ୍ରଥମ ନାଗରିକ ଭାବେ ଦାୟିତ୍ୱ ନେବା ପରେ ନିଜ ପ୍ରଥମ ଟୁଇଟରେ ଦ୍ରୌପଦୀ ଲେଖିଛନ୍ତି, ସମସ୍ତ ବୀର ଯବାନଙ୍କୁ ପ୍ରଣାମ କରୁଛି। ଦେଶବାସୀ ଯବାନ ଓ ସେମାନଙ୍କ ପରିବାର ପ୍ରତି ସର୍ବଦା ଋଣୀ ହୋଇରହିବେ। ଜୟ ହିନ୍ଦ୍।

# କିଣାହେବ ୨୮,୭୩୨ କୋଟିର ଅସ୍ତ୍ରଶସ୍ତ୍ର

**ନୂଆଦିଲ୍ଲୀ, ୨୬।୭**

କାର୍‌ଗିଲ ବିଜୟ ଦିବସ ପାଳନ ଅବସରରେ କେନ୍ଦ୍ର ସରକାର ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ୨୮,୭୩୨ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ କିଣିବା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଡିଫେନ୍ସ ଆକ୍ୟୁଜିଶନ୍ କାଉନ୍‌ସିଲ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ନେଇ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ମଜଭୁତ କରିବା ନିମନ୍ତେ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଶସ୍ତ୍ର ବଳ ପାଇଁ ଡ୍ରୋନ୍, ବୁଲେଟ୍ ପ୍ରୁଫ୍ ଜ୍ୟାକେଟ, କାରବାଇନ୍ ସମେତ କେତେକ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର କିଣାଯିବ।

# ୩,୪୧୯ କୋଟି ଟଙ୍କାର ଇଲେକ୍ଟ୍ରିକ୍ ବିଲ୍ ଦେଖି ବ୍ୟକ୍ତି ହସ୍ପିଟାଲରେ ଭର୍ତ୍ତି

**ଭୋପାଳ,୨୬।୭**

ମଧ୍ୟପ୍ରଦେଶରେ ଇଲେକ୍ଟ୍ରିକ୍ ବିଲ୍ ଦେଖି ଜଣେ ବ୍ୟକ୍ତି ହସ୍ପିଟାଲରେ ଭର୍ତ୍ତି ହୋଇଥିବାର ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ୩,୪୧୯ କୋଟି ଟଙ୍କାର ଇଲେକ୍ଟ୍ରିକ୍ ବିଲ୍ ଆସିବା ପରେ ମଧ୍ୟପ୍ରଦେଶ ଗ୍ୱାଲିଓରରେ ରହୁଥିବା ପ୍ରିୟଙ୍କା ଗୁପ୍ତାଙ୍କ ଶ୍ୱଶୁର ଅସୁସ୍ଥ ହୋଇପଡ଼ିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟୁତ୍ କମ୍ପାନୀ ଏହି ବିଲ୍‌କୁ ପରବର୍ତ୍ତୀ ସମୟରେ ସଂଶୋଧନ କରିଛି। ତେବେ ପ୍ରକୃତ ଇଲେକ୍ଟ୍ରିକ୍ ବିଲ୍ ୧,୩୦୦ ଟଙ୍କା ବୋଲି ଜଣାପଡ଼ିଛି। ପ୍ରିୟଙ୍କାଙ୍କ ପରିବାର ଗ୍ୱାଲିଓରର ଶିବ ବିହାର କଲୋନୀରେ ରୁହନ୍ତି। ୩ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଲ୍ ଦେଖି ତାଙ୍କ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିବା ପ୍ରିୟଙ୍କାଙ୍କ ସ୍ୱାମୀ ସଞ୍ଜୀବ କଙ୍କାନେ କହିଛନ୍ତି। ଜୁଲାଇ ୨୦ ତାରିଖରେ ସଞ୍ଜୀବଙ୍କ ଘରେ ଉକ୍ତ ବିଲ୍ ବିଭାଗ ପକ୍ଷରୁ ଦିଆଯାଇଥିଲା। ମାତ୍ରାଧିକ ପରିମାଣର ବିଲ୍ ଆସିବା ପରେ ସେ ବିଦ୍ୟୁତ୍ ବିଭାଗରେ ଅଭିଯୋଗ କରିଥିଲେ। ମଧ୍ୟପ୍ରଦେଶ ମଧ୍ୟ କ୍ଷେତ୍ର ବିଦ୍ୟୁତ୍ ବିତରଣ କମ୍ପାନୀ ନିଜ ପୋର୍ଟାଲ୍ ଜରିଆରେ ବିଲକୁ ଠିକ୍ କରିଥିବା କୁହାଯାଉଛି। ବିଭାଗ କର୍ମଚାରୀ ବିଲ୍ ମୂଲ୍ୟ ସ୍ଥାନରେ ଗ୍ରାହକ ନମ୍ବର ଲେଖିଥିବା କାରଣରୁ ଏପରି ହୋଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ରାଜ୍ୟ ଶକ୍ତିମନ୍ତ୍ରୀ ପ୍ରଦ୍ୟୁମ୍ନ ସିଂ ତୋମାର କହିଛନ୍ତି, ଭୁଲ୍‌ବଶତଃ ବିଲ୍‌ରେ ୩ ହଜାର କୋଟି ଟଙ୍କା ଲେଖାଯାଇଥିବାବେଳେ ଏହାକୁ ଠିକ୍ କରାଯାଇଛି। ଏଥିରେ ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କଙ୍ଗୋରେ ୨ ଭାରତୀୟ ଯବାନ ନିହତ



ମୋନୁସ୍କୋରେ ସଶସ୍ତ୍ର ବିଦ୍ରୋହୀଙ୍କ ଆକ୍ରମଣ।

**ନୂଆଦିଲ୍ଲୀ, ୨୬।୭**

ଆଫ୍ରିକୀୟ ରାଷ୍ଟ୍ର କଙ୍ଗୋ ସାଧାରଣତନ୍ତ୍ରରେ ଜାତିସଂଘ ବିରୋଧୀ ବିକ୍ଷୋଭ ଉଗ୍ର ହେବାରେ ଲାଗିଛି। ସ୍ଥାନୀୟ ବିଦ୍ରୋହୀଙ୍କ ହିଂସାତ୍ମକ ଆନ୍ଦୋଳନବେଳେ ୧୦ ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ୨ ଭାରତୀୟ ଯବାନ ଅଛନ୍ତି। ଉଭୟ ଯବାନ ରାଜସ୍ଥାନ ବାସିନ୍ଦା। ଦୁହେଁ ହେଡ୍ କନଷ୍ଟେବଲ ପାହ୍ୟାର ବୋଲି ଜଣାପଡ଼ିଛି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବିଏସ୍‌ଏଫ୍ ଯବାନ ଦ୍ୱୟଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିବା ସହ ଅପରାଧୀଙ୍କ ବର୍ବର ଆକ୍ରମଣକୁ ନିନ୍ଦା କରିଛନ୍ତି।

ଅଶାନ୍ତ କଙ୍ଗୋରେ ଶାନ୍ତିରକ୍ଷା ପାଇଁ ଦୁଇ ଦଶନ୍ଧି ହେଲା ଜାତିସଂଘର ବାହିନୀ ନିୟୋଜିତ ହୋଇଛି। ୟୁନାଇଟେଡ୍ ନେଶନ୍ସ ଅର୍ଗାନାଇଜେଶନ ଷ୍ଟାବିଲାଇଜେଶନ ମିଶନ (ମୋନୁସ୍କୋ) ୨୦୧୦ ମସିହାରୁ ଏଥିରେ ସାମିଲ ହୋଇଛି। ସେଠାରେ ମୋନୁସ୍କୋର ୧୮ ହଜାର ସୁରକ୍ଷା କର୍ମୀ ଅଛନ୍ତି। ସେମାନଙ୍କ ମଧ୍ୟରେ ଭାରତ, ପାକିସ୍ତାନ ଓ ବାଂଲାଦେଶର ୧୨ ହଜାର ଶାନ୍ତି ରକ୍ଷକ ଅଛନ୍ତି। ବିଦେଶୀ ସୈନ୍ୟଙ୍କ ଉପସ୍ଥିତିକୁ ସ୍ଥାନୀୟ ଶତାଧିକ ସଶସ୍ତ୍ର ବିଦ୍ରୋହୀ ଗୋଷ୍ଠୀ ବିରୋଧ କରିଆସୁଛନ୍ତି। ଅନ୍ତର୍ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ସୋମବାର ବୁଟେମ୍ବୋରେ ହିଂସ୍ର ଆନ୍ଦୋଳନବେଳେ ୫ଶହରୁ ଊର୍ଦ୍ଧ୍ୱ ବିଦ୍ରୋହୀଙ୍କ ଆକ୍ରମଣରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ଏହି ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ଏଥିସହ ପ୍ରାୟ ୫୦ ଜଣ ଆହତ ହୋଇଛନ୍ତି। କଙ୍ଗୋ ପୋଲିସ ଓ ସୈନ୍ୟମାନେ ଆନ୍ଦୋଳନସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ ପାଇଁ ଉଦ୍ୟମ କରିଥିଲେ। ବିଏସ୍‌ଏଫ୍

**ଜାତିସଂଘ ବିରୋଧୀ ହିଂସା ବେଳେ ୧୦ ମୃତ**

ପକ୍ଷରୁ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଥିଲା। ସେମାନେ ବିଦ୍ରୋହୀମାନଙ୍କୁ ଘଉଡାଇ ଦେଇଥିଲେ। କିନ୍ତୁ ସଶସ୍ତ୍ର ବିଦ୍ରୋହୀ ପୁଣି ଥରେ ଫେରି ପାଲଟା ଆକ୍ରମଣ କରିଥିଲେ। ଏହି ଘାତକ ଆକ୍ରମଣ ପାଇଁ ଦାୟୀ ଅପରାଧୀମାନଙ୍କୁ ଆଇନର କାଠଗଡ଼ାକୁ ଆଣିବା ଜରୁରୀ ବୋଲି ଜୟଶଙ୍କର ଟୁଇଟ କରିଛନ୍ତି। ଦୁଇ ପ୍ଲାଟୁନ୍ ଅର୍ଥାତ୍ ୭୦ରୁ ୭୪ ବିଏସ୍‌ଏଫ୍ ଯବାନଙ୍କୁ ଗତ ମେ'ରେ କଙ୍ଗୋକୁ ପଠାଯାଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ବିଦ୍ରୋହୀ ଗୋଷ୍ଠୀ ଶାନ୍ତିରକ୍ଷକମାନଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ କହିଛନ୍ତି।

# ମଙ୍କିପକ୍ସ ପାଇଁ ଦାନିଶ ସ୍ମଲ୍‌ପକ୍ସ ଟିକା: ପୁନାୱାଲା







**ପୁଣେ,୨୬।୭**

ଦେଶରେ ମଙ୍କିପକ୍ସ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଅଦ୍ୟାବଧି ୪ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଆଗାମୀ ଦିନରେ ମଙ୍କିପକ୍ସ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ନେଇ ଆଶଙ୍କା ଉପୁଜୁଛି। ତେବେ ଏହାର ମୁକାବିଲା ପାଇଁ ଦାନିଶ ସ୍ମଲ୍‌ପକ୍ସ ଟିକା ବ୍ୟବହାର କରାଯାଇପାରିବ ବୋଲି ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଟିକା ନିର୍ମାଣକାରୀ କମ୍ପାନୀ ସିଇଓ ଅଦାର ପୁନାୱାଲା କହିଛନ୍ତି। ଏ ନେଇ ସେରମ କମ୍ପାନୀ ପକ୍ଷରୁ ଲକ୍ଷାଧିକ ଦାନିଶ ସ୍ମଲ୍‌ପକ୍ସ ଭାକ୍ସିନ କିଣାଯାଇଥିବା ସେ ପ୍ରକାଶ କରିଛନ୍ତି। କିଛିମାସରେ ଟିକା ଭାରତରେ ନିର୍ମାଣ କରାଯିବ ବୋଲି ଦାନିଶ ଔଷଧ ନିର୍ମାଣକାରୀ କମ୍ପାନୀ ବାଭାରିଆନ ନୋରଡିକ୍ ସହ ବିଚାରବିମର୍ଶ ଜାରିଥିବା ଜଣାପଡ଼ିଛି। ତେବେ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ସହ କୌଣସି ଆଲୋଚନା ହୋଇ ନ ଥିବାବେଳେ ଭାକ୍ସିନର ମୂଲ୍ୟ ମଧ୍ୟ ଧାର୍ଯ୍ୟ କରାଯାଇ ନ ଥିବା ପୁନାୱାଲା କହିଛନ୍ତି। ଅନ୍ୟପଟେ ନେଭୋଭାକ୍ସ ଟିକା ନିର୍ମାଣକାରୀ କମ୍ପାନୀ ମଙ୍କିପକ୍ସ ଲାଗି ମେସେଞ୍ଜର ଆର୍‌ଏନ୍‌ଏ (ଏମ୍‌ଆର୍‌ଏନ୍‌ଏ) ଭାକ୍ସିନ ତିଆରି କରିବାକୁ ଯୋଜନା କରୁଥିବାବେଳେ ସେରମ କର୍ତ୍ତୃପକ୍ଷ ନୋଭୋଭାକ୍ସ ସହ ସମ୍ପର୍କରେ ଥିବା କୁହାଯାଉଛି।







ବର୍ତ୍ତମାନ ଯାହାକୁ ରାଜନୀତି କୁହାଯାଉଛି – ତାହା ଅତିମାତ୍ରାରେ ରାଜସିକ– ବିଭ୍ରାନ୍ତିକର– ଏବଂ ସବୁପ୍ରକାର ଅହଂସର୍ବସ୍ୱ ଉଦ୍ଦେଶ୍ୟରେ କ୍ଲେଦାକ୍ତ। ଆମର ପଥ ହେଉଛି ପୃଥିବୀର ଚେତନା ଉପରେ ଆତ୍ମାର ଚାପ ବା ପ୍ରଭାବ ପକାଇବା। ତା’ଫଳରେ ହିଁ ପୃଥିବୀର ପରିବର୍ତ୍ତନ ହେବ। –ଶ୍ରୀମା



# ଅଜାଣତରେ ନୁହେଁ

ଗୁଜରାଟର ବୋଟାଡ୍ ଜିଲାରେ ମଦ ପିଇ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୩ ଜଣ ଅସୁସ୍ଥ ହୋଇ ବୋଟାଡ୍, ଭାବନଗର ଓ ଅହମ୍ମଦାବାଦର କେତେକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖବର ପଦାକୁ ଆସିଛି। ସେଠାକାର ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି, ବିଷାକ୍ତ ମିଥାଇଲ ଆଲ୍‌କୋହଲରୁ ଏହା ପ୍ରସ୍ତୁତ ହୋଇଥିବାରୁ ଏଭଳି ଅସ୍ୱାଭାବିକ ସ୍ଥିତି ଉପୁଜିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ୧୪ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇ ସେମାନଙ୍କୁ ଅଟକ ରଖାଯାଇଥିବା ସଫେଇ ଦିଆଯାଇଛି। ଏହା ଏକ ଘୋଷା କଥା ଯେ, କିଛିଦିନ ପରେ ଏହି ଘଟଣା ସଂକ୍ରାନ୍ତ ଆଲୋଚନା ଦୁର୍ବଳ ହୋଇଗଲେ ଲୋକେ ତାହାକୁ ଭୁଲିଯିବେ।

ମହାତ୍ମା ଗାନ୍ଧୀଙ୍କୁ ସମ୍ମାନ ଦିଆଯିବା ସ୍ୱରୂପ ଗୁଜରାଟରେ ୧୯୬୦ ମସିହାରୁ ମଦକୁ ନିଷେଧ କରାଯାଇଛି। ମଦ ପ୍ରସ୍ତୁତି, ମହଜୁଦ, ବିକ୍ରି ଓ ଏହାର ସେବନ ଉପରେ ରହିଛି ଅନେକ କଟକଣା। ଏସବୁ ସତ୍ତ୍ୱେ ସେଠାରେ ଲୋକେ ମଦ ପିଇ ମୃତ୍ୟୁବରଣ କରୁଛନ୍ତି। ଯେଉଁ ବିଷୟଟି ସମସ୍ତଙ୍କୁ ବ୍ୟଥିତ କରିବାର ଯୋଗ୍ୟତା ରଖିଛି ତାହା ହେଲା ମଦବିହୀନ ରାଜ୍ୟ ବା ‘ଡ୍ରାଏ ଷ୍ଟେଟ୍’ରେ ଏଭଳି ଘଟିବା ପଛର ମୂଳ କାରଣ କ’ଣ ହୋଇପାରେ। ଏହାର ସୂକ୍ଷ୍ମ ଉତ୍ତର ହେଉଛି, ରାଜନୈତିକ ପ୍ରୋତ୍ସାହନ ଓ ପୋଲିସ ସୁରକ୍ଷା। ସମସ୍ତେ ଜାଣନ୍ତି ପୋଲିସ ଇଚ୍ଛା ବିରୋଧରେ କୌଣସି ବଡ଼ଧରଣର ସଙ୍ଗଠିତ ଅପରାଧ ଘଟାଯାଇପାରିବ ନାହିଁ। କୌତୂହଳରେ କୁହାଯାଇପାରେ, ଛୋଟିଆ ପିଲାକୁ ସମସ୍ତେ ଆକଟ କରୁଥିବେ ନିଆଁରେ ହାତ ନ ମାରିବାକୁ। କିନ୍ତୁ ସେ ସୁଯୋଗ ପାଇଗଲେ ମନା କରୁଥିବା ଜିନିଷଟି ପ୍ରତି ଅଧିକ ଆକର୍ଷିତ ହେବ। ଠିକ୍ ସେହିପରି ଯେଉଁଠାରେ ଅଧିକ କଟକଣା ଥାଏ, ସେହିଠାରେ ବେଶି ଗଳା ବାଟ ସୃଷ୍ଟି କରିଦିଆଯାଇଥାଏ। ଏଥିପାଇଁ ପୋଲିସ ବଟି ନେବାଠାରୁ ରାଜନେତାଙ୍କୁ ସନ୍ତୁଷ୍ଟ କରିବାର ଆଦବକାଏଦା ମଦ ପ୍ରସ୍ତୁତକାରୀଙ୍କୁ ଭଲ ଭାବେ ଜଣା। ଏବର ଗୁଜରାଟର ମଦମୃତ୍ୟୁ ବିଷୟରେ ଶୁଣାଯାଉଛି ଯେ ଅତି ଶସ୍ତା କେମିକାଲରେ ମଦ ପ୍ରସ୍ତୁତ ହୋଇଥିବା ଓ ଭାଗମାପ ଠିକ୍ ନ ଥିବାରୁ ତାହା ବିଷାକ୍ତ ହୋଇଯାଇଥିଲା।

> **ସ୍ପଷ୍ଟ ଭାବେ କହିହେବ ପୋଲିସ ଜାଣତରେ ସବୁ କିଛି ହେଉଥିବାରୁ ଏହି ଧାରାକୁ ରୋକିବା ଅସମ୍ଭବ। ଓଡ଼ିଆରେ ଢଗ ଅଛି– ‘ବାଡ଼ ଯଦି ଫସଲ ଖାଏ, ତାହାକୁ ଜଗିବ କିଏ’।**

ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅବତାରଣା କରାଯାଇପାରେ। ଦେଖାଯାଇଛି ଯେଉଁଠାରେ ବେଶି ପ୍ରତିବନ୍ଧକ ଥାଏ, ସେହିଠାରୁ ସରକାରୀ ଅଧିକାରୀମାନେ ଅଧିକ ଫାଇଦା ଉଠାଇଥାଆନ୍ତି। ମଦ ବେପାରୀଙ୍କ କଥା ଦେଖିଲେ ସେମାନେ ଯେହେତୁ ପୋଲିସଠାରୁ ଆରମ୍ଭ କରି ଅବକାରୀ ଅଧିକାରୀ ଓ ମନ୍ତ୍ରୀଙ୍କ ଯାଏ ଘୁସ୍ ଦେଇଥାଆନ୍ତି ସେହେତୁ ଅତ୍ୟଧିକ ଲାଭ ପାଇବା ସକାଶେ ଶସ୍ତା ବାଟ ଆପଣାଇବା ସ୍ୱାଭାବିକ। ଗୁଜରାଟ ଭଳି ମଦବିହୀନ ରାଜ୍ୟରେ ପ୍ରଚୁର ମଦ ଉପଲବ୍ଧ ହେଉଥିବାର ଶୁଣିବାକୁ ମିଳେ। ଏଥିରୁ ବୁଝିବାକୁ ହେବ ଯେ, ରାଜନୈତିକ ପୃଷ୍ଠପୋଷକତା ଯୋଗୁ ଚୋରା ମଦ କାରବାରକୁ ପ୍ରୋତ୍ସାହନ ମିଳୁଛି। ଡିସେମ୍ବର ୨୦୨୨ରେ ଗୁଜରାଟ ବିଧାନସଭା ନିର୍ବାଚନ ଥିବାରୁ ସରକାରୀ ଦଳ ଅର୍ଥ ଗୋଟାଇବାର ଏକ ମାଧ୍ୟମ ଭାବେ ମଦ କାରବାରକୁ ନୀରବ ସମର୍ଥନ ଦେଉଛି ବୋଲି କୁହାଯାଉଛି। ମଦକୁ ନିଷେଧ କରାଯାଇଥିବାରୁ ନିଶ୍ଚିତ ଭାବେ ସରକାର ଅନେକ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହରାଉଥିବେ। ଅନ୍ୟପକ୍ଷରେ ଚୋରା କାରବାରରୁ ମିଳୁଥିବା ଅର୍ଥର ଏକ ସ୍ରୋତ କେଉଁଆଡ଼େ ଯାଉଥିବ ତାହା ବାହାରକୁ ଦିଶୁ ନ ଥିଲେ ମଧ୍ୟ ଜାଣିବା ଲୋକ ଭଲ ଭାବେ ବୁଝିପାରୁଥିବେ।

ମହାତ୍ମା ଗାନ୍ଧୀଙ୍କୁ ସମ୍ମାନ ଜଣାଇବାକୁ ଯାଇ ଯେଉଁ ରାଜ୍ୟ ଦିନେ ମଦକୁ ନିଷିଦ୍ଧ କରିଥିଲା, ସେଠାକାର ଅଧିବାସୀ ମଦ ପିଇବା ଲାଗି ଆତୁର ହେଉଥିଲେ ମଧ୍ୟ ଯଦି ତାହା ଉପଲବ୍ଧ ହେଉ ନ ଥାଆନ୍ତା, ତାହା ହେଲେ ସେମାନେ ଜାକିଜୁକି ହୋଇ ରହିଯାଇଥାନ୍ତେ। କିନ୍ତୁ ତାହା ଦେଖାଯାଉ ନାହିଁ। ଏଠାରେ ସ୍ପଷ୍ଟ ଭାବେ କହିହେବ ପୋଲିସ ଜାଣତରେ ସବୁ କିଛି ହେଉଥିବାରୁ ଏହି ଧାରାକୁ ରୋକିବା ଅସମ୍ଭବ। ଓଡ଼ିଆରେ ଢଗ ଅଛି– ‘ବାଡ଼ ଯଦି ଫସଲ ଖାଏ, ତାହାକୁ ଜଗିବ କିଏ’।

# ଜୁଣ୍ଟା ଦେଲା ଫାଶୀ

ମ୍ୟାନ୍‌ମାରର ସାମରିକ ଜୁଣ୍ଟା ସରକାର ୪ଜଣ ଗଣତନ୍ତ୍ର ସପକ୍ଷବାଦୀ ନେତାଙ୍କୁ ଫାଶୀ ଦେଇଛନ୍ତି। ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ ଥିବା ଅଭିଯୋଗରେ ଏମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା କହିଛି ସେନା। ଏମାନଙ୍କ ମଧ୍ୟରେ ରହିଛନ୍ତି ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାନ୍ ସୁ ଚୀଙ୍କ ପାର୍ଟି ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି(ଏନ୍‌ଏଲ୍‌ଡି)ର ପୂର୍ବତନ ସାଂସଦ ଫ୍ୟୋ ଜିୟା ଥ ଏବଂ ଖ୍ୟାତନାମା ଗଣତନ୍ତ୍ରବାଦୀ ନେତା କ୍ୟାଓ ମିନ୍ ୟୁ। ଏ ଦୁଇ ଜଣଙ୍କୁ ରାଜନୈତିକ ବନ୍ଦୀ ଭାବେ ରଖାଯାଇଥିଲା। ଅନ୍ୟ ଦୁଇଜଣ ଗଣତନ୍ତ୍ର ସମର୍ଥକ ହେଲେ ଲା ମ୍ୟୋ ଅଙ୍ଗ୍ ଓ ଅଙ୍ଗ୍ ତୁରା ଜ। ୧୯୮୮ ପରେ ମ୍ୟାନ୍‌ମାରକୁ ପୁନର୍ବାର ଫାଶୀ ଫେରିଛି। ଏହାକୁ ୟୁରୋପୀୟ ସଂଘ, ଆମେରିକା, ଜାପାନ, କାନାଡ଼ା ଓ ନ୍ୟୁଜିଲାଣ୍ଡ ଆଦି ଦେଶ କଡ଼ା ନିନ୍ଦା କରିଥିବାବେଳେ ଭାରତ ନୀରବ ରହିଛି। ଏହା ଜୀବନ, ସ୍ୱାଧୀନତା ଓ ବ୍ୟକ୍ତି ସୁରକ୍ଷା ଅଧିକାରର ଘୋର ଉଲ୍ଲଂଘନ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି। ଉଲ୍ଲେଖନୀୟ ଯେ, ୨୦୨୦ ନିର୍ବାଚନରେ ଏନ୍‌ଏଲ୍‌ଡି ବିପୁଳ ବିଜୟ ହାସଲ କରି କ୍ଷମତାକୁ ଆସିଥିଲା। ହେଲେ ନିର୍ବାଚନରେ ଅନିୟମିତତା ଦର୍ଶାଇ ସେନା ବିଦ୍ରୋହ କରି ୧ ଫେବୃୟାରୀ ୨୦୨୧ରେ ଷ୍ଟେଟ୍ କାଉନସେଲର ସୁ ଚୀଙ୍କୁ ଗାଦିଚ୍ୟୁତ କଲା ଓ କ୍ଷମତା ହାତକୁ ନେଲା। ତେବେ ସୁ ଚୀଙ୍କୁ ଗିରଫ କରିବା ପରେ ଗୃହବନ୍ଦୀ ଭାବେ ରଖାଯାଇଛି। ସେତେବେଳେ ଏହାକୁ କେନ୍ଦ୍ରକରି ମ୍ୟାନ୍‌ମାର ଅଶାନ୍ତ ହୋଇଉଠିଥିଲା ଓ ସେନା କାର୍ଯ୍ୟାନୁଷ୍ଠାନରେ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ୪ଜଣଙ୍କୁ ଫାଶୀ ଦିଆଯାଇଥିବାବେଳେ ଆହୁରି ଅନେକ ରାଜନୈତିକ ବନ୍ଦୀଙ୍କ ବିଚାର ଚାଲିଛି। ସୁ ଚୀଙ୍କ ବିରୋଧରେ ମଧ୍ୟ ଅନେକ ମାମଲା ବିଚାରାଧୀନ ରହିଛି। ଗତ ଏପ୍ରିଲ୨୭ରେ ସୁ ଚୀଙ୍କୁ ଦୁର୍ନୀତି ଅଭିଯୋଗରେ ୫ ବର୍ଷ ଜେଲ ଦଣ୍ଡାଦେଶ ହୋଇସାରିଛି। ୬ ଲକ୍ଷ ଡଲାର ଓ ସୁନା ଲାଞ୍ଚ ନେବା ମାମଲାରେ ମ୍ୟାନ୍‌ମାରର ଏକ ସାମରିକ କୋର୍ଟ ଏହି ଦଣ୍ଡାଦେଶ ଦେଇଥିଲେ। ଏହା ପୂର୍ବରୁ ତାଙ୍କୁ ୫ଟି ମାମଲାରେ ୬ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଯାଇଥିଲା।

ଜଣାପଡୁଛି, ଫାଶୀ ଦୃଷ୍ଟାନ୍ତ ଦେଇ ୭୭ ବର୍ଷୀୟା ସୁ ଚୀଙ୍କୁ ନୀରବ କରି ଜେଲରେ ରଖିବାକୁ ଜୁଣ୍ଟା ସରକାର ଚାହୁଁଛି। ଦକ୍ଷିଣପୂର୍ବ ଏସିଆରେ ଗଣତାନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ ହେଉଥିବାବେଳେ ମ୍ୟାନ୍‌ମାର ବା ବର୍ମା ଅତ୍ୟଧିକ ମାତ୍ରାରେ ଏକଛତ୍ରବାଦୀ ମନୋଭାବକୁ କାର୍ଯ୍ୟରେ ପ୍ରଦର୍ଶନ କରୁଛି। ସେଠାକାର ସାମରିକ ସରକାର କ୍ଷମତା ଦଖଲ କରିବା ପରେ ଏଯାବତ ୧୪,୮୪୭ ଜଣଙ୍କୁ ଗିରଫ କରାଯିବା ସହ ୧୧,୭୫୯ ଜଣଙ୍କୁ ଅଟକ ରଖାଯାଇଛି। ଏଥିରେ ଏନ୍‌ଏଲ୍‌ଡିର ଅନେକ ସାଂସଦ ମଧ୍ୟ ରହିଛନ୍ତି। ଗିରଫ ଓ ମୃତ୍ୟୁର ହିସାବ ରଖୁଥିବା ସଂସ୍ଥା ଆସିଷ୍ଟାନ୍ସ ଆସୋସିଏଶନ୍ ଫର୍ ପଲିଟିକାଲ ପ୍ରିଜିନର୍ସ(ଏଏପିପି) ଅନୁଯାୟୀ, ଅତିକମ୍‌ରେ ଏବେସୁଦ୍ଧା ଦେଶରେ ସେନା ୨,୧୦୦ ଜଣଙ୍କୁ ହତ୍ୟା କରିଛି। ଏହାସହ ମ୍ୟାନ୍‌ମାରର ରାଖିନ ପ୍ରଦେଶରେ ରହୁଥିବା ରୋହିଙ୍ଗ୍ୟା ମୁସଲମାନଙ୍କ ବିରୋଧରେ ସାମରିକ ବାହିନୀର ହିଂସା ଓ ଅତ୍ୟାଚାର ଏବେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ (ଆଇସିଜେ)ରେ ବିଚାରାଧୀନ ଅଛି। ପଶ୍ଚିମ ଆଫ୍ରିକୀୟ ଦେଶ ଗାମ୍ବିଆ ଆଣିଥିବା ବର୍ମା ଜୁଣ୍ଟା ବିରୋଧରେ ଗଣହତ୍ୟା ଅଭିଯୋଗକୁ ଆଇସିଜେ ବିଚାରକୁ ନେଇଛି ଓ କେତେକ ପ୍ରାରମ୍ଭିକ ଶୁଣାଣିରେ ଜୁଣ୍ଟା ବିରୋଧୀ ମତ ଦେଇଛି। ମ୍ୟାନ୍‌ମାର ସାମରିକ ଶାସନ ମୌଳିକ ମାନବୀୟ ସ୍ୱାଧୀନତା ଏବଂ ଗଣତନ୍ତ୍ରର ଏକ ଶତ୍ରୁ ଓ ପାଖାପାଖି ୫୦ ବର୍ଷ ଦମନମୂଳକ ଶାସନର କର୍ତ୍ତା। ଦମନକାରୀ ସାମରିକ ଶାସନ ଭିତରେ ଏହି ଦେଶ ଗଣତନ୍ତ୍ରର ସ୍ୱାଦ କମ୍ ପାଇଛି। ତେବେ ବର୍ମା ପାଇଁ ଆର୍ଥିକ ଓ ସାମାଜିକ ବିକାଶ ଲାଗି ଏହା ଅନୁକୂଳ ନୁହେଁ ବୋଲି ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି। ସୁ ଚୀଙ୍କୁ ନୀରବ କରି ଜୁଣ୍ଟା ସରକାର ଜବରଦସ୍ତ ଏକ ବିଭାଜିତ ଓ ଗରିବ ଦେଶକୁ ହାତମୁଠାରେ ରଖିବାକୁ ଚେଷ୍ଟା କରୁଥିବା ତା’ କାର୍ଯ୍ୟରୁ ସ୍ପଷ୍ଟ ହେଉଛି।



# ବିଜ୍ଞାନ କ୍ଷେତ୍ରରେ ଅଭିନବ ସଂସ୍କାର

ଡ. ଚିତ୍ତରଞ୍ଜନ ମିଶ୍ର

ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ୧୯୭୬ରେ ୪୨ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ‘ବୈଜ୍ଞାନିକ ମାନସିକତା’କୁ ସ୍ପଷ୍ଟ ରୂପରେ ଅଙ୍ଗୀକୃତ କରିଛି। ଏହା ଉଦ୍‌ଘୋଷଣ କରିଛି ଯେ ବୈଜ୍ଞାନିକ ମାନସିକତା, ମାନବବାଦ, ଜିଜ୍ଞାସା ଓ ସଂସ୍କାର ଭାବନାର ବିକାଶ ପ୍ରତ୍ୟେକ ଭାରତୀୟଙ୍କର କର୍ତ୍ତବ୍ୟ ହେବା ଏକାନ୍ତ ଆବଶ୍ୟକ। ଏଭଳି ସାମ୍ବିଧାନିକ ପ୍ରଚେଷ୍ଟା ସତ୍ତ୍ୱେ ଭାରତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମ୍‌ରେ ପରିବର୍ତ୍ତନଧର୍ମୀ ସୁଧାର ଆଣିବାରେ ସକ୍ଷମ ହୋଇପାରିନାହିଁ। ସେହି ପାଖାପାଖି ସମୟରେ ୧୯୭୮ରେ ଚାଇନା ନିଜ ଅର୍ଥନୀତିକୁ ଉନ୍ମୁକ୍ତ କରିଦେଲା। ଏହା ପରେ ୧୯୯୦ ଦଶକରେ ସୁବ୍ୟବସ୍ଥିତ ସଂସ୍କାର ମାଧ୍ୟମରେ ଚାଇନା ତା’ର ବୈଜ୍ଞାନିକ ଇକୋସିଷ୍ଟମ୍‌କୁ ପୁନରୁଦ୍ଧାର କରିବାରେ ସକ୍ଷମ ହୋଇପାରିଲା। ଏପରି କି କୃତ୍ରିମ ବୁଦ୍ଧିମତ୍ତା ଭଳି କେତେକ କ୍ଷେତ୍ରରେ ଚାଇନା ଏବେ ଆମେରିକାଠୁଁ ବହୁ ଆଗରେ। ଅନ୍ୟପଟେ ୧୯୯୧ରେ ଭାରତର ଅର୍ଥନୈତିକ ସଂସ୍କାର ବ୍ୟବସ୍ଥାର ଅସାଧାରଣ ସଫଳତା ସତ୍ତ୍ୱେ ଆମେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ସଂସ୍କାର ଆଣିପାରିଲୁ ନାହିଁ। ଫଳାଫଳ ଆଜି ସ୍ପଷ୍ଟ ଦୃଶ୍ୟମାନ ଯେ, ନବପ୍ରବର୍ତ୍ତନ ନେତୃତ୍ୱାଧୀନ ଅର୍ଥ ବ୍ୟବସ୍ଥା ଠାରୁ ଭାରତ ଏବେ ବି ବହୁ ଦୂରରେ।

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ନୂତନ ଜ୍ଞାନ ଅର୍ଥନୈତିକ ଓ ସାମାଜିକ ଅଭ୍ୟୁଦୟ କ୍ଷେତ୍ରରେ ପ୍ରୟୋଗ କରିବାକୁ ହେବ। କ୍ରମାଗତ ଅର୍ଥନୈତିକ ବିକାଶର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଭାରତକୁ ଗବେଷଣା କ୍ଷେତ୍ରରେ ଅଗ୍ରଗାମୀ ଭୂମିକା ସମ୍ପାଦିତ କରିବାକୁ ପଡ଼ିବ। ଆମ ପାଖରେ ଇକୋନୋମିକ୍ ସ୍କେଲ୍, ବିଶାଳ ମେଧା ଶକ୍ତି, ବୃହତ୍ ବଜାର ବ୍ୟବସ୍ଥା ଏବଂ ଚଳଚଞ୍ଚଳ ଷ୍ଟାର୍ଟଅପ୍ ଇକୋସିଷ୍ଟମ ରହିଛି, ଯାହା ମାଧ୍ୟମରେ ଗବେଷଣା କ୍ଷେତ୍ରରେ ଆଶାନୁରୂପ ପୁଞ୍ଜିନିବେଶ ଏବଂ ଏହାର ଆର୍ଥିକ ମୂଲ୍ୟକୁ ଠିକ୍ ଭାବେ ଉପଯୋଗୀ କରାଯାଇପାରିବ। ନିମ୍ନୋକ୍ତ ଚାରୋଟି ପ୍ରମୁଖ ସୁଧାରବାଦୀ ପଦକ୍ଷେପ ଭାରତୀୟ ବିଜ୍ଞାନ ପାଇଁ ସମ୍ଭାବିତ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିବ ବୋଲି ଆଶା କରାଯାଏ।

ପ୍ରଥମରେ, ୨୦୨୧–୨୨ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟରେ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ ପାଇଁ ୫୦ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି, ଯାହାକି ୫ ବର୍ଷ ମଧ୍ୟରେ ଦେଶରେ ରିସର୍ଚ୍ଚ ଇକୋସିଷ୍ଟମ୍‌ର ବିକାଶରେ ବିଶେଷ କରି ଗଭର୍ନାନ୍ସ ଓ ଫଣ୍ଡିଙ୍ଗ୍‌ରେ ବିନିଯୋଗ ହେବ। ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ ସ୍ୱୟଂଶାସିତ ଅନୁଷ୍ଠାନ ଭାବେ କାର୍ଯ୍ୟ କରିବ ଏବଂ ବିଭିନ୍ନ କ୍ଷେତ୍ରରେ ଗବେଷଣା ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରିବ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଠୁ ଆରମ୍ଭ କରି ହ୍ୟୁମାନିଟିଜ୍ କ୍ଷେତ୍ରରେ ମଧ୍ୟ ଗବେଷଣା କ । ର୍ଯ୍ୟ କ । ର ୀ ହେବ। ଦେଶରେ



ନବପ୍ରବର୍ତ୍ତନ ତଥା ଗବେଷଣା ଓ ଉନ୍ନୟନ କ୍ଷେତ୍ରକୁ ବୁଦ୍ଧିମନ୍ତ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଅନ୍ତତଃପକ୍ଷେ, ଏହା ଗବେଷଣା ଓ ଉନ୍ନୟନ, ଶିକ୍ଷାଜଗତ ଏବଂ ଶିଳ୍ପସଂସ୍ଥା ସହ ସଫଳ ସମନ୍ୱୟ ପ୍ରତିଷ୍ଠା କରିବ।

ଦ୍ୱିତୀୟରେ ଇଜ୍ ଅଫ୍ ଡୁଇଙ୍ଗ୍ ରିସର୍ଚ୍ଚ। ଭାରତରେ ବୈଜ୍ଞାନିକମାନେ ଗବେଷଣା ଅପେକ୍ଷା ବିଭିନ୍ନ ପାରିବାରିକ ଓ ପ୍ରଶାସନିକ କାର୍ଯ୍ୟକଳାପରେ ଅଧିକ ସମୟ ବିନିଯୋଗ କରିଥାନ୍ତି। ସରକାରୀ ବିଶ୍ୱବିଦ୍ୟାଳୟ ଓ ବୈଜ୍ଞାନିକ ଗବେଷଣାଗାରମାନଙ୍କରେ ଅଧିକାଂଶ ବିଧି ବ୍ୟବସ୍ଥା ଅମଲାତାନ୍ତ୍ରିକ ହୋଇଥାଏ। ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନଗୁଡ଼ିକ କେନ୍ଦ୍ରୀକୃତ ଗବେଷଣା ସୁବିଧାସୁଯୋଗ ସୃଷ୍ଟି କରିବା ଉଚିତ। ଏହାବ୍ୟତୀତ ଶିଳ୍ପସଂସ୍ଥାମାନଙ୍କ ସହ ସହଯୋଗଭିତ୍ତିକ ଗବେଷଣା କାର୍ଯ୍ୟକ୍ରମ ହାତକୁ ନେବା ଆବଶ୍ୟକ। ଗବେଷଣା ପାଇଁ ଆର୍ଥିକ ଅନୁଦାନ କିଭଳି ଓ କେଉଁ ସୂତ୍ରରୁ ଆସିବ, ସେ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲାଯିବ ଦରକାର। ଗବେଷଣା ପାଇଁ ଆବଶ୍ୟକ ପ୍ରଶାସନିକ ସହଯୋଗ ମଧ୍ୟ ବୈଜ୍ଞାନିକମାନଙ୍କର ହାତ ପାହାନ୍ତାରେ ଯୋଗାଇ ଦିଆଯିବା ଉଚିତ। ଏହା ହେଲେ ବୈଜ୍ଞାନିକମାନଙ୍କ ଚିନ୍ତାଚେତନାରେ କେବଳ ଗବେଷଣା ହିଁ ରହିପାରିବ। ଗବେଷଣା ପାଇଁ ଫଣ୍ଡିଂ ଭାଲ୍ୟୁ ଚେନ୍‌କୁ ଅନୁକୂଳ କରାଯିବା ଦରକାର। ଗବେଷଣା ପାଇଁ ପ୍ରଦାନ କରାଯାଉଥିବା ପ୍ରସ୍ତାବ (ରିସର୍ଚ୍ଚ ପ୍ରପୋଜାଲ୍)କୁ ଯୁକ୍ତିଯୁକ୍ତ ଓ ବ୍ୟବସ୍ଥିତ କରାଯିବ ଆବଶ୍ୟକ। ଏହି ପ୍ରସ୍ତାବର ଠିକ୍ ମୂଲ୍ୟାଙ୍କନ ଅପରିହାର୍ଯ୍ୟ। ସେହିପରି ବୈଜ୍ଞାନିକ ଯନ୍ତ୍ରପାତି କିଣାର ପୁରୁଣାକାଳିଆ ପଦ୍ଧତିରେ ସଂସ୍କାର ବ୍ୟବସ୍ଥାର ଆବଶ୍ୟକତା ରହିଛି।

ତୃତୀୟତଃ, ସମ୍ମିଳିତ ସହଯୋଗାତ୍ମକ ଗବେଷଣା। ଆମ ଦେଶରେ ଅଧିକାଂଶ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାଭିତ୍ତିକ ଗବେଷଣାଗାର ବିଶ୍ୱବିଦ୍ୟାଳୟମାନଙ୍କର ଅବିଚ୍ଛେଦ୍ୟ ଅଙ୍ଗଭାବେ କାର୍ଯ୍ୟ କରି ନ ଥାନ୍ତି । ସେମାନେ ସ୍ୱୟଂସମ୍ପୂର୍ଣ୍ଣ ଓ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିଥାନ୍ତି, ଯାହାକି ଅଧିକାଂଶ ବିକଶିତ ରାଷ୍ଟ୍ରଗୁଡ଼ିକରେ ଦେଖିବାକୁ ମିଳି ନଥାଏ। ତେବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାଭିତ୍ତିକ ବିଜ୍ଞାନାଗାର ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ଗୋଟିଏ ଗୋଟିଏ ଭୌଗୋଳିକ ଅଞ୍ଚଳର ଅନ୍ତର୍ଭୁକ୍ତ କରାଯାଇ ଏକୀକୃତ, ସଙ୍ଗଠିତ ଓ ସମ୍ମିଳିତ କରାଯାଉ। ସହଯୋଗାତ୍ମକ ପ୍ରୋତ୍ସାହନ, ଶାସନ ବ୍ୟବସ୍ଥାରେ ସୁଧାର, ସମ୍ବଳର ଗଣତନ୍ତ୍ରକରଣ, ଆନ୍ତର୍ଜାତିକ ଗବେଷଣା ସୁଯୋଗର ସୁବିନିଯୋଗ ତଥା ସମ୍ମିଳିତ ଉଦ୍ୟମ ତଥା ଶିଳ୍ପସଂସ୍ଥାମାନଙ୍କର ଉତ୍ତମ ସମନ୍ୱୟରେ ସାମ୍ପ୍ରତିକ ଗବେଷଣାର ମୌଳିକ ରୂପରେଖରେ ଆମୂଳଚୂଳ ପରିବର୍ତ୍ତନ ହୋଇପାରିବ। ଏହା ଦୀର୍ଘମିଆଦୀ ଭାବେ ଅତ୍ୟନ୍ତ ଫଳପ୍ରଦ ହେବ, ଯଦି ଆମେ ବିଷୟଗତ ଯୋଗସୂତ୍ର ଓ ଅନ୍ତର୍ବିଷୟକ ଏକୀକରଣ ସହିତ ସଂଯୋଗଶୀଳତା ଓ ଉତ୍ତମ କାର୍ଯ୍ୟପଦ୍ଧତି ଯୁକ୍ତ ଭୌଗୋଳିକ ସମୂହୀକରଣ ସୃଷ୍ଟି କରିପାରିବା। ଏହା ପ୍ରତିଯୋଗିତାମୂଳକ ହୋଇ ଆନ୍ତର୍ଜାତିକ ରିସର୍ଚ୍ଚ ପ୍ରୋଜେକ୍ଟ ଲାଭ କରିବାରେ ଅଧିକ ସହାୟକ ହେବ। ଏହା ମାଧ୍ୟମରେ ବିଦେଶରୁ ବଛା ବଛା ଫାକଲ୍‌ଟି ଏବଂ ଗବେଷକମାନେ ମଧ୍ୟ ଉପଲବ୍ଧ ହୋଇପାରିବେ।

ଚତୁର୍ଥରେ, ସର୍ବସାଧାରଣଙ୍କ କଳ୍ପନା ରାଇଜରେ ବିଜ୍ଞାନ। ଭାରତରେ ବିଜ୍ଞାନକୁ ନେଇ କୌଣସି ଉତ୍ସବ ପାଳନ କରାଯାଇ ନ ଥାଏ ଏବଂ ଦେଶରେ ଖୁବ୍ କମ୍ ସଂଖ୍ୟକ ବୈଜ୍ଞାନିକ ଅଛନ୍ତି ଯେଉଁମାନେ କି ଲୋକଙ୍କ ମାନସପଟ୍ଟରେ ରହିଛନ୍ତି। ଛପା ଓ ବୈଦ୍ୟୁତିକ ଗଣମାଧ୍ୟମ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ କ୍ୱଚିତ ଖବର, ସୂଚନା ପ୍ରଦାନ କରିଥାନ୍ତି। ଜନପ୍ରିୟ ବିଜ୍ଞାନଭିତ୍ତିକ ଚଳଚ୍ଚିତ୍ର, ଓଟିଟି ପ୍ଲାଟ୍‌ଫର୍ମ କିମ୍ବା ପୁସ୍ତକ ସଂଖ୍ୟା ମଧ୍ୟ ଖୁବ୍ କମ୍। ଏଭଳି ସ୍ଥିତି ପରିବର୍ତ୍ତନ ହେବା ଆବଶ୍ୟକ। ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନଗୁଡ଼ିକରେ ଏକ ସୁଦୃଢ଼ ବିଜ୍ଞାନ ସଞ୍ଚାର ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଦରକାର।

ଭାରତ ପାଇଁ ବଡ଼ ଆବଶ୍ୟକତା ହେଉଛି ବିଜ୍ଞାନ ଓ ସମାଜ ମଧ୍ୟରେ ଥିବା ଶୂନ୍ୟସ୍ଥାନ ଯଥାଶୀଘ୍ର ପୂରଣ କରିବା। ଭାରତର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏଜେଣ୍ଡାରେ ନୂତନ ପ୍ରାଣ ସଞ୍ଚାର କରି ଦେଶର ଗବେଷଣା ଓ ଉନ୍ନୟନ ମେରୁଦଣ୍ଡକୁ ସୁଦୃଢ଼ କରିବାର ସମୟ ଆଜି ଉପଗତ। ପ୍ରକୃତପକ୍ଷେ ଭାରତ ୨୦୨୦–୩୦ ଦଶନ୍ଧିକୁ ଆମ ବିଜ୍ଞାନ ପାଇଁ ଆମୂଳଚୂଳ ପରିବର୍ତ୍ତନର ଦଶନ୍ଧି ବୋଲି ଘୋଷଣା କରି ତଦନୁଯାୟୀ ପଦକ୍ଷେପ ଗ୍ରହଣ କରିବା ବିଧେୟ।

ମୋ: ୯୩୩୮୨୦୪୯୯୩



# ଶ୍ରେଷ୍ଠ ଗୁରୁ ଓ ଆଦର୍ଶ ଛାତ୍ର

ଗୋଲଖ ଚନ୍ଦ୍ର ଦାସ

ସ୍ଥାନଟି ହେଉଛି ଥିରୁଭାନନ୍ତପୁରମ୍ ସମୁଦ୍ରକୂଳ। ଏଠାରେ ଜଣେ ଭଦ୍ରବ୍ୟକ୍ତି ଧୋତି ପିନ୍ଧି ଶାଲ୍ ଘୋଡ଼େଇ ହୋଇ ଭଗବଦ୍ ଗୀତା ପାଠ କରୁଥିଲେ। ସେହି ସମୟରେ ଜଣେ ଯୁବକ ଆସି ତାଙ୍କ ପାଖରେ ବସିପଡ଼ିଲେ। ଯୁବକ ଜଣକ ସମୁଦ୍ରକୁ ଅନାଇବା ସହିତ ପାଖରେ ଥିବା ଭଦ୍ରବ୍ୟକ୍ତିଙ୍କ ଉପରେ ମଧ୍ୟ ନଜର ରଖିଥାନ୍ତି। ଭଦ୍ରବ୍ୟକ୍ତି ଜଣଙ୍କ ଏକ ଲୟରେ ଗୀତା ପାଠ କରୁଥାନ୍ତି। ଯୁବକ ଜଣଙ୍କ କିଛି ସମୟ ବସିବା ପରେ ଭଦ୍ରବ୍ୟକ୍ତିଙ୍କୁ ପଚାରିଲେ ‘ଆପଣ ଯେଉଁ ପୁସ୍ତକଟି ପାଠ କରୁଛନ୍ତି ତା’ର ନାମ କ’ଣ? ’ଭଦ୍ରବ୍ୟକ୍ତି ଜଣଙ୍କ ଉତ୍ତର ଦେଇଥିଲେ ‘ଭଗବଦ୍ ଗୀତା’। ଯୁବକ ଜଣଙ୍କ କହିଲେ ‘ଭଗବଦ୍ ଗୀତା, ଏଭଳି ଧର୍ମଗ୍ରନ୍ଥ ପଢ଼ିବାରେ କୌଣସି ଲାଭ ଅଛି, ଦେଖନ୍ତୁ ଦୁନିଆ ଚନ୍ଦ୍ରରେ ପହଞ୍ଚି ଗଲାଣି, ତଥାପି ତୁମେ ଗୀତା ଏବଂ ରାମାୟଣ ପାଖରେ ଅଟକି ରହିଛ।’ ଭଦ୍ରବ୍ୟକ୍ତି ଜଣଙ୍କ ଯୁବକଙ୍କୁ ପଚାରିଲେ ‘ତୁମେ ଗୀତା ବିଷୟରେ କ’ଣ ଜାଣିଛ? କେବେ ଗୀତା ପାଠ କରିଛ?’ ଯୁବକ ଜଣଙ୍କ ନୀରବ ରହିଲେ ଏବଂ କିଛି ସମୟ ପରେ କହିଲେ ‘ଏସବୁ ପଢ଼ିଲେ କ’ଣ ହେବ? ମୁଁ ତ ବିକ୍ରମ ସରାଭାଇ ଗବେଷଣା ପ୍ରତିଷ୍ଠାନର ଛାତ୍ର। ମୁଁ ଜଣେ ବୈଜ୍ଞାନିକ। ମୋ ପାଇଁ ଗୀତା ପାଠ କୌଣସି କାମରେ ଆସିବ ନାହିଁ। ’ ଯୁବକର କଥା ଶୁଣି ଭଦ୍ରବ୍ୟକ୍ତି ଜଣଙ୍କ ହସିଲେ ଏବଂ ପୁଣି ଗୀତା ପାଠରେ ମଗ୍ନ ରହିଲେ।

କିଛି ସମୟ ମଧ୍ୟରେ ଦୁଇଟି ଗାଡ଼ି ଆସି ସେଠାରେ ଅଟକି ଗଲା। ଗୋଟିଏ କାର୍‌ରୁ କିଛି ଆର୍ମ ଗାର୍ଡ ଓହ୍ଲାଇଲେ ଏବଂ ଅନ୍ୟ ଏକ କାର୍‌ରୁ ଜଣେ ସିପାହି ଓହ୍ଲାଇଲେ। ସିପାହି ଜଣଙ୍କ ଅଭିବାଦନ ଜଣାଇ କାର୍‌ର ପଛ କବାଟ ଖୋଲି ଠିଆ ହେଲେ। ଗୀତା ପାଠ କରୁଥିବା ଭଦ୍ରବ୍ୟକ୍ତି ଜଣଙ୍କ ଧୀରେ ଧୀରେ କାର୍ ଭିତରେ ଯାଇ ବସିଲେ। ଏହା ସେହି ଯୁବକ ଜଣକ ଦେଖୁଥାନ୍ତି। ଏସବୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ। ଗୀତା ପାଠ କରୁଥିବା ବ୍ୟକ୍ତି ଜଣଙ୍କ ନିଶ୍ଚୟ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ବୋଲି ତାଙ୍କ ମନରେ ଧାରଣା ଆସିଗଲା। ଗାଡି ଦୁଇଟି ଚାଲିଯିବା ପୂର୍ବରୁ ଭଦ୍ରବ୍ୟକ୍ତିଙ୍କ ବିଷୟରେ ଜାଣିବା ପାଇଁ ଯୁବକ ଜଣଙ୍କ ଦୌଡି ଯାଇ ଗାଡି ପାଖରେ ଠିଆ ହୋଇଗଲେ ଏବଂ ପଚାରିଲେ ‘ସାର୍ ଆପଣଙ୍କ ନାଁ କ’ଣ, ଆପଣଙ୍କ ପରିଚୟ ଜାଣିବାକୁ ଚାହେଁ।’ ଭଦ୍ରବ୍ୟକ୍ତି ଜଣଙ୍କ ଅତି ନିମ୍ନ ସ୍ୱରରେ କହିଲେ ‘ମୁଁ ବିକ୍ରମ ସରାଭାଇ।’ ଯୁବକଟି ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ପ୍ରଣାମ କଲେ। ଭଗବଦ୍ ଗୀତା କାହିଁକି ପଢୁଛନ୍ତି ବୋଲି କହିଥିବାରୁ କ୍ଷମା ମାଗିଲେ। ଏହାପରେ ବିକ୍ରମ ସରାଭାଇ ତାଙ୍କୁ କହିଥିଲେ ‘ତୁମେ ଭଗବଦ୍ ଗୀତା ପଢ଼, ଏହାର ଉପାଦେୟତା ନିଶ୍ଚୟ ଜାଣିପାରିବ। ତୁମେ ଯେଉଁ କାମ କର, ସେହି କାମ ନିଷ୍ଠାର ସହିତ ଏବଂ ନିଃସ୍ୱାର୍ଥ ଭାବରେ କରିବାର ପ୍ରେରଣା ଭଗବଦ୍ ଗୀତାରୁ ହିଁ ମିଳିଥାଏ। ’

ବିକ୍ରମ ସରାଭାଇଙ୍କୁ ପ୍ରଶ୍ନ କରିଥିବା ବ୍ୟକ୍ତି ଜଣଙ୍କ ଆଉ କେହି ନୁହନ୍ତି, ଆମ ଦେଶର ପୂର୍ବତନ ରାଷ୍ଟ୍ରପତି ଡ. ଏ. ପି. ଜେ. ଅବଦୁଲ କଲାମ। ସେ ‘ମିସାଇଲ୍ ମ୍ୟାନ ଅଫ୍ ଇଣ୍ଡିଆ’ ରୂପେ ଜଣାଶୁଣା ଓ ଦେଶର ପ୍ରତିରକ୍ଷା ପ୍ରଯୁକ୍ତି ବିକାଶରେ ଏକ ପ୍ରେରଣା ଶକ୍ତି ଥିଲେ। ତାଙ୍କର ମହାନ୍ ଅବଦାନ ଦେଶକୁ ଆଣବିକ ରାଷ୍ଟ୍ର ଗୋଷ୍ଠୀରେ ଠିଆହେବାର ସୁଯୋଗ ଦେଇଥିଲା। ଅବଦୁଲ କଲାମ ସେହି ଦିନ ବିକ୍ରମ ସରାଭାଇଙ୍କୁ ନିଜର ଗୁରୁ ରୂପେ ମାନିନେଲେ ଏବଂ ଗୀତା ପଢ଼ିବା ଆରମ୍ଭ କଲେ। ଇସ୍ରୋରେ ଗବେଷଣା କରିବା ସମୟରେ କଲାମଙ୍କୁ ଗୁରୁ ବିକ୍ରମ ସରାଭାଇଙ୍କ ସହଯୋଗ ଓ ମାର୍ଗଦର୍ଶନ ମଧ୍ୟ ମିଳିଥିଲା।



ଅବଦୁଲ କଲାମ ୧୫ ଅକ୍ଟୋବର ୧୯୩୧ରେ ତାମିଲନାଡୁର ରାମେଶ୍ୱରମ୍‌ରେ ଏକ ମୁସଲମାନ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଭଗବଦ୍ ଗୀତା ସହିତ ରାମାୟଣ, ମହାଭାରତ ଏବଂ ଅନ୍ୟାନ୍ୟ ବୈଦିକ ଗ୍ରନ୍ଥ ମଧ୍ୟ ଅଧ୍ୟୟନ କରିଥିଲେ। ବିଦେଶ ଯାଇ ନିଜର ଭବିଷ୍ୟତ ତିଆରି କରିବା ଏବଂ ଅନ୍ୟପଟେ ଦେଶରେ ରହି କିଛି କରିବା, ଏହି ଦୁଇଟିରୁ ଗୋଟିଏ ବାଛିବା କଷ୍ଟସାଧ୍ୟ ଥିଲା। ଏହି ସମୟରେ ଗୀତା ତାଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା। ଶେଷରେ ସେ ସ୍ଥିର କରିଥିଲେ ଟଙ୍କା ପାଇଁ ବିଦେଶ ନ ଯାଇ ଏଠାରେ ରହି ଦେଶ ସେବା କରିବାର ସୁଯୋଗ ହାତଛଡା କରିବେ ନାହିଁ। ୧୯୫୮ରେ ସେ ଡିଆର୍‌ଡିଓରେ ସାମିଲ ହେଲେ। ଡ.କଲାମ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ‘ଗୀତା ଏକ ବିଜ୍ଞାନ ଏବଂ ଭାରତୀୟମାନଙ୍କ ସାଂସ୍କୃତିକ ଐତିହ୍ୟ ପାଇଁ ଅତ୍ୟନ୍ତ ଗର୍ବର ବିଷୟ।’

ଅବଦୁଲ କଲାମ ଥରେ ତାଙ୍କ ଭାଷଣରେ ସେ ନିଜେ କହିଥିଲେ ‘ବିକ୍ରମ ସରାଭାଇ ମୋତେ ଚିହ୍ନିଥିଲେ, ମୁଁ ଅଧ୍ୟୟନରେ ଦୁର୍ବଳ ଥିଲି କିନ୍ତୁ ମୁଁ ବହୁତ ପରିଶ୍ରମୀ ଥିଲି। ଯେତେବେଳେ ସେ ମୋତେ ଜଣେ ଯୁବ ବୈଜ୍ଞାନିକ ଭାବରେ ସୁଯୋଗ ଦେଲେ ସେତେବେଳେ ମୁଁ ବହୁତ କିଛି ଜ୍ଞାନ ଅର୍ଜନ କରିଛି ଓ ଶିଖିଛି। ଏହାପରେ ସେ ମୋତେ ଆଗକୁ ବଢ଼ିବା ପାଇଁ ସହଯୋଗ କରିଥିଲେ। ଯେତେବେଳେ ମୁଁ ଶିଡି ତଳେ ଥିଲି ସେତେବେଳେ ମୋତେ ଆଗକୁ ବଢ଼ିବାର ଦାୟିତ୍ୱ ଅର୍ପଣ କରିଥିଲେ। ଯେତେବେଳେ ମୁଁ ବିଫଳ ହୁଏ, ସେ ସମୟରେ ମୋତେ ସାହାଯ୍ୟ କରିବା ପାଇଁ ସର୍ବଦା ମୋ ପାଖରେ ଠିଆ ହୋଇଥାନ୍ତି। ‘ବିକ୍ରମ ସରାଭାଇଙ୍କ ଠାରୁ ସେ କେବଳ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଷୟରେ ଜାଣିଥିଲେ ତାହା ନୁହେଁ ବରଂ ଜୀବନ ଏବଂ ନେତୃତ୍ୱର ସମସ୍ତ ବିଷୟ ଶିକ୍ଷା କରିଥିଲେ। ଅବଦୁଲ କଲାମ ନିଜକୁ ବିକ୍ରମ ସରାଭାଇଙ୍କ ଆବିଷ୍କାର ବୋଲି କହୁଥିଲେ।

ଅବଦୁଲ କଲାମ ଯାହାଙ୍କୁ ଗୁରୁଭାବରେ ବିବେଚନା କରୁଥିଲେ ସେ ହେଉଛନ୍ତି ଭାରତୀୟ ମହାକାଶ କାର୍ଯ୍ୟକ୍ରମର ପିତାମହ ବିକ୍ରମ ସରାଭାଇ। ଏହି ଶ୍ରେଷ୍ଠ ଗୁରୁଙ୍କର ଆଦର୍ଶ ଛାତ୍ର କଲାମ ମଧ୍ୟ ନିଜକୁ ଜଣେ ମହାନ୍‌ଗୁରୁ ରୂପେ ପ୍ରତିପାଦିତ କରିପାରିଛନ୍ତି। ସେ ପରୋକ୍ଷ ବା ପ୍ରତ୍ୟକ୍ଷରେ ହେଉ ତାଙ୍କ ସମୟକାଳରେ ଗବେଷଣା କ୍ଷେତ୍ରରେ ଏପରି କାର୍ଯ୍ୟ କରିଛନ୍ତି ଯେଉଁଥିପାଇଁ ତାଙ୍କୁ ସମସ୍ତେ ଜଣେ ଆଦର୍ଶ ପୁରୁଷ ଭାବି ଶ୍ରଦ୍ଧା ଓ ସମ୍ମାନ କରନ୍ତି।

**ଘିଗିଡିଆ, ବାରୁଅ, କେନ୍ଦ୍ରାପଡ଼ା**
**ମୋ: ୯୮ ୬୧୦୨୮୫୫୩**

## ଏଇ ଭାରତରେ

ପେସାରେ ଡାକ୍ତର କିନ୍ତୁ ନିଶା ଜୈବିକ ଡ୍ରାଗନ୍ ଫ୍ରୁଟ ଚାଷ। ହାଇଦ୍ରାବାଦର ଡ.ଶ୍ରୀନିବାସ ରାଓ ମାଧବମ ଏହି ଚାଷ କରୁଛନ୍ତି। ଦୁଇଟି ବୃତ୍ତିକୁ ଏକସାଙ୍ଗରେ ନେଇ ଚାଲିବାରେ ତାଙ୍କର କୌଣସି ସମସ୍ୟା ହେଉନାହିଁ, ବରଂ ଗୋଟିଏ ଦିନରେ ଦୁଇଟି କାମ କରି ଖୁସି ରହୁଛନ୍ତି ବୋଲି କହନ୍ତି ୩୬ ବର୍ଷୀୟ ଡ.ମାଧବମ୍। ମେଡିସିନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ସକାଳ ୭ରୁ ୧୨ଟା ଯାଏ ମେଡିକାଲ ଡ୍ୟୁଟି କରିବା ପରେ ବାକିତକ ସମୟରେ ସେ କ୍ଷେତରେ କଟାଉଛନ୍ତି। ଏପରି କି ବିଳମ୍ବିତ ରାତିଯାଏ କ୍ଷେତରେ ରହୁଛନ୍ତି। ୨୦୧୬ରେ ସେ ଏହି ଚାଷ ଆରମ୍ଭ କରିଥିଲେ । ତେଲଙ୍ଗାନାର ସାଙ୍ଗାରେଡ୍ଡୀରେ ଥିବା ୩୦ ଏକର ଫାର୍ମରେ ଏବେ ସେ ୪୫ ପ୍ରକାର ଡ୍ରାଗନ୍ ଫ୍ରୁଟ ଚାଷ କରିଛନ୍ତି। ୬୦,୦୦୦ ଡ୍ରାଗନ ଫ୍ରୁଟ ଗଛ ଲଗାଇଛନ୍ତି ଓ ସେଥିରୁ ପାଖାପାଖି ୧୦୦ ଟନ୍ ଫଳ ପାଉଛନ୍ତି। ଏଥିରୁ ସେ ବାର୍ଷିକ ଦେଢ଼କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟବସାୟ କରୁଛନ୍ତି। ଏହି ଚାଷ ଲାଗି ଭିଏତ୍‌ନାମ, ତାଇୱାନ, ଫିଲିପାଇନ୍ସ ସମେତ ୧୩ଟି ଦେଶକୁ ଯାଇଛନ୍ତି। ଭିଏତ୍‌ନାମରେ ପ୍ରଶିକ୍ଷଣ ନେଇ ଚାଷ ସମ୍ପର୍କିତ ଜ୍ଞାନ ହାସଲ କରିଛନ୍ତି। ସେ ମଧ୍ୟ ଏହା ଉପରେ ଗବେଷଣା କରିବା ସହ ଡ୍ରାଗନ୍ ଫ୍ରୁଟ ଚାଷର ବିକାଶ ପାଇଁ ଚେଷ୍ଟା କରୁଛନ୍ତି। କେବଳ ଏତିକି ନୁହେଁ, ମାଧବମ୍ ଦେଶର ବିଭିନ୍ନ ଅଞ୍ଚଳର ୫,୦୦୦ରୁ ଅଧିକ ଚାଷୀଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଇସାରିଲେଣି। ଏକ ନର୍ସରି କରି ଚାଷୀମାନଙ୍କୁ ଚାରା ଯୋଗାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଜୁଲାଇ ୧୯୯୭

- ଆଲଜେରିଆରେ ସଶସ୍ତ୍ର ମୁସଲିମ ଉଗ୍ରପନ୍ଥୀମାନେ ଗ୍ରାମବାସୀଙ୍କ ଉପରେ ରାତିଅଧିଆ ଆକ୍ରମଣ କରି ୩୭ ନିରୀହ ବ୍ୟକ୍ତିଙ୍କୁ ଗଳାକାଟି ହତ୍ୟା କରିଛନ୍ତି।
- ଆସାମରେ ଆସାମ ଗଣପରିଷଦ (ଏଜିପି) ନେତୃତ୍ୱାଧୀନ ମିଳିତ ସରକାରଠାରୁ ପିପୁଲ୍ସ ଡେମୋକ୍ରାଟିକ୍ ଫ୍ରଣ୍ଟ (ପିଡିଏଫ୍)ର ସମର୍ଥନ ପ୍ରତ୍ୟାହାର।

## ଚିରନ୍ତନୀ

ଅନ୍ଧକାରେ
ମୋ ପାଶେ ବସି
ଗାଇଲ କିଏ ଗୀତ
ସ୍କନ୍ଧେ ରଖି ପରଶ–ନବନୀତ !
–(ସନ୍ଧ୍ୟା ପଥେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 6 | | 2 | | | | |
| | | | | | | | | 1 |
| | | 2 | 3 | | | | | |
| | | 9 | | | 5 | | | |
| | 4 | 7 | | | | | 5 | 6 |
| | | 8 | | | | 2 | 3 | |
| | 6 | | | | | 4 | 7 | |
| | | 3 | | 9 | 4 | | | |
| | 2 | | | 3 | | 9 | 8 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 1 | 2 | 6 | 8 | 7 | 4 | 9 |
| 9 | 7 | 4 | 1 | 5 | 3 | 8 | 6 | 2 |
| 6 | 2 | 8 | 4 | 9 | 7 | 3 | 5 | 1 |
| 3 | 6 | 7 | 9 | 4 | 2 | 1 | 8 | 5 |
| 4 | 8 | 9 | 3 | 1 | 5 | 2 | 7 | 6 |
| 1 | 5 | 2 | 7 | 8 | 6 | 4 | 9 | 3 |
| 7 | 4 | 6 | 5 | 3 | 1 | 9 | 2 | 8 |
| 8 | 9 | 3 | 6 | 2 | 4 | 5 | 1 | 7 |
| 2 | 1 | 5 | 8 | 7 | 9 | 6 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭଲ ମଣିଷ ହୁଅ

ମହାଶୟ, ଭାଗବତରେ ଉଲ୍ଲେଖ ଅଛି ‘‘ମଣିଷ ଦେହେ ଦିବ୍ୟ ଜ୍ଞାନ, ଦେଖି ସନ୍ତୋଷ ଭଗବାନ।’’ ଅର୍ଥାତ୍ ମଣିଷକୁ ସୃଷ୍ଟି କରିଥିବା ଭଗବାନ (ମାତା ଓ ପିତା) ନିଜ ସନ୍ତାନ ଦିବ୍ୟ ଜ୍ଞାନ ଅନୁସରଣ ତଥା ଅନୁପାଳନ କରିବା ଦେଖି ସନ୍ତୋଷ ହୁଅନ୍ତି। ବେଳେ ବେଳେ ଏହି ମଣିଷଙ୍କ ମଧ୍ୟରୁ କେତେକ ପରିସ୍ଥିତିର ବାଧକତା କିମ୍ବା କୁସଂସର୍ଗରୁ ଆପରାଧିକ କାର୍ଯ୍ୟ କରି ସମାଜରେ ନିନ୍ଦିତ ହୋଇଥାଆନ୍ତି। ଏଣୁ ଅସାମାଜିକ କାର୍ଯ୍ୟରୁ ଦୂରେଇ ରହି ପଣ୍ଡିତ ରାମକୃଷ୍ଣ ନନ୍ଦଙ୍କ ‘ଆହେ ଦୟାମୟ ବିଶ୍ୱ ବିହାରୀ’ ପ୍ରାର୍ଥନାକୁ ବୁଝିଲେ ନିଶ୍ଚୟ ଭଲ ମଣିଷ ହୋଇପାରିବା।

**–ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନୂଆଦିଲ୍ଲୀ ୧୧ ଆକବର ରୋଡ୍‌ସ୍ଥିତ ବାସଭବନରେ ମଙ୍ଗଳବାର ବିଜେଡିର ଲୋକ ସଭା ଏବଂ ରାଜ୍ୟ ସଭାର ସଦସ୍ୟମାନେ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ ଜଗଦୀପ୍ ଧନ୍‌କଡଙ୍କୁ ଭେଟି ଶୁଭେଚ୍ଛା ଜଣାଉଛନ୍ତି।

# କଂଗ୍ରେସର ସମସ୍ତେ ଗାନ୍ଧୀ ପରିବାର ସହ ଅଛନ୍ତି: ଶରତ

**ସୋନିଆଙ୍କୁ ଇଡି ଜେରା ଘଟଣାରେ ସତ୍ୟାଗ୍ରହ**

- ରାସ୍ତାରେ ଗର୍ଜିଲା ମହିଳା କଂଗ୍ରେସ
- ରାହୁଲଙ୍କୁ ପୋଲିସ ଅଟକ ରଖିବା ନେଇ ଛାତ୍ର କଂଗ୍ରେସର ଆନ୍ଦୋଳନ

ଭୁବନେଶ୍ୱର, ୨୬।୭(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରରୋଚିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡ଼ି) କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ନାଶନାଲ ହେରାଲ୍ଡ ମାମଲାରେ ବାରମ୍ବାର ଜେରା କରିବାକୁ ଡାକି ନିର୍ଯାତନା ଦେଉଛି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା, କର୍ମୀ ପିଏମ୍‌ଜି ଛକରେ ସତ୍ୟାଗ୍ରହ କରିଛନ୍ତି। ସତ୍ୟାଗ୍ରହ ପରେ ମହିଳା କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ ସହ ଭାଜପାର ଏହା ହୀନ ରାଜନୀତି ବୋଲି ସ୍ଲୋଗାନ ଦିଆଯାଇଥିଲା। ଅନ୍ୟପକ୍ଷରେ ଦିଲ୍ଲୀରେ ରାହୁଲ ଗାନ୍ଧୀ ରାସ୍ତାରେ ବସି ପ୍ରତିବାଦ ଜଣାଉଥିବା ବେଳେ ପୋଲିସ ତାଙ୍କୁ ସେଠାରୁ ଉଠାଇନେଇ ଅଟକ ରଖିବା କଥାକୁ ରାଜ୍ୟର ଛାତ୍ର କଂଗ୍ରେସ ହଜମ କରିପାରିନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ ନେତା ଓ କର୍ମୀମାନେ ଦୀର୍ଘ ସମୟ ରାସ୍ତାରେ ଆନ୍ଦୋଳନ କରିଛନ୍ତି। ଫଳରେ କିଛି ସମୟ ରାସ୍ତା ଜାମ୍ ହୋଇଥିଲା । ଅନ୍ୟପକ୍ଷରେ କେନ୍ଦ୍ର ସରକାର ନିଜ ବିଫଳତା ଲୁଚାଇବାକୁ ତଦନ୍ତକାରୀ ସଂସ୍ଥାଗୁଡିକର ଅପବ୍ୟବହାର କରି ଏଭଳି ଡରାଇବାର ଉଦ୍ୟମ ଚଳାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ନିନ୍ଦିତ କରିବା ଲାଗି ଏକ ପ୍ରକାର ଅପଚେଷ୍ଟା ଚଳାଇଛନ୍ତି। ଶାସନ କ୍ଷମତାକୁ ଆସିବା ପୂର୍ବରୁ ଦେଶର ଜନଗଣଙ୍କୁ ଭାଜପା ଯେଉଁ ପ୍ରତିଶ୍ରୁତି ଦେଇଥିଲା ସେଥିରୁ ଗୋଟିଏ ବି ପୂରଣ ହୋଇନାହିଁ। ଏପରି ସ୍ଥଳେ ଏସବୁ ସମସ୍ୟାକୁ ନେଇ ଯେତେବେଳେ ସୋନିଆ ଓ ରାହୁଲ ପାର୍ଲାମେଣ୍ଟ ଭିତରେ ଏବଂ ବାହାରେ ସରକାରଙ୍କ ନୀତି ଓ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରୁଥିବାରୁ ଇଡି, ସିବିଆଇ ଓ ଆଇଟିର ଭୟ ଦେଖାଇ ସେମାନଙ୍କ ମୁହଁ ବନ୍ଦ କରିବାକୁ ଚେଷ୍ଟା ଚାଲିଛି। ଏହି ଅବସରରେ ଶରତ ପଟ୍ଟନାୟକ କହିଛନ୍ତି, ମୋଦି ସରକାର ଆକ୍ରୋଶମୂଳକ ରାଜନୀତି ଚଳାଇଛନ୍ତି। ଏହାକୁ ଦୃଢ଼ ନିନ୍ଦା କରିବା ସହିତ ସାରା ରାଜ୍ୟର ସମସ୍ତ କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତା ସୋନିଆ ଗାନ୍ଧୀଙ୍କ ପଛରେ ଛିଡ଼ା ହୋଇଥିବା ସେ କହିଛନ୍ତି।



ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଆୟୋଜିତ ସତ୍ୟାଗ୍ରହରେ ଉପସ୍ଥିତ ଦଳୀୟ ନେତୃମଣ୍ଡଳୀ।

# କାଶୀପୁର ହଇଜା ମୃତ୍ୟୁ ମନୁଷ୍ୟକୃତ: ଭାଜପା

- ପ୍ରକୃତ ମୃତ୍ୟୁ ସଂଖ୍ୟା ଲୁଚାଉଛନ୍ତି ସରକାର
- ମୃତ ୫ ଜଣଙ୍କ ପୋଷ୍ଟମର୍ଟମ ରିପୋର୍ଟର ନକଲ ଦିଅ

ଭୁବନେଶ୍ୱର, ୨୬।୭(ବ୍ୟୁରୋ)



ମୋହନ ମାଝି

ରାୟଗଡ଼ା ଜିଲା କାଶୀପୁର ବ୍ଲକର ଲୋକେ ଦୂଷିତ ଜଳ ପିଇବା ଏବଂ ବିଷାକ୍ତ ଖାଦ୍ୟ ଖାଉଥିବାରୁ ଝାଡ଼ାବାନ୍ତିରେ ପଡ଼ିଛନ୍ତି। ନିଜ ଆବଶ୍ୟକତା ପୂରଣ ପାଇଁ ଏବେ ବି ସେମାନେ କେନାଲ ପାଣି ଉପରେ ନିର୍ଭର କରୁଛନ୍ତି। ନାଳ ନର୍ଦ୍ଦମା ଓ ଡ୍ରେନ୍ ପାଖ ଦେଇ କେନାଲରୁ ପାଇପ ଯୋଗେ ଆସୁଥିବା ପାନୀୟ ଜଳ ପ୍ରକୃତରେ ପାନୀୟ ଉପଯୋଗୀ ନୁହେଁ। ବାସ୍ତବରେ କାଶୀପୁର ହଇଜା ଘଟଣା ମନୁଷ୍ୟକୃତ ଏବଂ ଏହି ପରିସ୍ଥିତି ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି। ମଙ୍ଗଳବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୋହନ କହିଛନ୍ତି, ୨୦୦୨ରୁ ସେହି ଅଞ୍ଚଳରେ ପ୍ରାୟ ପ୍ରତିବର୍ଷ ଝାଡ଼ାବାନ୍ତି ଓ ହଇଜା କାରଣରୁ ବହୁ ସଂଖ୍ୟାରେ ପ୍ରାଣହାନି ହେଉଛି। ୨୦୦୭ରେ ଏହା ମହାମାରୀର ରୂପ ନେବା ସହିତ କାଶୀପୁର ବ୍ଲକ ସଂଲଗ୍ନ ଅଞ୍ଚଳ କଳାହାଣ୍ଡିର ଥୁଆମୂଳ ରାମପୁର, କୋରାପୁଟର ଲକ୍ଷ୍ମୀପୁର ଓ ଗଜପତି ଜିଲାର ମୋହନା ବ୍ଲକକୁ ମଧ୍ୟ ସଂକ୍ରମିତ ହୋଇଥିଲା। ତେବେ ବର୍ତ୍ତମାନ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାକୁ ଅସମର୍ଥ ହୋଇଥିବାରୁ ଏହା କଲେରା ଭଳି ମହାମାରୀ ରୂପ ନେଇଛି। ଏବେ ସୁଦ୍ଧା କାଶୀପୁରରେ ୧୪ ଜଣଙ୍କ ଜୀବନ ଯାଇଛି। ଶତାଧିକ ଲୋକ ଚିକିତ୍ସାଧୀନ ଅଛନ୍ତି। ମୃତ୍ୟୁ ସଂଖ୍ୟା ଲୁଚାଇ ହଇଜାର ଭୟାବହତା ଚାପିଦେବାକୁ ସ୍ଥାନୀୟ ପ୍ରଶାସନ ଚେଷ୍ଟା ଚଳାଇଛି। ଯେଉଁ ୪ରୁ ୫ଜଣ ଲୋକଙ୍କ ମୃତ୍ୟୁ ଝାଡ଼ାବାନ୍ତି, ହଇଜା ଯୋଗୁ ଘଟିଛି, ସ୍ଥାନୀୟ ପ୍ରଶାସନ ସେଗୁଡିକୁ ସ୍ୱାଭାବିକ ମୃତ୍ୟୁ ବୋଲି ଦାବି କରୁଛି। ଯଦି ସେଗୁଡିକ ସ୍ୱାଭାବିକ ମୃତ୍ୟୁ ତେବେ କେତେଜଣଙ୍କ ଶବ ବ୍ୟବଚ୍ଛେଦ ହୋଇଛି ଏବଂ ତା'ର ନକଲ ସାର୍ବଜନୀନ କରାଯାଉ ବୋଲି କହିଛନ୍ତି । ମୃତ୍ୟୁବରଣ କରିଥିବା ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ଲାଗି ମୋହନ ଦାବି କରିଛନ୍ତି।

# 'ଭାଜପା, ଟିଏମ୍‌ସି, ବିଜେଡି ଏମ୍‌ପିଙ୍କୁ ଫୋନ କରିବି ନାହିଁ'

**ମାର୍ଗାରେଟଙ୍କ ଫୋନ୍ ଟ୍ୟାପିଂ ଅଭିଯୋଗକୁ ଖଣ୍ଡନ କଲେ ମନ୍ତ୍ରୀ**

ନୂଆଦିଲ୍ଲୀ, ୨୬।୭

ଉପରାଷ୍ଟ୍ରପତି ପଦ ପାଇଁ ବିରୋଧୀ ଦଳ ପ୍ରାର୍ଥୀ ମାର୍ଗାରେଟ ଆଲ୍‌ଭା ଏକ ଟୁଇଟ୍ କରି ଅଭିଯୋଗ କରିଛନ୍ତି ଯେ, ତାଙ୍କ ମୋବାଇଲ ଫୋନରୁ କଲ ଯାଉନାହିଁ କି ଆସୁନାହିଁ। ଏଥିସହ ଏମ୍‌ଟିଏନଏଲ ଉପରେ କ୍ଷୋଭ ପ୍ରକାଶ କରି କହିଛନ୍ତି, ଯଦି ଫୋନ ସେବା ପୁଣି ସ୍ୱାଭାବିକ କରାଯାଏ ତେବେ ସେ ଭାଜପା, ଟିଏମ୍‌ସି ଏବଂ ବିଜେଡିର କୌଣସି ଏମ୍‌ପିଙ୍କ ସହ କଥା ହେବେ ନାହିଁ। ସୂଚନାଯୋଗ୍ୟ, ଉପରାଷ୍ଟ୍ରପତି ପ୍ରାର୍ଥୀ ଆଲ୍‌ଭା ଏମ୍‌ଟିଏନଏଲ୍‌କୁ ଟୁଇଟ୍ କରି କହିଛନ୍ତି ଯେ, ଏମ୍‌ଟିଏନଏଲ ତାଙ୍କ କେୱାଇସିରେ ଥିବା ସିମ୍ କାର୍ଡକୁ ୨୪ ଘଣ୍ଟା ପାଇଁ ବ୍ଲକ କରିଦେଇଛି। କିଛି ଭାଜପା ବନ୍ଧୁଙ୍କ ସହ ସୋମବାର କଥାହେବା ପରେ ତାଙ୍କ ଫୋନରୁ କଲ ଯାଇ ନ ଥିଲା କି ଆସି ନ ଥିଲା। ଏଥି ସହ ତାଙ୍କ ଫୋନ୍‌କୁ ଟ୍ୟାପିଂ କରାଯାଉଥିବା ନେଇ ସେ ଅଭିଯୋଗ ଆଣିଛନ୍ତି। ତେବେ ତାଙ୍କ ଫୋନ୍ ଟ୍ୟାପିଂ ଅଭିଯୋଗକୁ ଖଣ୍ଡନ କରି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ମଙ୍ଗଳବାର କହିଛନ୍ତି ଏନ୍‌ଡ଼ିଏ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ବିଜୟ ନିଶ୍ଚିତ ଜାଣିଥିବାବେଳେ ବିରୋଧୀ ପ୍ରାର୍ଥୀ ଆଲ୍‌ଭାଙ୍କ ଫୋନ ଟ୍ୟାପିଂ କାହିଁକି କରାଯିବ।



ଭୁବନେଶ୍ୱରଠାରେ ମଙ୍ଗଳବାର ଆୟୋଜିତ ଏକ ମିଶ୍ରଣ ପର୍ବରେ ନେତା ଓ କର୍ମୀଙ୍କ ସହ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ।

# ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ ଓ ନେତା

ଭୁବନେଶ୍ୱର, ୨୬।୭ (ବ୍ୟୁରୋ)

ବିଜେଡିରେ ମଙ୍ଗଳବାର ବହୁ ଭାଜପା ଓ କଂଗ୍ରେସ କର୍ମୀ ଯୋଗଦେଇଛନ୍ତି। ଗୋପାଳପୁର ଏବଂ ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ଅନେକ ଭାଜପା ଏବଂ କଂଗ୍ରେସ ନେତା ଓ କର୍ମୀ ଶାସକ ଦଳରେ ଯୋଗଦେଇଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସଙ୍କ ଉପସ୍ଥିତିରେ ପ୍ରାୟ ୨୦୦ରୁ ଅଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଅନ୍ୟ ଦଳରେ ରହି ନିଜ ଅଞ୍ଚଳର ବିକାଶ ହୋଇପାରିବ ନାହିଁ ବୋଲି ସେମାନେ କହିଛନ୍ତି। ସେହିପରି ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଏବଂ ବିଜେଡି ସହ-ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ରଙ୍କ ଉପସ୍ଥିତିରେ ନବରଙ୍ଗପୁର ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ମିଶ୍ରଣ ପର୍ବର ନେତୃତ୍ୱ ନେଇଥିବା ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ନୂଆକରି ଦଳରେ ସାମିଲ ହୋଇଥିବା ସମସ୍ତ ନେତା ଓ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ବିଜେଡିକୁ ସ୍ୱାଗତ କରିଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତଙ୍କ ସମ୍ମାନ ଅକ୍ଷୁଣ୍ଣ ରହିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପକ୍ଷରୁ ପ୍ରଣବ ପ୍ରକାଶ ବାର୍ତ୍ତା ଜଣାଇଛନ୍ତି।

**ସାର୍ବଜନୀନ ବିଜ୍ଞପ୍ତି**
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।
**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**
1) ମଡେଲ ନଂ. AI1214
ଗାଡ଼ି ନଂ.- OD02BJ2066
ନିର୍ମାଣ ବର୍ଷ - 2020
ସଂରକ୍ଷିତ ମୂଲ୍ୟ - 810000.00
2) ମଡେଲ ନଂ. ସିଗ୍‌ନା 3718_ବଡି_ଟାଟା
ଗାଡ଼ି ନଂ.- OD16R1621
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1611408.69
3) ମଡେଲ ନଂ. ସିଗ୍‌ନା 3718_ବଡି_ଟାଟା
ଗାଡ଼ି ନଂ.- OD14R1620
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1611408.69
ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791

**ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର**
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର)
ଫୋନ ନଂ. ୦୬୭୪-୨୪୩୧୬୧୧, ୨୪୩୧୬୧୨
**ଧର୍ମପଦ ପୁରସ୍କାର ପାଇଁ ପ୍ରସ୍ତାବ ଆହ୍ୱାନ**
**ଶେଷ ତାରିଖ, ୩୧ ଅଗଷ୍ଟ ୨୦୨୨**
ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ୨୦୨୨ ମସିହା ପାଇଁ ଧର୍ମପଦ ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା ରାଜ୍ୟର ବୟୋଜ୍ୟେଷ୍ଠ ଶିଳ୍ପୀମାନଙ୍କୁ ପ୍ରଦାନ କରାଯିବ। ଏଥିପାଇଁ ରାଜ୍ୟର ବିଭିନ୍ନ ସାଂସ୍କୃତିକ ତଥା ଚିତ୍ରକଳା ଅନୁଷ୍ଠାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଓ ରାଜ୍ୟର ଶିଳ୍ପୀମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯାଉଛି। ଆବେଦନକାରୀ ଶିଳ୍ପୀଙ୍କର ବୟସ ତା୦୧।୦୧।୨୦୨୨ରିଖ ସୁଦ୍ଧା ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। ପ୍ରସ୍ତାବକାରୀ ନିଜର ନାମ କିମ୍ବା ଅନ୍ୟ ଶିଳ୍ପୀଙ୍କ ନାମ, ଜନ୍ମ ତାରିଖ, ସଂକ୍ଷିପ୍ତ ଜୀବନୀ, ପ୍ରମାଣପତ୍ର ସହ ଆସନ୍ତା ତା୩୧।୦୮।୨୦୨୨ରିଖ ମଧ୍ୟରେ ସଚିବ, ଓଡ଼ିଶା ଲଳିତ କଳା ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର - ୭୫୧୦୧୪ କିମ୍ବା E-mail: **odishalka1962@gmail.com** ଜରିଆରେ ପଠାଇବାକୁ ଅନୁରୋଧ କରାଯାଉଛି। ଧାର୍ଯ୍ୟ ଦିବସ ପରେ କୌଣସି ପ୍ରସ୍ତାବ ଏକାଡେମୀ ଦ୍ୱାରା ଗ୍ରହଣୀୟ ହେବ ନାହିଁ।
ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**PRAKASHJYOTI SURGICARE MEDICINE DISTRIBUTOR**
Bhubaneswar Required Urgently
(1) Accounts- 01 Male, (2) Marketing Executive - 03 Male experience and fresher for distributor, (3) Marketing Manager for igma and Johnson & Johnson Experience candidate only (4) Rack Person- 03 Male, (5) Collection Manager- 01 Male
Salary - Negotiable.
Email your CV to:
prakashjyotisurgicare@gmail.com
Contact: 9853767684, 7873696172

**WANTED**
Wanted one accts asst for our distribution office at Khordha.
Contact : 9556070670

**Urgent Required**
B.Tech (Civil) - 3 years exp.
Diploma (Civil)-5 years exp.
Auto Cadd- Fresher
Contact
8093687918, 6200972622

**APPOINTMENT**
Urgent hiring required Cook at **MBA CHAIWALA CAFE**, Patia. Hindi/Oriya speaker, basic cooking skills, Computer literate, Experience is bonus. **Salary:** 13k - 16k per month. (Negotiable).
Ph.: 7735062593

**APPOINTMENT**
1. Salesman. 2. Asst. Accountant required for premium Gold Store at Bhubaneswar.
Mail resume on:-
ashokmallick100@gmail.com

**GURU NANAK ENGLISH MEDIUM PUBLIC SCHOOL - II**
(Affiliated to CBSE, Affiliation No. 1530304)
Gudiapokhari, Sangulai, Pipili, Puri - 752104, Odisha, Phone No. 0674-2959509 / 8093043686
**REQUIRES**
- **VICE PRINCIPAL:** Qualification: Should be Post Graduate with B.Ed. having at least 5 years working experience in a CBSE affiliated School.
- **COMPUTER TEACHER:** Should be MCA or B.Tech. in Computer Science
- **OFFICE STAFF:** Should be Graduate having knowledge in Computers.
- **TGT:** (Trained Graduate Teacher in the following Subjects): SSt, Maths, Science, English, Hindi, Odia, Art, Dance & Music.
Mail your CV to: gnps2bbsr@gmail.com, gnps2bbsr.in, Latest by 05.08.2022

**NATIONAL PROJECTS CONSTRUCTION CORPORATION LIMITED**
(A Govt. of India Enterprise)
SOUTH EASTERN ZONE, BHUBANESWAR
Plot No. HIG/166, Sailashree Vihar, Bhubaneswar-751021
Ph.: 0674-3510414, Email-ID: npccbbsr@gmail.com
**WALK-IN-INTERVIEW**
Advt. No: SEZ/Contract Basis/431 Dated: 22.07.2022
NPCC Ltd. a schedule "B" Premier Central Public Sector Enterprise, Miniratna, Category-1 Company invites applications for the post of Site Engineer (Civil) on Contract basis.
For details, please visit our Website : www.npcc.gov.in
Zonal Manager

**Fusion Microfinance Ltd.** URGENTLY REQUIRED
• Sr. Branch Manager • Branch Manager
Eligibility : Graduate & Above
• Sr. Relationship Officer • Relationship Officer
Eligibility : 12th & Above
Experienced or Fresher | Salary+Fuel+Incentive-**Best in the Industry**
Free Accommodations | Two Wheeler Compulsory
• Candidate's age should be between 18-30 Years. •Aadhar Card, Driving License and Pan Card are compulsory. • Carry all KYC xerox with update Bio-Data & One PP size Photo. Immediate joining after selection.
**INTERVIEW ON 25th July to 05th Aug. 2022**
Time-9:00am to 5:00 pm
-Contact Numbers as per Locations Requirement for-
• Bhubaneswar-8448698842, • Angul-9205682176 • Odagaon-9205682167 •Bhadrak-9599441513 • Deogarh-7978737283 • Bolangir-9599612051 • Bhawanipatna-8448698835 • Jeypore-9205682198
Email for Bhubaneswar, Angul & Odagaon- firoj@fusionmicrofinance.in | Email for Bhadrak & Deogarh- sambit.dhal@fusionmicrofinance.in | Email for Bolangir, Bhawanipana & Jeypore- sagarika.mishra@fusionmicrofinance.in

**WANTED**
ଧରିତ୍ରୀ DHARITRI Oriya daily
is looking for
**SUB-EDITORS**
- Candidates must have at least 3 years experience in desk work.
- Should have a degree in journalism.
- Should have expertise in translation.
Apply immediately to :
recruitment@dharitri.com
Attractive salary commensurate with experience

## OFFICE OF THE DISTRICT JUDGE, KORAPUT-JEYPORE

Dated Jeypore, the 25th day of July, 2022

**ADVERTISEMENT No.01/2022**

**No.W-43:** Applications in the prescribed format are invited from the desirous candidates for filling up of the posts in the cadre of Junior Clerk-Cum-Copyist, Grade-III Stenographer, Junior Typist and Salaried Amin in the Judgeship of Koraput in the pay scale as mentioned against each post with usual D.A. and other allowances as admissible to the State Government employees from time to time. The appointments are on regular basis subject to final result in W.P.(C) 1273 of 2014 of the Hon'ble High Court of Orissa, Cuttack.

The decision of the District Judge, Koraput-Jeypore as to the result of the Examination shall be final and in no case shall be liable to be challenged. The Authority reserves the right to cancel the recruitment process at any time without prior notice.

**CATEGORY WISE VACANCY POSITION**

| Cadre of posts. | Scale of pay of the post in ORSP Rules, 2017 | UR | UR (W) | S.E.B.C. | S.E.B.C (W) | S.C. | S.C. (W) | S.T. | ST. (W) | Total |
|---|---|---|---|---|---|---|---|---|---|---|
| Junior Clerk-cum-Copyist | Pay Matrix Rs.19,900/- to Rs.63,200/- at Level-4 | 03 | 01 | - | 01 | 01 | 01 | 01 | - | 08 |
| Grade-III Stenographer | Pay Matrix Rs.25,500/- to Rs.81,100/- at Level-7 | - | - | - | - | - | - | 01 | 01 | 02 |
| Junior Typist | Pay Matrix Rs.19,900/- to Rs.63,200/- at Level-4 | 01 | - | - | - | 01 | - | 02 | 01 | 05 |
| Salaried Amin | Pay Matrix Rs.21,700/- to Rs.69,100/- at Level-5 | - | - | - | - | - | - | 1 | - | 01 |

**(The vacancies in different categories of the Post may increase or decrease)**

Reservation for each category of posts in respect of physically handicapped persons / Ex-service-men / Sports persons shall be as per the governing Rules in force.

Other conditions of service shall be guided by the relevant provisions of Orissa District and Subordinate Court's Non-Judicial Staff services (Method of Recruitment and conditions of Service) Rules, 2008 (as amended in 2010).

**LAST DATE OF RECEIPT OF APPLICATIONS.**

Application along with required documents as the case may be must reach in the Office of the District Judge, Koraput-Jeypore on or before 26.08.2022 by Registered Post / Speed Post only/ in the Drop Box provided in the new District Complex, Jeypore. No other mode of submission of applications shall be entertained.

The date of Written Examination shall be intimated individually to the eligible candidates later on.

The details of advertisement may also available in the District Court website;

**3. Website URL: https://districts.ecourts.gov.in/koraput**

**4. https://districts.ecourts.gov.in/india/odisha/koraput/recruit**

Sd./- District Judge-cum-Chairman,
District Recruitment Committee, Koraput-Jeypore

OIPR-18038/11/0004/2223

**URGENTLY REQUIRED**
**TEAM ADMARK PVT. LTD.**
99-A, Sahid Nagar, Opp. Income Tax Office, 1st Lane of NH, BBSR, PIN- 751007
We are one of leading outdoor advertising agency in odisha required person with high Potential & efficiency for the following positions. Interested candidates may send their detailed CV within seven days from the date of publication by mail - **teamhrd03@gmail.com** or whatsapp salary will be decided as per the experience & best in the industry. **FOR DETAILS CONTACT PHONE NO.- 9348055176/9337703891**.
1) **ADMINISTRATIVE OFFICER - 1 No.,** Having minimum 5 yrs. experience with very good Computer Skill , Independently Managing Office, Correspondence Letter & Client handling etc. Preferably Female candidate. Own conveyance.
2) **MARKETING MANAGER - 1 No.,** Graduate/ MBA, having minimum 5 yrs. experience in outdoor advertising agency with Computer Skill, Male / Female can apply, own conveyance.
3) **MARKETING EXECUTIVE - 4 Nos.,** Graduate, having minimum 3 yrs. experience, Male / Female can apply, own conveyance.
4) **FIELD SUPERVISOR - 2 Nos.,** Graduate, having minimum 5 yrs. experience, preferably outdoor field or Real Estate with Computer knowledge. Own conveyance, Male candidate.
5) **ELECTRICIAN - 2 Nos.,** Matric/ITI, having minimum 2 yrs. experience, preferably outdoor field or Real Estate, Two wheeler must. Male candidate.
6) **SITE HELPER - 2 Nos.,** Matric, having minimum 4 yrs. experience, preferably outdoor field or Real Estate, Two wheeler must. Male candidate.
7) **BACK OFFICE EXECUTIVE - 2 Nos.,** Graduate, having minimum 3 yrs. experience, must have Computer skill, Managing Back Office Job. Only Female candidate.
8) **ACCOUNTS EXECUTIVE - 1 No.,** Female & Graduate, having minimum 3 yrs. experience, must have Computer Knowledge, good command in Tallly & GST knowledge.
9) **OFFICE SECURITY - 1 No.,** 10th Pass, having minimum 2 yrs. experience.



ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସରରେ ମଙ୍ଗଳବାର ଓଡ଼ିଶା ହାଇକୋର୍ଟର ପ୍ରତିଷ୍ଠା ଦିବସ ପାଳନ ଏବଂ ଲୟର ଅଫ୍ ଦି ଇୟର ଆୱାର୍ଡ ପ୍ରଦାନ ଉତ୍ସବରେ ଉପସ୍ଥିତ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର, ହାଇକୋର୍ଟର ସମସ୍ତ ବିଚାରପତି, ଏବଂ ସମ୍ବର୍ଦ୍ଧିତ ହୋଇଥିବା ରାଜ୍ୟର ବିଭିନ୍ନ କୋଣର ଆଇନଜୀବୀ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତଜ୍ଞ ମହମ୍ମଦ ସିକନ୍ଦର ଆଲାମଙ୍କ ୮୩ତମ ଜୟନ୍ତୀ, ରବୀନ୍ଦ୍ର ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା।
- 'ୱଣ୍ଡର ମ୍ୟାଟେରିଆଲ୍ସ ଏନର୍ଜି ଆଣ୍ଡ ରାଡିଏଶନ' ଉପରେ ସେମିନାର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ସିନେ ଗବେଷକ ଓ ଲେଖକ ସୂର୍ଯ୍ୟ ଦେଓଙ୍କୁ ସମ୍ବର୍ଦ୍ଧନା, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।

କଟକ

- ଖବରଦାତାଙ୍କ ସୁରକ୍ଷା ସମ୍ପର୍କିତ ଆଲୋଚନା ସଭା, ସର୍କିଟ ହାଉସ, ମାଛୁଆବଜାର, ପୂର୍ବାହ୍ନ ୧୧ଟା।
- ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ବସ୍ତି ପିଲାଙ୍କୁ ଶିକ୍ଷା ସାମଗ୍ରୀ ବଣ୍ଟନ, ପୋଲିସ କଲୋନୀ ନିକଟ ବସ୍ତି, ଚାଉଳିଆଗଞ୍ଜ, ଅପରାହ୍ନ ୪ଟା ୩୦।
- ରାଜେନ୍ଦ୍ର କୁମାର ପ୍ରଧାନଙ୍କ ରଚିତ ଷଷ୍ଠ କାବ୍ୟ 'ଜାହ୍ନବୀ'ର ଉନ୍ମୋଚନ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା ୩୦।

# ନିରପେକ୍ଷ ଶୁଣାଣି ଲୋକଙ୍କ ବିଶ୍ୱାସ ବଢ଼ାଏ

**ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସ**

**୨୨ ଆଇନଜୀବୀ ପାଇଲେ ଲୟର୍ସ ଅଫ ଦି ଇୟର ଆୱାର୍ଡ-୨୦୨୧**

କଟକ ଅଫିସ, ୨୬।୭

ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସ ଓ ଲୟର୍ସ ଅଫ ଦି ଇୟର-୨୦୨୧ ଆୱାର୍ଡ କାର୍ଯ୍ୟକ୍ରମ ଜୁଡିସିଆଲ ଏକାଡେମୀସ୍ଥିତ ଜଷ୍ଟିସ ଗତିକୃଷ୍ଣ ମିଶ୍ର ଅଡିଟୋରିୟମଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍. ମୁରଲୀଧର ଉଦ୍‌ଘାଟନ କରିଥିଲେ। ଓକିଲାତି ବୃତ୍ତିରେ ଉନ୍ନତି ପାଇଁ ଶର୍ଟକଟ୍ ରାସ୍ତାରେ ନ ଯାଇ ଓକିଲମାନେ ନୈତିକ ସିଦ୍ଧାନ୍ତ ପାଳନ କରିବା ଉଚିତ୍। ଏଥିପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଲୟର୍ସ ଅଫ୍ ଦି ଇୟର-୨୦୨୧ ପୁରସ୍କାରର ପରିକଳ୍ପନା କରାଯାଇଛି। ହାଇକୋର୍ଟର ହୀରକ ଜୟନ୍ତୀରେ ଏହି ପୁରସ୍କାର ପ୍ରଦାନ କରାଯାଇଥିବାରୁ ଏହା ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ ବୋଲି ମୁଖ୍ୟ ବିଚାରପତି ମୁରଲୀଧର କହିଥିଲେ। ସେହିପରି ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ଗୋପାଳ ସୁବ୍ରମଣ୍ୟମ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ନ୍ୟାୟିକ ପ୍ରଶାସନରେ ଲୋକଙ୍କ ବିଶ୍ୱାସ କାଏମ ରଖିବା ପାଇଁ ନିରପେକ୍ଷ ଶୁଣାଣି, ମୌଖିକ ଓକିଲାତି ଓ ଖୋଲା ଅଦାଲତ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଏଥିସହ ଆଇନଜୀବୀଙ୍କ ଆଚରଣ, ଶିଷ୍ଟାଚାର, ନିରପେକ୍ଷତା ଓ ସଚ୍ଚୋଟତା ଗୁରୁତ୍ୱପୂର୍ଣ୍ଣ ବୋଲି ସୁବ୍ରମଣ୍ୟମ କହିଥିଲେ। ବିଚାରପତି ବିଶ୍ୱଜିତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଫେଡେରେଶନ ଅଫ ଅଲ୍ ଓଡ଼ିଶା ବାର୍ ଆସୋସିଏଶନର ସଭାପତି ନିର୍ମଳ କିଶୋର ରଥ, ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ହାଇକୋର୍ଟର ସ୍ୱର୍ଣ୍ଣିମ ଅଧ୍ୟାୟ ଏବଂ ଓକିଲାତିର ବୃତ୍ତିଗତ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ୨୨ ଜଣ ଆଇନଜୀବୀଙ୍କୁ ଲୟର୍ସ ଅଫ ଦି ଇୟର ଆୱାର୍ଡ-୨୦୨୧ ପ୍ରଦାନ କରାଯାଇଥିଲା। ଅନୁଗୋଳର ଆଇନଜୀବୀ ସୁଜନକାନ୍ତ ମହାରଣା, ବଲାଙ୍ଗୀରର ଦେବଦତ୍ତ ଯୋଶୀ, ବାଲେଶ୍ୱରର ରାଜୀବ କୁମାର ପାଣି, ବରଗଡ଼ର ଅପ୍ରମିତ ମିଶ୍ର, ବୌଦ୍ଧର ପ୍ରିତମ ମିଶ୍ର, କଟକର ବିବେକାନନ୍ଦ ନାୟକ ଓ ଗଞ୍ଜାମର ସିରିନ ତମନ୍ନାଙ୍କୁ ମୁଖ୍ୟ ବିଚାରପତି ମୁରଲୀଧର ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ବିଚାରପତି ବିଶ୍ୱଜିତ ମହାନ୍ତି, ଯାଜପୁରର ଆଇନଜୀବୀ ଗୁଣମଣି ପାଣିଗ୍ରାହୀ, କଳାହାଣ୍ଡିର ନୀହାର ରଞ୍ଜନ ମିଶ୍ର, କେନ୍ଦୁଝରର ସୁନୀଲ କୁମାର ମହାନ୍ତ, ଖୋର୍ଦ୍ଧାର ଋଷିକୁଲ୍ୟା ସାମନ୍ତରାୟ ଓ କୋରାପୁଟର ଅଶୋକ ମିଶ୍ରଙ୍କୁ ଆୱାର୍ଡ ଦେଇଥିଲେ। ସେହିପରି ବିଚାରପତି କୃଷ୍ଣରାମ ମହାପାତ୍ର, ମାଲକାନଗିରିର ଆଇନଜୀବୀ ଦୀପ୍ତିରଞ୍ଜନ ରଥ, ମୟୂରଭଞ୍ଜର ନିବେଦିତା ଗିରି, ନବରଙ୍ଗପୁରର ସନ୍ତୋଷ କୁମାର ନାୟକ, ନୟାଗଡ଼ର ଅକ୍ଷୟ କୁମାର ପଣ୍ଡା ଓ ନୂଆପଡ଼ାର ଗୌରୀଶଙ୍କର ଶତପଥୀଙ୍କୁ ଆୱାର୍ଡ ପ୍ରଦାନ କରିଥିଲେ। ସେହିପରି ଜଷ୍ଟିସ ଶଶିକାନ୍ତ ମିଶ୍ର ପୁରୀର ଆଇନଜୀବୀ ଚିତ୍ତରଞ୍ଜନ ବିଶ୍ୱାଳ, ରାୟଗଡ଼ାର ଗଙ୍ଗାଧର ପାଢୀ, ସମ୍ବଲପୁରର ବିଦ୍ୟାଧର ପଣ୍ଡା, ସୋନପୁରର ଶ୍ୱେତାମ୍ବର ପୁରୋହିତ ଓ ସୁନ୍ଦରଗଡ଼ର ଅଲିଭା ମହାପାତ୍ରଙ୍କୁ ଆୱାର୍ଡ ଦେଇଥିଲେ। ପୂର୍ବାହ୍ନରେ ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ ବୀର କିଶୋର ରାୟଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ବିଚାରପତି ମୁରଲୀଧର ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏହି ସମୟରେ ହାଇକୋର୍ଟର ବିଚାରପତି ଓ ବରିଷ୍ଠ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୧୯୪୮ ଜୁଲାଇ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟ ଉଦ୍‌ଘାଟିତ ହୋଇଥିଲା। ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ଏଚ୍.ଜେ. କାନିଆ ଏହାକୁ ଉଦ୍‌ଘାଟନ କରିଥିଲେ। ହାଇକୋର୍ଟର ପ୍ରଥମ ବିଚାରପତି ହୋଇଥିଲେ ଜଷ୍ଟିସ ବୀର କିଶୋର ରାୟ। ଜଷ୍ଟିସ ରାୟଙ୍କ ସହିତ ଜଷ୍ଟିସ ବି. ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପାଣିଗ୍ରାହୀ, ଜଷ୍ଟିସ ଆର୍.ଏଲ୍. ନରସିଂହମ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ।

## ଝିଅ ଚାକିରିରେ କାର୍ଯ୍ୟ କରୁଥିଲେ ମା', ତଦନ୍ତ ପରେ ଦରମା ବନ୍ଦ

**ନିମାପଡ଼ା,୨୬।୭(ଡି.ଏନ୍.ଏ.):** ଝିଅ କରିବ ଚାକିରି, ହେଲେ ମା' କରିବ କାମ। କିନ୍ତୁ ଦରମା ପାଇବ ଝିଅ। ଏପରି ଘଟଣା ଦେଖିବାକୁ ମିଳିଛି ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ୩ ନଂ. ୱାର୍ଡ ମୁସଲିମ ବସ୍ତିରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ। ଏହି କେନ୍ଦ୍ରରେ ଆଲିଜା ବେଗମ୍ ନାମ୍ନୀ ଯୁବତୀ ସହାୟିକା ଭାବେ ନିଯୁକ୍ତ ଅଛନ୍ତି। ଗତ କିଛି ଦିନ ହେବ ସହାୟିକା ଆଲିଜା ଅଙ୍ଗନୱାଡି କେନ୍ଦ୍ରରେ ଅନୁପସ୍ଥିତ ରହୁଛନ୍ତି। ତାଙ୍କ ବଦଳରେ ତାଙ୍କ ମା' ସୁକିଲା ବିବି ସହାୟିକା କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଆଉ ମାସ ଶେଷରେ ଝିଅ ଆଲିଜା ଦରମା ନେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏପରି ଘଟଣାକୁ ନିନ୍ଦା କରାଯାଇଛି। ଏ ଘଟଣା ସମ୍ପର୍କରେ ୱାର୍ଡ କାଉନସିଲର ଓ ଗ୍ରାମବାସୀ ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସିଡିପିଓ କୁମୁଦିନୀ ମିଶ୍ରଙ୍କୁ ଏ ବାବଦରେ ପଚାରିବାରେ, ସେ ଏ ସମ୍ପର୍କରେ ଅଭିଯୋଗ ପାଇଛନ୍ତି। ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ସୁପରଭାଇଜର ସଂଯୁକ୍ତା ଗୋଚ୍ଛାୟତଙ୍କୁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ସୁପରଭାଇଜର ଗୋଚ୍ଛାୟତଙ୍କୁ ପଚାରିବାରେ, ସିଡିପିଓଙ୍କ ନିର୍ଦ୍ଦେଶରେ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିବା ସେ କହିଥିଲେ। ତଦନ୍ତ ରିପୋର୍ଟ ପରେ ନିଯୁକ୍ତ ସହାୟିକା ଆଲିଜାଙ୍କ ଦରମା ବନ୍ଦ କରାଯାଇ ତାଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି। ତାଙ୍କ ମା' ସୁକିଲାଙ୍କୁ ଅଙ୍ଗନୱାଡି କେନ୍ଦ୍ରକୁ ନ ଆସିବା ପାଇଁ ତାଗିଦା କରାଯାଇଥିବା ସିଡିପିଓ ମିଶ୍ର କହିଛନ୍ତି।

# ଜାମିନରେ ମୁକୁଳିଲେ ଜଗଦ୍ଦେବ

ଖୋର୍ଦ୍ଧା ଅଫିସ,୨୬।୭



ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସାଧାରଣ ଲୋକ ଓ ପୋଲିସ ଉପରକୁ ଗାଡ଼ି ମଡ଼ାଇଦେବା ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଜାମିନରେ ମୁକୁଳିଛନ୍ତି। ସୁପ୍ରିମକୋର୍ଟ ସୋମବାର ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ପରେ ସେ ମଙ୍ଗଳବାର ବାଣପୁର କୋର୍ଟରେ ଆବେଦନ କରିଥିଲେ। ହେଲେ ଓକିଲଙ୍କ ଧର୍ମଘଟ ଜାରି ରହିଥିବାରୁ ବିଧାୟକଙ୍କୁ ଜେଏମ୍‌ଏଫ୍‌ସି ପିଆର୍ ବଣ୍ଡରେ ଜାମିନ ପ୍ରଦାନ କରିଛନ୍ତି। କୋର୍ଟ କାର୍ଯ୍ୟ ସ୍ୱାଭାବିକ ହେବା ପରେ ବିଧାୟକ ପୁଣି ଥରେ କୋର୍ଟରେ ହାଜର ହୋଇ ନିୟମିତ ଜାମିନ ପାଇଁ ଆବେଦନ କରିବେ।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୨ ତାରିଖରେ ବାଣପୁର ବ୍ଲକ ଚେୟାରମ୍ୟାନ ନିର୍ବାଚନ ଅନୁଷ୍ଠିତ ହେଉଥିବାବେଳେ ସ୍ଥାନୀୟ ପଲ୍‌ଟନ ପଡ଼ିଆ ପଟୁ ଏକ ଶୋଭାଯାତ୍ରା ଆସୁଥିଲା। ଏହି ସମୟରେ ବିଧାୟକ ଲ୍ୟାଣ୍ଡ ରୋଭର ରେଞ୍ଜର(ଡିସ୍‌କଭରି) ଗାଡ଼ିରେ ଆସି ବ୍ଲକ କାର୍ଯ୍ୟାଳୟକୁ ଧସେଇ ପଶିବା ବେଳେ ସେଠାରେ ଡ୍ୟୁଟିରେ ଥିବା ପୋଲିସ ତାଙ୍କୁ ଅଟକାଇଥିଲେ। ହେଲେ ଏହାକୁ ଖାତିର ନ କରି ଜବରଦସ୍ତି ସାଧାରଣ ଲୋକ ଓ ପୋଲିସ ଉପରକୁ ଗାଡ଼ି ମଡ଼ାଇ ଦେଇଥିଲେ। ଏଥିରେ ୨ ପୋଲିସ ସମେତ ୨୦ଜଣ ଆହତ ହୋଇଥିଲେ। ଫଳରେ ଉପସ୍ଥିତ ଲୋକେ ଉତ୍କ୍ଷିପ୍ତ ହୋଇ ଜଗଦ୍ଦେବଙ୍କୁ ଗାଡ଼ିରୁ ଟାଣି ଆଣି ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ତାଙ୍କୁ ଲହୁଲୁହାଣ ଅବସ୍ଥାରେ ପୋଲିସ ଉଦ୍ଧାର କରି ପ୍ରଥମେ ବାଣପୁର ମେଡିକାଲରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେ ସୁସ୍ଥ ହେବା ପରେ ବାଣପୁର ଥାନା ଏସ୍‌ଆଇ ଦେବସ୍ମିତା ବେହେରାଙ୍କ ଅଭିଯୋଗ ଆଧାରରେ ରୁଜୁ ମାମଲା(ନଂ.୧୩୧/୨୦୨୨)ରେ ଜଗଦ୍ଦେବଙ୍କୁ ମାର୍ଚ୍ଚ ୨୨ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ହାଇକୋର୍ଟରୁ ୨ଥର ଅନ୍ତରୀଣ ଜାମିନ ମିଳିଥିଲା। ପରେ ନିୟମିତ ଜାମିନ ପାଇଁ ସେ ହାଇକୋର୍ଟରେ ଆବେଦନ କରିଥିଲେ ସୁଦ୍ଧା ତାହା ଖାରଜ ହୋଇଯିବାରୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୋମବାର ଉକ୍ତ ଆବେଦନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଜଗଦ୍ଦେବଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ବର୍ଷେ ପର୍ଯ୍ୟନ୍ତ ବିଧାୟକ ଜଗଦ୍ଦେବ ଜିଲାପାଳଙ୍କ ବିନା ଅନୁମତିରେ ନିଜ ନିର୍ବାଚନମଣ୍ଡଳୀ ଗସ୍ତ କରିପାରିବେ ନାହିଁ। ଏପରି କି ୫ରୁ ଅଧିକ ଲୋକଙ୍କୁ ନେଇ କୌଣସି ସଭାସମିତି ଆୟୋଜନ କରିପାରିବେ ନାହିଁ।

## ନନ୍ ମେଡିକୋ ପବ୍ଲିକ୍ ହେଲ୍‌ଥ ମ୍ୟାନେଜମେଣ୍ଟ୍ କ୍ୟାଡର ସୃଷ୍ଟି ଦାବି

ଭୁବନେଶ୍ୱର,୨୬।୭(ବ୍ୟୁରୋ)

ନନ୍ ମେଡିକୋ ପବ୍ଲିକ୍ ହେଲ୍‌ଥ ମ୍ୟାନେଜମେଣ୍ଟ୍ କ୍ୟାଡ୍‌ର ସୃଷ୍ଟି ନିମନ୍ତେ ଦାବି ହୋଇଛି। ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ କର୍ମକର୍ତ୍ତା ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ଭେଟି ଉକ୍ତ ଦାବି ଜଣାଇଛନ୍ତି। କେନ୍ଦ୍ର ସରକାର ଦେଇଥିବା ତଥ୍ୟ ଅନୁସାରେ ପଦବୀ ସୃଷ୍ଟି କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆଲୋଚନାବେଳେ ମନ୍ତ୍ରୀ ଏଦିଗରେ ବିହୀତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ସଂଘ ରାଜ୍ୟ ସଭାପତି ରବୀନ୍ଦ୍ର କୁମାର ଜେନା, ସାଙ୍ଗଠନିକ ସଭାପତି କବି ପ୍ରସାଦ ସାହୁ, ସମ୍ପାଦକ ଧନେଶ୍ୱର ସ୍ୱାଇଁ, କୋଷାଧ୍ୟକ୍ଷ ତପନ କୁମାର, ଯୁଗ୍ମ ସମ୍ପାଦକ ଜୟନ୍ତ କୁମାର ଭୋଇ, ଝାରସୁଗୁଡ଼ା ଜିଲା ସଭାପତି ଚନ୍ଦ୍ରଭାନୁ ପଟେଲ ଓ ବିଶ୍ୱରଞ୍ଜନ ସୁବୁଦ୍ଧି ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ମନ୍ତ୍ରୀ ଦାବିପୂରଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିବାରୁ ସଂଘ ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପବିତ୍ର



@ ଟାଟୁଆ



@ ବାସୁଦେବ



@ ଅମର



@ ଲିପୁ

## ଅଭିଯୁକ୍ତଙ୍କୁ ଜାବଜ୍ଜୀବନ ଜେଲ

**ନାବାଳିକା ବଳାତ୍କାର ମାମଲା**

କଟକ ଅଫିସ, ୨୬।୭

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଜଣେ ଅଭିଯୁକ୍ତଙ୍କୁ ଜାବଜ୍ଜୀବନ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ରାୟରେ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ କଟକ ଜିଲା ବିରିବାଟୀ ଅଞ୍ଚଳର ଟିକନ ସାହୁ। ଅନ୍ୟପକ୍ଷରେ ଜିଲା ଆଇନସେବା ପ୍ରାଧିକରଣ ଜରିଆରେ ନାବାଳିକାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୮ ଜାନୁୟାରୀ ୧୩ ତାରିଖରେ ଜଗତ୍‌ପୁର ଅଞ୍ଚଳର ନାବାଳିକା ଜଣଙ୍କ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଟିକନ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ଏ ନେଇ ଜଗତ୍‌ପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଇନଜୀବୀ ରମେଶ ମହାନ୍ତି ମାମଲା ପରିଚାଳନା କରୁଥିଲେ।





ପୋଲାଭରମ ପ୍ରକଳ୍ପ ବିରୋଧ ଅଭିଯାନ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ପୌରାହିତ୍ୟ ଏବଂ ଆମ ଜନତା ଅଧିକାର ରାଜ୍ୟ ଆବାହକ ମନୋଜ ଜେନାଙ୍କ ସଞ୍ଚାଳନରେ ମଙ୍ଗଳବାର ରାଜଭବନ ସମ୍ମୁଖରେ ଦିଆଯାଇଥିବା ଗଣଧାରଣା।



ଅନ୍‌ଲାଇନ ସେମିଷ୍ଟାର ପରୀକ୍ଷା ଦାବିରେ ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନ ପାଇଁ ଜାରି ରହିଛି।

# ଶକ୍ତିଶାଳୀ ବ୍ଲାକ୍ ହୋଲ୍

**ନୂଆଦିଲ୍ଲୀ**

ସୌରଜଗତର କେନ୍ଦ୍ରଭାଗରେ ଅବସ୍ଥାପିତ ବ୍ଲାକ୍ ହୋଲ୍ ସମ୍ପୂର୍ଣ୍ଣଭାବେ ତାରକାମାନଙ୍କୁ ନିଜ ଅକ୍ତିଆରରେ ରଖିଥାଏ। କେଉଁ ତାରକା କିପରି ଜନ୍ମ ନେବ ଏବଂ କେଉଁ ତାରକା ସୂର୍ଯ୍ୟାଲୋକରେ ଦୃଶ୍ୟମାନ ହେବ ନାହିଁ ଏଭଳି ଅନେକ କାର୍ଯ୍ୟ କେବଳ ବ୍ଲାକ୍ ହୋଲ୍ (କୃଷ୍ଣଗର୍ତ୍ତ) ଯୋଗୁ ହିଁ ହୋଇଥାଏ। ବୈଜ୍ଞାନିକଙ୍କ ମତରେ ବ୍ଲାକ୍ ହୋଲ୍ ଖୁବ୍ ଶକ୍ତିଶାଳୀ। ଏ ନେଇ ଅଧିକ ତଥ୍ୟ ଉପସ୍ଥାପନ କରିଛନ୍ତି ୟୁରୋପୀୟ ବୈଜ୍ଞାନିକ। ମୃତ ତାରକାମାନେ କୃଷ୍ଣଗର୍ତ୍ତରେ ପରିଣତ ହୁଅନ୍ତି, ଯାହାର ସବୁଠାରୁ ଅଧିକ ଗୁରୁତ୍ୱାକର୍ଷଣ କ୍ଷେତ୍ର ରହିଥାଏ। ଏହାଫଳରେ ଅତିକ୍ଷୁଦ୍ର କଣିକାକୁ ବ୍ଲାକ୍ ହୋଲ୍ ନିଜ ଭିତରକୁ



ଟାଣି ନେଇଥାଏ। ଏହାର ଆଲୋକ ନିଜ ହରାଇଜନ୍ କ୍ଷେତ୍ରକୁ ଅତିକ୍ରମ କରି ବାହାରକୁ ବାହାରିପାରେ ନାହିଁ। ବାଦଲ ଜରିଆରେ କେଉଁ ତାରକା ଦୃଶ୍ୟମାନ ହେବ ତାହା ବ୍ଲାକ୍ ହୋଲ୍ ହିଁ ସ୍ଥିତ କରିଥାଏ। ସୌରମଣ୍ଡଳର କେନ୍ଦ୍ରରେ ଥିବା ବ୍ଲାକ୍ ହୋଲ୍ ତାରକାମାନଙ୍କଠାରୁ କୋଶ କୋଶ ଦୂରରେ ଥାଇ ମଧ୍ୟ ସେମାନଙ୍କ ଉପରେ ନିଜର କଣ୍ଟ୍ରୋଲ ରଖୁଥିବା ୟୁରୋପୀୟ ବୈଜ୍ଞାନିକ କହିଛନ୍ତି। ବ୍ଲାକ୍ ହୋଲ୍‌କୁ ଲୋକେ ଦେଖିପାରନ୍ତି ନାହିଁ। ୧୫୬ ମିଲିୟନ୍ ଆଲୋକବର୍ଷ ବ୍ୟାପ୍ତ ସୌରମଣ୍ଡଳର ଅଧ୍ୟୟନ ଲାଗି ବୈଜ୍ଞାନିକମାନେ ଆଟାକାମା ଲାର୍ଜ

**କେଉଁ ତାରକା ଜନ୍ମ ନେବ ତାହା କୃଷ୍ଣଗର୍ତ୍ତ ନିର୍ଦ୍ଧାରଣ କରେ**

ମିଲିମିଟର ଆରେ (ଏଲ୍‌ଏମ୍‌ଏ) ଏବଂ ଭେରି ଲାର୍ଜ ଟେଲିସ୍କୋପ (ଭିଏଲ୍‌ଟି) ଅବଜର୍ଭଡ୍ ଆଇସି ୫୦୬୩ର ବ୍ୟବହାର କରିଛନ୍ତି । ବ୍ଲାକ୍ ହୋଲ୍ ମଧ୍ୟରେ ଫସି ରହିଥିବା ସୌରମଣ୍ଡଳର କଣିକା ନିଜ ଚାରିପାଖେ ଏକ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରିଥାନ୍ତି। ଏଗୁଡ଼ିକ ବ୍ଲାକ୍ ହୋଲ୍‌ରୁ ବାହାରିବା ପରେ ସୌରଜଗତରେ ଶକ୍ତିଶାଳୀ ପ୍ଲାଜମା ଜେଟ୍ ହୋଇ ଭ୍ରମଣ କରନ୍ତି। ଏହି ପ୍ଲାଜମା ଜେଟ୍ ସବୁ ବାଦଲର ଶୀତଳ ଗ୍ୟାସ୍ କଣିକା ସଂସ୍ପର୍ଶରେ ଆସିଥାନ୍ତି, ଯାହାଫଳରେ ସୌରମଣ୍ଡଳରେ ତାରକା ଜନ୍ମ ହୋଇଥାନ୍ତି।

# ‘ପୂଜା ମେରୀ ଜାନ୍’ରେ ହୁମା



ହୁମା କୁରେଶି

**ମୁମ୍ବାଇ:** ଦୀର୍ଘଦିନର ବ୍ୟବଧାନ ପରେ ବଲିଉଡ୍ ଅଭିନେତ୍ରୀ ହୁମା କୁରେଶି ପୁଣି ଫେରିଛନ୍ତି ବଡ଼ ପରଦାକୁ। ଫିଲ୍ମ ‘ପୂଜା ମେରୀ ଜାନ୍’ ଜରିଆରେ ସେ କମ୍‌ବ୍ୟାକ୍ କରିଥିବା ଖବର ପ୍ରକାଶ ପାଇଛି। ମଙ୍ଗଳବାର ହୁମା ନିଜ ଇନ୍‌ଷ୍ଟାଗ୍ରାମରେ ଏ ନେଇ ଏକ ପୋଷ୍ଟ ମଧ୍ୟ ଶେୟାର କରିଛନ୍ତି। ଫିଲ୍ମରେ ହୁମାଙ୍କ ସହ ମୃନାଲ ଠାକୁର ମଧ୍ୟ ଅଭିନୟ କରିବେ। ଏହାର କାହାଣୀ ଲେଖିଛନ୍ତି କନିଷ୍କା ଏବଂ ନବଜୋତ ଗୁଲାଟି। ଫିଲ୍ମର ଶୁଟିଂ ଆରମ୍ଭ ହୋଇସାରିଛି। ଏ ନେଇ ଅଧିକ ସୂଚନା ହସ୍ତଗତ ହୋଇନାହିଁ। ୨୦୧୬ରେ ରିଲିଜ୍ ହୋଇଥିବା ଫିଲ୍ମ ‘ବଦଲାପୁର’ରେ ହୁମା ଅଭିନୟ କରିଥିଲେ। ଏହା ପରେ ହୁମାଙ୍କୁ କୌଣସି ଫିଲ୍ମରେ ଦେଖିବାର ସୁଯୋଗ ପାଇ ନ ଥିଲେ ତାଙ୍କ ଫ୍ୟାନ୍ସ। ଗତବର୍ଷ ୱେବ୍ ସିରିଜ୍ ‘ମହାରାଣୀ’ ଜରିଆରେ ହୁମା ଓଟିଟି ପ୍ଲାଟଫର୍ମରେ ଡେବ୍ୟୁ କରିଥିଲେ। ସିରିଜ୍‌ଟି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିବା କୁହାଯାଉଛି।



# ହାୱାଇରେ ଲାଭା ନଦୀ

**ୱାଶିଂଟନ:** ଆମେରିକା ହାୱାଇରେ ସୃଷ୍ଟ ଲାଭା ନଦୀର ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। ଏହି ଲାଭା ହାୱାଇରେ ଥିବା କିଲାଉଇଆ ଆଗ୍ନେୟଗିରିର ବୋଲି ଖବର ପ୍ରକାଶ ପାଇଛି। ହାୱାଇରେ ମୋଟ ୫ଟି ଭୋଲକାନୋ ବା ଆଗ୍ନେୟଗିରି ରହିଛି। ୨୦୨୧ ସେପ୍ଟେମ୍ବରରୁ କିଛିଦିନର ଅନ୍ତରରେ ଆଗ୍ନେୟଗିରିରୁ ଲାଭା ନିର୍ଗତ ହେବାରେ ଲାଗିଛି। ୨୪ ଘଣ୍ଟା ଧରି ଭୋଲକାନୋରୁ ଲାଭା ବାହାରୁଥିବାବେଳେ ଏହା ନଦୀ ଭଳି ଦୃଷ୍ଟିଗୋଚର ହେଉଛି।

# ମାଲିକଙ୍କୁ ରକ୍ଷାକଲା ପୋଷା କୁକୁର



**ନୂଆଦିଲ୍ଲୀ** କାଲିଫର୍ନିଆରେ ଜଣେ ବ୍ୟକ୍ତି ତାଙ୍କ କୁକୁର ସାଉଲ ସହ ତାହୋଇ ନ୍ୟାଶନାଲ ଫରେଷ୍ଟରେ ହାଇକିଂ କରୁଥିବାବେଳେ ୭୦ ଫୁଟ ତଳକୁ ଖସିପଡ଼ିଥିଲେ। ତେବେ ଉକ୍ତ ବ୍ୟକ୍ତିଙ୍କ ଜୀବନ ରକ୍ଷା କରିଛି ତାଙ୍କ ପୋଷା କୁକୁର ସାଉଲ। ତଳକୁ ଖସିବା ପରେ ୫୩ ବର୍ଷୀୟ ବ୍ୟକ୍ତିଙ୍କ ଉଦ୍ଧାର ପାଇଁ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ମାଲିକଙ୍କୁ ଖୋଜିବାରେ ଉଦ୍ଧାରକାରୀ ଟିମ୍‌କୁ ସାଉଲ ସାହାଯ୍ୟ କରିଥିବା ସେମାନେ କହିଛନ୍ତି। ଘଞ୍ଚ ଜଙ୍ଗଲରେ ରେସ୍କ୍ୟୁଟିମ୍ ପକ୍ଷରୁ ମାଲିକଙ୍କୁ ଖୋଜିବା କଷ୍ଟକର ହୋଇଥିବାବେଳେ କୁକୁରଟି କିନ୍ତୁ ସେମାନଙ୍କୁ ଗାଇଡ୍ କରି ନେଇଥିଲା। ପରିଶେଷରେ ସଉଲ ହିଁ ପ୍ରଥମେ କ୍ଷତାକ୍ତ ମାଲିକଙ୍କ ପାଖରେ ପହଞ୍ଚିଥିଲା। ଉଦ୍ଧାର ପରେ ଉକ୍ତ ବ୍ୟକ୍ତିଙ୍କ ଚିକିତ୍ସା ଡାକ୍ତରଖାନାରେ ଜାରି ରହିଛି। ତେବେ ଘଟଣା ନେଇ କୁକୁର ସାଉଲଙ୍କୁ ସମସ୍ତେ ପ୍ରଶଂସା କରିବାରେ ଲାଗିଛନ୍ତି।

# ମଇଁଷି ହଜିବାରୁ ଆତ୍ମହତ୍ୟା କଲେ ଯୁବତୀ

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶର ଜଲଉନରେ ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି। ମଇଁଷି ହଜିବା ନେଇ ଜଣେ ଯୁବତୀ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ବେନି କେଭଟା ତାଙ୍କ ଘରେ ୩ଟି ମଇଁଷି ପାଳିଥିଲେ। ବେନିଙ୍କ ଝିଅ ରଜନୀ ଉକ୍ତ ମଇଁଷିଙ୍କ ଦେଖାରେଖା କରନ୍ତି। କିଛିଦିନ ପୂର୍ବେ ତିନିଟିଯାକ ମଇଁଷି ବାହାରକୁ ଚରିବାକୁ ଯାଇଥିବାବେଳେ ସେମାନଙ୍କ ଭିତରୁ ଦୁଇଟି ଘରକୁ ଫେରିଥିଲେ। ହଜିଥିବା ମଇଁଷିକୁ ଘରଲୋକେ ବହୁ ଖୋଜାଖୋଜି କରିବା ପରେ ନିରାଶ ହୋଇଥିଲେ। ଶେଷରେ ସେମାନେ ଥାନାରେ ଯାଇ ଏ ନେଇ ଅଭିଯୋଗ କଲେ। ସେଥିରୁ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ହଜିଥିବା ମଇଁଷିକୁ ନେଇ ରଜନୀ ଭାଙ୍ଗିପଡ଼ିଥିଲେ। ଘରେ ନା କାହାସହ ଭଲରେ କଥା ହେଉଥିଲେ ନା ଭଲରେ ଖା’ପିଆ କରୁଥିଲେ। ସବୁବେଳେ ଚିନ୍ତାଗ୍ରସ୍ତ ହୋଇ ସେ ରହୁଥିବା ତାଙ୍କ ଘର ଲୋକେ କହିଛନ୍ତି। ଗତ ସପ୍ତାହରେ ରଜନୀ ଗଳାରେ ରଶି ଲଗାଇ ଆତ୍ମହତ୍ୟା କରିନେଇଥିଲେ।

## ରାଜ୍ୟ ଖବର

# ସ୍ମୃତିପଟରେ ‘ଜେନା ସାର୍’

ପ୍ରଫେସର ଡ. ଭ୍ରମରବର ଜେନା ଥିଲେ ରାଜନୀତି ଶାସ୍ତ୍ର ପୃଷ୍ଠଭୂମିର ନବୀନତା ସହ ପରିପକ୍ୱତାର ସମୂହ ମୂଳଦୁଆ ସ୍ଥାପକ। ସେ ଥିଲେ ଛାତ୍ରବତ୍ସଳ ଅଧ୍ୟାପକ। ବସୁଧୈବ କୁଟୁମ୍ବକମ୍ ନୀତିବାଣୀକୁ କର୍ମଯୋଗରେ ପରିଣତ କରାଇବାରେ ତାଙ୍କର ଯୋଗଦାନ ସ୍ମରଣୀୟ।

ଆବାଳ ବୃଦ୍ଧବନିତା, ପରିବାର, ସମାଜ ଓ ରାଷ୍ଟ୍ର ପାଇଁ ଅଧ୍ୟାପନା ବୃତ୍ତିକୁ ନିଃସ୍ୱାର୍ଥ ଭାବେ ଉତ୍ସର୍ଗ କରିଥିଲେ ପ୍ରଫେସର ଜେନା। ତ୍ରିଦେବଙ୍କ ସମ୍ମିଶ୍ରିତ ବ୍ୟକ୍ତିତ୍ୱ ସହ ପ୍ରତିଭାବାନ୍ ଗୁଣାତ୍ମକ ଭାବନା ସହିତ ନିଜକୁ ନିୟୋଜିତ କରିଥିଲେ ମୃତ୍ୟୁର ଶେଷ ଡାକରା ପର୍ଯ୍ୟନ୍ତ। ରେଭେନ୍ସା କଲେଜରେ ଅର୍ଥନୀତି ଶାସ୍ତ୍ରରୁ ଅଧ୍ୟାପନା ଆରମ୍ଭ କରିଥିଲେ। ରାଜନୀତି ବିଜ୍ଞାନୀ ହେଲେ ମଧ୍ୟ ଦେଶର ଅର୍ଥନୈତିକ ପ୍ରଭାବକୁ ମୂଲ୍ୟାଙ୍କନ କରିବାରେ ସେ ଥିଲେ ସିଦ୍ଧହସ୍ତ। ବିଶେଷତଃ ଛାତ୍ରସମାଜ, କୃଷି ବିଜ୍ଞାନୀ ଓ ସମାଜ ବିଜ୍ଞାନୀ, ଗଣତନ୍ତ୍ର ଓ ସ୍ୱାଧୀନତା ଦିବସରେ ଖବରକାଗଜରେ



ପ୍ରଫେସର ଡ. ଭ୍ରମରବର ଜେନା

ନିଜର ବିଚାରଧାରା ଉପସ୍ଥାପନା କରିବାରେ, କୌଶଳୀ ବିଶାରଦ ଭାବେ ବିଦିତ ଥିଲେ। ଗବେଷଣା କ୍ଷେତ୍ରରେ ପ୍ରଫେସର ଜେନାଙ୍କ ଅବଦାନ ମଧ୍ୟ ଅତୁଳନୀୟ। ତାଙ୍କ ସଂସ୍ପର୍ଶରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ସ୍ମୃତିପଟରେ “ଜେନା ସାର୍” ସମ୍ବୋଧନ ନିଶ୍ଚିତ ଭାବରେ ଅଙ୍କିତ ଚିରଦିନ ପାଇଁ ରହିବ। ବୁଧବାର ତାଙ୍କ ୭ମ ପୁଣ୍ୟତିଥି ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳୀ।

**ଡ. ସୌମ୍ୟା ପାତ୍ର**
**ଶିକ୍ଷାବିତ୍, ନୋଇଡ଼ା (ୟୁ.ପି.)**

# ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରତାପ ସିଂଙ୍କ ପରଲୋକ

**କଟକ ଅଫିସ,୨୬।୭**

କଟକ ସଦରର ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରତାପ ସିଂ(୭୮)ଙ୍କର ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପରେ ତାଙ୍କ ମରଶରୀରକୁ ସିଡିଏ ସେକ୍ଟର ୧୩ ସ୍ଥିତ



ବାସଭବନକୁ ଆଣିଥିଲେ। ସେଠାରୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ୧୯୯୦ରୁ ୯୫ ମସିହା ପର୍ଯ୍ୟନ୍ତ ସେ ଜନତା ଦଳରୁ କଟକ ସଦର ବିଧାୟକ ଥିଲେ। ଜଣେ ଶ୍ରମିକ ନେତା ଭାବରେ ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ। ଶେଷ ଦର୍ଶନ କରିବା ପାଇଁ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ମହମ୍ମଦ ମୋକିମ୍ ଓ ଚନ୍ଦ୍ରସାରଥି ବେହେରାଙ୍କ ସମେତ ଅନ୍ୟମାନେ ତାଙ୍କ ବାସଭବନରେ ପହଞ୍ଚିଥିଲେ।

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ**

# ପୁଣି ଝୁଲାଇଲା କେନ୍ଦ୍ର

**ନୂଆଦିଲ୍ଲୀ,୨୬।୭(ବ୍ୟୁରୋ)**

**ରିଜିଜୁ କହିଲେ କୌଣସି ଦଲିଲ ପାଇନାହୁଁ**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ବେଞ୍ଚ ପ୍ରତିଷ୍ଠା ଲାଗି ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଅନୁମତି ମିଳିବା ସଂକ୍ରାନ୍ତ କୌଣସି ଦଲିଲ ବା ପ୍ରମାଣପତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ ନିକଟକୁ ଆସି ନାହିଁ ବୋଲି ମଙ୍ଗଳବାର କେନ୍ଦ୍ର ଆଇନ ମନ୍ତ୍ରୀ କିରେନ୍ ରିଜୁଜୁ କହିଛନ୍ତି। ଲୋକ ସଭାରେ ପରିବାର ଅଦାଲତ (ସଂଶୋଧନ) ବିଲ୍, ୨୦୨୨ ଉପରେ ଆଲୋଚନା ଚାଲିଥିବା ବେଳେ କେତେକ ଏମ୍‌ପି ଆଶଙ୍କା ବ୍ୟକ୍ତ କରିବା ପରିପ୍ରେକ୍ଷୀରେ ମନ୍ତ୍ରୀ କହିଥିଲେ, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସମ୍ମତି ନ ମିଳିବା ଯାଏ ସେ କୌଣସି ବିବୃତି ରଖିପାରିବେ ନାହିଁ। ଏଥିଲାଗି ନିର୍ଦ୍ଦିଷ୍ଟ ବିଧି ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ କେବଳ ଏକ ପ୍ରସ୍ତାବ ରହିଛି। ତାହାକୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସମ୍ମତି ପାଇଁ ପଠାଯିବ। ପଶ୍ଚିମ ଓଡ଼ିଶାରେ ଏକ ବେଞ୍ଚ୍ ସ୍ଥାପନ ନେଇ ମୁଖ୍ୟ ବିଚାରପତି ରାଜି ହୋଇଥିବା ନେଇ ରାଜ୍ୟ ସରକାର କିମ୍ବା ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ତାଙ୍କୁ ଜଣାଇବା ଦରକାର ବୋଲି ମନ୍ତ୍ରୀ ରିଜିଜୁ କହିଛନ୍ତି। ପୂର୍ବରୁ ଭାଜପା ଏମ୍‌ପି ସୁରେଶ ପୂଜାରୀ ସମ୍ପୃକ୍ତ ବେଞ୍ଚ ପ୍ରତିଷ୍ଠାର ସ୍ଥିତି କିଭଳି ଅଛି ସେ ସଂକ୍ରାନ୍ତରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂଜାରୀ କହିଛନ୍ତି, ରିଜିଜୁ ୪ର୍ଥ କେନ୍ଦ୍ର ଆଇନ ମନ୍ତ୍ରୀ ଭାବେ ଏହି ପ୍ରସଙ୍ଗରେ ଓଡ଼ିଶା ସରକାର ଓ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଛନ୍ତି। ଅଦ୍ୟାବଧି ସେମାନେ ରାଜ୍ୟ ସରକାର କିମ୍ବା ଓଡ଼ିଶା ହାଇକୋର୍ଟଙ୍କଠାରୁ କୌଣସି ଉତ୍ତର ପାଇନାହାନ୍ତି। ତେଣୁ କେନ୍ଦ୍ର ଆଇନମନ୍ତ୍ରୀ ଏ ନେଇ ପୁନଶ୍ଚ ରାଜ୍ୟ ସରକାରଙ୍କୁ ଜଣାନ୍ତୁ ବୋଲି ପୂଜାରୀ ଆଶା ବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପରିବାର ଅଦାଲତ (ସଂଶୋଧନ) ବିଲ୍,୨୦୨୨କୁ ବିଜେଡି ସମର୍ଥନ ଜଣାଇଛି। ପ୍ରକାଶ ଯେ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ବାରମ୍ବାର ଆନ୍ଦୋଳନ ହୋଇଆସିଛି। କିନ୍ତୁ କେନ୍ଦ୍ର ସରକାର ସବୁବେଳେ ବିଭିନ୍ନ ବାହାନା କରି ତାକୁ ଝୁଲାଇ ରଖିଥିବା କୁହାଯାଉଛି।

# ଗୁଳି ବିନିମୟ ବେଳେ ମାଓବାଦୀ ବୁଦ୍ଧୁରା ନିହତ

**ମାଲକାନଗିରି,୨୬।୭ (ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡାରେ ପୋଲିସ-ମାଓବାଦୀ ଗୁଳି ବିନିମୟରେ ଜଣେ ଦୁର୍ଦ୍ଧର୍ଷ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ସେ ହେଉଛନ୍ତି କଟେକଲ୍ୟାଣ ଅଞ୍ଚଳ ମାଓବାଦୀ ସଙ୍ଗଠନର ଏରିଆ କମିଟି ସଦସ୍ୟ ବୁଦ୍ଧୁରା ମାଡକମ। ତାଙ୍କ ନାମରେ ଛତିଶଗଡ ସରକାର ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ତାଙ୍କ ନାମରେ ଦାନ୍ତେୱାଡା ଥାନରେ ୧୫ଟି ମାମଲା ଥିଲା। ତେବେ ଏହି ଗୁଳି ବିନିମୟରେ କେତେ ଜଣ ମାଓବାଦୀ ମଧ୍ୟ ଆହତ ହୋଇଥିବା ଯବାନଙ୍କ ପକ୍ଷରୁ କୁହାଯାଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି।

# ଓଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

**ଭୁବନେଶ୍ୱର, ୨୬।୭(ବ୍ୟୁରୋ)**

ରାଜ୍ୟ ସରକାର ଓଏଏସ୍ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୀନା ମହାପାତ୍ରଙ୍କୁ ଡବ୍ଲ୍ୟୁଓ ସିଡି ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ଭଦ୍ରକ ପିଡି, ଡିଆର୍‌ଡିଏ ଇନ୍ଦ୍ରମଣି ନାଏକ ପରିବହନ ବିଭାଗର ଅତିରିକ୍ତ କମିଶନର ହୋଇଛନ୍ତି। ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲଗୁରିଙ୍କୁ ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। କେନ୍ଦୁଝର ଜିଲା ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟଙ୍କୁ ଭଦ୍ରକ ପିଡି, ଡିଆର୍‌ଡିଏ ଭାବେ ନିଯୁକ୍ତି ମିଳିଛି। ବଲାଙ୍ଗୀର ଉପଜିଲାପାଳ ଲମ୍ବୋଦର ଧାରୁଆଙ୍କୁ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଭାବେ ନିଯୁକ୍ତି ମିଳିଛି। ଖୋର୍ଦ୍ଧା ଏପିଡି, ଡିଆର୍‌ଡିଏ ଶକ୍ତିକାନ୍ତ ରାଏଙ୍କୁ ଓଟିଡିସି ଜେନେରାଲ ମ୍ୟାନେଜର ଦାୟିତ୍ୱ ଦିଆଯାଇଛି। ପଞ୍ଚାୟତିରାଜ ଏବଂ ପିଇବା ପାଣି ବିଭାଗ ଯୁଗ୍ମ ସଚିବ ତ୍ରିଲୋଚନ ମହାନ୍ତି ଓଡ଼ିଆ ଭାଷା, ସଂସ୍କୃତି ବିଭାଗ ଯୁଗ୍ମ ସଚିବ ହୋଇଛନ୍ତି। କୁମାର ନାଗଭୂଷଣଙ୍କୁ ବଲାଙ୍ଗୀର ଉପଜିଲାପାଳ ଭାବେ ନିଯୁକ୍ତି ମିଳିଛି। ତେବେ ପରବର୍ତ୍ତୀ ନିର୍ଦ୍ଦେଶ ଜାରି ନ ହେବା ପର୍ଯ୍ୟନ୍ତ ନାଗଭୂଷଣ ତାଙ୍କ ପୁରୁଣା ଦାୟିତ୍ୱ ଲୋୟର ସୁକତେଲ ଜଳ ସମ୍ପଦ ପ୍ରକଳ୍ପର ସ୍ପେଶାଲ ଏଲ୍‌ଏଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଝାରସୁଗୁଡ଼ା ଏପିଡି, ପିଡି ଡିଆର୍‌ଡିଏ ସୁକାନ୍ତ ମାଝିଙ୍କୁ ଚମ୍ପୁଆ ଉପଜିଲାପାଳ କରାଯାଇଛି। ତାରାଣି ସୁନାଙ୍କୁ ଆଠମଲ୍ଲିକ ଉପଜିଲାପାଳ ଭାବେ ଦାୟିତ୍ୱ ମିଳିଛି। ଆନନ୍ଦପୁର ତହସିଲଦାର ତପନ କୁମାର ମଲ୍ଲିକଙ୍କୁ କେନ୍ଦୁଝର ପିଏ, ଆଇଟିଡିଏରେ ନିଯୁକ୍ତି ମିଳିଛି।

# ନାଇଜରରେ ହେବ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ

**ଭୁବନେଶ୍ୱର, ୨୬।୭(ବ୍ୟୁରୋ)**

- ଖର୍ଚ୍ଚ ହେବ ୬୫୦ କୋଟି
- କେନ୍ଦ୍ର ୪୦୦ କୋଟି, ଟାଟା ଟ୍ରଷ୍ଟ ୨୫୦ କୋଟି ଦେବ

ଭାରତ ସରକାରଙ୍କ ଆଟୋମିକ୍ ଏନର୍ଜି ଡିପାର୍ଟମେଣ୍ଟ ଏବଂ ଟାଟା ଟ୍ରଷ୍ଟର ମିଳିତ ସହଯୋଗରେ ଭୁବନେଶ୍ୱର ନାଇଜର କ୍ୟାମ୍ପସରେ ୬୫୦ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ କରାଯିବ। ଏହି ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣରେ ଭାରତ ସରକାର ୪୦୦ କୋଟି ଏବଂ ଟାଟା ଟ୍ରଷ୍ଟ ୨୫୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏଥିପାଇଁ ନାଇଜର ୧୭ ଏକର ଜମି ପ୍ରଦାନ କରିସାରିଥିବା ବେଳେ ଅତିରିକ୍ତ ୧୦ ଏକର ଜମି ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଯୋଗାଇ ଦେବ। ଏହି କ୍ୟାନସର ହସ୍ପିଟାଲକୁ ଟାଟା ଟ୍ରଷ୍ଟ ନିର୍ମାଣ କରିବା ପରେ ଭାରତ ସରକାରଙ୍କୁ ହସ୍ତାନ୍ତର କରିବ। ହସ୍ପିଟାଲ ନିର୍ମାଣ ସହ କ୍ୟାମ୍ପସ ପରିସରରେ କର୍ମଚାରୀଙ୍କ ପାଇଁ ବାସଗୃହ, ରୋଗୀଙ୍କ ଲାଗି ଧର୍ମଶାଳା, ହଷ୍ଟେଲ ନିର୍ମାଣ କରାଯିବ। ଆଗାମୀ ୩ବର୍ଷରେ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି କ୍ୟାନ୍‌ସର ହସ୍ପିଟାଲରେ ନିଯୁକ୍ତ ହେବାକୁଥିବା ମେଡିକାଲ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭାଗୀୟ ମନ୍ତ୍ରଣାଳୟ ତରଫରୁ ଏକ ‘ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର’ ଖୋଲାଯାଇ ତାଲିମ ଦିଆଯିବ। ମଙ୍ଗଳବାର ନୂଆଦିଲ୍ଲୀଠାରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ର ମନ୍ତ୍ରୀ ଡା. ଜିତେନ୍ଦ୍ର ସିଂହଙ୍କ ଉପସ୍ଥିତିରେ ଏ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।





ରାଷ୍ଟ୍ରପତି ଭବନରେ ମଙ୍ଗଳବାର ନୂଆ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ (ବାମ) ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି।

# ହସ୍ପିଟାଲରେ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି

**ଭୁବନେଶ୍ୱର, ୨୬।୭(ବ୍ୟୁରୋ)**



ସୁପରିଚିତ ଆଦିବାସୀ କବି ଓ ଗାୟିକା ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି ଅସୁସ୍ଥତା ଯୋଗୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଜ୍ୱର ଓ ଅନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ୭୭ ବର୍ଷୀୟା ପୂର୍ଣ୍ଣମାସୀ ରବିବାର ଅସୁସ୍ଥତା ଅନୁଭବ କରିଥିଲେ। ଫଳରେ ତାଙ୍କୁ କନ୍ଧମାଳ ଜିଲାର ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକର ଚାରିପଦାରେ ଜନ୍ମିତ ପୂର୍ଣ୍ଣମାସୀ ସ୍ଥାନୀୟ ଅଞ୍ଚଳରେ ‘ତଡ଼ିସାରୁ ବାଈ’ ନାମରେ ବେଶ୍ ପରିଚିତ। ସେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆ ସଙ୍ଗୀତ ରଚନା ସହ କଣ୍ଠଦାନ କରିଛନ୍ତି। ତାଙ୍କର ସଙ୍ଗୀତଗୁଡ଼ିକ ମୁଖ୍ୟତଃ ଓଡ଼ିଆ ସଂସ୍କୃତି ଓ ଆଧ୍ୟାତ୍ମିକତା ଉପରେ ପର୍ଯ୍ୟବସିତ। ତାଙ୍କର ଏହି ଅବଦାନ ନିମନ୍ତେ ୨୦୨୧ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଆକାଶ ଏୟାରର ତୃତୀୟ ରୁଟ୍

**ନୂଆଦିଲ୍ଲୀ:** ଦେଶରେ ଖୁବ୍‌ଶୀଘ୍ର ଆଉ ଏକ ଘରୋଇ ବିମାନ ସେବା ପ୍ରଦାନକାରୀ କମ୍ପାନୀ 'ଆକାଶ ଏୟାର' ଯାତ୍ରୀ ସେବା ପ୍ରଦାନ କରିବାକୁ ଯାଉଛି। ଏପରିକି ଅଗଷ୍ଟ ୭ରୁ ଆକାଶ ଏୟାର ତା'ର ପ୍ରଥମ ଉଡ଼ାଣ ଆରମ୍ଭ କରିବ। ଏହା ପୂର୍ବରୁ କମ୍ପାନୀ ତା'ର ୧ମ ଏବଂ ୨ୟ ରୁଟ୍ ସମ୍ପର୍କରେ ସୂଚନା ଦେଇସାରିଛି। ମଙ୍ଗଳବାର ୩ୟ ରୁଟ୍ ସମ୍ପର୍କରେ ଘୋଷଣା କରି କମ୍ପାନୀ କହିଛି, ଅଗଷ୍ଟ ୧୯ ରୁ ବାଙ୍ଗାଲୋର-ମୁମ୍ବାଇ ମଧ୍ୟରେ ଆକାଶ ଏୟାର ବିମାନ ସେବା ଆରମ୍ଭ କରିବ ବୋଲି ସୂଚନା ମିଳିଛି।

# ପ୍ରଥମ ଦିନରେ ୧.୪୫ ଟ୍ରିଲିୟନର ବିଡ଼ିଂ

**ନୂଆଦିଲ୍ଲୀ,୨୬।୭**

ଭାରତୀୟ ଟେଲିକମ୍ ସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲାଗି କେନ୍ଦ୍ର ସରକାର ୫ଜି ନିଲାମି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୫-ଜି ସ୍ପେକ୍ଟ୍ରମ ନିଲାମର ପ୍ରଥମ ଦିନରେ ବିଡରମାନଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମଧ୍ୟ ମିଳିଛି। ଏପରିକି ନିଲାମିର ପ୍ରଥମ ଦିନର ପ୍ରକ୍ରିୟା ଶେଷ ସୁଦ୍ଧା ପ୍ରାୟ ୧.୪୫ ଟ୍ରିଲିୟନର ବିଡ଼ିଂ ହୋଇଥିବା ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେହିଭଳି ଚଳିତ ବର୍ଷ ଶେଷ ସୁଦ୍ଧା ଦେଶର ପ୍ରମୁଖ ସହରଗୁଡ଼ିକରେ ୫ଜି ସେବା ଆରମ୍ଭ ହେବା ଯଥେଷ୍ଟ ସମ୍ଭାବନା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଏହି ପ୍ରକ୍ରିୟା ଚଳିତ ବର୍ଷ ଅଗଷ୍ଟ ୧୫ମଧ୍ୟରେ ଶେଷ ହୋଇପାରେ ବୋଲି ଜଣାପଡିଛି। ମଙ୍ଗଳବାର ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ନିଲାମ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ପ୍ରଥମ ଦିନରେ ମୋଟ ୪ ରାଉଣ୍ଡ ବିଡ଼ିଂ ହୋଇଥିଲା। ବୁଧବାର ଏହାର ୫ମ ରାଉଣ୍ଡ ଆରମ୍ଭ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

■ ଚଳିତ ବର୍ଷ ଶେଷ ସୁଦ୍ଧା ଦେଶରେ ଆରମ୍ଭ ହେବ ୫ଜି ସେବା

■ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଚାଲିବ ନିଲାମି ପ୍ରକ୍ରିୟା




ଅପରପକ୍ଷରେ ୫-ଜି ନିଲାମରେ ଦେଶର ପ୍ରମୁଖ ଟେଲିକମ କମ୍ପାନୀ ଜିଓ, ଏୟାରଟେଲ, ଭୋଡାଫୋନ ଆଇଡିଆ ଭଳି ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ଥର ପାଇଁ ଆଦାନୀ ଗ୍ରୁପ୍ ବି ଏହି ନିଲାମରେ ଅଂଶଗ୍ରହଣ କରୁଛି। ଆଦାନୀ ଗ୍ରୁପ୍ ଅଧୀନ ନବଗଠିତ ଆଦାନୀ ଡାଟା ନେଟ୍‌ୱର୍କ୍ସ 'ଆକ୍ଟିଭ୍‌ଲି' ଏଥିରେ ଅଂଶଗ୍ରହଣ କରିଛି। ବିଶେଷକରି ମଙ୍ଗଳବାର ଆରମ୍ଭ ହୋଇଥିବା ୫-ଜି ସ୍ପେକ୍ଟ୍ରମ ନିଲାମରେ ମୋଟ ୭୨ ଗିଗାହର୍ଜ୍ ସ୍ପେକ୍ଟ୍ରମ ନିଲାମ ହେବ। ଏସବୁ ନିଲାମର ମୋଟ ମୂଲ୍ୟ ପ୍ରାୟ ୪.୩ ଲକ୍ଷ କୋଟି ହେବ ବୋଲି ଅଟକଳ କରାଯାଉଛି। ଗତ ଜୁନ୍‌ରେ କେନ୍ଦ୍ର କ୍ୟାବିନେଟ ୫-ଜି ନିଲାମକୁ ମଞ୍ଜୁର ଦେଇଥିଲା। ଏହା ପରେ ଜୁନ ୧୬ରେ ଏ ନେଇ ମଧ୍ୟ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦେଶରେ ଚଳିତ ଆର୍ଥିକ ବର୍ଷରେ ହିଁ ୫-ଜି ସେବା ଆରମ୍ଭ କରିବାକୁ କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନିକଟରେ ଘୋଷଣା କରିଥିଲେ।

## ହ୍ରାସ ପାଉଛି ଶେୟାର ବଜାର

**ନୂଆଦିଲ୍ଲୀ,୨୬।୭**

ଗତ କିଛି ମାସ ହେବ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କାରଣ ଯୋଗୁ ଭାରତୀୟ ଶେୟାର ବଜାରର କାରବାର ଉପର ତଳ ହେଉଛି। ଫଳରେ ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସରେ ଶେୟାର ବଜାରର ଫଳାଫଳ ମଧ୍ୟ ଖରାପ ରହିଛି। ଏପରିକି କ୍ରମାଗତ ଭାବେ ଶେୟାର ବଜାର ହ୍ରାସ ପାଇବା ଯୋଗୁ ନିବେଶକମାନେ ମଧ୍ୟ ଲକ୍ଷ ଲକ୍ଷ ଟଙ୍କାର ନିବେଶ ହରାଉଛନ୍ତି। ଫଳରେ ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପ୍ରାୟ ୧% ଶେୟାର ହ୍ରାସ ଘଟିଛି। ମଙ୍ଗଳବାର ସେନ୍‌ସେକ୍ସ ୪୯୭.୭୩ ପଏଣ୍ଟ (୦.୮୯%) ହ୍ରାସ ଘଟି ୫୫,୨୬୮.୪୯ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ୧୪୭.୧୫ ପଏଣ୍ଟ (୦.୮୮%) ଖସି ୧୬,୪୮୩.୮୫ ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

## ଘନଶ୍ୟାମ ହେମଲତା ସ୍କୁଲର ୧୦୦% ସଫଳତା

**ଭୁବନେଶ୍ୱର,୨୬।୭**

ରାଜ୍ୟର ଏକ ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଭାବେ ଘନଶ୍ୟାମ ହେମଲତା ବିଦ୍ୟାଳୟ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏପରିକି ସଦ୍ୟ ପ୍ରକାଶିତ ୧୦ମ ଓ ଦ୍ୱାଦଶ ଶ୍ରେଣୀର ଫଳାଫଳରେ ବିଦ୍ୟାଳୟର ଛାତ୍ରୀଛାତ୍ର ୧୦୦% ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଲଗାତର ୧୦ ବର୍ଷ ଧରି ପୁରୀ ସ୍ଥିତ ଘନଶ୍ୟାମ ହେମଲତା ବିଦ୍ୟାଳୟର ୧୦ମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ୧୦୦% ପ୍ରଥମ ଶ୍ରେଣୀରେ ପାସ୍ କରି ସଫଳତା ହାସଲ କରିଛନ୍ତି। ସଦ୍ୟ ପ୍ରକାଶିତ ୧୦ମ ପରୀକ୍ଷା ଫଳରେ ସ୍କୁଲର ଛାତ୍ର ଶିବ କାଶ୍ୟପ ସର୍ବାଧିକ ୯୮.୪% ନମ୍ବର ରଖି ସ୍କୁଲରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ସ୍କୁଲର ମୋଟ ୫୯ ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ୧୦ମ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୯୦ରୁ ୧୦୦% ମଧ୍ୟରେ ୧୯ଜଣ ଛାତ୍ରୀଛାତ୍ର ହାସଲ କରିଛନ୍ତି। ସେହିଭଳି ୮୦ରୁ ୯୦% ମଧ୍ୟରେ ୨୭ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ୭୦ରୁ ୮୦% ମଧ୍ୟରେ ୧୩ ଜଣ ରହିଛନ୍ତି। ଏହି ସ୍କୁଲରେ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ମଧ୍ୟ ୧୦୦% ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀରେ ମୋଟ ୨୭ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ଜଣ ୯୦ରୁ ୧୦୦% ମଧ୍ୟରେ ନମ୍ବର ହାସଲ କରିଛନ୍ତି। ଏହି ସ୍କୁଲର +୨ ଛାତ୍ର ଆଶୁତୋଷ କାଟରୁକା ଓ ସତ୍ୟଜିତ ପରିଡ଼ା ଉଭୟ ୯୮.୬% ଲେଖାଏଁ ନମ୍ବର ହାସଲକରି ସ୍କୁଲରେ ଯୁଗ୍ମ ଭାବେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ୮୦ରୁ ୯୦% ମଧ୍ୟରେ ୧୪ ଜଣ ଓ ୭୦ରୁ ୮୦% ମଧ୍ୟରେ ୧୦ ଜଣ ଛାତ୍ରୀଛାତ୍ର ନମ୍ବର ହାସଲ କରି ସ୍କୁଲର ମାନକୁ ଅକ୍ଷୁଣ୍ଣ ରଖିଛନ୍ତି।







୧୩ତମ କଟନ ଫାବ୍ ପ୍ରଦର୍ଶନୀ ଅବସରରେ ପ୍ରତି ରବିବାର ସନ୍ଧ୍ୟା ୭ ଘଟିକାରେ ଆୟୋଜିତ ଲଟେରି ଉଠାଣ କାର୍ଯ୍ୟକ୍ରମରେ ୩ ଜଣ ବିଜେତାଙ୍କ ନାମ ଘୋଷଣା କରାଯାଉଛି। ଉକ୍ତ ମେଳାର ୩ୟ ସପ୍ତାହର ପ୍ରଥମ ବିଜେତା ଜିତେନ୍ଦ୍ର ଏନ୍. ପଟ୍ଟନାୟକ ଏବଂ ୨ୟ ବିଜେତା ଏସ୍.ଏସ୍. ସାଭନ ମେଳା ମ୍ୟାନେଜର ଜାଭେଦ ଖାନ୍‌ଙ୍କଠାରୁ ପୁରସ୍କାର ରାଶି ଗ୍ରହଣ କରୁଛନ୍ତି।

## ଜେଏସ୍‌ଏଲ୍‌ର ୧ମ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୨୬।୭**

ଜିନ୍ଦଲ ଷ୍ଟେନ୍‌ଲେସ୍‌ଷ୍ଟିଲ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ପରିଚାଳନା ବୋର୍ଡ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ଷ୍ଟାଣ୍ଡାଲୋନ ରାଜସ୍ୱ, ଇବିଆଇଟିଡିଏ ଓ ପିଏଟି ଯଥାକ୍ରମରେ ୫୩୩୬ କୋଟି, ୫୨୩ କୋଟି ଓ ୨୮୭ କୋଟି ରହିଛି। କମ୍ପାନୀ ୨୩୫୫୩୦ ମେଟ୍ରିକ ଟନ ବିକ୍ରୟ ପରିମାଣକୁ ରେକର୍ଡ କରିଛି। କମ୍ପାନୀର ନେଟ୍ ବାହ୍ୟ ଋଣ ଚଳିତ ବର୍ଷ ୩୦ ଜୁନ୍ ସୁଦ୍ଧା ଆଇଏନ୍‌ଆର୍ ୨୦୯୮କୋଟି ରହିଥିଲାବେଳେ ଡେବିଟ୍ ଇକ୍ୟୁଟି ଅନୁପାତ-୦୬ରେ ବଜାୟ ରହିଛି। ସୁଧ ମୂଲ୍ୟ ୧୭% ହ୍ରାସ ହୋଇ ଆଇଏନ୍‌ଆର୍ ୬୭କୋଟିରେ ରହିଛି। ମୋଟ ଉପରେ ଏହି ସମୟ ଅବଧିରେ ଜେଏସ୍‌ଏଲ୍ ଆଇଏନ୍‌ଆର୍ ୫୪୭୪ ରାଜସ୍ୱ, ଇବିଆଇଟିଡିଏ ୫୪୯ କୋଟି ଓ ପିଏଟି ୩୨୯ କୋଟି ରେକର୍ଡ କରିଛି।

ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜେଏସ୍‌ଏଲ୍ ଏହାର ଉତ୍ପାଦ ବିକାଶ ଉପରେ ସର୍ବଦା ଗୁରୁତ୍ୱ ଦେଇ ଆସିଛି। କମ୍ପାନୀକୁ କେତେକ ଅସ୍ଥିର ମାକ୍ରୋ ଅର୍ଥନୀତିକ ଆହ୍ୱାନର ମୁକାବିଲା କରିବାକୁ ହୋଇଛି। କ୍ୟୁ୧ ଆର୍ଥିକ ବର୍ଷରେ ଘରୋଇ ଷ୍ଟିଲ୍ ଉଦ୍ୟୋଗଗୁଡ଼ିକ ଦ୍ୱିଗୁଣିତ। ଘରୋଇ ସମ୍ମୁଖରେ ଚାଇନା ଓ ଇଣ୍ଡୋନେସିଆରୁ ଷ୍ଟେନ୍‌ଲେସ ଷ୍ଟିଲ ଆମଦାନି କରିବା ପ୍ରତିଯୋଗିତା ସୃଷ୍ଟି କରିବା ସାଙ୍ଗକୁ ଭାରତ ସରକାରଙ୍କ ୧୫% ଶୁଳ୍କ ଲାଗୁ ହେତୁ ରପ୍ତାନି ପ୍ରଭାବିତ ହୋଇଛି। ଏହି ଆହ୍ୱାନ ସତ୍ତ୍ୱେ ଜେଏସ୍‌ଏଲ୍ ସଫଳତାର ସହ ଅଟୋମୋବାଇଲ ଓ ରେଳ ପରି ସଂସ୍ଥା ପ୍ରମୁଖ କ୍ଷେତ୍ରଗୁଡ଼ିକର ଏକ ଚାହିଦା ପୂରଣ କରୁଛି।

## ୭୦ବିଲିୟନ ଡଲାର ବିନିଯୋଗ କରିବ ଆଦାନୀ ଗ୍ରୁପ୍

**ନୂଆଦିଲ୍ଲୀ,୨୬।୭:** ଦେଶର ସବୁଜ ଶକ୍ତି ଏବଂ ଭିତ୍ତିଭୂମି ପ୍ରକଳ୍ପରେ ଆଦାନୀ ଗ୍ରୁପ୍ ୭୦ ବିଲିୟନ ଡଲାର ବିନିଯୋଗ କରିବ ବୋଲି ମଙ୍ଗଳବାର ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ କହିଛନ୍ତି। ଭାରତର ଶକ୍ତି ପଦଚିହ୍ନକୁ ଏକ ଅସାଧାରଣ ଉପାୟରେ ପୁନଃ ନିର୍ମାଣ କରିବାକୁ ସେ ଆହ୍ୱାନ କରିଛନ୍ତି। ସେହିଭଳି ଭବିଷ୍ୟତରେ ଆମର ଆତ୍ମବିଶ୍ୱାସକୁ ଦର୍ଶାଇଥିବା ସର୍ବୋତ୍ତମ ପ୍ରମାଣ ହେଉଛି ଭାରତର ସବୁଜ ପରିବର୍ତ୍ତନକୁ ସୁଗମ କରିବାରେ ୭୦ବିଲିୟନ ଡଲାରର ବିନିଯୋଗ ଏକ ଯୁଗାନ୍ତକାରୀ ପଦକ୍ଷେପ। ଆମେ ସୌରଶକ୍ତିର ବିଶ୍ୱର ସର୍ବବୃହତ୍ ବିକାଶକାରୀମାନଙ୍କ ମଧ୍ୟରୁ ଜଣେ। ନବୀକରଣଯୋଗ୍ୟ ଶକ୍ତିରେ ଆମର ଏହି ପ୍ରୟାସ ବହୁତ ଆଗକୁ ନେବ ବୋଲି ଜଣାପଡିଛି। ବିଶେଷକରି ଗ୍ରୀନ୍ ହାଇଡ୍ରୋଜେନ୍‌କୁ ଭବିଷ୍ୟତର ଇନ୍ଧନ କରିବାକୁ ଆଦାନୀ ମତବ୍ୟକ୍ତ କରିଛନ୍ତି। ସେହିପରି ଗ୍ରୁପ୍‌ର ଫ୍ଲାଗ୍‌ଶିପ୍ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜେସ୍‌ର ବାର୍ଷିକ ଅଂଶୀଦାର ବୈଠକରେ ଆଦାନୀ ଏଭଳି ସୂଚନା ଦେଇଛନ୍ତି।

## ଇସି ୱିଲ୍ସ ସହ ଟାଟା ମୋଟର୍ସର ରାଜିନାମା




**ନୂଆଦିଲ୍ଲୀ,୨୬।୭**

ସାରା ଦେଶର ବୈଦ୍ୟୁତିକ ଯାନ (ଇଭି)ର ଚାହିଦା ସାଙ୍ଗକୁ ସୁସ୍ଥ ପରିବେଶ ଓ ସବୁଜ ବାତାବରଣ ସୃଷ୍ଟିର ପରିକଳ୍ପନାକୁ ଆଖି ଆଗରେ ରଖି ଟାଟା ମୋଟର୍ସ ଇସି ୱିଲ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ସହ ଏକ ରାଜିନାମା ସ୍ୱାକ୍ଷର କରିଛି। କୋଲକାତାର ଏକ ଆପ୍ ଆଧାରିତ ପରିବହନ ସେବା ସହ କ୍ୟାବ୍ ପରିବହନ ପାଇଁ ୧,୦୦୦ ଏକ୍ସପ୍ରେସଟି ବୈଦ୍ୟୁତିକ ସେଡାନ ଯାନ ନିୟୋଜିତ କରିବା ପାଇଁ ଉଭୟ କମ୍ପାନୀ ମଧ୍ୟରେ ଏହି ରାଜିନାମା (ସହଭାଗିତା) ସ୍ୱାକ୍ଷରିତ ହୋଇଥିବା ଟାଟା ପକ୍ଷରୁ କୁହାଯାଇଛି। ପୂର୍ବ ଭାରତରେ ୯୦% ଏକ କମାଣ୍ଡିଂ ଇଭି ବଜାର ଅଂଶ ଭାବେ ଏହି ଏମ୍‌ଓୟୁ ସ୍ୱାକ୍ଷର ହେବା ସହ ଏକ ସର୍ବବୃହତ୍ ଇଭି ଯାନ ସମୂହ ଅର୍ଡର ହୋଇପାରିଛି। ଏହି ସହଭାଗିତାର ଏକ ଅଂଶ ଭାବରେ କମ୍ପାନୀ ପର୍ଯ୍ୟାୟକ୍ରମରେ ବିତରଣ ଆରମ୍ଭ କରିବ।

ଏ ସମ୍ପର୍କରେ ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ ଲିମିଟେଡ୍‌ର ବରିଷ୍ଠ ଜେନେରାଲ ମ୍ୟାନେଜର-ନେଟ୍‌ୱାର୍କ ମ୍ୟାନେଜମ୍ୟାଣ୍ଟ ଆଣ୍ଡ ଇଭି ସେଲ୍ସ ରମେଶ ଦୋରାଇରାଜନ କହିଛନ୍ତି, ଭାରତର ଇ-ମୋବିଲିଟି ବଜାର ଅଭିବୃଦ୍ଧିରେ ସାହାଯ୍ୟକରି ଟାଟା ମୋଟର୍ସ ସର୍ବଦା ମୋବିଲିଟି କ୍ଷେତ୍ରରେ ଇଭିର ଶୀଘ୍ର ଆପଣେଇବା ଉପରେ ଧ୍ୟାନ ଦେଇ ଆସୁଛି। ଯାନସମୂହ ବିଭାଗରେ ବୈଦ୍ୟୁତିକ ସେଡାନର ସର୍ବବୃହତ୍ ନିୟୋଜନ ପାଇଁ ଇସି ୱିଲ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ସହ ଅଂଶୀଦାର ହୋଇ ଆମେ ଆନନ୍ଦିତ।

## ୮୦ ପଏଣ୍ଟ କମାଇଲା ଆଇଏମ୍‌ଏଫ୍

**ନୂଆଦିଲ୍ଲୀ,୨୬।୭:** ଚଳିତ ଆର୍ଥିକ ବର୍ଷର ଅଭିବୃଦ୍ଧି ହାରକୁ ନେଇ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପୁନର୍ବାର ଆକଳନ କରିଛି। ଏପରିକି ଆଇଏମ୍‌ଏଫ୍ ପକ୍ଷରୁ ଭାରତର ଅଭିବୃଦ୍ଧି ହାରର ପୂର୍ବାନୁମାନକୁ ୮୦ ଆଧାର ପଏଣ୍ଟ ହ୍ରାସକରି ୭.୪%କୁ ଖସାଇ ଦିଆଯାଇଛି। ସେହିଭଳି ଚଳିତ ବର୍ଷ ଏପ୍ରିଲରେ ୱାର୍ଲଡ ଇକୋନୋମିକ୍ ଆଉଟ ଲୁକ୍‌ରେ ମଧ୍ୟ ଏ ନେଇ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଇଏମ୍‌ଏଫ୍ କହିଛି , ଯଦିଓ ୨୦୨୨ରେ ବିଶ୍ୱ ମୁଦ୍ରାକରଣ ୩.୨% ଅଭିବୃଦ୍ଧି ଆକଳନକୁ ଏଡ଼ାଇ ଦିଆଯାଇଥିଲା। ସେହିପରି ବିଭିନ୍ନ କାରଣ ଦ୍ୱାରା ପରିଚାଳିତ ବିଶ୍ୱର ଆର୍ଥିକ ପ୍ରଦର୍ଶନ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ ବୋଲି ଆକଳନ କରାଯାଇଛି। ୨୦୨୩ରେ ମୁଦ୍ରାକରଣର ବିପଦ ବିଶେଷ ଭାବେ ଦେଖାଯାଇଥାଏ, ଯେତେବେଳେ ଅନେକ ଅର୍ଥନୀତିରେ ଅଭିବୃଦ୍ଧି ହ୍ରାସ ପାଇବ ବୋଲି ଆଶା କରାଯାଉଛି।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ**
ସ୍ଥାନ-ବଡ଼ବଜାର,ଗଞ୍ଜାମ,ଦୂରଭାଷ ନଂ.୨୫୪୩୫୭, ପିନ୍ ନଂ. -୭୬୧୦୨୬
ଇ-କ୍ରୟ ବିଜ୍ଞପ୍ତି ପତ୍ର ସଂଖ୍ୟା-୧୪୪୪ ତା.୨୫.୦୭.୨୦୨୨
**ଟେଣ୍ଡର ସର୍ଭେ ନଂ.-୦୨/୨୦୨୨-୨୩ ଏନ.ଏ.ସି., ଗଞ୍ଜାମ**
**No.C-858 O:** ଗଞ୍ଜାମ ଏନ.ଏ.ସି. ଇ-କ୍ରୟ ମାଧ୍ୟମରେ ଏକକ କଭର ପଦ୍ଧତିରେ ଗଞ୍ଜାମ ଏନ.ଏ.ସି. ଅନ୍‌ଲାଇନ ବିଡ୍ ଆମନ୍ତ୍ରଣ କରେ ।
୧. କାର୍ଯ୍ୟର ମୋଟ ସଂଖ୍ୟା- ୧ ଗୋଟି
୨. କାର୍ଯ୍ୟଗୁଡିକର ମୂଲ୍ୟ - ୭୫ ଲକ୍ଷ
୩. ପୋର୍ଟାଲରେ ବିଡ୍ ଡକ୍ୟୁମେଣ୍ଟ ଉପଲବ୍ଧ ହେବାର ତାରିଖ ଏବଂ ସମୟ:- ୨୫.୦୭.୨୨ ଦିବା ୧୦.୦୦ ଘଟିକାଠାରୁ ତା.୧୨.୦୮.୨୦୨୨, ଅପରାହ୍ନ ୫.୦୦ ପର୍ଯ୍ୟନ୍ତ ।
୪. ପୋର୍ଟାଲରେ ବିଡ୍ ଗ୍ରହଣ କରିବା ଶେଷ ତାରିଖ:- ୧୨.୦୮.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ।
୫. ଏହି କାର୍ଯ୍ୟାଳୟରେ ମୂଳ ଦଲିଲ ଦାଖଲ କରିବାର ଶେଷ ତାରିଖ- ୧୬.୦୮.୨୦୨୨ ଅପରାହ୍ନ ୫.୦୦ ଘଟିକା
୬. ଟେଣ୍ଡର ଖୋଲିବାର ଶେଷ ତାରିଖ:- ୧୭.୦୮.୨୦୨୨ ଦିବା ୧୧.୦୦ ଘଟିକା ।
ଅଧିକ ଜାଣିବା ନିମନ୍ତେ ବନ୍ଧୀ www.tendersorissa.govt.in. ୱେବସାଇଟ୍‌ରୁ ଦେଖିପାରିବେ ।
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ
OIPR-13164/11/0006/2223



**NANDANKANAN**
**NANDANKANAN ZOOLOGICAL PARK**
**TENDER NOTICE No.37 of 2022**
**Date: 25.07.2022**
**No.MM-109:**Deputy Director, Nandankanan Zoological Park invites sealed tender in prescribed form from interested individuals/ firms /entrepreneurs for following tender of Nandankanan Zoological Park for the year 2022-23.

| Sl. No. | Name of the Tender | Last date for submission of sealed tender | Opening of the sealed tender | Paper Cost inclusive of GST 18% |
|---|---|---|---|---|
| 1 | **Operation of Bus Service to Safari of Nandankanan** | **5.00 P.M. of 03.08.2022** | **11.30 A.M. of 04.08.2022** | **Rs.11,800/-** |

Detailed terms and conditions along with the tender papers will be available in the website of Nandankanan Zoological Park (www. nandankanan. org) from 26.07.2022. The downloaded tender papers must be accompanied with a Bank Draft/Demand Draft as mentioned against the above tender drawn in favour of "Deputy Director, Nandankanan Zoological Park" in any Nationalized Bank payable at Bhubaneswar.
**Sd./- Deputy Director**
**Nandankanan Zoological Park**
**OIPR-08070/11/0018/2223**



**OFFICE OF THE COLLECTOR & DISTRICT MAGISTRATE KENDRAPARA (ST & SC DEV. SECTION)**
***ADVERTISEMENT***
**Notification No.1487/ SSD Dt.26.07.22**
**No.V-39:**Applications in prescribed form are invited from the deserving candidates from native of Odisha for engagement as Initial Appointee through WRITTEN TEST in the following category of posts in ST & SC Development Department, Educational institutions run in Kendrapara District. Preference will be given to the candidates belonging to the same district.

| Sl. No. | Name of the Post | Category wise Position | | | | | | | | |
|---|---|---|---|---|---|---|---|---|---|---|
| | | ST | ST(W) | SC | SC(W) | SEBC | SEBC (W) | UR | UR (W) | Total |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | +2 CT | 3 | 2 | 0 | 0 | 1 | 0 | 2 | 1 | 9 |

The detail advertisement and the selection criteria may be obtained from office Notice Board of District Welfare Office, Kendrapara and District Website www.kendrapara.nic.in. The candidates may download the advertisement, application format accordingly. The last date of receipt of application in the Office of the District Welfare Officer, Kendrapara is 26.08.2022 at 5 PM by Regd. Post / Speed Post only.
**By Order of the Collector**
**Sd./- District Welfare Officer, Kendrapara**
**OIPR-26069/11/0001/2223**



**OFFICE OF THE PANCHAYAT SAMITI TUMUDIBANDHA: KANDHAMAL**
Letter No.1404/Dated 25.7.2022
**INVITATION FOR TENDER CALL NOTICE**
**No.i-68:**Invitation of Tender for Construction of Community Centre at Sirla, Construction of Community Centre at Jhiripani, Construction of Community Centre at Lankagada, Construction of Community Centre at Bhandaragi under Tumudibandha Block in Kandhamal District. GST clearance certificates, PAN Card, Dealership certificate in this area will be eligible for short listing.
The person(s) concerned who satisfies the eligibility criteria may submit the application(s) either Speed Post or Regd. Post along with profile and past experience to the B.D.O, Tumudibandha so as to reach on or before 8.8.2022 by 3.00 P.M. The details are available in the district website www.kandhamal.nic.in and in the Office of the BDO, Tumudibandha.
**Sd./- Block Development Officer**
**Tumudibandha**
**OIPR-19218/11/0002/2223**



**OFFICE OF THE NOTIFIED AREA COUNCIL, KUCHINDA**
**No. 1538/NAC Date: 25.07.2022**
**TENDER CALL NOTICE TOWARDS PROVISION OF MANPOWER FOR WATCHMAN, MALI AND CARETAKER SERVICES IN NAC, KUCHINDA**
No. C-863: Sealed Bid in conformity with detailed tenders are invited from intending registered Firms/ Reputed Manpower Agencies/Service Providers/Private Companies for outsourcing of manpower for Watchman, Mali and Caretaker Services in NAC, Kuchinda working within the Jurisdiction of Odisha, having eligibility criteria as stipulated in tender document, so as to reach by **Speed Post/Registered Post/Courier Servcies/By Hand only to the Executive Officer, NAC, Kuchinda by 5.30 P.M. on Dt.12.08.2022 and bid documents will be opened on Dt.16.08.2022 at 10.30 A.M. The bid document can be downloaded starting from 10.00 A.M. on 27.07.2022 and will close by 5.30 P.M. on 12.08.2022.** Downloaded bid documents from NAC Kuchinda Website: **www.nackuchinda.in.**
**OIPR-13121/11/0010/2223**



**ODISHA MINING CORPORATION LIMITED**
**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**
OMC | ODISHA NEW OPPORTUNITIES — Mining Happiness
**REQUEST FOR PROPOSAL FOR SELECTION OF MINE OPERATOR FOR ROIDA-C IRON & MANGANESE MINES IN THE DISTRICT OF KEONJHAR, ODISHA (RfP No. 176/OMC/P&T/2022 dated 26.07.2022)**
**No.CAD-1244:**Odisha Mining Corporation Limited (OMC) invites bids from experienced Mine Operators for "Hiring of plant and machineries for excavation/raising from Iron Ore body by required drilling and blasting, transportation of ROM to crushing and/ or screening plant to be installed by the Mine Operator, crushing and/ or screening of ROM to obtain finished product of specific size of CLO and specific size of fines, transport of finished product to specified yards after necessary weighment, preparation of stacks, cleaning of quarry faces, excavation and disposal of sub-grade, overburden/ incidental waste and associated rejects/ spoils/ spurious materials to the specified yards and loading of Iron Ore/Sub-grade materials onto buyers trucks at "Roida-C Iron and Manganese Mines"
Peak Rated Capacity: 3,28,890 MT/Annum
Period of Contract: 5 (Five) Years
Last Date of on-line Submission of Bid: Up to 04:00 PM on dtd. 05.09.2022.
Last Date of Physical Submission of Original Documents related to Bid: - Up to 04:00 PM on dtd.06.09.2022.
Bid Document Cost: INR 1,18,000/- (Rupees One Lakh Eighteen Thousand) only including GST @18%.
The executive summary of the Bidding Process as well as the Bidding Documents have been uploaded on the portal of the MSTC Ltd (www.mstcecommerce.com/eprochome/omc) and on the website of Odisha Mining Corporation Limited (http://www.omcltd.in). The Documents can be downloaded from the above sites from dtd. 27.07.2022.
Any further communications, corrigendum/addendum, etc. will be uploaded on the website of MSTC and OMC. OMC reserves the right to reject any or all bids/proposals without assigning any reasons whatsoever.
Nodal officer for this bidding process: Rajesh Mishra, General Manager (Mining), OMC Ltd.
Email: rajeshmishra@odishamining.in, Phone: +91-674 2377437, +91-8763545981
Contact Person: Jnana Ranjan Jena, Sr.Manager (Mining), OMC, Phone: +91-9437554356
**General Manager (Mining), OMC**
**OIPR-30005/11/0088/2223**



**OFFICE OF THE PANCHAYAT SAMITI, BARGARH**
Adv. No. 01 Date 21.07.2022
**Quotation/Tenders Call Notice for Hiring of Vehicle for Monitoring & supervision of Rural Housing & other development works**
**No.i-69:**Sealed quotation/tenders are invited from interested reputed Travel agencies/ Tour operator or private Individual for providing one no. of non- A/C Diesel driven vehicle (i.e. TUV 300/ Bolero/ Sumo Gold/ Ertiga) having sitting capacity not more than ten including Driver for hiring of vehicle for monitoring & supervision of Rural Housing & other development works of Panchayat Samiti, Bargarh on a monthly basis. The eligibility criteria, application form of quotation/ tender containing General bid/ financial Bid/ Technical Bid information and term & condition for hiring of vehicle etc. will be available in the Panchayat Samiti Office, Bargarh on payment of Rs.100 (Cash) from 21.07.2022 to 26.07.2022 upto 12 Noon in all working day.
The quotation completed in all respect should reach the Panchayat Samiti Office, Bargarh on or before 26.07.2022 by 3.00 P.M. through Regd. Post/ Speed Post/ Tender Drop Box only. The technical and financial bids shall be opened at the Block Conference Hall on dt.27.07.2022 at 3.30 PM in the presence of Bidders or their authorised representative.
The Block Development Officer, Bargarh reserves the right to reject any or all the proposals without assigning any reason thereof.
**Sd./- Block Development Officer, Bargarh**
**OIPR-19219/11/0001/2223**



**CONFISCATION NOTICE OF TEAK LOG**
No. MM-110: It is to inform all concerned through this publication that one teak log having length 6'6" and girth 2'10" along with axe one number was seized on the main road to ropeway near Tara Tarini DPF near village Raipur for illegal entry in the forest area and felling of tree i.e., teak log 01 No. having length 6'6" and girth 2'10". The teak log was seized from the possession of Nira Behera, S/o. Gouranga Behera, Village: Gobindapur, P.S.: Purushottampur, Dist.: Ganjam and Basudev Nahak, S/o. Kumar Nahak of Village: Raipur, P.S.: Purushottampur, Dist.- Ganjam. The aforesaid teak log along with the axe one number may confiscated for its involvement in OR Case No. 45 of 2020-21 of Khallikote Range for non-submission of reply to show cause and non-attendance of the accused persons on the date of hearing fixed before the forum of the Authorized Officer on dated 15.07.2022.
The final dated of hearing to the aforementioned case is fixed to 05.08.2022 at 11.00 A.M. in the forum of the Authorized Officer-cum-Assistant Conservator of Forests, Brahmapur Division for giving another opportunity of being heard in the matter. Failure to attend the hearing by any claimant/accused on the date fixed above and within 30 days from the date of publication of this notice in relation to the above Teak Log, the Teak Log may be confiscated under Section 56 of the Odisha Forest Act, 1972 exparte.
**Sd./- Authorized Officer-cum-A.C.F.**
**Brahmapur Division**
**OIPR-08038/11/0013/2223**


See Career Appointment on every Wednesday & Saturday

## ୪ ଦିନିଆ ଦିଲ୍ଲୀ ଗସ୍ତ ସାରି ଫେରିଲେ ନବୀନ

ଭୁବନେଶ୍ୱର, ୨୬।୭(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୪ ଦିନିଆ ନୂଆଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ଶେଷ ହୋଇଛି। ସେ ମଙ୍ଗଳବାର ନୂଆଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଦ୍ରୌପଦୀ ମୁର୍ମୁ ଦେଶର ୧୫ ତମ ରାଷ୍ଟ୍ରପତି ଭାବେ ସୋମବାର ଶପଥ ନେଇଥିବା ବେଳେ ନବୀନ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଦିଲ୍ଲୀ ଗସ୍ତ କରିଥିଲେ। ଗତ ୨୩ ତାରିଖରେ ଓଡିଶା ଛାଡିଥିବା ନବୀନ ୨୪ରେ ବିଜେଡି ଏମ୍ପିମାନଙ୍କୁ ସାଙ୍ଗରେ ଧରି ଦ୍ରୌପଦୀଙ୍କୁ ଶୁଭେଚ୍ଛା ଜଣାଇବାକୁ ଯାଇଥିଲେ। ୨୫ରେ ଶପଥ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ମଙ୍ଗଳବାର ଦିଲ୍ଲୀରୁ ଫେରି ଆସିଛନ୍ତି।

# ରାଜ୍ୟ ଋଣଭାର ୯୭,୨୦୫ କୋଟି

- ମୁଣ୍ଡ ପିଛା ଋଣଭାର ୨୨ ହଜାର ୪୨ ଟଙ୍କା
- ଋଣକରି ଘିଅ ପିଇବା ନୀତି ଧରିଛନ୍ତି ସରକାର: ବିରୋଧୀ
- ଅନ୍ୟ ରାଜ୍ୟ ତୁଳନାରେ ଆମ ସ୍ଥିତି ଭଲ : ମନ୍ତ୍ରୀ

ଭୁବନେଶ୍ୱର,୨୬।୭(ବ୍ୟୁରୋ)

ରାଜ୍ୟରେ ଋଣଭାର ଅସମ୍ଭାଳ ହେଲାଣି। ମା' ପେଟର ଛୁଆ ଉପରେ ମୁଣ୍ଡ ପିଛା ଋଣ ୨୨ ହଜାର ଟଙ୍କା। ଗରିବଙ୍କ ସଂଖ୍ୟା ବଢ଼ିଚାଲିଛି। କିନ୍ତୁ ସରକାର ଋଣ କରି ଘିଅ ପିଇବା ନୀତି ଧରିଛନ୍ତି। ରାଜ୍ୟର ଋଣଭାରକୁ ନେଇ ବିରୋଧୀ ଦଳ ସଦସ୍ୟମାନେ ଏହିଭଳି ସରକାରଙ୍କୁ ସଣ୍ଡୁଆଶି ଆକ୍ରମଣ କରିଛନ୍ତି।

ମଙ୍ଗଳବାର 'ଋଣ ଭାରରେ ବୁଡ଼ିଛି ଓଡ଼ିଶା' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣି ବିରୋଧୀ ସରକାରଙ୍କୁ ଘେରିଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଅଫିସରମାନେ ଯାହା ଧରାଇ ଦେଉଛନ୍ତି ମନ୍ତ୍ରୀ ବିଧାନସଭାରେ ତାହା ପଢ଼ି ଦେଉଛନ୍ତି। ରାଜ୍ୟ ଗରିବ ହୋଇଚାଲିଛି। ବଜେଟର ୭୦% ଖର୍ଚ୍ଚ ନ ହୋଇ ପଡ଼ିରହୁଛି। ୨୦୦୪ରେ ଏଲ୍ ଆଣ୍ଡ୍ ଟି କମ୍ପାନୀ ରାଉରକେଲା-ସମ୍ବଲପୁର ରାସ୍ତା ବାବଦରେ ୨୦ କୋଟି ଟଙ୍କା ପାଇବାକୁ ଥିବାବେଳେ ନ ଦିଆଯିବାରୁ ୧୨୦ କୋଟି ଟଙ୍କା ଏବେ ସରକାର ଗଣିବେ। ଏହି ଟଙ୍କା ଏବେ ସରକାର ଋଣ କରି ଦେବେ। ନୀତି ଆୟୋଗ ଆକଳନ ଅନୁଯାୟୀ ରାଜ୍ୟ ଏବେ ୧୬ତମ ସ୍ଥାନରେ ରହିଛି। ଚଳିତ ବର୍ଷ ରାଜ୍ୟ ସରକାର ଖୋଲା ବଜାରରୁ ୩ ହଜାର କୋଟି ଟଙ୍କା, ଜାତୀୟ କୃଷି ବ୍ୟାଙ୍କରୁ ୩,୩୪୧ କୋଟି ଟଙ୍କା ଋଣ କରିବେ। ଚଳିତ ବର୍ଷ ୧୨,୫୫୧ କୋଟି ଟଙ୍କାର ଋଣ ଆଣି ସାରିଲେଣି ବୋଲି ସାଲୁଜା। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ୨୦୧୯-୨୦ରେ ରାଜ୍ୟର ମୁଣ୍ଡ ପିଛା ଋଣ ୪,୯୧୮ ଥିବାବେଳେ ୨୦୨୨ରେ ଏହା ୨୨,୦୦୦ ଟଙ୍କାରେ ପହଞ୍ଚିଲାଣି। ଖଣି କ୍ଷେତ୍ରରୁ ସେତେବେଳେ ୨ ହଜାର କୋଟି ଟଙ୍କା ରାଜସ୍ୱ ମିଳୁଥିବା ବେଳେ ଏବେ ୫୪ ହଜାର କୋଟି ଟଙ୍କା ରାଜସ୍ୱ ମିଳୁଛି। ତଥାପି ସରକାରଙ୍କୁ ନିଅଣ୍ଟ ହେଉଛି। ଋଣ ଉପରେ ଋଣ କରି ଚାଲିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟର ଋଣ ଭାର ୩୭୫% ବଢ଼ିଛି ବୋଲି ସେ କହିଛନ୍ତି।

ଭାଜପା ସଭ୍ୟ ମୋହନ ମାଝି କହିଛନ୍ତି ଯେ, ମୁଣ୍ଡ ପିଛା ଋଣ ବଢ଼ି ବଢ଼ି ୨୩ ହଜାର ଟଙ୍କାରେ ପହଞ୍ଚିଲାଣି। ଚଳିତ ବର୍ଷ ରାଜ୍ୟର ଋଣ ଭାର ୧ ଲକ୍ଷ ୧୨ ହଜାର ୪୦୧ କୋଟି ଓ ଆଗାମୀ ବର୍ଷ ଏହା ୧ ଲକ୍ଷ ୩୪ ହଜାର ୭୫୭ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ୨୦୨୫-୨୬ ବେଳକୁ ଏହା ୧ ଲକ୍ଷ ୮୭ ହଜାର ୨୩୬ କୋଟି ଟଙ୍କାରେ ପହଞ୍ଚିବ ବୋଲି ଅନୁମାନ କରାଯାଉଥିବା ସେ କହିଛନ୍ତି। ଆଲୋଚନାରେ ଭାଗ ନେଇ ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ ଓ କୁସୁମ ଟେଟେ ମଧ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।

ବିଜେଡି ସଭ୍ୟ ଶଶିଭୂଷଣ ବେହେରା ମୁଲତବୀ ପ୍ରସ୍ତାବକୁ ବିରୋଧ କରି କହିଥିଲେ, ସରକାର ଋଣ କରି ଘିଅ ପିଉନାହାନ୍ତି। ରାଜ୍ୟର ବିକାଶ ପାଇଁ ଉକ୍ତ ଅର୍ଥ ଖର୍ଚ୍ଚ କରାଯାଉଛି। ୨୦୦୦ ମସିହାରେ ସରକାରୀ କର୍ମଚାରୀଙ୍କୁ ଦରମା ଦେବା ଲାଗି ଓଭର ଡ୍ରାଫ୍ଟ କରିବାକୁ ପଡୁଥିଲା। ଏବେ ସେ ସ୍ଥିତି ଆଉ ନାହିଁ। କେନ୍ଦ୍ର ସରକାର ୮ଟି କେନ୍ଦ୍ରୀୟ ଯୋଜନାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିବା ବେଳେ ଅନ୍ୟ ଯୋଜନାରେ କେନ୍ଦ୍ର ଓ ରାଜ୍ୟର ଅଂଶକୁ ୬୦:୪୦କୁ ଖସାଇ ଦିଆଯାଇଛି। ଏଥିଲାଗି ରାଜ୍ୟ ଉପରେ ଅଧିକ ଚାପ ପଡୁଛି ବୋଲି ବେହେରା କହିଥିଲେ। ବିଜେଡି ସଭ୍ୟ ସୁବାସ ବେହେରା ଓ ରମେଶ ବେହେରା ରାଜ୍ୟର ବିକାଶ ପାଇଁ ଋଣ କରିବାକୁ ପଡ଼େ ବୋଲି କହିଥିଲେ।

ମୁଲତବୀ ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ ଯେ ଭାରତବର୍ଷରେ ବିହାରକୁ ଛାଡ଼ିଦେଲେ ଅନ୍ୟ ରାଜ୍ୟ ତୁଳନାରେ ଆମର ସ୍ଥିତି ଭଲ ଅଛି। ପଡ଼ୋଶୀ ଛତିଶଗଡ଼ର ମୁଣ୍ଡ ପିଛା ଋଣ ୩୮ହଜାର ୭୩୧ ଥିବାବେଳେ ପଶ୍ଚିମବଙ୍ଗର ୫୭ ହଜାର ୩୪୫, ପଞ୍ଜାବର ୯୩ ହଜାର ୨୩୫ ଟଙ୍କା ରହିଛି। ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମ (ଏଫ୍ଆର୍ବିଏମ୍) ଆଇନ ଅନୁଯାୟୀ ଜିଏସ୍ଡିପିର ୨୫% ମଧ୍ୟରେ ଋଣ ଭାର ରହିବା ଆବଶ୍ୟକ। ରାଜ୍ୟରେ ସୁଧ ଦେୟ ଓ ରାଜସ୍ୱ ଆଦାୟ ଅନୁପାତ ୧୫% ମଧ୍ୟରେ ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରକାଶିତ ପୁସ୍ତିକା 'ଷ୍ଟେଟ୍ ଫାଇନାନ୍ସେସ-ଏ ଷ୍ଟଡି ଅଫ୍ ବଜେଟସ୍ ୨୦୨୧-୨୨' ଅନୁଯାୟୀ ସମସ୍ତ ରାଜ୍ୟର ମୁଣ୍ଡ ପିଛା ଋଣ ୫୧ ହଜାର ୩୧ ଟଙ୍କା ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କ ମୁଣ୍ଡ ପିଛା ଋଣ ଭାର ୯୯ ହଜାର ୮୧୬ ଟଙ୍କା ରହିଛି। ଋଣ କରିବାରେ ଓଡ଼ିଶା ଦ୍ୱିତୀୟ ସର୍ବନିମ୍ନ ରାଜ୍ୟ । ୧୯୯୯-୨୦୦୦ରେ ରାଜ୍ୟର ଋଣ ଭାର ୧୮ ହଜାର ୧୦୦ କୋଟି ଟଙ୍କା ଓ ମୁଣ୍ଡ ପିଛା ଋଣ ୪,୯୧୮ ଟଙ୍କା ଥିଲା। ରାଜ୍ୟରେ ୨୦୨୦-୨୧ରେ ଋଣ ଭାର ୧ ଲକ୍ଷ ୨୭ ହଜାର କୋଟି ଟଙ୍କା ଥିବାବେଳେ ୨୦୨୧-୨୨ରେ ଋଣ ଭାର ୯୭ ହଜାର ୨୦୫ କୋଟି ଟଙ୍କାକୁ ହ୍ରାସ ପାଇଛି। ମୁଣ୍ଡ ପିଛା ଋଣ ଭାର ୨୨,୦୪୨ ଟଙ୍କା ରହିଛି। ୧୯୯୯-୨୦୦୦ ବର୍ଷରେ ରାଜ୍ୟର ମୁଣ୍ଡ ପିଛା ଋଣ ୪,୯୧୮ ଟଙ୍କା ଥିବା ବେଳେ ମୁଣ୍ଡ ପିଛା ଆୟ ୧୩,୦୧୨ ଟଙ୍କା ଥିଲା। ତେବେ ୨୦୨୧-୨୨ରେ ରାଜ୍ୟର ମୁଣ୍ଡ ପିଛା ଋଣ ୨୨,୦୪୨ ଟଙ୍କା ଥିବା ବେଳେ ରାଜ୍ୟର ମୁଣ୍ଡ ପିଛା ଆୟ ୧ ଲକ୍ଷ ୨୭ ହଜାର ଟଙ୍କାରେ ପହଞ୍ଚିଛି। ତେବେ ଓମ୍ବାଡସି, କାମ୍ପା ଏବଂ ଖୋଲା ବଜାରରୁ ୩ ପ୍ରତିଶତ ସୁଧରେ ଋଣ କରାଯାଉଛି। ନାବାର୍ଡଠାରୁ କମ୍ ସୁଧରେ ଋଣ କରି ଗ୍ରାମୀଣ ପ୍ରକଳ୍ପ ନିର୍ମାଣ କରାଯାଉଛି, ବାହ୍ୟ ଋଣକୁ ମୋଟ ଋଣର ୭ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଉଛି। ତେଣୁ ରାଜ୍ୟର ଋଣକୁ ନେଇ ବିରୋଧୀ ସଦସ୍ୟମାନେ କୌଣସି ଆଶଙ୍କା କରିବା ଉଚିତ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ଭାଜପା ଏବଂ କଂଗ୍ରେସର ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ଚାଲିଯାଇଥିଲେ।



୭୫ ତମ ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର ହାଇକୋର୍ଟ ପରିସର ଆଲୋକମାଳାରେ ଝଲସୁଛି।

# ରାଜ୍ୟରେ ୮.୮ ଲକ୍ଷ ପଞ୍ଜୀକୃତ ବେକାରି

ଭୁବନେଶ୍ୱର,୨୬।୭(ବ୍ୟୁରୋ)

ରାଜ୍ୟରେ ଚଳିତ ବର୍ଷ ଏପ୍ରିଲ ୩୦ ତାରିଖ ସୁଦ୍ଧା ୮ ଲକ୍ଷ ୮୦ ହଜାର ୧୭୫ ଜଣ ବେକାରି ଚାକିରି ପାଇଁ ନିଜର ନାମ ପଞ୍ଜୀକୃତ କରିଛନ୍ତି। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ ମଙ୍ଗଳବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ପଞ୍ଜୀକରଣ କାର୍ଯ୍ୟାଳୟରେ ୭୩,୧୨୬ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ପୁରୀ ଜିଲାରେ ୫୩,୯୩୯ ଜଣ ପଞ୍ଜୀକୃତ କରିଛନ୍ତି। ସେହିପରି ସୁନ୍ଦରଗଡ଼ରେ ୫୦,୭୭୮ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ବରଗଡ଼ ୩୯,୦୦୩, କଟକ ୩୬,୭୧୧, ବ୍ରହ୍ମପୁରରେ ୩୪,୦୫୨ ଜଣ ପଞ୍ଜୀକରଣ କରିଛନ୍ତି। ସେହିପରି ଭିନ୍ନକ୍ଷମ ସ୍ୱତନ୍ତ୍ର ପଞ୍ଜୀକରଣ କାର୍ଯ୍ୟାଳୟରେ ୧,୫୩୪ ଛାତ୍ରୀଛାତ୍ର ଏବଂ ଭୁବନେଶ୍ୱରରେ ଥିବା ସ୍ୱତନ୍ତ୍ର ଏସ୍ସି/ଏସ୍ଟି ନିଯୁକ୍ତି ପଞ୍ଜୀକରଣ କାର୍ଯ୍ୟାଳୟରେ ୫୮,୭୦୧ ଜଣ ପଞ୍ଜୀକୃତ କରିଛନ୍ତି । ତେବେ ବେକାରିମାନଙ୍କୁ ଚାକିରି ପାଇବା ଯାଏ ୧୦ ହଜାର ଟଙ୍କା ବେକାରି ଭତ୍ତା ଦେବାର କୌଣସି ଯୋଜନା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

# ୧୪୦୮ ରାସ୍ତା, ୯୨ ସେତୁକୁ ମିଳିଛି କେନ୍ଦ୍ର ଅନୁମତି

ଭୁବନେଶ୍ୱର,୨୬।୭(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ୨୦୧୯-୨୦ ଆର୍ଥିକ ବର୍ଷରେ କୌଣସି ନୂତନ କାର୍ଯ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇନାହିଁ। ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୯୪୦୦.୧୩ କିଲୋମିଟର ରାସ୍ତା (୧୪୦୮ଟି ରାସ୍ତା ଓ ୯୨ଟି ସେତୁ)ର ଉନ୍ନତୀକରଣ ପାଇଁ ବିଭିନ୍ନ ପର୍ଯ୍ୟାୟରେ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ସେଥିରୁ ୨୮୨୯.୨୨ କି.ମି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୩୪୨୮.୦୬ କି.ମି ରାସ୍ତାର କାର୍ଯ୍ୟ ଚାଲୁ ରହିଛି। ୧୫୧୧.୬୧ କି.ମି. ରାସ୍ତାର ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଇ ଠିକାଦାରମାନଙ୍କୁ ଚୁକ୍ତିନାମା ସ୍ୱାକ୍ଷର ପାଇଁ ଡକାଯାଇଛି। ଅବଶିଷ୍ଟ ୧୬୩୦.୩୪ କି.ମି. ରାସ୍ତାର ଟେଣ୍ଡର ପ୍ରକ୍ରିୟା ଚାଲୁ ରହିଛି। ଆସନ୍ତା ଅଗଷ୍ଟ ସୁଦ୍ଧା ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀଙ୍କ ମୂଳ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ପ୍ରଶ୍ନକାଳରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଗତ ୩ ବର୍ଷ ମଧ୍ୟରେ କୌଣସି ନୂତନ ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ମାତ୍ର ୨୦୨୧-୨୨ରେ ୪୦୮ଟି ରାସ୍ତାର ଉନ୍ନତୀକରଣ ପାଇଁ ଅନ୍ତର୍ଭୁକ୍ତ କରାଯାଇଛି। ସେଥିରୁ ଏ ପର୍ଯ୍ୟନ୍ତ ୯ଟି ରାସ୍ତାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୩୪୪ଟି ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ୫୫ଟି ରାସ୍ତାର ଟେଣ୍ଡର ପ୍ରକ୍ରିୟା ଚାଲୁ ରହିଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟଗୁଡ଼ିକୁ କରିବା ପାଇଁ ଡିଭିଜନ ଓ ମଣ୍ଡଳ ସ୍ତରରେ ନିୟମିତ ଠିକାଦାରଙ୍କ ସହ ଆଲୋଚନା କରାଯାଉଛି। ଯେଉଁ ଠିକାଦାରଙ୍କ ନିଜସ୍ୱ ଅବହେଳା ଯୋଗୁ କାର୍ଯ୍ୟଗୁଡ଼ିକର ପ୍ରଗତି ହୋଇ ନ ଥାଏ ସେହି କାର୍ଯ୍ୟଗୁଡ଼ିକରେ ଠିକାଦାରମାନଙ୍କ ଉପରେ ଚୁକ୍ତିନାମା ରାଶିର ସର୍ବନିମ୍ନ ୧% ଜରିମାନା ଆଦାୟ କରାଯାଉଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟଗୁଡ଼ିକର ଗୁଣବତ୍ତା ରକ୍ଷା ପାଇଁ ତ୍ରିସ୍ତରୀୟ ଯାଞ୍ଚ ବ୍ୟବସ୍ଥା ରହିଛି। ପ୍ରଥମ ସ୍ତରରେ ନିର୍ବାହୀ ଯନ୍ତ୍ରୀ ଓ କ୍ଷେତ୍ରୀୟ ଅଧିକାରୀମାନଙ୍କ ଦ୍ୱାରା ରାସ୍ତାଗୁଡିକର ଗୁଣବତ୍ତା ଯାଞ୍ଚ କରାଯାଇଥାଏ।

# 'ଜମି ବିକ୍ରି ବନ୍ଦ ନ ହେଲେ ପାରାଦୀପ ବନ୍ଦର ଅଚଳ କରିଦେବୁ'

ଭୁବନେଶ୍ୱର,୨୬।୭(ବ୍ୟୁରୋ)

ରାଜ୍ୟ ସରକାରଙ୍କଠାରୁ ଲିଜ୍‌ରେ ନେଇଥିବା ଜମିର ବିକ୍ରି ବନ୍ଦ ନ କଲେ ପାରାଦୀପ ବନ୍ଦର ବିରୋଧରେ ବଡ଼ଧରଣର ଆନ୍ଦୋଳନ ସହିତ ଏହାକୁ ଅଚଳ କରିଦିଆଯିବ। ମଙ୍ଗଳବାର ବିଧାନସଭାରେ ଏଭଳି ଧମକ ଦେଇଛନ୍ତି ବିଜେଡି ବିଧାୟକ ସମ୍ବିତ ରାଉତରାୟ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ପାରାଦୀପ ବନ୍ଦର ଗଠନ ବେଳେ ରାଜ୍ୟ ସରକାର ଏହାକୁ ଲିଜ୍ ସୂତ୍ରରେ ୬୩୨୫ ଏକର ଜମି ଯୋଗାଇ ଦେଇଥିଲେ। ହେଲେ ରାଜ୍ୟ ସରକାରଙ୍କ ବିନା ପରାମର୍ଶରେ ପାରାଦୀପ ବନ୍ଦର ଏବେ ବିଭିନ୍ନ କମ୍ପାନୀକୁ ଏଥିରୁ ୫୦୦ ଏକର ଜମି ବିକ୍ରି କରିସାରିଲାଣି। ଆଗାମୀ ଦିନରେ ଆହୁରି ଜମି ବିକ୍ରି କରିବାକୁ ମସୁଧା ଚଳାଇଛି। ଜମି କିଣିଥିବା ବାହାର କମ୍ପାନୀଗୁଡ଼ିକ ଇତିମଧ୍ୟରେ ଷଣ୍ଢକୁଦ ଅଞ୍ଚଳରେ ଜମି ଅକ୍ତିଆର ସହିତ ଡ୍ରେନ୍ ଆଦି ନିର୍ମାଣ କରୁଛନ୍ତି। ଏଠାରେ ୧୫ ହଜାରରୁ ଅଧିକ ଲୋକ ବସ୍ତିରେ ବସବାସ କରୁଛନ୍ତି। ସ୍ଥାନୀୟ ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ସହ ପରାମର୍ଶ ନ କରି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ କିଭଳି ଏହି ଜମି ବିକିଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ସେତିକି ନୁହେଁ ଶହ ଶହ ଟ୍ରକ୍ ବାଲି ମଧ୍ୟ ଚୋରା ଚାଲାଣ ହେଉଛି। ରାଜ୍ୟ ସରକାର ସେଥିରୁ ଟଙ୍କାଟିଏ ବି ରାଜସ୍ୱ ପାଉନାହାନ୍ତି।




ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡ଼ି)ର ଅପବ୍ୟବହାର ବିରୋଧରେ ବିକ୍ଷୋଭରତ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଦିଲ୍ଲୀ ପୋଲିସ ଅଟକ ରଖିବା ପ୍ରତିବାଦରେ ଛାତ୍ର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ବାଣୀବିହାର କ୍ୟାମ୍ପସ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ ।

# ଏବର୍ଷ ହୋଇପାରେ ବାଘ ଗଣନା

ଭୁବନେଶ୍ୱର, ୨୬।୭(ବ୍ୟୁରୋ)

ରାଜ୍ୟରେ ବାଘ ସଂଖ୍ୟାର ଆକଳନ ପ୍ରତ୍ୟେକ ୪ ବର୍ଷ ବ୍ୟବଧାନରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଏବଂ ଭାରତୀୟ ବନ୍ୟଜୀବ ପ୍ରତିଷ୍ଠାନଙ୍କ ମିଳିତ ଆନୁକୂଲ୍ୟରେ ହୋଇଥାଏ। ଏହା ଏନ୍‌ଟିସିଏଙ୍କ ଦ୍ୱାରା ପ୍ରକାଶ ପାଇଥାଏ। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଦ୍ୱାରା ପ୍ରକାଶ ପାଇଥିବା ସର୍ବଶେଷ ବ୍ୟାଘ୍ର ଆକଳନର ତଥ୍ୟ ୨୦୧୮ ଅନୁଯାୟୀ ଓଡ଼ିଶା ଜଙ୍ଗଲରେ ମୋଟ ୨୮ଟି ବାଘ ରହିଥିବା ଆକଳନ କରାଯାଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି। ତେବେ ପ୍ରତ୍ୟେକ ୪ ବର୍ଷରେ ରାଜ୍ୟର ବାଘ ଗଣନା ହେଉଥିବା ବେଳେ ଚଳିତ ବର୍ଷ ୪ ବର୍ଷ ପୂରିଛି। ତେଣୁ ଏ ବର୍ଷ ବାଘ ଗଣନା ପୁଣିଥରେ ହୋଇପାରେ ବୋଲି କୁହାଯାଉଛି। ବିଧାୟକ ବିଷ୍ଣୁ ଚରଣ ସେଠୀ ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଅମାତ ଲିଖିତ ଉତ୍ତର ରଖି କହିଛନ୍ତି, ୨୦୨୨ ମସିହାରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଓ ଭାରତୀୟ ବନ୍ୟଜୀବ ପ୍ରତିଷ୍ଠାନଙ୍କ ମିଳିତ ଆନୁକୂଲ୍ୟରେ ବାଘ ଗଣନା ଚାଲିଛି। ଏନ୍‌ଟିସିଏ ଦ୍ୱାରା ପ୍ରକାଶ ପାଇଥିବା ସର୍ବଭାରତୀୟ ବ୍ୟାଘ୍ର ଆକଳନ ୨୦୧୮ ତଥ୍ୟ ଅନୁଯାୟୀ କେନ୍ଦୁଝର ଜିଲାରେ ବାଘ ପରିଲକ୍ଷିତ ହେବାର କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ। ତେବେ ବାଘମାନଙ୍କ ସୁରକ୍ଷା ଲାଗି ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ୧୫୪ ବ୍ଲକରେ ଉପଯୁକ୍ତ ପିଇବା ପାଣି ନାହିଁ

ଭୁବନେଶ୍ୱର,୨୬।୭(ବ୍ୟୁରୋ)

ରାଜ୍ୟର ୧୫୪ ବ୍ଲକରେ ଉପଯୁକ୍ତ ପିଇବା ପାଣି ନାହିଁ। ସେଥିରୁ ୧୨୧ଟି ବ୍ଲକରେ ଜଳରେ ଲୌହଅଂଶ ମିଳିଥିବା ବେଳେ ୫ଟି ବ୍ଲକରେ ନାଇଟ୍ରେଟ୍, ୧୫ଟିରେ ଫ୍ଲୋରାଇଡ୍ ଓ ୧୩ଟି ବ୍ଲକରେ ଲବଣାକ୍ତ ରହିଛି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଏହାର ନିରାକରଣ ପାଇଁ ଫ୍ଲୋରାଇଡ୍ ଓ ଲୌହ ନିରାକରଣ ଯନ୍ତ୍ର ଏବଂ ଲବଣାକ୍ତ ଅଞ୍ଚଳରେ ନଳକୂପଗୁଡିକରେ ସାଲାଇନ୍ ସିଲିଂ କରାଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି।

୨୦୨୪ ସୁଦ୍ଧା ସମସ୍ତ ଗ୍ରାମକୁ ବିଶୋଧିତ ପିଇବା ପାଣି ଯୋଗାଇ ଦେବା ସକାଶେ ବାକି ରହିଥିବା ୫୬୫୫ କୋଟି ଏକକ ଗ୍ରାମ ବିଶିଷ୍ଟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏଥିମଧ୍ୟରୁ ୫୯ଟି ପ୍ରକଳ୍ପର କାମ ସରିଥିବା ବେଳେ ୨୯୦୦ଟି ପ୍ରକଳ୍ପର କାମ ଚାଲୁ ରହିଛି। ଅବଶିଷ୍ଟ ୨୯୬୯ଟି ପ୍ରକଳ୍ପର କାମ ଟେଣ୍ଡର ଆହ୍ୱାନ ସ୍ତରରେ ଅଛି। ଏହାଛଡ଼ା ୨୦୯ଟି ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଛି। ସେଥିରୁ ୧୦ଟିର ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୩୨ଟି ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି। ଅନ୍ୟ ପ୍ରକଳ୍ପଗୁଡ଼ିକ ଟେଣ୍ଡର ଆହ୍ୱାନ ପ୍ରକ୍ରିୟାରେ ବିଭିନ୍ନ ସ୍ତରରେ ରହିଛି। ସେହିଭଳି ଉପାନ୍ତ ଓ ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକରେ ସୌରଚାଳିତ ପାନୀୟ ଜଳ ଯୋଗାଣ ନିମନ୍ତେ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଗ୍ରାମାଞ୍ଚଳ ପାନୀୟ ଜଳ ପାଇଁ ୨୦୯ ମେଗା ପ୍ରକଳ୍ପ

ଭୁବନେଶ୍ୱର,୨୬।୭(ବ୍ୟୁରୋ)

ଗ୍ରାମାଞ୍ଚଳ ଲୋକଙ୍କୁ ପାନୀୟଜଳ ଯୋଗାଇ ଦେବା ପାଇଁ ଓଡ଼ିଶା ସରକାର ୨୦୯ଟି ମେଗା ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ବିଜେଡି ସଭ୍ୟ ପଦ୍ମିନୀ ଦିଆନଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରଦୀପ ଅମାତ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ପାନୀୟଜଳ ଯୋଗାଣ ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ୨୦୧୭-୧୮ରୁ ବସୁଧା ଯୋଜନା, ୨୦୧୯ରୁ ଜଳ ଜୀବନ ମିଶନ, ୨୦୧୭-୧୮ରୁ ଆରଆଇଡିଏଫ୍, ଓମ୍ବାଡକ, ଡିଏମ୍ଏଫ୍ ଏବଂ ୨୦୧୫ରୁ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନରେ ମଧ୍ୟ କେତେକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ମନ୍ତ୍ରୀ କହିଛନ୍ତି ଯେ ମୋଟ୍ ୨୦୯ଟି ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାବେଳେ ୭୧୦.୪୫ କୋଟି ଟଙ୍କାରେ ୧୦ଟି ପ୍ରକଳ୍ପର କାର୍ଯ୍ୟ ସମାପ୍ତ ହୋଇଛି। ଏହିସବୁ ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ବଲାଙ୍ଗୀର, କେନ୍ଦୁଝର, ଯାଜପୁର ଏବଂ ନୂଆପଡ଼ା ଜିଲାରେ ରାଜ୍ୟ ଅର୍ଥ କମିଶନ, ଓମ୍ବାଡକ ଏବଂ ଆରଆଇଡିଏଫ୍ ପାଣ୍ଠିରେ କାର୍ଯ୍ୟକାରୀ ହୋଇଛି। ଅନୁରୂପ ଭାବେ ୨୩,୫୧୪ କୋଟି ୮୬ ଲକ୍ଷ ଟଙ୍କା ମୂଲ୍ୟର ୧୩୨ଟି ପାଇପ୍ ଯୋଗେ ପାନୀୟଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏଥିରୁ ଅଧିକାଂଶ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟ ସରକାର ମଧ୍ୟ ୮୬୯୧.୯୮ କୋଟି ଟଙ୍କାର ୪୭ଟି ମେଗା ପାନୀୟଜଳ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାଛଡ଼ା ୨୦ଟି ପ୍ରକଳ୍ପ ପ୍ରସ୍ତୁତି ପର୍ଯ୍ୟାୟରେ ରହିଛି ଏବଂ ଏଥିପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ଜାରିହେବ। ୨୦୨୪ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଅମାତ କରିଛନ୍ତି।

# ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ: ମନ୍ତ୍ରୀ

ଭୁବନେଶ୍ୱର,୨୬।୭(ବ୍ୟୁରୋ)

ରାଜ୍ୟରେ ୨୦୨୧-୨୨ରେ ପ୍ରାୟ ୩.୬୩ ଲକ୍ଷ ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି। ସେହିପରି ୨.୫୭ ଲକ୍ଷ ପ୍ରସୂତି ମହିଳା ଓ ଶିଶୁମାନଙ୍କୁ ୧୦୨ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଅଛି। ଏଥିପାଇଁ ୨୦୨୨-୨୩ରେ ୧୪୮ କୋଟି ୫୮ଲକ୍ଷ ୨୧ ହଜାର ବ୍ୟୟବରାଦ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ମଙ୍ଗଳବାର ଖର୍ଚ୍ଚ ଦାବି ଆଲୋଚନା ଶେଷରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ମେଡିକାଲ କଲେଜ ଓ ପାରାମେଡିକାଲ ଅନୁଷ୍ଠାନଗୁଡ଼ିକ ଭିନ୍ନ ଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା ନିୟନ୍ତ୍ରିତ ହେଉଛି। ସେସବୁ ସଂସ୍ଥାଗୁଡ଼ିକରେ କାର୍ଯ୍ୟଶୈଳୀ ଓ ପରିଚାଳନାରେ ଅନେକ ଅସାମଞ୍ଜସ୍ୟ ପରିଲକ୍ଷିତ କାରଣରୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପୂର୍ବରୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ କ୍ୟାବିନେଟରେ ଏ ନେଇ ମୋହର ଲାଗିଛି। ମନ୍ତ୍ରୀ କହିଥିଲେ, ସ୍ୱାସ୍ଥ୍ୟ ବଜେଟ ରାଜ୍ୟ ବଜେଟର ୬.୧୭%। ଏଥିରେ ପ୍ରଶାସନିକ ବ୍ୟୟ ପାଇଁ ୩୩୦୪ କୋଟି ୩୪ ଲକ୍ଷ ୪୮ ହଜାର ଟଙ୍କାର ବ୍ୟୟବରାଦ ପାଇଁ ପ୍ରସ୍ତାବ ରଖାଯାଇଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ନିମନ୍ତେ ୯୦୩୮ କୋଟି ୧୧ ଲକ୍ଷ ୩୫ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ସମ୍ପ୍ରସାରଣ ନିମନ୍ତେ ୨୩୩୫ କୋଟି ୧୪ଲକ୍ଷ ୭୩ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ବିଶ୍ୱସ୍ତରୀୟରେ ପରିଣତ କରିବା ପାଇଁ ୧୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ୧୧୮୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଜରୁରୀ ଜନସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ପିଏଚ୍ଆର୍ଏଫ୍‌ରେ ୧୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ସ୍ୱାସ୍ଥ୍ୟମନ୍ତ୍ରୀ ୨୦୨୨-୨୩ ବର୍ଷରେ ସ୍ୱାସ୍ଥ୍ୟ ବିଭାଗ ପାଇଁ ୧୨,୩୪୨.୪୬ କୋଟି ଟଙ୍କାର ଖର୍ଚ୍ଚଦାବି ଆଗତ କରିଥିଲେ। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ ଖର୍ଚ୍ଚ ଦାବିକୁ ବିରୋଧ କରି କହିଥିଲେ, ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। କାଶୀପୁର ଏହାର ଜ୍ୱଳନ୍ତ ଉଦାହରଣ। ରାଜ୍ୟ ସରକାର ଓଡ଼ିଶାରେ ଯଥାଶୀଘ୍ର ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ କରିବା ଜରୁରୀ। ଏହାଦ୍ୱାରା ବିଜୁ ସ୍ୱାସ୍ଥ୍ୟକାର୍ଡ ଯୋଜନାରେ କିଛି କ୍ଷତି ହେବ ନାହିଁ। ବିଜେଡି ସଭ୍ୟ ନୃସିଂହ ସାହୁ କହିଛନ୍ତି, ରାଜ୍ୟ ସରକାର ସର୍ବଦା 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା-ପ୍ରତିଟି ଜୀବନ ମୂଲ୍ୟବାନ'କୁ ଗୁରୁତ୍ୱ ଦେଇ ଆସିଛନ୍ତି। ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗର ବଜେଟ ପରିମାଣ ବଢ଼ିଛି। ବିଜେଡି ସଭ୍ୟ ସ୍ନେହାଙ୍ଗିନୀ ଛୁରିଆ ଓଡ଼ିଶା ସ୍ୱାସ୍ଥ୍ୟ ସେବାରେ ଏକ ଅଗ୍ରଣୀ ରାଜ୍ୟ ବୋଲି ଅଭିହିତ କରିଥିବା ବେଳେ କଂଗ୍ରେସ ସଭ୍ୟ ଅଧିରାଜ ପାଣିଗ୍ରାହୀ ଆନ୍ତଃରାଜ୍ୟ ପାଇଁ ରାଜ୍ୟ ସରକାର ଆମ୍ବୁଲାନ୍ସ ସେବା ଆରମ୍ଭ କରନ୍ତୁ ବୋଲି ଦାବି କରିଥିଲେ। ସେହିପରି ଅମର ପ୍ରସାଦ ଶତପଥୀ, ଦେବେଶ ଆଚାର୍ଯ୍ୟ, ମୀନାକ୍ଷୀ ମହନ୍ତ, ମୌଷଧି ବାଗ, ନିତ୍ୟାନନ୍ଦ ଗଣ୍ଡ, ମହମ୍ମଦ ମୋକିମ, କୁସୁମ ଟେଟେ, ରାଜନ ଏକ୍କା, ଦିବ୍ୟଶଙ୍କର ମିଶ୍ର ଓ ମକରନ୍ଦ ମୁଦୁଲି ପ୍ରମୁଖ ମତ ରଖିଥିଲେ। ଶେଷରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବାଚନିକ ମତଦାନରେ ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚଦାବିକୁ ଗୃହୀତ କରିଥିଲେ।

**ଖବରଦାତାଙ୍କ ଠାରୁ ମୋବାଇଲ ଲୁଟ୍**

**ଭୁବନେଶ୍ୱର,(ବ୍ୟୁରୋ):** ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ଦୁଇ ଦୁର୍ବୃତ୍ତ ଜଣେ ଖବରଦାତାଙ୍କ ଠାରୁ ମୋବାଇଲ ଫୋନ ଛଡ଼ାଇ ନେଇ ଫେରାର ହୋଇଯାଇଛନ୍ତି। ଲୁଟର ଶିକାର ହୋଇଛନ୍ତି ମୁକେଶ ରାମ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ମୁକେଶ ରସୁଲଗଡ଼ରୁ ବାପୁଜୀନଗରସ୍ଥିତ ଘରକୁ ଫେରୁଥିଲେ। କଟକ ରୋଡସ୍ଥିତ ପଟ୍ଟନାୟକ ପେଟ୍ରୋଲ ପମ୍ପ ଆଗରେ ବାଇକ ରଖି ମୋବାଇଲରେ ମେସେଜ୍ ଯାଞ୍ଚ କରୁଥିଲେ। ଏହି ସମୟରେ ଦୁଇ ଲୁଟେରା ବାଇକରେ ଆସି ତାଙ୍କ ହାତରୁ ମୋବାଇଲ ଛଡ଼ାଇ ନେଇ ପଳାଇଥିଲେ।

## ସଂକ୍ଷେପରେ

### ଏକକ ପ୍ଲାଷ୍ଟିକ୍ ବ୍ୟବହାର ପାଇଁ ୩ ଦୋକାନୀଙ୍କୁ ଜରିମାନା

**ଭୁବନେଶ୍ୱର, ୨୬।୭(ବ୍ୟୁରୋ):** ରାଜଧାନୀରେ ଏକକ ପ୍ଲାଷ୍ଟିକ୍ ବ୍ୟବହାର ଉପର ରୋକ୍ ଲଗାଯାଇଥିବାବେଳେ ଅନେକ ବ୍ୟବସାୟୀ ଏହାକୁ ଅଣଦେଖା କରୁଛନ୍ତି। ବାରମ୍ବାର ତାଗିଦ ସତ୍ତ୍ୱେ ବ୍ୟବସାୟୀମାନେ ଏକକ ପ୍ଲାଷ୍ଟିକ ବ୍ୟବହାର କରୁଛନ୍ତି। ତେଣୁ ଏନେଇ ବିଏମସି ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ବିଭିନ୍ନ ସ୍ଥାନରେ ବିଏମସି ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଉଛି। ଏହି କ୍ରମରେ ମଙ୍ଗଳବାର କଳ୍ପନାସ୍ଥିତ ଉତ୍କଳ ଗ୍ୟାଲେରିଆ ମଲ୍‌ରେ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ଅନ୍ୟ ଅଧିକାରୀ ପହଞ୍ଚି ବିଭିନ୍ନ ଷ୍ଟୋର ପରିଦର୍ଶନ କରିଥିଲେ। ଏକକ ପ୍ଲାଷ୍ଟିକ୍ ବ୍ୟବହାର କରୁଥିବା ୩ଟି ଦୋକାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଜରିମାନା ଆଦାୟ କରାଯାଇଛି। ‘ଏସିଆ ସେଭେନ୍ ସିଜଲିଙ୍ଗ ଚାଇନିଜ୍’, ବୋକା କାଫେ ଏବଂ ‘ନାଓ ଗ୍ରୋସେରି ପ୍ରିମିୟମ’ ଠାରୁ ଜରିମାନା ଆଦାୟ କରାଯାଇଥିବା ବିଏମସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଜରିମାନା ଆଦାୟ କରିବା ବିଏମସିର ଲକ୍ଷ୍ୟ ନୁହେଁ ଲୋକଙ୍କୁ ସଚେତନ କରିବା ପାଇଁ ଏପରି ପଦକ୍ଷେପ ନିଆଯାଉଥିବା ବିଏମ୍‌ସି କମିଶନର କୁଲାଙ୍ଗେ କହିଛନ୍ତି। ଆଗାମୀ ଦିନରେ ରାଜଧାନୀରେ ଏକକ ପ୍ଲାଷ୍ଟିକ ବ୍ୟବହାରକୁ ନେଇ ଧରପଗଡ଼ ଜୋରଦାର ହେବ ବୋଲି ସେ ସୂଚନା ଦେଇଛନ୍ତି।

### ନୂତନ ପରିଚାଳନା ପରିଷଦର ପ୍ରଥମ ବୈଠକ

**ବାଲିଅନ୍ତା,୨୬।୭ (ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ସେବା ସମବାୟ ସମିତିର ନବ ଗଠିତ ପରିଚାଳନା ପରିଷଦର ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖମଙ୍ଗସ୍ଥିତ ସମିତି କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ନବନିର୍ବାଚିତ ସଭାପତି ନୀଳକଣ୍ଠ ପଣ୍ଡା ଅଧକ୍ଷତା କରିଥିଲେ। ସମ୍ପାଦକ ହେମନ୍ତ ନାୟକ ଆଗାମୀ ଦିନରେ ସମିତିକୁ ଏକ ଶ୍ରେଷ୍ଠ ସମବାୟ ସମିତି ରୂପେ ଗଢ଼ିତୋଳିବାକୁ ସମସ୍ତ ଡାଇରେକ୍ଟରଙ୍କ ସହଯୋଗ ଲୋଡ଼ିଥିଲେ। ଚାଷୀ ଆଗାମୀ ଖରିଫ ଫସଲ ବିକ୍ରି ପାଇଁ ସମିତି କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରାଇବାକୁ ସମ୍ପାଦକ ନାୟକ ସୂଚନା ଦେଇଥିଲେ। ବୈଠକରେ ସମିତି ଉପ ସଭାନେତ୍ରୀ ସସ୍ମିତା ଦାସଙ୍କ ସମେତ ସମସ୍ତ ନବନିର୍ବାଚିତ ସଭ୍ୟ ଉପସ୍ଥିତ ଥିଲେ।

### ଷ୍ଟୁଆର୍ଟ କଲେଜ ୧୯୭୯ ବ୍ୟାଚର ବନ୍ଧୁମିଳନ

**ଭୁବନେଶ୍ୱର,୨୬।୭(ବ୍ୟୁରୋ):** କଟକ ଷ୍ଟୁଆର୍ଟ କଲେଜର ୧୯୭୯ ବ୍ୟାଚ ଯୁକ୍ତ ୨ ବିଜ୍ଞାନ ଛାତ୍ରଙ୍କ ରବିବାର ଭୁବନେଶ୍ୱରସ୍ଥିତ ହୋଟେଲ ସ୍ୟାଣ୍ଡି ଟାୱାରଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର, ଶିକ୍ଷା, ଇଞ୍ଜିନିୟର, ବନ ସଂରକ୍ଷକ, ବ୍ୟବସାୟୀ, ପ୍ରଶାସନ, ସମାଜସେବା ଆଦି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଛାତ୍ରମାନେ ଦୂର ଦୂରାନ୍ତରେ ରହୁଥିବା ସତ୍ତ୍ୱେ ପରିଣତ ବୟସରେ ୩୦ରୁ ଉର୍ଦ୍ଧ୍ୱ ବନ୍ଧୁ ଏହି ମିଳନରେ ଯୋଗଦେଇଥିଲେ। ଇ.ଏସ୍.ଆଇ.ସି. ଡାକ୍ତର ଶ୍ରୀକାନ୍ତ ଦେବତା, ଅବସରପ୍ରାପ୍ତ ବନପ୍ରେମୀ ଅନାଦି ଚରଣ ଦାସ ଓ କିଟ୍‌ର ପ୍ରଶାସନିକ ଅଧିକାରୀ ପାର୍ଥ ସାରଥୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ସମସ୍ତେ ସହଯୋଗ କରିଥିଲେ।

# କ୍ରୁଟ୍‌କୁ ‘ସ୍ମାର୍ଟ ସଲ୍ୟୁଶନ୍ ଚ୍ୟାଲେଞ୍ଜ ଆଣ୍ଡ୍ ଇନ୍‌କ୍ଲୁସିଭ୍ ସିଟିଜ୍ ଆୱାର୍ଡ’

ଭୁବନେଶ୍ୱର, ୨୬।୭(ବ୍ୟୁରୋ)




ମୋ ବସ୍‌କୁ ମିଳିଛି ଆଉ ଏକ ସଫଳତା। ଜନସାଧାରଣଙ୍କ ସହଜ ଯାତାୟତ ଓ ବଜାରର ଚାହିଦା ଅନୁଯାୟୀ କ୍ରୁଟ୍ ‘ମୋ ବସ୍’ ସେବାରେ ଉନ୍ନତୀକରଣ ଯୋଗୁ ସୋମବାର କ୍ରୁଟ୍‌କୁ ‘ସ୍ମାର୍ଟ ସଲ୍ୟୁଶନ୍ ଚ୍ୟାଲେଞ୍ଜ ଆଣ୍ଡ୍ ଇନ୍‌କ୍ଲୁସିଭ୍ ସିଟିଜ୍ ଆୱାର୍ଡ’ ସମ୍ମାନ ପ୍ରଦାନ କରାଯାଇଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ ଆଫାୟାର୍ସ (ଏନଆଇୟୁଏ) ଏବଂ ୟୁନାଇଟେଡ୍ ନେସନ୍‌ସ ଇଣ୍ଡିଆ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମୟାନୁସାରେ ଯାତ୍ରୀଙ୍କ ଆବଶ୍ୟକତା ଅନୁଯାୟୀ କ୍ରୁଟ୍‌ର ସେବାକୁ ନିୟମିତ ଭାବରେ ତ୍ୱରାନ୍ୱିତ କରାଯାଉଛି। ସେପରି ଆଗାମୀ ସପ୍ତାହରେ ଇ-ବସ୍ ଏବଂ ଇ-ରିକ୍ସା ଆରମ୍ଭ କରିବାକୁ ଯୋଜନା କରି ଓଡ଼ିଶାରେ ଇଲେକ୍ଟ୍ରିକ୍ ଯାନ ନୀତିକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ସହରାଞ୍ଚଳ ପରିବହନ ଦିଗରେ କ୍ରୁଟ୍‌ର ଉଲ୍ଲେଖନୀୟ ପଦକ୍ଷେପ ଏବଂ ସାଧାରଣ ଯାତ୍ରୀମାନଙ୍କ ବ୍ୟବହାରରେ ଆସିପାରୁଥିବା ଉନ୍ନତ ମୋ ବସ୍ ସୁବିଧା ଯୋଗୁ ଲଗାତର କ୍ରୁଟ୍‌କୁ ଜାତୀୟ ସ୍ତରରେ ସମ୍ମାନ ଓ ମାନ୍ୟତା ମିଳି ଆସୁଛି। ଏ ସମ୍ପର୍କରେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, କ୍ରୁଟ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ମୋ ବସ୍ ସେବା ପ୍ରତିଟି ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। ମୋ ବସ୍‌କୁ ବ୍ୟବହାର କରୁଥିବା ସାଧାରଣ ଜନତାଙ୍କ ଲାଗି କ୍ରୁଟ୍‌କୁ ଏହି ସମ୍ମାନ ଓ ଜାତୀୟ ମାନ୍ୟତା ମିଳିପାରିଛି। ସେହିପରି କ୍ରୁଟ୍ ଜେନେରାଲ୍ ମ୍ୟାନେଜର୍ ଦିପ୍ତୀ ମହାପାତ୍ର କହିଛନ୍ତି ଯେ, କ୍ରୁଟ୍ ସର୍ବଦା ଯାତ୍ରୀଙ୍କୁ ଉତ୍ତମ ଓ ସୁରକ୍ଷିତ ଯାତ୍ରାର ଅନୁଭୂତି ଦେବାରେ କାର୍ଯ୍ୟରତ। ଏହି ପୁରସ୍କାର ସାରା ରାଜ୍ୟ ପାଇଁ ଏକ ଗର୍ବର ବିଷୟ।

# ପ୍ରାଣୀଙ୍କ ସେବାରେ ଉଦ୍ଦିଷ୍ଟ ଗାଡ଼ିରେ ବୁଲିଲେ ପର୍ଯ୍ୟଟକ




ନନ୍ଦନକାନନର ପ୍ରାଣୀ ସେବା ପାଇଁ ଉଦ୍ଦିଷ୍ଟ ଗାଡ଼ିରେ ପର୍ଯ୍ୟଟକମାନେ ବୁଲୁଛନ୍ତି।

ବାରଙ୍ଗ,୨୬।୭ (ଡି.ଏନ୍.ଏ.)

ନନ୍ଦନକାନନରେ ଥିବା ପଶୁପକ୍ଷୀଙ୍କ ଶାରୀରିକ ଅସୁସ୍ଥତା ସମୟରେ ଶୀଘ୍ର ଯାଇ ସେମାନଙ୍କ ପାଖରେ ପହଞ୍ଚିବା ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷ ତରଫରୁ ଏକ ବ୍ୟାଟେରିଚାଳିତ ଗାଡ଼ି ବନ୍ୟପ୍ରାଣୀ ଚିକିତ୍ସାଳୟକୁ ପ୍ରଦାନ କରାଯାଇଛି। ଏଥିସହ ଆବଶ୍ୟକ ଚିକିତ୍ସାଜନିତ ଜନ୍ତ୍ରପାତି ଓ ଔଷଧ ସେଥିରେ ନେବାର ବ୍ୟବସ୍ଥା ରହିବା ସହ ଏହି ଗାଡ଼ିର ଦାୟିତ୍ୱ ଡାକ୍ତରଖାନାର ବରିଷ୍ଠ ଚିକିତ୍ସକଙ୍କ ନିୟନ୍ତ୍ରଣରେ ରହିଛି। ହେଲେ ଏହି ଗାଡ଼ି ପ୍ରାଣୀଙ୍କ ଚିକିତ୍ସା କ୍ଷେତ୍ରରେ ନ ଲାଗି ପର୍ଯ୍ୟଟକଙ୍କୁ ବୁଲାଉଥିବାର ମଙ୍ଗଳବାର ଦେଖିବାକୁ ମିଳିଛି। ଯେହେତୁ ଏହା ଡାକ୍ତରଙ୍କ ଗାଡ଼ି ସେଥିପାଇଁ କୌଣସି ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବୁଝିବାକୁ କେହି ବିଶେଷଜ୍ଞ ଆସିଥିବାର ଅନୁମାନ କରାଯାଉଥିଲା। କିନ୍ତୁ ଗାଡ଼ିରେ ବସିଥିବା ଲୋକେ କେବଳ ବିଭିନ୍ନ ଏନ୍‌କ୍ଲୋଜର ପାଖକୁ ଯାଇ ପଶୁପକ୍ଷୀ ଦେଖି ଆସୁଥିବା ଜଣାପଡିଥିଲା। ତେବେ ଡାକ୍ତରଙ୍କ ନିୟନ୍ତ୍ରଣରେ ଥିବା ଗାଡ଼ି ଚାଳକ ବ୍ୟବସାୟିକ କାର୍ଯ୍ୟରେ କିପରି ବ୍ୟବହାର କରିବାକୁ ସାହସ କଲେ ତାହା ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବରିଷ୍ଠ ପ୍ରାଣୀ ଚିକିତ୍ସକ ଶରତ ମିଶ୍ରଙ୍କୁ ପଚାରିବାରେ, ତାଙ୍କ ପାଖରେ ଏନେଇ କୌଣସି ଖବର ନାହିଁ। ତେବେ ଏମିତି ହେବା କଥା ନୁହେଁ। ଏ ଘଟଣା ସମ୍ପର୍କରେ ବୁଝିବା ପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସେ କହିଥିଲେ। ଅନ୍ୟପଟେ ଜଣେ ଡାକ୍ତରଙ୍କ ସମ୍ପର୍କୀୟ ଆସିଥିବାରୁ ସେମାନେ ଏହି ଗାଡ଼ିରେ ନନ୍ଦନକାନନ ବୁଲୁଥିବାର ଆଲୋଚନା ଜୋର ଧରିଛି।



ଜବତ ହୋଇଥିବା ବାଇକ୍ ସହ ଗିରଫ ଲୁଟେରା ଗ୍ୟାଙ୍ଗର ୩ ଅଭିଯୁକ୍ତ।

# ବାଇକ୍ ଲୁଟେରା ଗ୍ୟାଙ୍ଗ୍‌ର ୩ ଗିରଫ

ଭୁବନେଶ୍ୱର, ୨୬।୭ (ବ୍ୟୁରୋ)

- ଆଇଟିଆଇ ଛାତ୍ର ସାମିଲ: ଜଣେ ଫେରାର୍, ୧୦ ବାଇକ୍ ଜବତ
- ନୂଆ କରି ଅପରାଧ ଜଗତରେ ପାଦ ଥାପିଥିଲେ

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗ୍ କମିଶନରେଟ୍ ପୋଲିସ ହାତରେ ଧରାପଡ଼ିଛି। ଗ୍ୟାଙ୍ଗ୍‌ର ୩ଜଣ ସଦସ୍ୟଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଜଣେ ଫେରାର୍ ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ କୋଠାସାହିର ମନୋରଞ୍ଜନ ଚମ୍ପତି ଓରଫ୍ କାହ୍ନା, ଜଟଣୀ ଥାନା ଅନ୍ତର୍ଗତ ବେଲପଡ଼ାର ରାକେଶ ସିଂହ ଓରଫ୍ ରାକୁ ଓ ବେଗୁନିଆ ଥାନା ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ସୁକାନ୍ତ ବେହେରା। ଏମାନଙ୍କଠାରୁ ୧୦ଟି ଚୋରା ବାଇକ୍ ପୋଲିସ ଜବତ କରିଛି। ପୋଲିସ ଏକ ମାମଲା (ନଂ. ୨୩୭/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଖଣ୍ଡଗିରି ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଅଭିଯୁକ୍ତ ରାକେଶ ସିଂ ଆଇଟିଆଇ ପାସ୍ କରିଛନ୍ତି। ଅଭିଯୁକ୍ତମାନେ ନୂଆକରି ଅପରାଧ ଜଗତରେ ପାଦ ଥାପିଛନ୍ତି। ଏମାନଙ୍କ ନାଁରେ କୌଣସି ଥାନାରେ ମାମଲା ନ ଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ଗ୍ୟାଙ୍ଗର ସଦସ୍ୟମାନେ ରାଜଧାନୀରେ ବାଇକ ଚୋରି କରି ନୟାଗଡ଼, ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳରେ କମ ମୂଲ୍ୟରେ ବିକ୍ରି କରନ୍ତି। ଗତ ମେ’ ୧୧ରେ ଭୁବନେଶ୍ୱରର ଗୋପୀନାଥ ମହାପାତ୍ର ଏମ୍ସ ହସ୍ପିଟାଲ ଯାଇଥିଲେ। ସେ ହସ୍ପିଟାଲ କ୍ୟାମ୍ପସରେ ବାଇକ୍ ପାର୍କିଂ କରିଥିଲେ। ସନ୍ଧ୍ୟାରେ ଫେରିବାବେଳକୁ ତାଙ୍କ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରଖିଥିଲା। ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗ୍ୟାଙ୍ଗର ୩ ଜଣଙ୍କୁ ଧରିଛି।

## ପ୍ରିୟଦର୍ଶୀ ମିଶ୍ରଙ୍କୁ ଜିଆର୍ଆଇଟି ପୁରସ୍କାର

ଭୁବନେଶ୍ୱର, ୨୬।୭ (ବ୍ୟୁରୋ)

ସିଙ୍ଗାପୁରଠାରେ ବିଶ୍ୱ ପରିବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ତଥା ରାଜ୍ୟ ହାଉସିଂ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମିଶ୍ରଙ୍କୁ ଜିଆର୍ଆଇଟି ପୁରସ୍କାର ପ୍ରଦାନ କରାଯାଇଛି। ଜାତିସଂଘ ପରିବେଶ ପ୍ରତିନିଧିଙ୍କ ସମେତ ପ୍ରାୟ ୧୫ଟି ଦେଶର ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ବିଶ୍ୱ ପରିବେଶ, ମୃତ୍ତିକାର ସୁରକ୍ଷା ଓ ପ୍ଲାଷ୍ଟିକ ବର୍ଜନ ଉପରେ ଏଥିରେ ଆଲୋଚନା ହୋଇଥିଲା। ମିଶ୍ର କହିଥିଲେ, ଭାରତ ପ୍ଲାଷ୍ଟିକ ବର୍ଜନ ନୀତି ଆପଣାଇଛି। ସିଙ୍ଗାପୁର ଭଳି ବିକାଶଶୀଳ ଦେଶ ସବୁଜ ଯୋଜନା ଓ ସୌର ଶକ୍ତି କ୍ଷେତ୍ରରେ ଉନ୍ନତି କରିଛନ୍ତି। କିନ୍ତୁ ମାଇକ୍ରୋ ଲେଭଲ୍ ବା ସବୁ ସ୍ତରରେ ପ୍ଲାଷ୍ଟିକ ବର୍ଜନ କରିବାକୁ ସେ ଅପିଲ କରିଥିଲେ। ମୃତ୍ତିକାରେ ରାସାୟନିକ ସାରର ପ୍ରଭାବ କିଭଳି ମଣିଷର କ୍ଷତି କରୁଛି ତା’ ଉପରେ ମତ ରଖିଥିଲେ। ଗୃହ ନିର୍ମାଣ ବେଳେ ବ୍ୟାପକ ଚାରାରୋପଣ ଜରୁରୀ ବୋଲି ସେ କହିଥିଲେ। ଜଳବଣ୍ଟନ ସମସ୍ୟାର ସମାଧାନ ପାଇଁ ସବୁ ରାଜ୍ୟ ରାଜନୈତିକ ସିଦ୍ଧାନ୍ତର ଉପରକୁ ଉଠନ୍ତୁ ବୋଲି ସେ ଆହ୍ୱାନ କରିଥିଲେ।

## ଭୁବନେଶ୍ୱର ନ୍ୟୁଜ୍‌ପେପର ସପ୍ଲାୟର୍ସ ଆସୋସିଏଶନ୍ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା

ଭୁବନେଶ୍ୱର, ୨୬।୭ (ବ୍ୟୁରୋ)

ଓଡ଼ିଶା ମାଟିର ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁ ଭାରତର ପ୍ରଥମ ନାଗରିକ ତଥା ୧୫ତମ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ଏହି ଅବସରରେ ତାଙ୍କୁ ଭୁବନେଶ୍ୱର ନ୍ୟୁଜ୍‌ପେପର ସପ୍ଲାୟର୍ସ ଆସୋସିଏଶନ୍ ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏ ନେଇ ସାଙ୍ଗଠନିକ ସମ୍ପାଦକ ଦିଲୀପ ଜେନାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଆସୋସିଏଶନର ସଭାପତି ଲିଙ୍ଗରାଜ ପାତ୍ର, ସମ୍ପାଦକ କମଳାକାନ୍ତ ବାମୁରାଇଙ୍କ ସମେତ ୩ଶହରୁ ଉର୍ଦ୍ଧ୍ୱ ବିତରକ ବନ୍ଧୁ ଉପସ୍ଥିତ ଥିଲେ।

## ଓଡ଼ିଆ ଭାଷାର ଉନ୍ନତି ପାଇଁ ଅଧିକ ଗବେଷଣା ଆବଶ୍ୟକ

ଭୁବନେଶ୍ୱର,୨୬।୭ (ବ୍ୟୁରୋ)

ଓଡ଼ିଆ ଭାଷା ଉପରେ ଆଗାମୀ ପିଢ଼ିର ଗବେଷକ, ଗବେଷିକା ଅଧିକ ଗବେଷଣା କରିବା ଉଚିତ। ସେମାନଙ୍କୁ ଏ ଦିଗରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପ୍ରୋତ୍ସାହନ ଦେବାକୁ ଭାଷା ବିଜ୍ଞାନୀ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ପ୍ରାଚୀନ ସାହିତ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷାର ସ୍ୱରୂପ ଆଲୋଚନା ଚକ୍ରକୁ ଭାଷା ବିଜ୍ଞାନୀ ପଟ୍ଟନାୟକ ଉଦଘାଟନ କରି ଏହି ଆହ୍ୱାନ ଦେଇଛନ୍ତି।

କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବିହାରସ୍ଥିତ ରାଜେନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତ ବର୍ଷର ଶାସ୍ତ୍ରୀୟ ଭାଷା ଭାବେ ଦେଶ ବିଦେଶରେ ପରିଚିତ ସଂସ୍କୃତ ଭାଷାର ବୈଶିଷ୍ଟ୍ୟ ଉପସ୍ଥାପନ କରି ଶାସ୍ତ୍ରୀୟ ଓଡ଼ିଆ ଭାଷା କିଭଳି ନିଜ ଗଠନ ଓ ବ୍ୟବହାରରେ ଅନ୍ୟ ଭାଷା ଠାରୁ ସ୍ୱତନ୍ତ୍ର ତାହା ବୁଝାଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ସଂଯୋଜକ ଡ. ରମେଶ ଚନ୍ଦ୍ର ମଲ୍ଲିକ ଶିଳାଲେଖର ଭାଷା ବିଷୟରେ ଆଲୋଚନା କରି କପିଳେନ୍ଦ୍ରଦେବଙ୍କ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଘଟିଥିଲା ବୋଲି କହିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ ସାହିତ୍ୟରେ ଆମ ଭାଷାର ପ୍ରାଚୀନତାର ସ୍ୱରୂପ ବିଷୟରେ ଆଲୋକପାତ କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ ଭାଷା ଗବେଷଣା ଅଞ୍ଚଳ ଓ ସଂସ୍କୃତିକୁ ଆଧାର କରିବା ଆବଶ୍ୟକ ବୋଲି କହିଥିଲେ। ସଭାପତି ପ୍ରଫେସର ପଣ୍ଡା କେନ୍ଦ୍ରରେ ଚାଲୁଥିବା ଶିଳାଲେଖ,ରୁଦ୍ରସୁଧାନିଧି, ମାଦଳା ପାଞ୍ଜି, ଗୀତାଭିଧାନ, ଚଉତିଶା, ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ଓ ଲୋକ ସାହିତ୍ୟର ଭାଷା ତାତ୍ତ୍ୱିକ ଅନୁଶୀଳନ ବିଷୟରେ ସୂଚନା ଦେଇଥିଲେ। ଗବେଷକ ଡ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମାର୍କେଟ ବିଲ୍ଡିଂ ସଂଲଗ୍ନ ରାସ୍ତାରୁ ବେଆଇନ ଦୋକାନ ହଟିବ

ଭୁବନେଶ୍ୱର, ୨୬।୭ (ବ୍ୟୁରୋ)

**ପରିମଳ ବ୍ୟବସ୍ଥା ପାଇଁ ଦୋକାନ ସିଲ୍**

ଖରାପ ପରିମଳ ବ୍ୟବସ୍ଥା ପାଇଁ ମଙ୍ଗଳବାର ଆଉ ଏକ ଦୋକାନକୁ ବିଏମ୍‌ସି ସିଲ୍ କରିଛି। ୟୁନିଟ-୨ ସ୍ଥିତ ମାର୍କେଟ ବିଲ୍ଡିଂସ୍ଥିତ ଶପ୍ ନଂ-୯କୁ ସିଲ୍ କରାଯାଇ ୧୦ହଜାର ଟଙ୍କା ଜରିମାନା କରାଯାଇଛି। ନିୟମ ଅନୁଯାୟୀ ଦୋକାନର ୫ମିଟର ପରିମିତ ଅଞ୍ଚଳକୁ ସଫା କରିବା ପରେ ଦୋକାନ ଖୋଲିବାକୁ ଅନୁମତି ମିଳିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ସହରର ପ୍ରମୁଖ ବଜାର ମାର୍କେଟ ବିଲ୍ଡିଂ ସଂଲଗ୍ନ ରାସ୍ତାରେ ବେଆଇନ ଭାବେ ଥିବା ଦୋକାନଗୁଡ଼ିକୁ ଉଠିବା ପାଇଁ ବିଏମ୍‌ସି ନିର୍ଦ୍ଦେଶ ଦେଇଛି। ରାଜମହଲ ଛକଠାରୁ ମାର୍କେଟ ବିଲ୍ଡିଂ, ଜନପଥଠାରୁ ମାର୍କେଟ ବିଲ୍ଡିଂ, ୟୁନିଟ-୨ ପେଟ୍ରୋଲ ଟାଙ୍କି ପାଖରୁ ମାର୍କେଟ ବିଲ୍ଡିଂ ସହିତ କେଶରୀ ମଲ୍‌ଠାରୁ ମାର୍କେଟ ବିଲ୍ଡିଂ ରାସ୍ତାକଡ଼ରେ ଜବରଦଖଲ କରିଥିବା ସମସ୍ତ ଦୋକାନୀଙ୍କୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦୀର୍ଘଦିନ ହେବ ଏହି ରାସ୍ତାରେ ଜୋତା, ବ୍ୟାଗ, କପଡ଼ା ଏବଂ ଅନ୍ୟାନ୍ୟ ଦୋକାନ ରହିଥିଲା। ପୂର୍ବରୁ ବିଏମ୍‌ସି ଏହାକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ ସୁଦ୍ଧା କୋର୍ଟରୁ ଷ୍ଟେ ଅର୍ଡର ଥିବାରୁ ଭଙ୍ଗାଯାଇ ନ ଥିଲା। ମାତ୍ର କେସ୍ ଜିତିବା ପରେ ବିଏମ୍‌ସି ସମ୍ପୃକ୍ତ ଦୋକାନ ଭାଙ୍ଗିବାକୁ ନିଷ୍ପତ୍ତି ନେଇଛି। ଏ ନେଇ ପ୍ରାୟ ୧୦୦ ଦୋକାନୀଙ୍କୁ ମଙ୍ଗଳବାର ରାତିରେ ନୋଟିସ୍ ପଠାଯାଇଥିଲା। ବୁଧବାର ସକାଳୁ ସମସ୍ତ ଉଠାଦୋକାନ ଭଙ୍ଗାଯିବାକୁ ଥିବାରୁ ସମ୍ପୃକ୍ତ ଦୋକାନୀମାନେ ରାତି ସୁଦ୍ଧା ସେମାନଙ୍କର ଜିନିଷ ପତ୍ର ଖାଲି କରିବାକୁ କୁହାଯାଇଛି। ମାର୍କେଟ ବିଲ୍ଡିଂକୁ ଆସୁଥିବା ବ୍ୟକ୍ତି ସୁବିଧାରେ ଯାତାୟାତ ସହ କିଣାକିଣି କରିପାରିବେ ସେଥିପାଇଁ କମିଶନର ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରବିବାର ମେୟର, ବିଏମ୍‌ସି କମିଶନର, ସ୍ଥାନୀୟ କର୍ପୋରେଟରଙ୍କ ମାର୍କେଟ ବିଲ୍ଡିଂ ପରିଦର୍ଶନ କରି ଉଠା ଦୋକାନୀମାନଙ୍କୁ ତୁରନ୍ତ ସ୍ଥାନ ଖାଲି କରିବା ପାଇଁ ତାଗିଦ୍ କରିଥିଲେ। ମାର୍କେଟ ବିଲ୍ଡିଂରେ ଉଠାଦୋକାନୀମାନେ ଜବରଦଖଲ କରି ଆସୁଥିବାରୁ ବଡ ବଡ ଦୋକାନୀଙ୍କ ପାଇଁ ସମସ୍ୟା ଦେଖାଦେଇଛି। ବିଶେଷକରି ପାର୍କିଂ ସମସ୍ୟା ଓ ପରିମଳ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ତେଣୁ ଏହାର ସମାଧାନ ପାଇଁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା।



ନୂତନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଙ୍ଗଳବାର ଭୁବନେଶ୍ୱର ନ୍ୟୁଜ୍‌ପେପର ସପ୍ଲାୟର୍ସ ଆସୋସିଏଶନ୍ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

# ବେଆଇନ ପାର୍କିଂ ଫି ଆଦାୟ କରି ଚାଳକଙ୍କୁ ଧମକ

ଭୁବନେଶ୍ୱର, ୨୬।୭ (ବ୍ୟୁରୋ)

**ଅଭିଯୁକ୍ତ ଗିରଫ, ସନ୍ଦେହରେ ବିଏମ୍‌ସି କର୍ମଚାରୀ**

ବେଆଇନ୍ ଭାବେ ପାର୍କିଂ ଫି ଆଦାୟ ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗର ପ୍ରସନ୍ନଜିତ୍ ଦାସ ଅଧିକାରୀ(୨୬)। ପ୍ରସନ୍ନଜିତ୍‌ଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଅଭିଯୋଗକାରୀ କାର୍ ନେଇ ବାପୁଜୀନଗର ମାର୍କେଟକୁ ଆସିଥିଲେ। ସେଠାରେ ଏକ ମେଡିସିନ ଦୋକାନ ସମ୍ମୁଖରେ ସେ କାର୍‌କୁ ପାର୍କିଂ କରିଥିଲେ। ଏହି ସମୟରେ ପ୍ରସନ୍ନଜିତ ସେଠାକୁ ଆସି ପାର୍କିଂରେ ସହାୟତା କରିବା ସହ ୨୦ ଟଙ୍କାର ଏକ ବିଏମ୍‌ସି ପାର୍କିଂ ଟିକେଟ୍ ଦେଇଥିଲେ। ଅଭିଯୋଗକାରୀ କିଛି ସମୟ ପରେ କାମ ସାରି କାର ନେବା ପାଇଁ ସେଠାରେ ଆସି ପହଞ୍ଚିବା ପରେ ଅଭିଯୁକ୍ତ ପାର୍କିଂ ଫି ବାବଦରେ ୫୦ ଟଙ୍କା ଦାବି କରିଥିଲେ। ଟଙ୍କା ଦେବା ପାଇଁ ଅଭିଯୋଗକାରୀ ମନା କରିବାରୁ ପ୍ରସନ୍ନଜିତ୍ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ପରେ ଅଭିଯୋଗକାରୀ ସ୍ଥାନୀୟ ବ୍ୟବସାୟୀଙ୍କଠାରୁ ପ୍ରସନ୍ନଜିତ ବିଏମ୍‌ସି ବିନାନୁମତିରେ ଏଭଳି କରୁଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ, ୪୨୫/୨୨) ରୁଜୁ କରିଛି। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି।

# ଆଲୋଚନାକୁ ଆସିଲେନି ଆଉ ୨ ସଂସ୍ଥା

ଭୁବନେଶ୍ୱର, ୨୬।୭ (ବ୍ୟୁରୋ)

**ବିଏମ୍‌ସିର ରାତି ସଫେଇ ପ୍ରସଙ୍ଗ**

- ଚାପ ପକାଇଲେ ଭୁବନେଶ୍ୱର ଛାଡ଼ିବ ରାମ୍‌କୀ
- ସଫେଇ କର୍ମୀଙ୍କୁ ‘ଜାଗୃତି’ ଦେବ ବର୍ଦ୍ଧିତ ମଜୁରି

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀଙ୍କ ଦୈନିକ ମଜୁରି ସମସ୍ୟା ସମାଧାନ ହୋଇପାରୁନାହିଁ। ସଫେଇ କର୍ମଚାରୀମାନେ ଏଜେନ୍ସି ଦ୍ୱାରା ଦିଆଯାଉଥିବା ପାରିଶ୍ରମିକକୁ ନେଇ ଖୁସିନାହାନ୍ତି। କାରଣ ଶ୍ରମ ନିୟମ ଅନୁଯାୟୀ, ଦୈନିକ ମଜୁରି ୩୨୬ ଟଙ୍କା ହୋଇଥିବାବେଳେ ଏମାନଙ୍କୁ ୨୩୦ ଟଙ୍କା ପ୍ରଦାନ କରାଯାଉଛି। ଫଳରେ ମଜୁରି ବୃଦ୍ଧି କରିବା ପାଇଁ ଦାବି କରାଯାଉଛି। ବିଏମ୍‌ସି ପକ୍ଷରୁ ରାତ୍ରୀକାଳୀନ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ଏହି ଦାବି ଆହୁରି ଜୋର୍ ଧରିଛି। ଗୋଟିଏ ପଟେ ବିଏମ୍‌ସି ସଫେଇ ମଜଦୁର ସଂଘ ପକ୍ଷରୁ ମଜୁରି ବଢାଇବା ପାଇଁ ଦାବି କରି ଆଲୋଚନା ଲାଗି ଚେଷ୍ଟା ଚାଲିଥିଲେ ମଧ ଏଜେନ୍ସିଗୁଡ଼ିକ ଧରାଛୁଆଁ ଦେଉନାହାନ୍ତି। ବାରମ୍ବାର ଦିନ ଟାଳିବା ପରେ ମଙ୍ଗଳବାର ସଂଘ ଏବଂ ଠିକା ସଂସ୍ଥା ଜାଗୃତି ମଧ୍ୟରେ ଆଲୋଚନା ହୋଇଥିଲା। ଏହାପରେ ସଂସ୍ଥା ୩୨୬ ଟଙ୍କା ଦୈନିକ ମଜୁରି ଦେବାକୁ ରାଜି ହୋଇଥିବାବେଳେ ଆଉ ଦୁଇଟି ସଂସ୍ଥା ରାମ୍‌କୀ ଏବଂ ପିଏମ୍‌ଆର୍ ବିଭିନ୍ନ କାରଣ ଦର୍ଶାଇ ଆଲୋଚନାକୁ ଆସି ନ ଥିଲେ। ଫଳରେ ଏହି ଦୁଇ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀଙ୍କ ମଜୁରି ବୃଦ୍ଧି ନେଇ କୌଣସି ସମାଧାନ ହୋଇପାରୁନାହିଁ। ତେଣୁ ସଂଘ ପକ୍ଷରୁ ଏହି ଦୁଇ ସଂସ୍ଥାକୁ ନୋଟିସ୍ ଜାରି କରାଯାଇଛି। ଆସନ୍ତା ୨ଦିନ ଭିତରେ ଆଲୋଚନା ନେଇ ନ ଜଣାଇଲେ ସଫେଇ କର୍ମଚାରୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଅପରପକ୍ଷେ ବିଏମ୍‌ସିର ରାତ୍ରିକାଳୀନ ସଫେଇ ଅଭିଯାନରେ ସାମିଲ ହେବାକୁ ରାମ୍‌କୀ ମନାକରିଛି। ସଂସ୍ଥା ଅଧୀନରେ ଅଧିକ ମହିଳା କର୍ମଚାରୀ ଅଛନ୍ତି। ତେଣୁ ରାତିରେ ସେମାନେ ବାହାରେ କାମ କଲେ ସେମାନଙ୍କୁ କିଏ ସୁରକ୍ଷା ଦେବ ବୋଲି ଏଜେନ୍ସି ପ୍ରଶ୍ନ ଉଠାଇଛି। ଏପରିକି ବିଏମ୍‌ସି ପକ୍ଷରୁ ବେଶୀ ବାଧ କରାଗଲେ ସଂସ୍ଥା ଭୁବନେଶ୍ୱର ଛାଡ଼ି ଦେବ ବୋଲି କହିଛି। ବିଏମ୍‌ସି ନୂଆ ନୂଆ ଯୋଜନା କରି ବାରମ୍ବାର ନିୟମ ବଦଳାଉଛି। ୩ ବର୍ଷ ହେବ ଅଳିଆ ଟନ୍ ପିଛା ୩ ୭୫୪.୦୯ ଟଙ୍କା ପ୍ରଦାନ କରୁଛି। ବର୍ଦ୍ଧିତ ଦର ଦିଆଯାଉ ନ ଥିଲେ ମଧ ସଂସ୍ଥା କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶ୍ରମ ନିୟମ ଅନୁଯାୟୀ ମଜୁରି ପ୍ରଦାନ କରୁଛି। ଏଥିସହ ଇପିଏଫ୍, ଇଏସ୍‌ଆଇ, ଗ୍ରାଚ୍ୟୁଇଟି ବ୍ୟବସ୍ଥା ମଧ କରିଛି। ମାତ୍ର ବିଏମ୍‌ସି ଟିକେ ଟିକେ କଥାରେ ସଂସ୍ଥାଠାରୁ ଜରିମାନା ଆଦାୟ କରୁଛି। ଆସନ୍ତା ୩୧ ତାରିଖରେ ବିଏମ୍‌ସି ସହିତ ହୋଇଥିବା ଚୁକ୍ତି ସରୁଛି। ଯଦି ସଂସ୍ଥା କଥାରେ ବିଏମ୍‌ସି ରାଜି ହେବ ତେବେ ଚୁକ୍ତି ଆଗକୁ ବଢିବ। ନଚେତ୍ କର୍ମୀମାନଙ୍କୁ ଗୋଟେ ମାସର ନୋଟିସ୍ ଦେଇ ଭୁବନେଶ୍ୱରରୁ ଚାଲିଯିବ। ଯେଉଁ ନୂଆ ସଂସ୍ଥା ଆସିବେ ସେମାନେ ଏହି କର୍ମୀମାନଙ୍କୁ ନିଯୁକ୍ତି ଦେବେ ବୋଲି ସୂଚନା ଦିଆଯାଇଛି। ରାମ୍‌କୀ ଅଧୀନରେ ପ୍ରାୟ ୬ଶହ ସଫେଇ କର୍ମୀ ରହିଛନ୍ତି। ସଂସ୍ଥା ରାଜି ନ ହେଲେ କର୍ମୀମାନେ ରାତି ସଫେଇକୁ ଯିବେ ନାହିଁ। ଅପରପକ୍ଷେ ସଂସ୍ଥା ଉପରେ ବେଶୀ ଚାପ ପ୍ରୟୋଗ ମଧ ଲାଭପ୍ରଦ ହେବ ନାହିଁ। ତେଣୁ ଏହି ଅଭିଯାନକୁ ସଫଳ କରିବା ପାଇଁ ବିଏମ୍‌ସି ଏବେ କିଭଳି ଯୋଜନା କରିବ ତାହା ଉପରେ ସହରବାସୀଙ୍କ ଦୃଷ୍ଟି ରହିବ।

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ପୋର୍ଟ ଅଫ୍ ସ୍ପେନ୍, ୨୬।୭(ପି.ଟି)**

ୱେଷ୍ଟଇଣ୍ଡିଜ୍ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ୨ ମୁକାବିଲାକୁ ଜିତିବା ସହିତ ଭାରତ ସିରିଜ ବିଜୟ ହାସଲ କରିସାରିଛି। ବୁଧବାର ସିରିଜର ଅନ୍ତିମ ମୁକାବିଲା ଖେଳାଯିବାକୁ ଥିବାବେଳେ କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ରହିଛି ଶିଖର ଧାୱନଙ୍କ ଭାରତୀୟ ଦଳ। ଦିନିକିଆରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ କ୍ରମାଗତ ୧୨ଶ ସିରିଜ ବିଜୟ ହାସଲ କରିଥିବା ଭାରତ ଅନ୍ତିମ ମ୍ୟାଚରେ ଏହାର ବେଞ୍ଚ ଷ୍ଟ୍ରେଙ୍ଗ୍‌ଥ ପରୀକ୍ଷା କରିବାକୁ ଚାହିଁବ। ହେଲେ ବର୍ତ୍ତମାନର ଟିମ୍

**ଆଜି ଅନ୍ତିମ ଦିନିକିଆ**

କମ୍ବିନେଶନକୁ ଧ୍ୟାନରେ ରଖିଲେ ପରିବର୍ତ୍ତନର ସମ୍ଭାବନା କମ୍। ଓପନିଂ ବ୍ୟାଟିଂରେ ଧାୱନଙ୍କ ସହିତ ଋତୁରାଜ ଗାଏକ୍ୱାଡଙ୍କୁ ଦଳରେ ସାମିଲ କରାଯାଇପାରେ। ହେଲେ ଦୁଇଟି ଯାକ ମ୍ୟାଚରେ ପ୍ରଭାବୀ ବ୍ୟାଟିଂ(୬୪ ଓ ୪୩ ରନ୍) କରିଥିବା ଶୁଭମନ ଗିଲଙ୍କୁ ବାଦ୍ ଦେବା ସହଜ ହେବ ନାହିଁ। ଅନ୍ୟ ପକ୍ଷରେ ଘରୋଇ କ୍ରିକେଟ ଓ ଆଇପିଏଲ୍‌ରେ ଚମତ୍କାର ରେକର୍ଡ ରଖିଥିବା ଗାଏକ୍ୱାଡ କିନ୍ତୁ ଦକ୍ଷିଣ ଆଫ୍ରିକା ସିରିଜରେ ଅତ୍ୟନ୍ତ ସାଧାରଣ ବ୍ୟାଟିଂ କରିଥିଲେ। ମିଡିଲ ଅର୍ଡରରେ ଶ୍ରେୟସ୍ ଆୟାର ଏବଂ ସଞ୍ଜୁ ସାମସନ୍ ମଧ୍ୟ ଅର୍ଦ୍ଧଶତକ ହାସଲ କରିଛନ୍ତି, ଯାହାଫଳରେ ଉଭୟଙ୍କୁ ବାହାରେ ରଖିହେବ ନାହିଁ। ଇଶାନ କିଶନଙ୍କ ଅପେକ୍ଷା ବଡ ଶଟ୍ ମାରିବାର ଦକ୍ଷତା ରଖୁଥିବାରୁ ସାମସନ୍ ଚୟନକର୍ତ୍ତାଙ୍କ ପାଇଁ ଫେଭରିଟ୍ ରହିବେ। ଦୁଇଟି ଯାକ ଇନିଂସରେ ବିଫଳ ହୋଇଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ମଧ୍ୟ ଆଉ ଏକ ସୁଯୋଗ ପ୍ରଦାନ କରାଯିବ। ଉଭୟ ମ୍ୟାଚରେ ଦୀପକ ହୁଦାଙ୍କ ବ୍ୟାଟିଂ ଆଭରେଜ୍ ରହିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ୯ ଓଭର ବୋଲିଂ କରିଥିଲେ।

ଆହତ କାରଣରୁ ପ୍ରଥମ ଦୁଇ ମ୍ୟାଚରୁ ବାଦ୍ ପଡିଥିବା ରବୀନ୍ଦ୍ର ଜାଡେଜାଙ୍କ ସମ୍ବନ୍ଧରେ କୌଣସି ଅପଡେଟ୍ ନାହିଁ। ଅନ୍ୟପକ୍ଷରେ ଜାଡେଜାଙ୍କ ବଦଳରେ ସ୍ଥାନ ପାଇଥିବା ଅକ୍ଷର ପଟେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ହିଁ ଭାରତ ସିରିଜ୍ ଜିତିବାରେ ସମର୍ଥ ହୋଇଥିଲା। ଜାଡେଜା ଖେଳିଲେ ଭାରତ ଏହି ମ୍ୟାଚରେ ଯୁଜବେନ୍ଦ୍ର ଚହଲଙ୍କୁ ବିଶ୍ରାମ ଦେଇପାରେ। ଯଦି ମ୍ୟାନେଜମେଣ୍ଟ ୩ ସ୍ପିନର ଆଟାକ ସହିତ ଓହ୍ଲାଇବାକୁ ଚାହିଁବ ତେବେ ଶାର୍ଦ୍ଦୁଳ ଠାକୁର ବାହାରେ ବସିପାରନ୍ତି। ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଅର୍ଶଦୀପ ସିଂଙ୍କୁ ଆଭେଶ ଖାଁଙ୍କ ସ୍ଥାନରେ ସୁଯୋଗ ମିଳିପାରେ। ଆଭେଶ ୬ ଓଭରରେ ୫୪ ରନ୍ ବ୍ୟୟ କରିଥିଲେ। ଅନ୍ୟ ପକ୍ଷରେ ଦଳଗତ ପ୍ରଦର୍ଶନ ଦେବାରେ ବିଫଳ ହୋଇଥିବା ୱେଷ୍ଟ ଇଣ୍ଡିଜ୍ ବ୍ୟକ୍ତିଗତ ପ୍ରଦର୍ଶନ ଉପରେ ଅଧିକ ନିର୍ଭରଶୀଳ। ଶାଇ ହୋପ୍, ନିକୋଲାସ୍ ପୁରନ୍, ରୋଭମାନ ପାୱେଲ ଏବଂ ରୋମାରିଓ ଶେଫର୍ଡଙ୍କ ପ୍ରଦର୍ଶନ ଉପରେ ଦଳ ନିର୍ଭର କରୁଛି। ହୋଲ୍ଡରଙ୍କ ପ୍ରତ୍ୟାବର୍ତ୍ତନ ଦଳକୁ ଅଧିକ ଶକ୍ତିଶାଳୀ କରିବା ନେଇ ଆଶା କରାଯାଉଛି। ବିଗତ ୮ଟି ଦିନିକିଆରେ ପରାଜୟ ପରେ ଦଳ ବିଜୟଧାରାକୁ ଫେରିବା ସହିତ କ୍ଲିନ୍ ସୁଇପ୍ ରୋକିବାକୁ ପ୍ରୟାସ କରିବ।

**ମ୍ୟାଚ୍ ସମୟ: ରାତି ୭ଟା**



ଅଭ୍ୟାସ ଅବସରରେ ଅକ୍ଷର ପଟେଲ।

## ଲଭଲିନାଙ୍କ କୋଚ୍‌ଙ୍କୁ ମିଳିଲା ସ୍ୱୀକୃତିପତ୍ର

**ବର୍ମିଂହାମ୍, ୨୬।୭ (ପି.ଟି.):** ବକ୍ସର ଲଭଲିନା ବର୍ଗୋହେନ୍‌ଙ୍କ ବ୍ୟକ୍ତିଗତ କୋଚ୍ ସନ୍ଧ୍ୟା ଗୁରୁଙ୍ଗଙ୍କୁ ମଙ୍ଗଳବାର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସ୍ୱୀକୃତିପତ୍ର ମିଳିଛି। ତାଙ୍କ କୋଚ୍‌ଙ୍କୁ ବାରମ୍ବାର ହଇରାଣ କରାଯାଉଥିବାରୁ ତାଙ୍କ ଟ୍ରେନିଂ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଏହି ଅଲିମ୍ପିକ ବ୍ରୋଞ୍ଜ ବିଜୟିନୀଙ୍କ ଅଭିଯୋଗର ଦିନକ ପରେ ଏହା ଘଟିଛି। ଗୁରୁଙ୍ଗ ଭାରତୀୟ ଦଳର ସହକାରୀ କୋଚ୍ ମଧ୍ୟ। ଇଭେଣ୍ଟର କିଛି ଦିନ ପୂର୍ବରୁ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ସୂଚନାଯୋଗ୍ୟ, ରବିବାର ଗୁରୁଙ୍ଗ ଏଠାରେ ପହଞ୍ଚିବା ପରେ ସ୍ୱୀକୃତିପତ୍ର ନ ଥିବାରୁ ତାଙ୍କୁ ଭିଲେଜରେ ପ୍ରବେଶରୁ ବାରଣ କରାଯାଇଥିଲା। ଫଳରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହାଇଥିଲା। ସ୍ୱୀକୃତିପତ୍ର ପାଇବା ପରେ ମଙ୍ଗଳବାର ସକାଳେ ସେ ଗେମ୍ସ ଭିଲେଜରେ ପ୍ରବେଶ କରିଛନ୍ତି। ସେଠାରେ ତାଙ୍କୁ ଏକ ରୁମ୍ ମିଳିଛି। ଲଭଲିନା କହିଛନ୍ତି, କୋଚ୍‌ମାନଙ୍କ ସହାୟତାରେ ସେ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଲାଭ କରିପାରିଥିଲେ। ସେମାନଙ୍କୁ ବାରମ୍ବାର ହଇରାଣ କରାଯିବା ଦ୍ୱାରା ତାଙ୍କୁ ମାନସିକ ଯନ୍ତ୍ରଣା ଭୋଗିବାକୁ ପଡୁଥିଲା।



ଚେନ୍ନାଇର ମହାବଳୀପୁରମ୍ ଚେସ୍ ଅଲିମ୍ପିଆଡ୍‌ରେ ଭାଗନେବାକୁ ଯାଉଥିବା ରୋମାନିଆ ଦଳ।

# ‘ଭାରତ ପଦକ ଜିତିବା ସମ୍ଭାବନା’

**ଚେସ୍ ଅଲିମ୍ପିଆଡ୍**

**ଚେନ୍ନାଇ, ୨୬।୭ (ପି.ଟି.)**

ଆଉ ଗୋଟିଏ ଦିନପରେ ଏଠାରେ ଆରମ୍ଭ ହେବାକୁ ଯାଉଛି ଚେସ୍ ଅଲିମ୍ପିଆଡ୍‌ର ୪୪ତମ ସଂସ୍କରଣ। ଚଳିତ ମାସ ୨୮ରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଏହି ମେଗା ଇଭେଣ୍ଟରେ ଆୟୋଜକ ଭାରତର ପଦକ ଜିତିବା ସମ୍ଭବନା ଉଜ୍ଜ୍ୱଳ ବୋଲି ବିଶ୍ୱ ଚାମ୍ପିୟନ ମ୍ୟାଗ୍ନସ କାର୍ଲସେନ ପ୍ରକାଶ କରିଛନ୍ତି। ଭାରତ ପ୍ରଥମଥରପାଇଁ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି।

ଚାଇନା ଓ ରୁଷିଆ ଅଂଶଗ୍ରହଣ କରୁ ନ ଥିବାରୁ ଭାରତୀୟ ‘ଏ’ ଦଳ ତାରକା ଖଚିତ ଆମେରିକା ପଛକୁ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଛି। ଭାରତୀୟ ‘ବି’ ଦଳ ୧୧ତମ ସିଡ୍ ହୋଇଥିଲେ ହେଁ ଏଥରେ ଆର. ପ୍ରଜ୍ଞାନନ୍ଦ, ଡି. ଗୁକେଶଙ୍କ ପରି ବିଚକ୍ଷଣ ପ୍ରତିଭା ସମ୍ପନ୍ନ ଖେଳାଳି ରହିଛନ୍ତି। ଯେଉଁମାନେକି ବିପର୍ଯ୍ୟୟ ସୃଷ୍ଟି କରିବାକୁ ସମର୍ଥ। ଭାରତର ଉଭୟ ଦଳ ଶକ୍ତିଶାଳୀ। ପ୍ରତିଭା ସମ୍ପନ୍ନ ଖେଳାଳି ସାମିଲ ଥିବାରୁ ଭାରତ ପାଇଁ ପଦକ ଜିତିବା ସୁଯୋଗ ରହିଛି ବୋଲି କାର୍ଲସେନ କହିଛନ୍ତି। ୫ ଥର ବିଶ୍ୱ ଚାମ୍ପିୟନ କାର୍ଲସେନ ନରୱେ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ସମ୍ପ୍ରତି ଚେନ୍ନାଇରେ ପହଞ୍ଚି ସାରିଛନ୍ତି। ପ୍ରତିଯୋଗିତାରେ ମୋଟ ୧୮୭ଟି ଦେଶ ଭାଗ ନେଉଥିବାବେଳେ ନରୱେକୁ ୩ୟ ସିଡ୍‌ର ମାନ୍ୟତା ମିଳିଛି।

୨୦୧୩ରେ କାର୍ଲସେନ ପ୍ରଥମଥରପାଇଁ ବିଶ୍ୱ ଚାମ୍ପିୟନ ହୋଇଥିଲେ। ସେତେବେଳେ ସେ ଭାରତୀୟ ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ୍ ଆନନ୍ଦଙ୍କୁ ପରାସ୍ତ କରିଥିଲେ। ବିଶ୍ୱରେ ଏବେ ତାମିଲନାଡୁ ଏକ ଚେସ୍ ହବ୍‌ଭାବେ ବେଶ୍ ପରିଗଣିତ ହେଉଛି। ତେଣୁ ଏଠାରେ ରହିବା ଏବଂ ଚେସ୍ ଅଲିମ୍ପିଆଡ୍‌ରେ ଭାଗନେବା ଉତ୍ସବ ମନାଇବା ସହିତ ସମାନ ବୋଲି କାର୍ଲସେନ କହିଛନ୍ତି। ୩୧ ବର୍ଷୀୟ ଏହି ନରୱେ ସୁପରଷ୍ଟାର ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରି ଯାଇଛନ୍ତି। ସେ ଟାଇଟଲ ଡିଫେଣ୍ଡ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ସ୍ପଷ୍ଟ କରି ଦେଇଛନ୍ତି।



ମ୍ୟାଗ୍ନସ କାର୍ଲସେନ

# ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଶ୍ରୀଲଙ୍କା ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ

**ଗାଲେ, ୨୬।୭**

ପାକିସ୍ତାନ ବିପକ୍ଷ ଦ୍ୱିତୀୟ ତଥା ନିର୍ଣ୍ଣାୟକ ଟେଷ୍ଟରେ ଡ୍ରାଇଭର ସିଟରେ ରହିଛି ଶ୍ରୀଲଙ୍କା। ଦ୍ୱିତୀୟ ଇନିଂସରେ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟିବା ସହିତ ଦଳ ୧୭୬ ରନରେ ୫ ଉଇକେଟ ହରାଇଛି। ତେବେ ପ୍ରଥମ ଇନିଂସରେ ୧୪୭ ରନର ଅଗ୍ରଣୀକୁ ଭିତ୍ତି କରି ଦଳ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ୫ ଉଇକେଟ ହାତରେ ଥାଇ ୩୨୩ ରନର ଅଗ୍ରଣୀ ହାସଲ କରିଛି।

ଦ୍ୱିତୀୟ ଦିନର ଅସମାପ୍ତ ୧୯୧/୭ରୁ ଖେଳ ଆରମ୍ଭ କରି ପାକିସ୍ତାନ ୨୩୧ ରନରେ ସମସ୍ତ ଉଇକେଟ ହରାଇଥିଲା। ଶ୍ରୀଲଙ୍କା ପକ୍ଷରୁ ରମେଶ ମେଣ୍ଡିସ୍ ୪୭ ରନ୍ ଦେଇ୫ ଉଇକେଟ ଅକ୍ତିଆର କରିବା ସହିତ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଭାତ ଜୟସୁରିୟା ୩ଟି ଉଇକେଟ ନେଇଥିଲେ। ହସନ ଅଲୀ(୨୧) ଓ ୟାସିର ଶାହ(୨୬) ଉପଯୋଗୀ ଇନିଂସ ଖେଳିଥିଲେ। ଶ୍ରୀଲଙ୍କାର ଦ୍ୱିତୀୟ ଇନିଂସରେ ସମସ୍ତ ଖେଳାଳିଙ୍କୁ ଭଲ ଆରମ୍ଭ ମିଳିଥିଲେ ହେଁ ଅସମାନ ଟର୍ନ ଓ ବାଉନ୍ସ କାରଣରୁ ଦଳ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇ ଚାଲିଥିଲା। ଶତକୀୟ ଟେଷ୍ଟ ଖେଳୁଥିବା ମାଥ୍ୟୁସ୍ ସର୍ବାଧିକ ୩୫ ରନ କରିଥିବା ବେଳେ ଦଳ ୧୧୭ ରନରେ ୫ ଉଇକେଟ ହରାଇ ସଙ୍କଟରେ ପଡିଥିଲେ। ତେବେ ବ୍ୟାକସ୍ୱାଜମ୍ କାରଣରୁ ୬ ନମ୍ବରରେ ବ୍ୟାଟିଂକୁ ଓହ୍ଲାଇଥିବା କରୁଣାରତ୍ନେ(୨୭) ଓ ଧନଞ୍ଜୟ ଡି ସିଲଭା(୩୦)ଙ୍କ ମଧ୍ୟରେ ଅସମାପ୍ତ ୫୦ ରନର ଭାଗୀଦାରି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲା। ପାକିସ୍ତାନ ପକ୍ଷରୁ ନସିମ୍ ଶାହ ଦୁଇଟି ଉଇକେଟ ନେଇଥିବା ବେଳେ ୟାସିର ଶାହ, ମହମ୍ମଦ ନୱାଜ ଓ ଆଘା ସଲମାନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ଫାଓ ଲିଗ୍‌ରେ ମଙ୍ଗଳବାର ଟାଉନ୍ କ୍ଲବ ଓ ଓଡ଼ିଶା ସରକାରୀ ପ୍ରେସ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ପପୁଙ୍କ ଡବଲରେ ଟାଉନ୍ କ୍ଲବ ବିଜୟୀ

**ଭୁବନେଶ୍ୱର, ୨୬।୭ (କ୍ରୀଡ଼ା ପ୍ରତିନିଧି)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଟାଉନ୍ କ୍ଲବ ବିଜୟୀ ହୋଇଛି। ପପୁ ମାଝିଙ୍କ ଡବଲ ଗୋଲ ବଳରେ ଏହି ଦଳ ୩–୦ ଗୋଲରେ ଓଡ଼ିଶା ସରକାରୀ ପ୍ରେସ୍ କ୍ଲବକୁ ପରାସ୍ତ କରିଛି। ପପୁ ମ୍ୟାଚର ୮ ଓ ୨୦ତମ ମିନିଟରେ ୨ଟି ଏବଂ ସୌମ୍ୟ ରଞ୍ଜନ ମାଝି ୪୧ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ବୁଧବାର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଏବଂ ରୋଭର୍ସ କ୍ଲବ ମଧ୍ୟରେ ମ୍ୟାଚ ଅପରାହ୍ଣ ୩ଟା ୩୦ରେ ଅନୁଷ୍ଠିତ ହେବ।

# ତଦନ୍ତ ପରିସରରେ ଟୋକିଓ ଅଲିମ୍ପିକ ବୋର୍ଡ ସଦସ୍ୟ

**ଟୋକିଓ, ୨୬।୭ (ଏପି):** ଟୋକିଓ ଅଲିମ୍ପିକ ଆୟୋଜକ କମିଟି କାର୍ଯ୍ୟନିର୍ବାହୀ ବୋର୍ଡର ପୂର୍ବତନ ସଦସ୍ୟ ହାରୁୟୁକି ତାକାହାଶିଙ୍କ ବାସଭବନରେ ପ୍ରସିକ୍ୟୁଟରମାନେ ଖାନତଲାସ କରିଛନ୍ତି। ଅଲିମ୍ପିକର ଜଣେ ପ୍ରାୟୋଜକ ତାଙ୍କୁ ଲାଞ୍ଚ ଦେଇଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କିତ ଏକ ରିପୋର୍ଟ ଜାପାନିଜ୍ ନ୍ୟୁଜ୍ ଏଜେନ୍ସି କିଓଡୋରେ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ ତାକାହାଶି କ୍ଲୋଦିଂ ରିଟେଲର ଆଓକି ହୋଲ୍‌ଡିଙ୍ଗ୍ସ ଇଙ୍କ୍‌ଠାରୁ ପ୍ରାୟ ୪୫ ନିୟୁତ ୟେନ (୩,୩୦,୦୦୦ ଡଲାର) ଗ୍ରହଣ କରିଛନ୍ତି। ଏହି ପେମେଣ୍ଟର ଏକ ବର୍ଷ ପରେ ଆକୋଇର ଅଲିମ୍ପିକ ସ୍ପନସରଶିପ୍ ଘୋଷଣା କରାଯାଇଥିଲା। ତାକାହାଶି ଥିଲେ ଟୋକିଓ ଅଲିମ୍ପିକ କାର୍ଯ୍ୟନିର୍ବାହୀ ବୋର୍ଡର ଜଣେ ଅନ୍ୟତମ ସଦସ୍ୟ। ଜଣେ ସରକାରୀ କର୍ମଚାରୀ ଯଦି ଅର୍ଥ ଅବା ଉପହାର ନିଏ ତାହାକୁ ଲାଞ୍ଚ ବୋଲି ବିବେଚନା କରାଯାଇଥାଏ। ଟୋକିଓ ଅଲିମ୍ପିକ ଆୟୋଜକ କମିଟିକୁ ଗତ ଜୁନ୍ ୩୦ରେ ଭାଙ୍ଗିଦିଆଯାଇଛି। କୋଭିଡ୍ ଯୋଗୁ ଟୋକିଓ ଅଲିମ୍ପିକ୍ସ ଏକ ବର୍ଷ ବିଳମ୍ବରେ ୨୦୨୧ ଜୁଲାଇ ୨୩ରୁ ଆରମ୍ଭ ହୋଇଥିଲା। ଟୋକିଓ ମହାନଗର ନିଗମ ଏହାର ଶତବାର୍ଷିକୀ ପାଳନ ୧.୪ ବିଲିୟନ ଡଲାର ମୂଲ୍ୟରେ ବିକ୍ରି ନ୍ୟାଶନାଲ ଷ୍ଟାଡିୟମରେ ହୋଇଥିଲା। ଆଓକି ଅଲିମ୍ପିକ୍ସ ପାଇଁ ୟୁନିଫର୍ମ ଯୋଗାଇ ଦେଇଥିଲା। ଅଲିମ୍ପିକ ଲୋଗୋ ସହ ଲାଇସେନ୍ସଯୁକ୍ତ ବିକ୍ରି କରୁଥିଲା। ତାକାହାଶିଙ୍କର ଟୋକିଓ ଗେମ୍ସ ସହ ନିବିଡ଼ ସମ୍ପର୍କ ଥିଲା। ୨୦୧୩ରେ ବୁଏନସଏରିଜ୍‌ଠାରେ ଆର୍ଜେଣ୍ଟିନା, ମାଡ୍ରିଡ୍ ଓ ଇସ୍ତାନବୁଲ୍‌କୁ ପରାସ୍ତ କରି ଟୋକିଓ ବିଡ୍ ଜିତିଥିଲା। ଏନେଇ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ସଦସ୍ୟମାନଙ୍କ ନିକଟରେ ଲବି କରିବାରେ ତାକାହାଶିଙ୍କର ବିଶେଷ ଭୂମିକା ରହିଥିଲା। ସେ ସଫେଇ ଦେଇଛନ୍ତି, କୌଣସି ନିୟମ ବହିର୍ଭୂତ ଅର୍ଥ ନେଇନାହାନ୍ତି। ତାକାହାଶି ହେଉଛନ୍ତି ଜାପାନର ଏକ ଅନ୍ୟତମ ବୃହତ୍ ବିଜ୍ଞାପନ ଏଜେନ୍ସି ଡେଣ୍ଟସୁର ପୂର୍ବତନ କର୍ମଚାରୀ। ଟୋକିଓ ଅଲିମ୍ପିକ୍ସ ପାଇଁ ଡେଣ୍ଟସୁ, ଇଙ୍କ୍ ଏକ ସ୍ୱତନ୍ତ୍ର ମାର୍କେଟିଂ ଏଜେନ୍ସି ଥିଲା। ଏହି ସଂସ୍ଥା ଘରୋଇ ସ୍ପନସରଶିପ୍‌ରୁ ୩ ବିଲିୟନ ଡଲାର ସଂଗ୍ରହ କରିପାରିଥିଲା। ଟୋକିଓ ଗେମ୍ସ ପାଇଁ ୧୩ ବିଲିୟନ ଡଲାର ବ୍ୟୟ କରାଯାଇଥିବା ଅଫିସିଆଲି ଭାବେ କୁହାଯାଉଛି। ମହାମାରୀ ଦ୍ୱାରା ପ୍ରଭାବିତ ହେବାପୂର୍ବରୁ ଏହା ନାନା ସମସ୍ୟାରେ ଛନ୍ଦି ହୋଇପଡ଼ିଥିଲା। ୨୦୧୩ରେ ଭୋଟ୍ ପାଇଁ ସେ ଆଇଓସି ସଦସ୍ୟମାନଙ୍କୁ ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଥିଲା। ତାହାର ତଦନ୍ତ କରାଯିବା ପରେ ଜାପାନିଜ ଅଲିମ୍ପିକ କମିଟି ପୂର୍ବତନ ସଭାପତି ଟିସୁନେକାଜୁ ଟାକେଡା ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ।

# ଭାରତରେ ୨୦୨୫ ମହିଳା ଦିନିକିଆ ବିଶ୍ୱକପ୍

**ନୂଆଦିଲ୍ଲୀ, ୨୬।୭ (ପି.ଟି.)**

ଭାରତ ୨୦୨୫ରେ ୫୦ ଓଭର ବିଶିଷ୍ଟ ମହିଳା କ୍ରିକେଟ ବିଶ୍ୱକପ୍ ଆୟୋଜନ କରିବ। ବର୍ମିଂହାମ୍‌ଠାରେ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ବାର୍ଷିକ ସମ୍ମିଳନୀରେ ଭାରତର ବିଡ୍ ଗୃହୀତ ହୋଇଯାଇଛି। ପ୍ରାୟ ଦୁଇ ଦଶନ୍ଧି ବ୍ୟବଧାନରେ ଆଇସିସି ଫ୍ଲାଗ୍‌ଶିପ୍ ଇଭେଣ୍ଟ ଦେଶକୁ ପ୍ରତ୍ୟାବର୍ତ୍ତନ କରିଛି। ଶେଷଥର ପାଇଁ ଭାରତରେ ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ୨୦୧୩ରେ ଅନୁଷ୍ଠିତ ହୋଇଥିଲା। ସେତେବେଳେ ମୁମ୍ବାଇରେ ଅନୁଷ୍ଠିତ ଫାଇନାଲରେ ୱେଷ୍ଟଇଣ୍ଡିଜକୁ ୧୧୪ରନରେ ପରାସ୍ତ କରି ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ମଙ୍ଗଳବାର ଅନ୍ୟ ତିନୋଟି ଆଇସିସି ମହିଳା ଇଭେଣ୍ଟ ଆୟୋଜନ ଅଧିକାର ପ୍ରଦାନ କରାଯାଇଥିଲା। ବାଂଲାଦେଶ ୨୦୨୪ରେ ଟି୨୦ ବିଶ୍ୱକପ୍ ଏବଂ ଇଂଲଣ୍ଡ ୨୦୨୬ ସଂସ୍କରଣ ପାଇଁ ଆୟୋଜନ ଅଧିକାର ହାସଲ କରିଛି। ଉଦ୍‌ଘାଟନୀ ଟି୨୦ ଚାମ୍ପିୟନ୍ସ ଟ୍ରଫି ୨୦୨୭ରେ ଶ୍ରୀଲଙ୍କା ଆୟୋଜନ କରିବ। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କହିଛନ୍ତି, ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୫ ଆୟୋଜନ ଅଧିକାର ବିଡ୍ ଜିତିବା ଆମ ପାଇଁ ଖୁସିର ବିଷୟ। ବ ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି ବିଶ୍ୱକପ୍ ଆୟାଜନ ଅଧିକାର ପାଇବା ଦ୍ୱାରା ଦେଶରେ କ୍ରିକେଟର ଲୋକପ୍ରିୟତା ଆହୁରି ବୃଦ୍ଧି ପାଇବ।

## ଅପ୍‌ଟନ ମେଣ୍ଟାଲ କଣ୍ଡିସନିଂ କୋଚ୍

**ମୁମ୍ବାଇ, ୨୬।୭:** ଆସନ୍ତା ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳର ମେଣ୍ଟାଲ କଣ୍ଡିସନିଂ କୋଚ୍ ଭାବରେ ଦାୟିତ୍ୱ ଗ୍ରହଣ କରିବେ ପ୍ୟାଡି ଅପ୍‌ଟନ। ଅକ୍ଟୋବର–ନଭେମ୍ବରରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ଯାଏ ଅପଟନ ଦାୟିତ୍ୱରେ ରହିବେ। ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ୍ ପାଇଁ ଅପଟନ୍ ଭାରତୀୟ ଦଳ ସହିତ ଯୋଗ ଦେଇ ସାରିଲେଣି। ଏହା ପୂର୍ବରୁ ୨୦୧୧ ବିଶ୍ୱକପ୍ ବିଜୟୀ ଦଳର ମେଣ୍ଟାଲ କଣ୍ଡିସନିଂ କୋଚ୍ ରହିଥିଲେ ଅପଟନ୍। ୨୦୧୩ ପରଠାରୁ ଭାରତ ଆଇସିସି ଇଭେଣ୍ଟ ଜିତି ନ ଥିବାରୁ ଏପରି କରାଯାଇଛି।

# ମେଘନା, ବସ୍ତ୍ରାକାର କୋଭିଡ୍ ପଜିଟିଭ୍

**ବର୍ମିଂହାମ୍, ୨୬।୭ (ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶୁକ୍ରବାର ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ପୂର୍ବରୁ ବ୍ୟାଟର ଏସ୍. ମେଘନା ଓ ଅଲରାଉଣ୍ଡର ପୂଜା ବସ୍ତ୍ରାକାର କୋଭିଡ୍ ଟେଷ୍ଟରେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଭାରତୀୟ ମହିଳା କ୍ରିକେଟ ଦଳ ଏହି ଦୁଇଜଣ ଖେଳାଳିଙ୍କୁ ଛାଡ଼ି ରବିବାର ସକାଳେ ବର୍ମିଂହାମ୍ ଗସ୍ତ କରିଛି। ଗେମ୍ସ ପାଇଁ ଖେଳାଳିମାନେ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଟ୍ରେନିଂ ନେଉଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ଥର ମହିଳା କ୍ରିକେଟକୁ ସାମିଲ କରାଯାଇଛି। ଦଳ ବର୍ମିଂହାମ ପ୍ରସ୍ଥାନ ପୂର୍ବରୁ ବସ୍ତ୍ରାକାର ଓ ମେଘନାଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା। ପ୍ରୋଟୋକଲ ଅନୁସାରେ ଏହି ଦୁଇ ଖେଳାଳିଙ୍କ ରିପୋର୍ଟ ନେଗେଟିଭ୍ ଆସିବା ପରେ ସେମାନେ ଦଳ ସହ ଯୋଗ ଦେଇପାରିବେ। ଭାରତୀୟ ଦଳ ଏହାର ଦ୍ୱିତୀୟ ମ୍ୟାଚ ଜୁଲାଇ ୩୧ରେ ପାକିସ୍ତାନ ବିପକ୍ଷରେ ଏବଂ ଫାଇନାଲ ଲିଗ୍ ମ୍ୟାଚ ଅଗଷ୍ଟ ୩ରେ ବାର୍ବାଡୋସ୍ ବିପକ୍ଷରେ ଖେଳିବ। ଫାଇନାଲ ସମେତ ସମସ୍ତ ମ୍ୟାଚ ଏଜ୍‌ବାଷ୍ଟନଠାରେ ଖେଳାଯିବ। ସେମିଫାଇନାଲ ଓ ଫାଇନାଲ ମ୍ୟାଚର ସମସ୍ତ ଟିକେଟ ବିକ୍ରି ସରିଛି।



ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେବାକୁ ମଙ୍ଗଳବାର ବର୍ମିଂହାମ ଯିବା ଅବସରରେ ଅନ୍ୟ ଆଥଲେଟଙ୍କ ସହ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ।

# ବାହାରେ ନ ବୁଲିବାକୁ ଆଥଲେଟଙ୍କୁ ପରାମର୍ଶ

**ବର୍ମିଂହାମ୍, ୨୬।୭(ପି.ଟି):** ବର୍ମିଂହାମରେ ରାଜ୍ୟଗୋଷ୍ଠୀ କ୍ରୀଡା ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ତେବେ ଏହା ପୂର୍ବରୁ ଆଥଲେଟ ମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି ଭାରତୀୟ ଅଲିମ୍ପିକ୍ ସଂଘ। କରୋନା ସଂକ୍ରମଣ ଭୟ ଥିବାରୁ ବାହାରେ ବୁଲାବୁଲି କରିବା ଦ୍ୱାରା ଖେଳାଳି ମାନେ ଅନ୍ୟ ମାନଙ୍କୁ ବିପଦରେ ପକାଇବା ସହିତ ଦଳୀୟ ପ୍ରଦର୍ଶନ ପ୍ରଭାବିତ ହେବା ସମ୍ଭାବନା ରହିଛି। କୋଭିଡ୍ ପରସ୍ଥିତି କମିଥିଲେ ହେଁ ଲଣ୍ଡନରେ ଏବେବି ୧୦୦୦ରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏପରି ପରସ୍ଥିତିରେ ଖେଳାଳି ମାନେ ନିଜ ନିଜ ରୁମ୍‌ରୁ ନ ବାହାରିବା ଉଚିତ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଭାରତ ପକ୍ଷରୁ ୩୨୧ ଜଣିଆ ଦଳ ପଠାଯାଇଛି।

## ସଇନିଙ୍କୁ ୩ ଉଇକେଟ

**ମାଞ୍ଚେଷ୍ଟର, ୨୬।୭ (ପି.ଟି.):** ଭାରତୀୟ ପେସର ନବଦୀପ ସଇନିଙ୍କ ପ୍ରଭାବୀ ବୋଲିଂ ଯୋଗୁ ଲାଙ୍କାଶାୟର ବିପକ୍ଷ କାଉଣ୍ଟି ମ୍ୟାଚରେ କେଣ୍ଟ ଦୃଢ ସ୍ଥିତିରେ ରହିଛି। ମ୍ୟାଚର ପ୍ରଥମ ଦିବସ ଖେଳ ବର୍ଷା ଦ୍ୱାରା ପ୍ରଭାବିତ ହୋଇଥିଲା। କେବଳ ୩୪.୨ ଓଭର ସମ୍ଭବ ହୋଇଥିଲା। ସଇନି ତାଙ୍କ ୧୧ ଓଭର ବୋଲିଂରେ ୪୫ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଖେଳ ସ୍ଥଗିତ ରଖାଯିବା ବେଳକୁ ଲାଙ୍କାଶାୟାର ୪ ଉଇକେଟ ବିନିମୟରେ ୧୧୨ ରନ କରିଥିଲା।

**ଜନ୍ମଦିନ ଅବସରରେ**



ଶ୍ରୀ ଆଦର୍ଶ କୁମାର ସାହୁ
ଦାରିଙ୍ଗବାଡ଼ି, ଜିଲ୍ଲା: କନ୍ଧମାଳ
ତୁମ ଜନ୍ମଦିନ ଅବସରରେ ତୁମ ବାପା ମା’ଙ୍କ ସମେତ ଭଉଣୀ ଆରାଧନା, ଅର୍ଚ୍ଚନା, ଜିଜୁ ଜଗନ୍ନାଥ, ବଡ଼ଭାଇ ଆଶିଷ, ବଡ଼ ଭାଉଜ ତୃପ୍ତି, ବଡ଼ବାପା, ବଡ଼ମା’, ବୋଉ ଏବଂ ସାଙ୍ଗସାଥୀ ଅନେକାନେକ ଶୁଭେଚ୍ଛା ଜଣାଉଛୁ।
ଧ–୧୧୦୦

**CLASSIFIED DISPLAY**
MORE SPACE • SAME PRICE
TARIFF

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**KUBER FINANCE**
(Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
9417930815

**ଧନଲକ୍ଷ୍ମୀ ଫାଇନାନ୍ସ**
ରେଜିଷ୍ଟର୍ଡ କମ୍ପାନୀ
ସବୁ ବ୍ୟାଙ୍କ ଦ୍ୱାରା ଋଣ
ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଏଜୁକେଶନ, ଗୃହ ଉଦ୍ୟୋଗ, ଗାଡ଼ି, ଗୃହ ଋଣ 36 ଘଣ୍ଟାରେ
2% ସୁଧ
50% ଛାଡ଼
(ସିବିଲ ଖରାପ ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
7599195877

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଚିନାବାଦାମରେ ସାର ପ୍ରୟୋଗ



ଚିନାବାଦାମ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ ଚାଷ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଜରୁରୀ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

## ଅନୁମୋଦିତ ପ୍ରଣାଳୀରେ...

ଆମ୍ବ, ନଡ଼ିଆ, ପିଜୁଳି, ସପେଟା, ଲିଚୁ, ପଣସ, ସଜନା, ଅମୃତଭଣ୍ଡା, କମଳା, ଲେମ୍ବୁ ଆଦିର ଉନ୍ନତ ବା ସଙ୍କର କିସମ ଗଛ କିମ୍ବା କଲମୀ ଗଛ ଆଣି ଅନୁମୋଦିତ ପ୍ରଣାଳୀରେ ରୋପଣ କରନ୍ତୁ। କଲମୀ ଚାରାର ମାଆ ଗଛ ଅଂଶରୁ ବାହାରୁଥିବା ସମସ୍ତ ଗଜା ଡାଳକୁ ପୋତି କରିଦିଅନ୍ତୁ। ଫଳବଗିଚାରୁ ଘାସ ଓ ଅନାବନା ଗଛ ନଷ୍ଟକରି ସଫା ସୁତୁରା ରଖନ୍ତୁ। ପ୍ରଥମ ଦଫା ସାରକୁ ଏହି ସମୟରେ ଗଛମୂଳରେ ପ୍ରୟୋଗ କରନ୍ତୁ। ଦରକାର ଅନୁଯାୟୀ ଫଳ ଗଛରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟକୁ ପ୍ରଲେପ ଦିଅନ୍ତୁ। ଗଛ ମୂଳରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।



## ଅଧିକ ଅମଳକ୍ଷମ ଟମାଟୋ ବିହନ



ଅଗଷ୍ଟ ଓ ସେପ୍ଟେମ୍ବର ମାସ ଟମାଟୋ ଲଗାଇବା ପାଇଁ ଉପଯୁକ୍ତ ସମୟ। ଉନ୍ନତ ବିହନ କିସମ ଯଥା ବିଟି-୨, ବିଟି-୧୦, ବିଟି-୧୨, ନୀଳାଦ୍ରି, ସଦାବାହାର, ମାଧୁରୀ, ମହାରଥୀ, ମର୍ଗିସନ୍, ରଶ୍ମି, ନବୀନ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ ଗ୍ରାମ ବିହନ ଦରକାର। ୧ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ, ୪ ଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ଚାରିଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନକରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।

# ଜୈବିକ ପ୍ରଣାଳୀରେ ରସୁଣ ଚାଷ



ମାନସ ରଞ୍ଜନ ପଟ୍ଟନାୟକ



ମସଲା ଜାତୀୟ ଫସଲ ମଧ୍ୟରେ ରସୁଣ ଏକ ପ୍ରଧାନ ମସଲା ରୂପେ ପରିଗଣିତ। ଏହାର ଔଷଧୀୟ ଗୁଣ ବହୁମାତ୍ରାରେ ଦେଖିବାକୁ ମିଳିଥାଏ। ଏଥିରୁ ଆଚାର, ମସଲା, ଔଷଧ ଇତ୍ୟାଦି ତିଆରି ହେଉଛି। ଆଉ ରସୁଣ ଏକ ଅର୍ଥକରୀ ଫସଲଭାବେ ବିବେଚିତ ।

**ମୃତ୍ତିକା**

ନିଗିଡ଼ା ଦୋରସା ମାଟି ରସୁଣଚାଷ ପାଇଁ ଉପଯୁକ୍ତ । କିନ୍ତୁ ଅଧିକ ମଟାଳ ବା ଟାଣ ମାଟିରେ ରସୁଣ ଭଲ ହୁଏ ନାହିଁ। ଏହି ଚାଷ କରିବା ସମୟରେ ଗୋଟିଏ ବିଷୟ ପ୍ରତି ଅଧିକ ଧ୍ୟାନ ଦେବା ଜରୁରୀ। ରସୁଣ ପାଇଁ ସର୍ବଦା ଉର୍ବର ମାଟି ଦରକାର। ସନ୍ତସନ୍ତିଆ ଜାଗାରେ ଏହି ଚାଷ କରିବା ଅନୁଚିତ।

**କିସମ**

ରସୁଣର ଉନ୍ନତ କିସମ ହିସାବରେ ଯମୁନା, ସଫେଦ୍ ବି-୨୮୨, ଯାମନଗର, ରଞ୍ଜା ଲେଗଡି ଓ ଫୱାରିକୁ ଚୟନ କରିପାରନ୍ତି। ଏସବୁ ରସୁଣରୁ ଭଲ ଅମଳ ମିଳିଥାଏ।

ବିହନ ବିଶୋଧନ : ରସୁଣ ବିହନକୁ ଗୋମୂତ୍ରରେ ୩-୪ ଘଣ୍ଟା ଭିଜାଇ ପ୍ରଥମେ ଛାଇରେ ଶୁଖାନ୍ତୁ। ତା'ପରେ ଏହି ବିଶୋଧିତ ବିହନକୁ ଲଗାନ୍ତୁ।

**ବିହନ ପରିମାଣ**

ଏକ ଏକର ଜମିରେ ଲଗାଇବା ପାଇଁ ୨୦୦ କି.ଗ୍ରା. କୋଳା ବା ପାଖୁଡ଼ା ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୧୫ସେ.ମି. ଓ ଗଛକୁ ଗଛ ୭-୮ ସେ.ମି. ଦୂରତାରେ ଲଗାଇବା ଦରକାର।

**ଖାଦ୍ୟସାର ପ୍ରୟୋଗ**

ଉପଯୁକ୍ତ ଭାବେ ଖାଦ୍ୟସାର ପ୍ରୟୋଗ କଲେ ରସୁଣରୁ ଭଲ ଅମଳ ମିଳିଥାଏ। ଶେଷ ଓଡ଼ ଚାଷ ସମୟରେ ଏକ ପ୍ରତି ୫୦-୭୦ କୁଇଣ୍ଟାଲ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରିବା ଆବଶ୍ୟକ। ୧୨୦ କି.ଗ୍ରା. ଫସ୍‌ଫେଟ୍ ଏବଂ ୧-୨ କୁଇଣ୍ଟାଲ ନିମପିଡ଼ିଆ ଦିଆଯାଏ। ଲଗାଇବା ସମୟରେ ଏକର ପ୍ରତି ୨-୩ କି.ଗ୍ରା. ଲେଖାଏ ଆନୋଟୋ ବା କନର ଏବଂ ଫସ୍‌ଫେଟ୍ କଲଚର କମ୍ପୋଷ୍ଟ ସହିତ ମିଶାଇ (୪୮ ଘଣ୍ଟା ପୂର୍ବରୁ ଗୋଳାହେବ) ମାଟିରେ ଦିଆଯାଇପାରେ। କୋଡ଼ାଖୋସା ସମୟରେ ଏକର ପ୍ରତି ଏକ କୁଇଣ୍ଟାଲ ଜିଆଖତ ଏବଂ ୮୦ କି.ଗ୍ରା. ଷ୍ଟେରାମିଲ ପ୍ରୟୋଗ କରିବା ଆବଶ୍ୟକ। ବିହନ ଲଗାଇବାର ୩ ସପ୍ତାହ, ୬ ସପ୍ତାହ ଏବଂ ୨ ମାସ ପରେ ଜମିକୁ ଖୁସାଇ ଦେଇ ଘାସ ବାଛିଦେବା ଦରକାର। ଗଛମୂଳକୁ ହୁଡ଼ା ଟେକିଦେଲେ ଜଳସେଚନ ଓ ଜଳ ନିଷ୍କାସନରେ ସୁବିଧା ହୋଇଥାଏ।

> "ଉପଯୁକ୍ତ ଭାବେ ଖାଦ୍ୟସାର ପ୍ରୟୋଗକଲେ ରସୁଣରୁ ଭଲ ଅମଳ ମିଳିଥାଏ। ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ୫୦-୭୦ କୁଇଣ୍ଟାଲ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରିବା ଆବଶ୍ୟକ। ୧୨୦ କି.ଗ୍ରା. ଫସ୍‌ଫେଟ୍ ଏବଂ ୧-୨ କୁଇଣ୍ଟାଲ ନିମପିଡ଼ିଆ ଦିଆଯାଏ। ଲଗାଇବା ସମୟରେ ଏକର ପ୍ରତି ୨-୩ କି.ଗ୍ରା. ଲେଖାଏ ଆନୋଟୋ ବା କନର ଏବଂ ଫସ୍‌ଫେଟ୍ କଲ୍‌ଚର କମ୍ପୋଷ୍ଟ ସହ ମିଶାଇ (୪୮ ଘଣ୍ଟା ପୂର୍ବରୁ ଗୋଳାହେବ) ମାଟିରେ ଦିଆଯାଇପାରେ। କୋଡ଼ାଖୋସା ସମୟରେ ଏକର ପ୍ରତି ଏକ କୁଇଣ୍ଟାଲ ଜିଆଖତ ଏବଂ ୮୦ କି.ଗ୍ରା. ଷ୍ଟେରାମିଲ ପ୍ରୟୋଗ କରିବା ପ୍ରୟୋଜନ।"



ଶୀତଦିନେ ମାଟିର ଆବଶ୍ୟକତାକୁ ଚାହିଁ ଜଳସେଚନ କରାଯାଇପାରେ। ମାଟିର ଆବଶ୍ୟକତା ଅନୁଯାୟୀ ପ୍ରାୟ ୧୦-୧୨ ଦିନ ଅନ୍ତରରେ ପାଣି ମଡ଼ାଇବାକୁ ପଡ଼ିଥାଏ। ରସୁଣ ଫୁଲିବା ବେଳେ ଜଳ ଦରକାର। ତେଣୁ ୧୫ଦିନ ପୂର୍ବରୁ ଜଳସେଚନ ବନ୍ଦ କରିବା ପ୍ରୟୋଜନଂ।

**ରୋଗ ପୋକ ଦମନ**

ରସୁଣ ଫସଲରେ ଉକୁଣି ପୋକ, ପତ୍ରପୋଡ଼ା ରୋଗ ଆଦି ଆକ୍ରମଣ କରିବାର ଦେଖାଯାଇଥାଏ। ପତ୍ର ଉକୁଣି ପୋକ ଦମନ ପାଇଁ ନିମ୍ବଜାତ କୀଟନାଶକ (୩.୫ ମି.ଲି./ଏକ ଲିଟର ପାଣିରେ) ସାମ୍ପୋ ୧ ମି.ଲି./୩ ଲିଟର ପାଣିରେ ମିଶାଇ ସ୍ପ୍ରେ କରାଯାଇପାରିବ। ପତ୍ରପୋଡ଼ା ରୋଗ ଦମନ ପାଇଁ ହଳଦୀଗୁଣ୍ଡ ସହ ପେଯ ଓ ପାଣିକୁ ସମ ପରିମାଣରେ ମିଶାଇ ଛାଣିବା ପରେ ବଡ଼ିଭୋରରୁ ସ୍ପ୍ରେ କରିବା ଦରକାର।

ସାଧାରଣତଃ ରସୁଣ ବିହନ ଲଗାଇବାର ୪-୫ ମାସ ପରେ ରସୁଣ ଅମଳ ହୋଇଥାଏ। ଅଗପତ୍ରଗୁଡ଼ିକ ହଳଦିଆ ହୋଇ ଶୁଖିଗଲେ ମାଟିକୁ ତାଡ଼ି ଅମଳ କରାଯାଏ। ଏକର ପ୍ରତି ପ୍ରାୟ ୨୦-୨୨ କୁଇଣ୍ଟାଲ ଅମଳ ମିଳିଥାଏ। ଅମଳ ପରେ ଏହାକୁ ସଫାକରି ବଜାରକୁ ପଠାଇବା ଦରକାର।

-ପ୍ରିନ୍ସିପାଲ, ଆଗ୍ରୋ ପଲିଟେକ୍ନିକ୍ ସେଣ୍ଟର, ଓୟୁଏଟି, ବୌଦ୍ଧ
ମୋ :୯୪୩୯୬୩୮୦୦୪

## ମାଛ ପୋଖରୀରେ ପଟୁ ମାଡ଼ିଯାଇଥିଲେ..

ମାଛ ପୋଖରୀରେ ପଟୁମାଟି ମାଡ଼ିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ। ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡ଼ି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ ।

## ଜାଣି ରଖନ୍ତୁ...

➤ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

➤ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

**ପୁସ୍ତକ ପରିଚୟ**

## ପ୍ରାଣୀ ବିଜ୍ଞାନ




ପ୍ରାଣୀ ଚିକିତ୍ସା ସମ୍ପର୍କିତ ବିଭିନ୍ନ ଉପାଦେୟ ବିଷୟକୁ ନେଇ ନିକଟରେ ପ୍ରକାଶ ପାଇଛି 'ପ୍ରାଣୀ ବିଜ୍ଞାନ' (ଭାଗ-୧ ଏବଂ ୨)। ବିଶିଷ୍ଟ ସ୍ତମ୍ଭକାର ତଥା ବର୍ତ୍ତମାନ ଜଗତ୍‌ସିଂହପୁର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଭାବରେ କାର୍ଯ୍ୟରତ ଡା. ବୀରକିଶୋର ପରିଡ଼ାଙ୍କ ରଚିତ ଏହି ପୁସ୍ତକରେ ସ୍ଥାନିତ ହୋଇଛି ୩୮ଟି ବିଷୟବସ୍ତୁ। ଏହି ପୁସ୍ତକରେ ଗୋସମ୍ପଦର ଯତ୍ନ,ବିକାଶ ଓ ସୁରକ୍ଷା ନିମନ୍ତେ ସୁଷମ ଖାଦ୍ୟ, ଠିକ୍ ପ୍ରଜନନ, ଉତ୍ତମ ପରିଚାଳନା ଓ ଲାଳନ ପାଳନରେ ଯତ୍ନ ଏବଂ ସେମାନଙ୍କ ରୋଗ ନିୟନ୍ତ୍ରଣ ଆଦିକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି। ଏହାବ୍ୟତୀତ ଡା. ପରିଡ଼ାଙ୍କ ଦ୍ୱାରା ରଚିତ ଆଉ ତିନୋଟି ପୁସ୍ତକ-'ପ୍ରାଥମିକ ପ୍ରାଣୀ ଚିକିତ୍ସା', 'ପ୍ରାଣୀ ଗୀତ' ଏବଂ 'ଆପଣ ଯାହା ପଚାରିଥିଲେ' ମଧ୍ୟ ନିକଟରେ ପ୍ରକାଶିତ ହୋଇଛି। 'ପ୍ରାଥମିକ ପ୍ରାଣୀ ଚିକିତ୍ସା'ରେ ଏ ସମ୍ପର୍କି ୫୦ଟି ଶିକ୍ଷଣୀୟ ବିଷୟ ସ୍ଥାନିତ ହୋଇଛି। ପ୍ରାଣୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ରୋଗ ଏବଂ ଏହାର ଉପଚାର ବିଷୟରେ ବେଶ୍ ଅଭିନବ ଭାବରେ 'ପ୍ରାଣୀ ଗୀତ' ପୁସ୍ତକରେ ବର୍ଣ୍ଣନା କରାଯାଇଛି। ଅନ୍ୟପକ୍ଷରେ ପ୍ରାଣୀମାନଙ୍କ ସମ୍ପର୍କରେ ବିଭିନ୍ନ ବିଷୟକୁ ନେଇ ପ୍ରଶ୍ନୋତ୍ତରକୁ ସୁନ୍ଦର ଭାବରେ 'ଆପଣ ଯାହା ପଚାରିଥିଲେ'ରେ ଲେଖକ ଉପସ୍ଥାପନ କରିଛନ୍ତି। ଉପରୋକ୍ତ ପୁସ୍ତକଗୁଡ଼ିକ ସମସ୍ତଙ୍କ ପାଇଁ ବେଶ୍ ଉପାଦେୟ ହେବ ବୋଲି ଆଶା କରାଯାଏ। ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ (ମୋ-୯୪୩୭୬୦୭୩୧୨ରେ) ଯୋଗଯୋଗ କରିପାରନ୍ତି। ପ୍ରାପ୍ତିସ୍ଥାନ: ବିଜୟ ବୁକ୍ ଡିପୋ, ରେଭେନ୍‌ଶା କଲେଜ ଛକ, କଟକ ଏବଂ ତ୍ରିନାଥ ବୁକ୍ ଷ୍ଟୋର, ଜଗତ୍‌ସିଂହପୁର।

**ସଫଳ କୃଷିଜୀବୀ**

**ରମାକାନ୍ତ ପଢ଼ିହାରୀ**

# ରୋଜଗାର ବାଟ ଦେଖାଇଛି ଗେଣ୍ଡୁଫୁଲ

ଆଜିକାଲି ପାଠ ପଢ଼ି ମଧ୍ୟ ଚାଷକୁ ରୋଜଗାରର ଅନ୍ୟତମ ମାଧ୍ୟମ ଭାବରେ ଯୁବପିଢ଼ି ଗ୍ରହଣ କରିନେଉଛନ୍ତି। ଚାକିରି କରିବା ଅପେକ୍ଷା ଉନ୍ନତ ଜ୍ଞାନକୌଶଳରେ ଚାଷକରି ସେମାନେ ନିଜେ ରୋଜଗାର କରିବା ସହ ଅନ୍ୟ କେତେଜଣଙ୍କୁ ରୋଜଗାରର ବାଟ ଦେଖାଉଛନ୍ତି। ଏଭଳି ଆଖ୍ୟାନର ଉଦାହରଣ ସାଜିଛନ୍ତି ଭଦ୍ରକ ଜିଲା ବନ୍ତ ଓଡ଼ଙ୍ଗ ପଞ୍ଚାୟତର ଯୁବ ଇଞ୍ଜିନିୟର ରମାକାନ୍ତ ପଢ଼ିହାରୀ। ବୟସ ୨୬ ବର୍ଷ। ପାଠପଢ଼ା ସରିବା ପରେ ସରକାରୀ ଚାକିରି ପାଇଁ ଚେଷ୍ଟା କରିଥିଲେ। ହେଲେ ପରେ ଚାଷ ପ୍ରତି ମନୋନିବେଶ କରିଥିଲେ। ଆଉ ଆଜି ସେ ଚାଷ ଦ୍ୱାରା ନିଜର ଲକ୍ଷ୍ୟପଥରେ ଅଗ୍ରସର ହେବା ସହ ସ୍ଥାନୀୟ ଅଞ୍ଚଳରେ ଅନ୍ୟ ଯୁବକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

ନିଜର ଏଭଳି ସଫଳତା ବିଷୟରେ ରମାକାନ୍ତ କହନ୍ତି, "ପାଠ ପଢ଼ିବା ପରେ ଚାକିରି କରିବାକୁ ବହୁ ଚେଷ୍ଟାକରି ବିଫଳ ହୋଇଥିଲି। ତା'ପରେ ଚାଷକୁ ଆପଣେଇନେବାକୁ ମନ ହୋଇଥିଲା। ବାସ୍, ଯୋଜନାବଦ୍ଧ ଭାବରେ ନିଜ ଲକ୍ଷ୍ୟ ପଛରେ ଅଗ୍ରସର ହୋଇଥିଲି।" ସରକାରୀ ଚାକିରି ପାଇଁ ବହୁ ଚେଷ୍ଟାକରି ସଫଳ ହୋଇ ନ ଥିଲେ ବି ଚାଷ ରୋଜଗାରର ବାଟ ଦେଖାଇଥିଲା। ଏଣୁ ଚାକିରି ପଛରେ ଆଉ ନ ଗୋଡ଼ାଇ ଚାଷକୁ ଆଦରି ନେଇଛନ୍ତି ଯୁବ ଇଞ୍ଜିନିୟର ରମାକାନ୍ତ। ନିଜର ୭ ଏକର ଜମିରେ ଘେରାବନ୍ଦୀ କରି କଦଳୀ, ଅମୃତଭଣ୍ଡା ସମେତ ବିଭିନ୍ନ ପନିପରିବା, ଡାଲି ଜାତୀୟ ଶସ୍ୟ ସାଙ୍ଗକୁ ପୋଖରୀ ଖୋଳି ମାଛଚାଷ ମଧ୍ୟ କରୁଛନ୍ତି। ଏବେ ବଜାରରେ ଫୁଲର ଚାହିଦା ଅଧିକ ଥିବାରୁ ଗେଣ୍ଡୁଫୁଲ ଚାଷକରି ରୋଜଗାରକ୍ଷମ ହୋଇପାରିଛନ୍ତି। ଏହି



ଚାଷ ତାଙ୍କୁ ସ୍ୱାବଲମ୍ବୀ କରିଛି। ଏ ସମ୍ପର୍କରେ ଗଙ୍ଗାଧର ପଢ଼ିହାରୀଙ୍କ ପୁତ୍ର ରମାକାନ୍ତ କହନ୍ତି, "ବରପଦା ଯାନ୍ତ୍ରିକ ମହାବିଦ୍ୟାଳୟରେ ବିଟେକ୍‌ରେ ଇଞ୍ଜିନିୟରିଂ ଶିକ୍ଷା ଶେଷ କରିବା ପରେ ବାପାଙ୍କ ସହ ଚାଷକାମରେ ସହଯୋଗ କରୁଥିଲି। ଧୀରେ ଧୀରେ ମୋ ମନରେ ଚାଷ ପ୍ରତି ଆଗ୍ରହ ଦୃଢ଼ ହେବାରେ ଲାଗିଲା। ତା'ପରେ ଗତ ବର୍ଷ ଡିସେମ୍ବରରେ କଲିକତାରୁ ଗେଣ୍ଡୁ ଚାରା ଆଣି ଫୁଲଚାଷ ଆରମ୍ଭ କରିଥିଲି। ସେତେବେଳେ ଏଥିପାଇଁ ମାତ୍ର ୨୦ ହଜାର ଟଙ୍କା ପୁଞ୍ଜି ନିବେଶକରି ବର୍ତ୍ତମାନ ସୁଦ୍ଧା ସେଥିରୁ ବେଶ୍ ଲାଭ ପାଇସାରିଛି। ଏବେ ଏହି ଚାଷ ପ୍ରତି ଅଧିକ ଧ୍ୟାନ ଦେଉଛି। ଗେଣ୍ଡୁଫୁଲ କିଲୋ ପ୍ରତି ପ୍ରାୟ ୪୦ରୁ ୫୦ ଟଙ୍କା ଦରରେ ବିକ୍ରି ହେଉଛି। ବର୍ତ୍ତମାନ ୧୫ ଗୁଣ୍ଠ ଜମିରେ ଗେଣ୍ଡୁଫୁଲ ଚାଷ କରିଛି। ମୋଟ ଉପରେ ଗେଣ୍ଡୁଫୁଲ ଚାଷ ମୋତେ ଏକ ନୂଆ ପରିଚୟ ଦେଇଛି।" ଅଧିକାଂଶ ସମୟରେ ଫୁଲ ବେପାରୀମାନେ ତାଙ୍କ ନିକଟକୁ ଆସି ଫୁଲ ନେଇଥାଆନ୍ତି। କୃଷି ବିଭାଗ ପକ୍ଷରୁ ଫୁଲଚାଷ ପାଇଁ ପ୍ରଶିକ୍ଷଣ ଦେବା ସହ ପ୍ରୋତ୍ସାହନ ରାଶି ଯୋଗାଇଦେଲେ ସେ ଆହୁରି ଅଧିକ ଜମିରେ ଫୁଲ ଚାଷ କରିପାରନ୍ତେ ବୋଲି କହନ୍ତି ରମାକାନ୍ତ।

**-ସନାତନ ରାଉତ**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁଲାଇ ୨୭/୨୦୨୨ Bhubaneswar, Wednesday, July 27/ 2022


# ସୁଇମିଂ ପୁଲ୍‌ରେ ଚେସ୍



**ଚେସ୍ ଫିଭର:** ଚେନ୍ନାଇର ମହାବଳୀପୁରମଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ଚେସ୍ ଅଲିମ୍ପିଆଡ୍। ଏଥିପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡିଣ୍ଡିଗୁଲଠାରେ ସୁଇମିଂ ପୁଲ୍‌ରେ ଛାତ୍ରୀଛାତ୍ରମାନେ ଚେସ୍ ଖେଳୁଛନ୍ତି।

# ଭାରତ ଆଜି ବାଂଲାଦେଶକୁ ଭେଟିବ

**ସାଫ୍ ଫୁଟ୍‌ବଲ**

ଭୁବନେଶ୍ୱର, ୨୬।୭
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଚାମ୍ପିୟନଶିପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚ ବୁଧବାର ବାଂଲାଦେଶ ସହିତ ଖେଳିବ। ଗତ ସଂସ୍କରଣ ଅର୍ଥାତ୍ ୨୦୧୯ ଫାଇନାଲରେ ବାଂଲାଦେଶକୁ ୨-୧ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ଏଥର ମଧ୍ୟ ସମାନ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଭାରତ ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ ଅଛନ୍ତି ମୁଖ୍ୟ କୋଚ୍ ଶନ୍‌ମୁଗମ୍ ଭେଙ୍କଟେଶ। ଅପରାହ୍ନ ୪ଟା ୩୦ରେ ମ୍ୟାଚ ଆରମ୍ଭ ହେବ।

''ଯେ କୌଣସି ଟୁର୍ଣ୍ଣାମେଣ୍ଟରେ ସକାରାତ୍ମକ ଆରମ୍ଭ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଆତ୍ମବିଶ୍ୱାସ ବଢ଼ାଇ ନ ଥାଏ ଏକ ମୋମେଣ୍ଟମ ପ୍ରଦାନ କରିଥାଏ, ଯାହାକୁ ବଜାୟ ରଖି ଆଗକୁ ବଢ଼ିବା ସହଜ ହୋଇଥାଏ'' ବୋଲି ଶନ୍‌ମୁଗମ୍ ପ୍ରକାଶ କରିଛନ୍ତି। ଆସନ୍ତା ସେପ୍ଟେମ୍ବରରେ ଏଏଫ୍‌ସି ଏସିଆନ ୨୦ ବର୍ଷରୁ କମ୍ ଫୁଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ସାଫ୍ ଟୁର୍ଣ୍ଣାମେଣ୍ଟକୁ ଏହାର ପ୍ରସ୍ତୁତି ସ୍ୱରୂପ ବିବେଚନା କରାଯାଉଛି। କୌଣସି ବଡ଼ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବାପାଇଁ ଅଧିକରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାଠାରୁ ଆଉ ଭଲ କିଛି ନାହିଁ। ମହାମାରୀ ଯୋଗୁ ପାଖାପାଖି ୨ ବର୍ଷ ବ୍ୟବଧାନରେ ଆମ ଦଳ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ସୁଯୋଗ ପାଇଛି। ତେଣୁ ଏହା ନିଶ୍ଚିତ ଖେଳାଳିଙ୍କ ମନରେ ଭିନ୍ନ ଅନୁଭବ ଆଣିବ ବୋଲି କୋଚ୍ କହିଛନ୍ତି। ୨୦ ବର୍ଷରୁ କମ୍ ଭାରତୀୟ ଦଳ ଗତ ଦୁଇ ସିଜନଧରି ଗୋଟିଏ ୟୁନିଟରେ ଖେଳିଥିଲା। ହିରୋ ଆଇ-ଲିଗ୍‌ରେ ଇଣ୍ଡିଆନ ଆରୋଜ ସିନିୟର ଖେଳାଳିଙ୍କୁ ନେଇ ସମୃଦ୍ଧ ପ୍ରତିପକ୍ଷ ଦଳ ସହ ଖେଳିବା ସୁଯୋଗ ପାଇଥିଲା। ''ଇଣ୍ଡିଆନ ଆରୋଜ ପ୍ରୋଜେକ୍ଟ ପ୍ରକୃତରେ ଏହି ଖେଳାଳିଙ୍କୁ ଉନ୍ନତି କରିବାରେ ବହୁ ସହାୟକ ହୋଇଛି। ୨୦ ବର୍ଷରୁ କମ୍ ଦଳର ଅଧିକାଂଶ ଖେଳାଳି ଘରୋଇ ପ୍ରତିଯୋଗିତାରେ ଇଣ୍ଡିଆନ ଆରୋଜ କିମ୍ବା ଅନ୍ୟ ସିନିୟର ଦଳରେ ଖେଳିବାର ସୁଯୋଗ ପାଇଥିଲେ। ଯାହାକି ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ଶନ୍‌ମୁଗମ୍ କହିଛନ୍ତି। ଭାରତ ଡିଫେଣ୍ଡିଂ ଚାମ୍ପିୟନ ହୋଇଥିଲେ ହେଁ ଟୁର୍ଣ୍ଣାମେଣ୍ଟରେ ନିଜର ପ୍ରଥମ ମ୍ୟାଚକୁ ବହୁ ଗୁରୁତ୍ୱର ସହ ନେଉଛି। ଫଳରେ ଦଳର ଖେଳାଳିମାନେ ଟ୍ରେନିଂ ସମୟରେ ଦୀର୍ଘ ସମୟ ଅଭ୍ୟାସରେ ବ୍ୟସ୍ତ ରହିଥିବା ପରିଲକ୍ଷିତ ହୋଇଥିଲା।

ସାଉଥ୍ ଏସିଆନ ସ୍ତରରେ ଭାରତ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ବୋଲି ଅନୁଭବ କରୁଛନ୍ତି ବାଂଲାଦେଶ ମୁଖ୍ୟ କୋଚ୍ ତଥା ବୈଷୟିକ ନିର୍ଦ୍ଦେଶକ ପଲ୍ ସ୍ମଲେ ଥୋମାସ। ''ସାଫ୍ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ସମସ୍ତ ଦଳ କଡ଼ା ଚ୍ୟାଲେଞ୍ଜ ଦେବାକୁ ସକ୍ଷମ, ମାତ୍ର ଭାରତ ଅନ୍ୟ ସବୁ ଦଳଠାରୁ ଆଗରେ। ଭାରତ ବିପକ୍ଷ ମ୍ୟାଚ ସବୁବେଳେ କଷ୍ଟସାଧ୍ୟ ହୋଇଥାଏ'' ବୋଲି ଥୋମାସ ପ୍ରକାଶ କରିଛନ୍ତି। ବୁଧବାର ଅନ୍ୟ ଏକ ମ୍ୟାଚ ଶ୍ରୀଲଙ୍କା ଓ ନେପାଳ ମଧ୍ୟରେ ଅନୁଷ୍ଠିତ ହେବ। ଏହା ରାତି ୭ଟାରେ ଆରମ୍ଭ ହେବ।



ବାଂଲାଦେଶ ବିପକ୍ଷ ମ୍ୟାଚ ପାଇଁ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସରତ ଭାରତୀୟ ଯୁବ ଫୁଟବଲ ଦଳ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଓହରିଲେ ନୀରଜ

ବର୍ମିଂହାମ୍, ୨୬।୭ (ପି.ଟି)

ରାଜ୍ୟଗୋଷ୍ଠୀ କ୍ରୀଡାକୁ ମାତ୍ର ୨ ଦିନ ବାକି ରହିଥିବା ବେଳେ ଓହରି ଯାଇଛନ୍ତି ଭାରତୀୟ ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା। ସେ ପଦକ ଫେଭରିଟ୍ ରହିଥିଲେ ହେଁ ଜଙ୍ଘ ମାଂସପେଶୀ ଟାଣି ହୋଇଯାଇଥିବା କାରଣରୁ ସେ ମଙ୍ଗଳବାର ଏହି ନିଷ୍ପତ୍ତି ନେଇଛନ୍ତି। ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ସମୟରେ ଏହି ଆଘାତ ହୋଇଥିବା ଜଣାପଡିଛି। ଏହା ସହିତ ଗ୍ରେନଡାର ଆଣ୍ଡରସନ୍ ପିଟର୍ସଙ୍କ ସହିତ ତାଙ୍କର ଲଢେଇ ହେବ ନାହିଁ ବୋଲି ସ୍ପଷ୍ଟ ହୋଇ ଯାଇଛି। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ବିଶ୍ୱ ଚାମ୍ପିୟନଶିପରେ ଐତିହାସିକ ରୌପ୍ୟ ପଦକ ବିଜୟୀ ହୋଇଥିଲେ।

ଭାରତୀୟ ଅଲିମ୍ପିକ କମିଟି ସମ୍ପାଦକ ରାଜୀବ ମେହେଟା ସୂଚନା ଦେଇ କହିଛନ୍ତି, ଚତୁର୍ଥ ପ୍ରୟାସ ଅବସରରେ ନୀରଜଙ୍କ ଜଙ୍ଘରେ ଆହତ ସମସ୍ୟା ଅନୁଭୂତ ହୋଇଥିଲା। ଏମ୍ଆରଆଇ ରିପୋର୍ଟ ଅନୁସାରେ ନୀରଜଙ୍କୁ ଏକ ମାସ ପାଇଁ ବିଶ୍ରାମ ପରାମର୍ଶ ଦିଆଯାଇଛି। ଆଘାତ ସମସ୍ୟା ଗୁରୁତର ନ ଥିଲେ ମଧ୍ୟ ପ୍ରତିଷେଧକମୂଳକ ପଦକ୍ଷେପ ଭାବେ ତାଙ୍କୁ ବିଶ୍ରାମ ଦିଆଯାଇଛି। ନୀରଜଙ୍କ ସହିତ ନିୟମିତ ସମ୍ପର୍କରେ ଥିବା ନେଇ ସ୍ପଷ୍ଟ କରିଛନ୍ତି ଆଥଲେଟିକ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆର ସଭାପତି ଆଡିଲେ ସୁମାରିୱାଲା। ଶତ ପ୍ରତିଶତ ଫିଟ୍ ନ ଥିବାରୁ ନୀରଜ ଆଗାମୀ କ୍ରୀଡ଼ାରେ ଭାରତୀୟ ଦଳର ଧ୍ୱଜାବାହକ ହେବେନାହିଁ। ପରବର୍ତ୍ତୀ ବୈଠକରେ ଭାରତୀୟ ଦଳର ଧ୍ୱଜାବାହକ ଚୟନ କରାଯିବ ବୋଲି ଚିଫ୍ ଡି ମିଶନ ରାଜେଶ ଭଣ୍ଡାରୀ ପ୍ରକାଶ କରିଛନ୍ତି।

# ୨୦ ସପ୍ତାହ ଗ୍ରହଣୀୟ ନୁହେଁ: ଏଫ୍‌ଆଇଏଚ୍

**ନୂଆଦିଲ୍ଲୀ, ୨୬।୭ (ପି.ଟି.):** ହକି ଇଣ୍ଡିଆ ଏହାର ନୂଆ ସମ୍ବିଧାନ ପ୍ରସ୍ତୁତ କରିବା ସହ ଗଣତାନ୍ତ୍ରିକ ଉପାୟରେ କର୍ମକର୍ତ୍ତା ନିର୍ବାଚନ ଲାଗି ୨୦ ସପ୍ତାହ ସମୟ ମାଗିଥିବା ବେଳେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ତାହା ଅଗ୍ରାହ୍ୟ କରିଛି। ଯଥାଶୀଘ୍ର ନିର୍ବାଚନ କରା ନ ଗଲେ ଜାନୁୟାରୀ ୧୩ରୁ ୨୯ ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ପୁରୁଷ ବିଶ୍ୱକପ୍ ଆୟୋଜନର ସତ୍ତ୍ୱାଧିକାର ଭାରତଠାରୁ ପ୍ରତ୍ୟାହାର କରି ନିଆଯିବ ବୋଲି ଏଫ୍‌ଆଇଏଚ୍ ପୂର୍ବରୁ ଧମକ ଦେଇସାରିଛି। ସମ୍ବିଧାନ ସଂଶୋଧନ ଓ ସାନି ନିର୍ବାଚନ କରାଇବା ପାଇଁ ସାମୟିକ ଭାବେ ହକି ଇଣ୍ଡିଆ ପରିଚାଳନା ଦାୟିତ୍ୱରେ ରହିଥିବା କୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ)ଠାରୁ ସମୟସୀମା ଜାଣିବାକୁ ଚାହିଁଥିଲା ଏଫ୍‌ଆଇଚ୍। ନବନିଯୁକ୍ତ କାର୍ଯ୍ୟକାରୀ ସଭାପତି ସେଫ୍ ଅହମଦଙ୍କ ନେତୃତ୍ୱରେ ୩ଜଣ ସଦସ୍ୟ ବିଶିଷ୍ଟ ପ୍ରତିନିଧି ଦଳ ଅଗଷ୍ଟ ୧୫ରେ ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି। ସ୍ପୋର୍ଟ୍ସ କୋଡ୍‌କୁ ଭିତ୍ତି କରି ହକି ଇଣ୍ଡିଆ ଏପର୍ଯ୍ୟନ୍ତ ଏହାର ସମ୍ବିଧାନ ଗଠନ କରିନାହିଁ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଏଏପି ପକ୍ଷରୁ କାର୍‌ଗିଲ ବିଜୟ ଦିବସ

**ବୋଲଗଡ଼,୨୬।୭(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଗେଡୀଆପଲ୍ଲୀ ପଞ୍ଚାୟତ ସାଲତରା ବାଲୁଙ୍କେଶ୍ୱର ଦେବ ମନ୍ଦିର ପରିସରରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ମଙ୍ଗଳବାର କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏଏପିର ଖୋର୍ଦ୍ଧା ଜିଲା ସଭାପତି ଶୁଭାଶିଷ ସ୍ୱାଇଁ, ରାଜ୍ୟ ଉପସଭାପତି ଦୁର୍ଗା ଦାସ, ମିଡିଆ ସମ୍ପାଦକ ଅନୁଜ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶହୀଦ ଯବାନଙ୍କ ସ୍ମୃତିରେ ପ୍ରଦୀପ ପ୍ରଜ୍ୱଳନ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ବ୍ଲକ୍ ସଭାପତି କଳ୍ପତରୁ ପଣ୍ଡା ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଜିଲା ସଭାପତି ସ୍ୱାଇଁ ଏକାଠି ହୋଇ ଭ୍ରଷ୍ଟାଚାର ବିରୋଧରେ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ଦୁର୍ଗା ଦାସ କିଶାନ ମାନଙ୍କ ପ୍ରତି ହେଉଥିବା ଅବହେଳା ବିଷୟରେ ଚିନ୍ତା ପ୍ରକଟ କରିଥିଲେ। କୃଷକ ନେତା କାହ୍ନୁ ବେହେରା, ଜୟନ୍ତ ତ୍ରିପାଠୀ, ନାରୀ ନେତ୍ରୀ ପଦ୍ମାଳୟା ମହାପାତ୍ର, ପ୍ରତାପ ସେଠୀ, ସୁଶାନ୍ତ ମିଶ୍ର, ସନ୍ଧ୍ୟାରାଣୀ ମହାପାତ୍ରଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୨୬।୭:** ମଳିପଡ଼ା ସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ସୁରେନ୍ଦ୍ର ନାଥ ସାହୁ ଉଦ୍‌ଘାଟନ କରିଥିଲେ। କଲେଜର ଏନ୍‌ସିସି, ଏନ୍‌ଏସ୍‌ଏସ୍ ଏବଂ ୱାଇଆର୍‌ସି ୟୁନିଟର ସମସ୍ତ ଛାତ୍ରୀଛାତ୍ର କଲେଜର ଚତୁଃପାର୍ଶ୍ୱକୁ ସଫା କରିଥିଲେ। ଏନ୍‌ସିସି ଅଫିସର ସସ୍ମିତା ଭାରତୀ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ରିନା ମହାରଣା, ୱାଇଆର୍‌ସି କାଉନସିଲର ଅବକାଶ ସାହୁ ପ୍ରମୁଖ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିସହ କଲେଜର ବରିଷ୍ଠ ଅଧାପକ ବିଦ୍ୟାଧର ଘଟୁଆରୀ, ଅଧାପିକା ଦିପ୍ତୀମୟୀ ଗଜେନ୍ଦ୍ର, ଡେମୋନଷ୍ଟ୍ରେଟର ସସ୍ମିତା ସେନାପତି, ଲାଇବ୍ରେରିଆନ କବିତା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ନବଗଠିତ ପରିଚାଳନା ପରିଷଦର ପ୍ରଥମ ବୈଠକ

**ବାଲିଅନ୍ତା,୨୬।୭(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ସେବା ସମବାୟ ସମିତିର ନବ ଗଠିତ ପରିଚାଳନା ପରିଷଦର ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖମଙ୍ଗସ୍ଥିତ ସମିତି କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ନବନିର୍ବାଚିତ ସଭାପତି ନୀଳକଣ୍ଠ ପଣ୍ଡା ଅଧକ୍ଷତା କରିଥିଲେ। ସମ୍ପାଦକ ହେମନ୍ତ ନାୟକ ଆଗାମୀ ଦିନରେ ସମିତିକୁ ଏକ ଶ୍ରେଷ୍ଠ ସମବାୟ ସମିତି ରୂପେ ଗଢ଼ିତୋଳିବାକୁ ସମସ୍ତ ଡାଇରେକ୍ଟରଙ୍କ ସହଯୋଗ ଲୋଡ଼ିଥିଲେ। ଚାଷୀ ଆଗାମୀ ଖରିଫ ଫସଲ ବିକ୍ରି ପାଇଁ ସମିତି କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରାଇବାକୁ ସମ୍ପାଦକ ନାୟକ ସୂଚନା ଦେଇଥିଲେ। ବୈଠକରେ ସମିତି ଉପ ସଭାନେତ୍ରୀ ସସ୍ମିତା ଦାସଙ୍କ ସମେତ ସମସ୍ତ ନବନିର୍ବାଚିତ ସଭ୍ୟ ଉପସ୍ଥିତ ଥିଲେ।

# ମାଟିରେ ମିଶିଲାଣି ପୁରାତନ ଭାସ୍କର୍ଯ୍ୟ

**ପୁରୀ ଅଫିସ,୨୬।୭**

**ଶ୍ରୀଜଗନ୍ନାଥ ପରମ୍ପରା ସହ ଜଡ଼ିତ ଗୋପାଳତୀର୍ଥ ମଠ**

- ମଠର ପୂର୍ବ ମହନ୍ତଙ୍କ ସମାଧି ପୀଠ ଅବହେଳିତ
- ପୁନରୁଦ୍ଧାର ସହ ପ୍ରଚାର ପ୍ରସାର ଦାବି

ସ୍ନାନପୂର୍ଣ୍ଣିମା ଆସିଲେ ଶ୍ରୀକ୍ଷେତ୍ରର ଗୋପାଳତୀର୍ଥ ମଠ କଥା ମନେପଡ଼େ। ସ୍ନାନପୂର୍ଣ୍ଣିମାରେ ଚତୁର୍ଦ୍ଧା ବିଗ୍ରହଙ୍କ ହାତୀବେଶ ସାଜସଜ୍ଜାରେ ଗୋପାଳତୀର୍ଥ ମଠର ଅବଦାନ ରହିଛି। ମଠ ପକ୍ଷରୁ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବେଶ ଯୋଗାଇ ଦିଆଯାଇଥାଏ। ଶ୍ରୀଜଗନ୍ନାଥ ପରମ୍ପରା ସହ ଜଡ଼ିତ ସର୍ବପୁରାତନ ୪ଟି ମଠମଧ୍ୟରୁ ଗୋପାଳତୀର୍ଥ ମଠ ଅନ୍ୟତମ। ତେବେ ପ୍ରଶାସନିକ ଅବହେଳାରୁ ଗୋପାଳତୀର୍ଥ ମଠର ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ମାଟିରେ ମିଶିବାକୁ ବସିଲାଣି।

ପୁରୀ ବାଲିସାହି ଅନ୍ତର୍ଗତ ଡିଆଡ଼ି ସାହି ଲୁହାଗଡ଼ ଯାଗା ଗଳିରେ ଏହି ମଠ ରହିଛି। ମଠରେ ଶ୍ରୀଲୋକନାଥ ଏବଂ ମା’ ଭୁବନେଶ୍ୱରୀ ମୁଖ୍ୟ ଦେବଦେବୀ। ପୀଠ ଦେବୀ ମା’ ଭୁବନେଶ୍ୱରୀଙ୍କ ମନ୍ତ୍ରରେ ମା’ ସୁଭଦ୍ରା ପୂଜା ପାଉଥିବାର ପୌରାଣିକ ବର୍ଣ୍ଣନା ରହିଛି। ଏହାଛଡ଼ା ଶ୍ରୀଜଗନ୍ନାଥ, ନୃସିଂହ, ରାଧାକୃଷ୍ଣ, ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନ, ଭରତ, ଶତ୍ରୁଘ୍ନ ଓ ଦୁର୍ଗା ମଧ୍ୟ ପୂଜା ପାଇଥାଆନ୍ତି। ତେବେ କିଛି ବର୍ଷ ହେବ ମଠରେ ମହନ୍ତ ନାହାନ୍ତି।



ଭଗ୍ନ ଅବସ୍ଥାରେ ଗୋପାଳତୀର୍ଥ ମଠ।

ପୂଜାପାଠ ପାଇଁ ବିକଳ୍ପ ଭାବେ ଜଣେ ବ୍ରାହ୍ମଣ ନିୟୋଜିତ ହୋଇଛନ୍ତି। ପ୍ରଶାସନ ତରଫରୁ ଜଣେ କର୍ମଚାରୀ ଦାୟିତ୍ୱରେ ରହିଛନ୍ତି। ସମ୍ପ୍ରତି ମଠର କୋଠା ଓ ଅଗଣା ଧ୍ୱଂସ ପ୍ରାୟ। ଅବହେଳିତ ପୁରୁଣା କୋଠା ଜରାଜୀର୍ଣ୍ଣ ହୋଇପଡ଼ିବା ପରେ ପ୍ରଶାସନ ସେସବୁ ଭାଙ୍ଗି ପକାଇଛି। କେବଳ ମନ୍ଦିର ଓ ଦେବଦେବୀଙ୍କୁ ଛାଡ଼ି ମଠର ଆଉ କୌଣସି ସ୍ଥାପତ୍ୟ ନାହିଁ। ମଠର ପୂର୍ବ ମହନ୍ତଙ୍କ ସମାଧି ପୀଠ ଗଛର ଚେର ଓ ଲତାରେ ଆଚ୍ଛାଦିତ ହୋଇରହିଛି। ପ୍ରଶାସନ ମଠର ସ୍ଥାପତ୍ୟକୁ ଭାଙ୍ଗି ଖାଲି ପଡ଼ିଆ ସୃଷ୍ଟି କରିଛି। ପ୍ରଥମେ ସେଠାରେ ସେବାୟତ ଆବାସ ଯୋଜନାରେ ବହୁତଳ ପ୍ରାସାଦ ନିର୍ମାଣ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଘୋଷଣା କରାଗଲା। ମାତ୍ର ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିଲା ନାହିଁ। ପରେ ପୁଣି ନିଷ୍ପତ୍ତି ହୋଇଥିଲା ଯେ, ଏହି ସ୍ଥାନରେ ସେବାୟତଙ୍କ ପିଲାମାନେ ପାଠ ପଢ଼ିବା ପାଇଁ ଆଦର୍ଶ ଗୁରୁକୁଳ ନିର୍ମାଣ ହେବ। ମାତ୍ର ଏପର୍ଯ୍ୟନ୍ତ ସେ ନେଇ କୌଣସି କାର୍ଯ୍ୟକ୍ରମ ହୋଇନାହିଁ। ମଠର ଐତିହ୍ୟ ଓ ପରମ୍ପରାକୁ ପ୍ରଶାସନ ଧ୍ୱସ୍ତ କରିସାରିଥିବା ବେଳେ ଏହାର ପୁନରୁଦ୍ଧାର ପ୍ରତି ଧ୍ୟାନ ଦେଉନାହିଁ ବୋଲି ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି। ସେହିପରି ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ମଠ-ମନ୍ଦିର ପୁରୀର ଆଧ୍ୟାତ୍ମିକ ଚେତନା। ପୁରୀବାସୀ ଏହି ପରମ୍ପରା ସହ ଜଡ଼ିତ। ସରକାର ପୁରୀକୁ ଫୋକସ୍‌ରେ ରଖି ବିକାଶମୂଳକ କାର୍ଯ୍ୟକ୍ରମ କରୁଛନ୍ତି ବୋଲି ଦାବି କରୁଛନ୍ତି। ତେବେ ଏହି ଧାର୍ମିକ ସହରରେ ଥିବା ମଠ ମନ୍ଦିରର ପୁନରୁଦ୍ଧାର ଲାଗି କାହିଁକି ପ୍ରାଥମିକତା ଦେଉ ନାହାନ୍ତି। ପ୍ରଥମେ ମଠ ଭିତ୍ତିଭୂମି ଓ ସମାଧି ଭଳି ସ୍ଥଳୀର ପୁନରୁଦ୍ଧାର ହେବା ଦରକାର।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଶ୍ରୀକ୍ଷେତ୍ରର ସର୍ବପୁରାତନ ଶୈବ ଉପାସକମାନେ ଏହି ମଠରେ ଦେଖିବାକୁ ମିଳୁଥିଲେ। ସେମାନେ ଶ୍ରୀମନ୍ଦିର ପରମ୍ପରା ସହ ଓତପ୍ରୋତ ଭାବେ ଜଡ଼ିତ ଥିଲେ। ଏଠାରେ ଆଡ଼ମ୍ବରରେ ଝୁଲଣ ଯାତ୍ରା ହେଉଥିଲା। ଭୁବନେଶ୍ୱରୀଙ୍କ ଷୋଳପୂଜା ରୀତିନୀତି ଏହି ମଠର ସ୍ୱତନ୍ତ୍ରତା। ସେହିଭଳି ଶ୍ରୀକ୍ଷେତ୍ରର ବୌଦ୍ଧିକ ବିକାଶ ଓ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦିଗରେ ଏହି ମଠର ଭୂମିକା ଉଲ୍ଲେଖନୀୟ ରହିଥିଲା। ଏହି ମଠ ପରିସରରେ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଥିଲା। ଏହି ଶିକ୍ଷାକେନ୍ଦ୍ରକୁ ପ୍ରଶାସନ ଯେଉଁଭଳି ଭାବେ ଗୁରୁତ୍ୱ ଦେବା ଉଚିତ୍ ଥିଲା ତାହା ଦେଇ ନାହିଁ। ଓଲଟା ଉଚ୍ଛେଦ କରି ଏହାର ଗୁରୁତ୍ୱକୁ ଗୌଣ କରିବାକୁ ଚେଷ୍ଟା କରିଛି। ତୁରନ୍ତ ମଠର ପୁନରୁଦ୍ଧାର କରାଯାଇ, ମଠ ସଂସ୍କୃତିର ପ୍ରଚାର ପ୍ରସାର କରାଯିବା ଉଚିତ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ପ୍ରାଣୀଙ୍କ ସେବା ପାଇଁ ଥିବା ଗାଡ଼ିରେ ବୁଲିଲେ ପର୍ଯ୍ୟଟକ

**ବାରଙ୍ଗ,୨୬।୭(ଡି.ଏନ୍.ଏ.)**

ନନ୍ଦନକାନନରେ ଥିବା ପଶୁପକ୍ଷୀଙ୍କ ଶାରୀରିକ ଅସୁସ୍ଥତା ସମୟରେ ଶୀଘ୍ର ଯାଇ ସେମାନଙ୍କ ପାଖରେ ପହଞ୍ଚିବା ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷ ତରଫରୁ ଏକ ବ୍ୟାଟେରିଚାଳିତ ଗାଡି ବନ୍ୟପ୍ରାଣୀ ଚିକିତ୍ସାଳୟକୁ ପ୍ରଦାନ କରାଯାଇଛି। ଏଥିସହ ଆବଶ୍ୟକ ଚିକିତ୍ସାଜନିତ ଜନ୍ତ୍ରପାତି ଓ ଔଷଧ ସେଥିରେ ନେବାର ବ୍ୟବସ୍ଥା ରହିବା ସହ ଏହି ଗାଡିର ଦାୟିତ୍ୱ ଡାକ୍ତରଖାନାର ବରିଷ୍ଠ ଚିକିତ୍ସକଙ୍କ ନିୟନ୍ତ୍ରଣରେ ରହିଛି। ହେଲେ ଏହି ଗାଡି ପ୍ରାଣୀଙ୍କ ଚିକିତ୍ସା କ୍ଷେତ୍ରରେ ନ ଲାଗି ପର୍ଯ୍ୟଟକଙ୍କୁ ବୁଲାଉଥିବାର ମଙ୍ଗଳବାର ଦେଖିବାକୁ ମିଳିଛି। ଯେହେତୁ ଏହା ଡାକ୍ତରଙ୍କ ଗାଡି ସେଥିପାଇଁ କୌଣସି ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବୁଝିବାକୁ କେହି ବିଶେଷଜ୍ଞ ଆସିଥିବାର ଅନୁମାନ କରାଯାଉଥିଲା। କିନ୍ତୁ ଗାଡିରେ ବସିଥିବା ଲୋକେ କେବଳ ବିଭିନ୍ନ ଏନ୍‌କ୍ଲୋଜର ପାଖକୁ ଯାଇ ପଶୁପକ୍ଷୀ ଦେଖି ଆସୁଥିବା ଜଣାପଡିଥିଲା। ତେବେ ଡାକ୍ତରଙ୍କ ନିୟନ୍ତ୍ରଣରେ ଥିବା ଗାଡିଚାଳକ ବ୍ୟବସାୟିକ କାର୍ଯ୍ୟରେ କିପରି ବ୍ୟବହାର କରିବାକୁ ସାହସ କଲେ ତାହା ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବରିଷ୍ଠ ପ୍ରାଣୀ ଚିକିତ୍ସକ ଶରତ ମିଶ୍ରଙ୍କୁ ପଚାରିବାରେ, ଏନେଇ କୌଣସି ଖବର ନାହିଁ।

# ‘ରାଷ୍ଟ୍ରର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ’




କାର୍‌ଗିଲ ବିଜୟ ଦିବସ ଅବସରରେ ମଙ୍ଗଳବାର ବିଜେବି ହାଇସ୍କୁଲ ଓ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୨୬।୭**

ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ହାଇସ୍କୁଲ ଆନୁକୂଲ୍ୟରେ କାର୍‌ଗିଲ ବିଜୟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନାଚକ୍ରରେ ପ୍ରଧାନଶିକ୍ଷକ ଏସ୍.ଗୋହର ଅଲ୍ଲୀ ଅଧ୍ୟକ୍ଷତା କରିଥିଲେ। ଦେଶ ମାତୃକାର ସୁରକ୍ଷା ଲାଗି ବୀର ଯବାନମାନଙ୍କ ବଳିଦାନ, ତ୍ୟାଗ ଅତୁଳନୀୟ। ଏ ମାଟି ସେମାନଙ୍କ ଲାଗି ଗର୍ବିତ। ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମାଟି, ମାତୃଭୂମି ସର୍ବଦା ବନ୍ଦନୀୟ। ଏହାର ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ଅଧକ୍ଷ ଅଲ୍ଲୀ କହିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ଯବାନଙ୍କ ସ୍ମୃତିଚାରଣ କରିଥିଲେ। ଏନ୍‌ସିସି କ୍ୟାଡେଟମାନେ ସମରକଳା ସହ ଜାତୀୟ ପତାକା ଧରି ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏନ୍‌ସିସି ଅଫିସର ବିଭୁ ପ୍ରସାଦ ସେନାପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷକ ଅଞ୍ଜନ କୁମାର ରାୟ, ରଜନୀକାନ୍ତ ଦାସ, ଶିକ୍ଷୟିତ୍ରୀ ସଲିଳା ଛୋଟରାୟ, ପୁଷ୍ପଲତା ପାତ୍ର, ଜ୍ୟୋତିର୍ମୟୀ ପଣ୍ଡା, ଜଗନ୍ନାଥ ରାଉତ, ଚନ୍ଦ୍ରକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷା, ରଞ୍ଜିତା ସେଠୀ, ଉପାଧକ୍ଷା ଡ.ଅଜନ୍ତା ଶତପଥୀ, ଅସୀମା ଶତପଥୀ, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଏନ୍‌ସିସି ଛାତ୍ରୀଛାତ୍ର ଦେଶାତ୍ମବୋଧକ ଗୀତ ଗାନ କରିଥିଲେ। ପ୍ରଫେସର ମାଧବ ଚନ୍ଦ୍ର ମହାନ୍ତି, କଲେଜର ହେଡ୍‌କ୍ଲର୍କ ସଞ୍ଜୁକ୍ତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫାଇନାନ୍ସରେ ମୋବାଇଲ ଦେବାକୁ କହି ୪୦ଲକ୍ଷ ଠକେଇ

**ଖୋର୍ଦ୍ଧା ଅଫିସ,୨୬।୭**

ଫାଇନାନ୍ସରେ ମୋବାଇଲ ଫୋନ ଦେବାକୁ କହି ଏକ ମୋବାଇଲ ଦୋକାନ ମାଲିକ ଓ କର୍ମଚାରୀ ୪୦ ଲକ୍ଷ ଟଙ୍କା ଠକି ନେଇଥିବା ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ତରାବୋଇ, ବେଣାପଞ୍ଜୁରୀ, ବାରହଳ ଭଳି କେତେକ ଗ୍ରାମର ଲୋକଙ୍କୁ ଫାଇନାନ୍ସରେ ମୋବାଇଲ ଦେବାକୁ କହି ଉକ୍ତ ଦୋକାନୀ ମାଲିକ ସେମାନଙ୍କ ଠାରୁ ବିଭିନ୍ନ ଡକ୍ୟୁମେଣ୍ଟ ଓ ଅଗ୍ରିମ ୪ ହଜାର ଟଙ୍କା ଲେଖାଏ ନେଇଥିଲେ। ଏଥିସହ ମୋବାଇଲ ଖୋଳ ଧରାଇ ସେମାନଙ୍କର ଫଟୋ ଉଠାଇଥିଲେ। ମାତ୍ର ପରେ ଗ୍ରାହକମାନେ ମୋବାଇଲ ପାଇ ନ ଥିଲେ। ଏନେଇ ସେମାନେ ବାରମ୍ବାର ଦୋକାନର ଦ୍ୱାରସ୍ଥ ହୋଇଥିଲେ। ତେବେ ସେମାନେ ମୋବାଇଲ ନେଇଥିବା ଫଟୋ ରହିଛି ବୋଲି ଦୋକାନୀ କହିବା ସହ ଧମକ ଦେଇଥିଲେ। ଅନ୍ୟପକ୍ଷରେ ଘରୋଇ ଫାଇନାନ୍ସ କମ୍ପାନୀ ପକ୍ଷରୁ ମୋବାଇଲ ପାଇଁ ନେଇଥିବା ଋଣ ବାବଦକୁ କିସ୍ତି ପଇଠ କରିବାକୁ ମେସେଜ୍ ଆସିଥିବା କେତେଜଣ ଗ୍ରାହକ କହିଛନ୍ତି। ଠକାମିର ଶିକାର ହୋଇଥିବା ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ପୋଲିସ ସହରର ବିଭିନ୍ନ ମୋବାଇଲ ଦୋକାନରେ ଚଢ଼ାଉ କରିଥିବା ବେଳେ ଉକ୍ତ ଦୋକାନ ମାଲିକ ଓ କର୍ମଚାରୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଉକ୍ତ ଲୋନକୁ ଅନୁମୋଦନ କରାଇଥିବା ଘରୋଇ ଫାଇନାନ୍ସ କର୍ମଚାରୀଙ୍କ ଉପରେ ଗ୍ରାହକଙ୍କ ସନ୍ଦେହ ବଢ଼ିଛି।

# ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଭାଜପାର ଦାବିପତ୍ର

**ବୋଲଗଡ଼,୨୬।୭(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ଭାଜପା ବୋଲଗଡ଼ ମଣ୍ଡଳ ପକ୍ଷରୁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଛି। ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରା କୁହନ୍ତି, ସ୍ଥାନୀୟ ବ୍ଲକ ଅଞ୍ଚଳର ରାସ୍ତା ନିର୍ମାଣରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ରାସ୍ତା କାମ ନିମ୍ନମାନର କରାଯାଉଛି। କମ୍ ଦିନରେ ରାସ୍ତାଗୁଡ଼ିକ ନଷ୍ଟ ହେଉଛି ବୋଲି ସେ କହିଛନ୍ତି। ବିଜିପୁର ଠାରୁ ଦଳେଇସାହି ରାସ୍ତା ମରାମତି, ଦିଘିରିରୁ ରେଳଷ୍ଟେଶନ ରାସ୍ତା ନିର୍ମାଣ, ବୋଲଗଡ଼ ଠାରୁ ଦଳେଇସାହି ରାସ୍ତା ମରାମତି, ଟିକାତାଳରୁ କୋଦାବେରେଣୀ ରାସ୍ତା ମରାମତି ସହିତ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆସିଥିବା ଗୃହକୁ ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ, ନୂତନ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ, ଶିକ୍ଷିତ ଯୁବତୀଯୁବକଙ୍କ ପାଇଁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର ଏକ ଶାଖା ଖୋଲାଯିବା ଆଦି ଦାବି ରହିଛି। ଭାଜପା ରାଜ୍ୟ ପରିଷଦ ସଦସ୍ୟ ଲୋତକ ବିନ୍ଦୁ ପଟ୍ଟନାୟକ, ସଞ୍ଜୟ ବେହେରା, ଅଜିତ୍ ପଟ୍ଟନାୟକ, ବିନୋଦ ମହାରଣା, ବସନ୍ତ ପରିଡା, ଜଗବନ୍ଧୁ ମୁଦୁଲି, ଅଭିମନ୍ୟୁ ପଟ୍ଟନାୟକ, ବନ୍ଧୁ ଭୋଳ, ଲକ୍ଷ୍ମୀଧର ବଳିୟାରସିଂହ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଚିଲିକା ନୀତି ପ୍ରଣୟନ କରାଯାଉ

**କୃଷ୍ଣପ୍ରସାଦ,୨୬।୭(ଡି.ଏନ୍.ଏ.)**

**ଘେରି ଉଚ୍ଛେଦକୁ ବିରୋଧ**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଅଧିବାସୀମାନେ ଚିଲିକା ଉପରେ ନିର୍ଭର କରିବା ସହ ପରିବାର ଚଳାଇଥାନ୍ତି। ତେବେ ଉଚ୍ଚ ନ୍ୟାୟାଳୟ ଚିଲିକାକୁ ଘେରି ମୁକ୍ତ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯାହାକୁ କାର୍ଯ୍ୟକାରୀ କରିବା ପାଇଁ ବାରମ୍ବାର ପ୍ରଶାସନ ଚିଲିକା ଉପରେ ହସ୍ତକ୍ଷେପ କରୁଥିବା ବେଳେ ଏହାର ଶିକାର ହେଉଛନ୍ତି ଉକ୍ତ ବ୍ଲକର ଅଧିବାସୀ। ଏହାର ମୁକାବିଲା କରିବା ପାଇଁ ପାରମ୍ପରିକ ପେଶାଦାର ମତ୍ସ୍ୟଜୀବୀ ମହାସଂଘ ଉଦ୍ୟମ ଆରମ୍ଭ କରିଛି। ଚିଲିକା ନୀତି ପ୍ରଣୟନ ହୋଇ ନ ଥିବା ବେଳେ ପ୍ରଶାସନ ପକ୍ଷରୁ ପୁନର୍ବାର ଚିଲିକାରୁ ଘେରି ଉଚ୍ଛେଦ ପାଇଁ ପ୍ରସ୍ତୁତି ଚାଲଛି। ଚିଲିକା ନୀତି ପ୍ରଣୟନ ନ ହେବା ଯାଏ ଘେରି ଉଚ୍ଛେଦକୁ ବିରୋଧ କରାଯିବ ବୋଲି ମହାସଙ୍ଘର ସଭାପତି କେଲୁ ଚରଣ ଜେନା କହିଛନ୍ତି। ସଭାପତି ଜେନାଙ୍କ ନେତୃତ୍ୱରେ ଦୀନବନ୍ଧୁ ଜେନା, ମନୋଜ ସାହୁ, ହେମନ୍ତ ଜେନା, ୩୫ମୌଜା ପରିଚାଳନା କମିଟି ସଭାପତି ଦାମୋଦର ବିଶ୍ୱାଳ, ହରମୋହନ ମାନସିଂହ, ଦାମୋଦର ଜେନା, ଶରତ ଚନ୍ଦ୍ର ଜେନା ପ୍ରମୁଖ ତହସିଲଦାର ଉଲ୍ଲାସ କୁମାର ସେଠୀଙ୍କ ସହିତ ଆଲୋଚନା କରି ଦାବି ଉପସ୍ଥାପନ କରିଥିଲେ।

## କାଦୁଅରେ ଭର୍ତ୍ତି ଖଙ୍ଗୁରିଆ ରାସ୍ତା

**ବୋଲଗଡ଼,୨୬।୭(ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ ଗମନାଗମନର ସୁବିଧା ପାଇଁ ସରକାର ବହୁ ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହାର ଦାୟିତ୍ୱରେ ରହୁଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକ୍ଷମ ନ ହେବାରୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧୀନ ଖଙ୍ଗୁରିଆ ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ଜଗଦେବ ସାହି ରାସ୍ତାରେ ପାଣି ଜମି ରହିବା ସହ କାଦୁଅରେ ଭର୍ତ୍ତି ହୋଇଛି। ଜଳ ନିଷ୍କାସନ ନ ହୋଇପାରିବାରୁ ଏଭଳି ସମସ୍ୟା ଉପୁଜୁଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏହି ସାହି ରାସ୍ତା ବୋଲଗଡ଼-କଳାଙ୍ଗ ଆର୍‌ଡି ରାସ୍ତାରେ ମିଶିଥିବା ବେଳେ ଆର୍‌ଡି ରାସ୍ତାଟି ପ୍ରାୟ ୬ଇଞ୍ଚ ଉଚ୍ଚରେ ଏଠାରେ ନିର୍ମିତ ହୋଇଛି। ଫଳରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଅନ୍ୟପକ୍ଷରେ ଏନେଇ ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି କୁହନ୍ତି, ଏହି ସାହି ରାସ୍ତା ଆର୍‌ଡି ରାସ୍ତାର ନିମ୍ନରେ ରହିଛି। ଫଳରେ ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ସାହି ରାସ୍ତାକୁ ଉଚ୍ଚା କରାଯିବା ପାଇଁ ଆକ୍ସନ ପ୍ଲାନରେ ଭର୍ତ୍ତି କରି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହା ଖୁବ୍‌ଶୀଘ୍ର ମଞ୍ଜୁର ହେବ ବୋଲି ସେ ଆଶାପ୍ରକଟ କରିଛନ୍ତି।



ଖଙ୍ଗୁରିଆ ଜଗ୍‌ଦେବ ସାହି ରାସ୍ତାରେ ଜମି ରହିଥିବା କାଦୁଅ।

## ବଟି ମାଗି ୨ ଗିରଫ

**ପୁରୀ ଅଫିସ,୨୬।୭**

ବଟି ମାଗିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାସେଳି ସାହି ଥାନା ଅଧୀନ ମଣି ମହାସୁଆର ବଗିଚା ଅଞ୍ଚଳର ଲୋକନାଥ ମିଶ୍ର। ପୋଲିସ ଅଭିଯୁକ୍ତ ନିକଟରୁ ଗୋଟିଏ ଛୁରି ଏବଂ ବାଇକ୍ ଜବତ କରିଛି। ଏ ନେଇ ପୋଲିସ ମାମଲା (ନଂ.୬୧/୨୨) ରୁଜୁ କରିଛି। ଅଭିଯୋଗକାରୀ ନୃସିଂହ ଚମ୍ପତିଙ୍କ ସୂଚନା ଅନୁଯାୟୀ, ସୋମବାର ରାତି ୯ଟା ୨୦ରେ ଦୋଳବେଦୀ କୋଣ ସତ୍ୟନାରାୟଣ ମନ୍ଦିର ନିକଟରେ ଠିଆ ହୋଇଥିବା ବେଳେ ଅଭିଯୁକ୍ତ ଲୋକନାଥ ଏକ ବାଇକ୍‌ରେ ଆସି ତାଙ୍କୁ ଛୁରି ଦେଖାଇ ଦାଦାବଟି ମାଗିଥିଲା। ଟଙ୍କା ନ ଥିବା କହିବାରୁ ଘରୁ ଟଙ୍କା ଆଣିବାକୁ କହିଥିଲେ। ଖବରପାଇ ନୃସିଂହଙ୍କ ବାପା ହରିହର ଆସି ପୁଅକୁ ବଞ୍ଚାଇବା ବେଳେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ନୃସିଂହ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେହିପରି ବଟି ମାଗିବା ଅଭିଯୋଗରେ ଟାଉନଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଲିସାହି ଶ୍ୟାମାକାଳୀ ମନ୍ଦିର ନିକଟର ଧର୍ମନାରାୟଣ ପଟ୍ଟନାୟକ। ପୋଲିସ ଏକ ମାମଲା (ନଂ.୨୪୪/୨୨) ରୁଜୁ କରିଛି।

# ସୌରଚାଳିତ ପାନୀୟଜଳ ପ୍ରକଳ୍ପ ଅଚଳ



ଅଚଳ ସୌରଚାଳିତ ପାନୀୟଜଳ ପ୍ରକଳ୍ପ।



ବନ୍ଦ କରାଯାଇଥିବା ନଳକୂପ।

**ନିରାକାରପୁର,୨୬।୭(ଡି.ଏନ୍.ଏ.)**

- ପିଇବା ପାଣି ପାଇଁ ଲୋକେ ହଇରାଣ
- ୨୫ଦିନ ହେବ ଅଚଳ
- ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ବିଶୁଦ୍ଧ ପାନୀୟ ଜଳ ସମସ୍ତେ କିଭଳି ଠିକ୍ ଭାବେ ପାଇପାରିବେ ସେନେଇ ସରକାର ବିଭିନ୍ନ ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଏହାର ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଯୋଗୁ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଫଳରେ ଏହା ଉପରେ ନିର୍ଭର କରି ଚଳୁଥିବା ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତ ଅଧୀନ ଦଳିତ ସାହିରେ ଦେଖିବାକୁ ମିଳିଛି। ଏହି ଗ୍ରାମର ୩୨ ପରିବାର ନିମନ୍ତେ ଗୋଟିଏ ନଳକୂଅ ରହିଥିବା ବେଳେ ପିଇବା ପାଣି ପାଇଁ ସେଭଳି କୌଣସି କୂଅ ନାହିଁ। ତେବେ ଉକ୍ତ ନଳକୂଅକୁ ଗ୍ରାମବାସୀ ବ୍ୟବହାର କରୁଥିଲେ। ପରବର୍ତ୍ତୀ ସମୟରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଉକ୍ତ ନଳକୂଅକୁ ବନ୍ଦ କରାଯାଇ ସେଥିରୁ ଏକ ପାଇପ୍ ଯୋଗେ ସୌର ଚାଳିତ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ମାତ୍ର ଏହି ପ୍ରକଳ୍ପ ଦୀର୍ଘ ୨୫ଦିନ ହେବ ଅଚଳ ହୋଇପଡ଼ିଛି। ଏହା ଉପରେ ନିର୍ଭର କରୁଥିବା ଗ୍ରାମର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଲୋକେ ପିଇବା ପାଣି ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ନିର୍ବାଚିତ ପ୍ରତିନିଧିଙ୍କଠାରୁ ବିଭାଗୀୟ ଅଧିକାରୀଙ୍କୁ ଗ୍ରାମବାସୀ ଜଣାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ଶରତ କୁମାର ସାହୁ କୁହନ୍ତି, ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ପାଇଁ ନଳକୂପ ବନ୍ଦ ହେବ ନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୭ ଜୁଲାଇ, ୨୦୨୨



**ନଡ଼ିଆ ଚାରାରୋପଣ ଆର୍ଥିକ ଅଭିବୃଦ୍ଧିର ସଫଳ ରୂପାୟନ**

କୋଣାର୍କ,(ଡି.ଏନ୍.ଏ.)- କୋଣାର୍କ ନିକଟସ୍ଥ ମହଲପଡା, ସିମିଳି, ବିରିତୁଙ୍ଗ ଓ ଅଣ୍ଡରା ଇଚ୍ଛାପୁର ପଞ୍ଚାୟତରେ ଓଡ଼ିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ଆର୍ଥିକ ଅଭିବୃଦ୍ଧି ଓ ଆତ୍ମନିର୍ଭରଶୀଳ କରିବାର ଲକ୍ଷ୍ୟ ନେଇ ନଡ଼ିଆ ଚାରା ରୋପଣ କାର୍ଯ୍ୟକ୍ରମ ସଫଳତାର କାର୍ଯ୍ୟକ୍ଷମ ହୋଇଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। କୋଣାର୍କ ନିକଟସ୍ଥ ସିମିଳି, ମହଲପଡା, ବିରିତୁଙ୍ଗ ଓ ଅଣ୍ଡର ଇଚ୍ଛାପୁର ପଞ୍ଚାୟତର ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱ, ଦଣ୍ଡା, କେନାଲ ବନ୍ଧରେ ନଡ଼ିଆ ଚାରାରୋପଣ କାର୍ଯ୍ୟକ୍ରମ କରରାଯାଇଛି। ଏହି କାର୍ଯ୍ୟକ୍ରମ ମାଧମରେ ମୃତ୍ତିକା ସଂରକ୍ଷଣ କରିବା, ବେରୋଜଗାରୀ କୃଷକଙ୍କୁ କର୍ମ ସଂସ୍ଥାନ ଯୋଗାଣ ମାଧମରେ ଆତ୍ମନିର୍ଭରଶୀଳ କରିବା ପାଇଁ ଏହା ଏକ ସଫଳଦାୟୀ କାର୍ଯ୍ୟକ୍ରମ ବୋଲି ସିମିଳି, ମହଲପଡା, ବିରିତୁଙ୍ଗ ଓ ଅଣ୍ଡରା ଇଚ୍ଛାପୁର ପଞ୍ଚାୟତର ଶତାଧିକ କୃଷକ ମତବ୍ୟକ୍ତ କରିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୬।୭।୨୦୨୨

| | |
|---|---|
| ୨,୫୫,୮୭୬ ଟଙ୍କା | |
| ସୁନା | ୫୦୦ ମିଲିଗ୍ରାମ |
| ରୁପା | ୬ ଗ୍ରାମ |

# ମାଟିରେ ମିଶିଲାଣି ପୁରାତନ ଭାସ୍କର୍ଯ୍ୟ

**ଶ୍ରୀଜଗନ୍ନାଥ ପରମ୍ପରା ସହ ଜଡ଼ିତ ଗୋପାଳତୀର୍ଥ ମଠ**

- ମଠର ପୂର୍ବ ମହନ୍ତଙ୍କ ସମାଧି ପୀଠ ଅବହେଳିତ
- ପୁନରୁଦ୍ଧାର ସହ ପ୍ରଚାର ପ୍ରସାର ଦାବି

ପୁରୀ ଅଫିସ,୨୬।୭:

ସ୍ନାନପୂର୍ଣ୍ଣିମା ଆସିଲେ ଶ୍ରୀକ୍ଷେତ୍ରର ଗୋପାଳତୀର୍ଥ ମଠ କଥା ମନେପଡ଼େ। ସ୍ନାନପୂର୍ଣ୍ଣିମାରେ ଚତୁର୍ଦ୍ଧା ବିଗ୍ରହଙ୍କ ହାତୀବେଶ ସାଜସଜ୍ଜାରେ ଗୋପାଳତୀର୍ଥ ମଠର ଅବଦାନ ରହିଛି। ମଠ ପକ୍ଷରୁ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବେଶ ଯୋଗାଇ ଦିଆଯାଇଥାଏ। ଶ୍ରୀଜଗନ୍ନାଥ ପରମ୍ପରା ସହ ଜଡ଼ିତ ସର୍ବପୁରାତନ ୪ଟି ମଠ ମଧ୍ୟରୁ ଗୋପାଳତୀର୍ଥ ମଠ ଅନ୍ୟତମ। ତେବେ ପ୍ରଶାସନିକ ଅବହେଳାରୁ ଗୋପାଳତୀର୍ଥ ମଠର ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ମାଟିରେ ମିଶିବାକୁ ବସିଲାଣି।

ପୁରୀ ବାଲିସାହି ଅନ୍ତର୍ଗତ ଡିଆଡ଼ିସାହି ଲୁହାଗଡ଼ ଜାଗା ଗଳିରେ ଏହି ମଠ ରହିଛି। ମଠରେ ଶ୍ରୀଲୋକନାଥ ଏବଂ ମା’ ଭୁବନେଶ୍ୱରୀ ମୁଖ୍ୟ ଦେବଦେବୀ। ପୀଠ ଦେବୀ ମା’ ଭୁବନେଶ୍ୱରୀଙ୍କ ମନ୍ତ୍ରରେ ମା’ ସୁଭଦ୍ରା ପୂଜା ପାଉଥିବାର ପୌରାଣିକ ବର୍ଣ୍ଣନା ରହିଛି। ଏହାଛଡ଼ା ଶ୍ରୀଜଗନ୍ନାଥ, ନୃସିଂହ, ରାଧାକୃଷ୍ଣ, ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନ, ଭରତ, ଶତ୍ରୁଘ୍ନ ଓ ଦୁର୍ଗା ମଧ୍ୟ ପୂଜା ପାଇଥାଆନ୍ତି। ତେବେ କିଛି ବର୍ଷ ହେବ ମଠରେ ମହନ୍ତ ନାହାନ୍ତି। ପୂଜାପାଠ ପାଇଁ ବିକଳ୍ପ ଭାବେ ଜଣେ ବ୍ରାହ୍ମଣ ନିୟୋଜିତ ହୋଇଛନ୍ତି। ପ୍ରଶାସନ ତରଫରୁ ଜଣେ କର୍ମଚାରୀ ମଧ୍ୟ ଦାୟିତ୍ୱରେ ରହିଛନ୍ତି। ସମ୍ପ୍ରତି ମଠର କୋଠା ଓ ଅଗଣା ଧ୍ୱଂସପ୍ରାୟ। ଅବହେଳିତ ପୁରୁଣା କୋଠା ଜରାଜୀର୍ଣ୍ଣ ହୋଇପଡ଼ିବା ପରେ ପ୍ରଶାସନ ସେସବୁ ଭାଙ୍ଗି ପକାଇଛି। କେବଳ ମନ୍ଦିର ଓ ଦେବଦେବୀଙ୍କୁ ଛାଡ଼ି ମଠର ଆଉ କୌଣସି ସ୍ଥାପତ୍ୟ ନାହିଁ। ମଠର ପୂର୍ବ ମହନ୍ତଙ୍କ ସମାଧି ପୀଠ ଗଛର ଚେର ଓ ଲତାରେ ଆଚ୍ଛାଦିତ ହୋଇରହିଛି। ପ୍ରଶାସନ ମଠର ସ୍ଥାପତ୍ୟକୁ ଭାଙ୍ଗି ଖାଲି ପଡ଼ିଆ ସୃଷ୍ଟି କରିଛି। ପ୍ରଥମେ ସେଠାରେ ସେବାୟତ ଆବାସ ଯୋଜନାରେ ବହୁତଳ ପ୍ରାସାଦ ନିର୍ମାଣ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଘୋଷଣା କରାଗଲା। ମାତ୍ର ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିଲା ନାହିଁ। ପରେ ପୁଣି ନିଷ୍ପତ୍ତି ହୋଇଥିଲା ଯେ, ଏହି ସ୍ଥାନରେ ସେବାୟତଙ୍କ ପିଲାମାନେ ପାଠ ପଢ଼ିବା ପାଇଁ ଆଦର୍ଶ ଗୁରୁକୁଳ ନିର୍ମାଣ ହେବ। ମାତ୍ର ଏପର୍ଯ୍ୟନ୍ତ ସେନେଇ କୌଣସି କାର୍ଯ୍ୟକ୍ରମ ହୋଇନାହିଁ। ମଠର ଐତିହ୍ୟ ଓ ପରମ୍ପରାକୁ ପ୍ରଶାସନ ଧ୍ୱଂସ କରିସାରିଥିବା ବେଳେ ଏହାର ପୁନରୁଦ୍ଧାର ପ୍ରତି ଧ୍ୟାନ ଦେଉନାହିଁ ବୋଲି ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି। ସେହିପରି ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ମଠ-ମନ୍ଦିର ପୁରୀର ଆଧ୍ୟାତ୍ମିକ ଚେତନା। ପୁରୀବାସୀ ଏହି ପରମ୍ପରା ସହ ଜଡ଼ିତ। ସରକାର ପୁରୀକୁ ଫୋକସ୍‌ରେ ରଖି ବିକାଶମୂଳକ କାର୍ଯ୍ୟକ୍ରମ କରୁଛନ୍ତି ବୋଲି ଦାବି କରୁଛନ୍ତି। ତେବେ ଏହି ଧାର୍ମିକ ସହରରେ ଥିବା ମଠ ମନ୍ଦିରର ପୁନରୁଦ୍ଧାର ଲାଗି କାହିଁକି ପ୍ରାଥମିକତା ଦେଉ ନାହାନ୍ତି। ପ୍ରଥମେ ମଠ ଭିତିଭୂମି ଓ ସମାଧି ଭଳି ସ୍ଥଳୀର ପୁନରୁଦ୍ଧାର ହେବା ଦରକାର।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଶ୍ରୀକ୍ଷେତ୍ରର ସର୍ବପୁରାତନ ଶୈବ ଉପାସକମାନେ ଏହି ମଠରେ ଦେଖିବାକୁ ମିଳୁଥିଲେ। ସେମାନେ ଶ୍ରୀମନ୍ଦିର ପରମ୍ପରା ସହ ଓତପ୍ରୋତ ଭାବେ ଜଡ଼ିତ ଥିଲେ। ଏଠାରେ ଆଡ଼ମ୍ବରରେ ଝୁଲଣ ଯାତ୍ରା ହେଉଥିଲା। ଭୁବନେଶ୍ୱରୀଙ୍କ ଷୋଳପୂଜା ରୀତିନୀତି ଏହି ମଠର ସ୍ୱତନ୍ତ୍ରତା। ସେହିଭଳି ଶ୍ରୀକ୍ଷେତ୍ରର ବୌଦ୍ଧିକ ବିକାଶ ଓ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦିଗରେ ଏହି ମଠର ଭୂମିକା ଉଲ୍ଲେଖନୀୟ ରହିଥିଲା। ଏହି ମଠ ପରିସରରେ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଥିଲା। ଏହି ଶିକ୍ଷାକେନ୍ଦ୍ରକୁ ପ୍ରଶାସନ ଯେଉଁଭଳି ଭାବେ ଗୁରୁତ୍ୱ ଦେବା ଉଚିତ୍ ଥିଲା ତାହା ଦେଇ ନାହିଁ। ଓଲଟା ଉଚ୍ଛେଦ କରି ଏହାର ଗୁରୁତ୍ୱକୁ ଗୌଣ କରିବାକୁ ଚେଷ୍ଟା କରିଛି। ତୁରନ୍ତ ମଠର ପୁନରୁଦ୍ଧାର କରାଯାଇ ମଠ ସଂସ୍କୃତିର ପ୍ରଚାର ପ୍ରସାର କରାଯିବା ଉଚିତ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



ଭଗ୍ନ ଅବସ୍ଥାରେ ଥିବା ଗୋପାଳତୀର୍ଥ ମଠ ।



ଗଛଲତାରେ ପୂର୍ଣ୍ଣ ମଠର ଏକ ଘର ।

## କାର୍‌ଗିଲ ବିଜୟ ଦିବସ ପାଳିତ

ନିମାପଡ଼ା,୨୬।୭(ଡି.ଏନ୍.ଏ.):

ନିମାପଡ଼ା ବ୍ଲକ ଅନ୍ତର୍ଗତ ପ୍ରାଚୀନଦୀ ତଟସ୍ଥ ବ୍ରିଲିଆଣ୍ଟ ସେବା ପ୍ରତିଷ୍ଠାନ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଦେଶ ପାଇଁ ପ୍ରାଣବଳି ଦେଇ ଦେଶକୁ ବିଜୟ ଆଣିଦେଇଥିବା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପାଣିଛତ୍ର ମହାବୀର ମନ୍ଦିର ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି ସଂସଦ ରାଜ୍ୟ ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର ଯୋଗଦେଇ କାରଗିଲ୍ ଦିବସ ସମ୍ପର୍କରେ କହିଥିଲେ। ଏଥିସହ ବୀର ଯବାନଙ୍କ ବୀରତ୍ୱ ଗାଥା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ନବନିର୍ବାଚିତ ରାଷ୍ଟ୍ରପତି ଓଡ଼ିଆ ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରତିଷ୍ଠାନ ଏବଂ ଅତିଥିମାନେ ଅଭିନନ୍ଦନ ଜଣାଇଥିଲେ। ରାଷ୍ଟ୍ରପତି ଓଡ଼ିଆ ଝିଅ ମୁର୍ମୁ ଆମ ରାଜ୍ୟ, ଦେଶ ତଥା ମାଟି ପାଇଁ ଗର୍ବ ଓ ଗୌରବ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତି, ସ୍କୁଲ, କଲେଜ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଷ୍ଠାନର ପ୍ରତିଷ୍ଠାତା ରାକେଶ କୁମାର ଦାସ ଏହି କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବଟି ମାଗିବା ଅଭିଯୋଗ, ୨ ଗିରଫ

ପୁରୀ ଅଫିସ,୨୬।୭- ବଟି ମାଗିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାସେଳି ସାହି ଥାନା ଅନ୍ତର୍ଗତ ମଣି ମହାସୁଆର ବଗିଚା ଅଞ୍ଚଳର ଲୋକନାଥ ମିଶ୍ର(୨୦)। ପୋଲିସ ଅଭିଯୁକ୍ତ ନିକଟରୁ ଗୋଟିଏ ଛୁରି ଏବଂ ଓଡି ୧୩ ଇ ୪୬୭୭ ନମ୍ବର ବିଶିଷ୍ଟ ଏକ ବାଇକ୍ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୬୧/୨୨) ରୁଜୁ କରିଛି। ଅଭିଯୋଗକାରୀ ନୃସିଂହ ଚମ୍ପତିଙ୍କ ସୂଚନା ଅନୁଯାୟୀ, ସୋମବାର ରାତି ୯ଟା ୨୦ରେ ଦୋଳବେଦୀ କୋଣ ସତ୍ୟନାରାୟଣ ମନ୍ଦିର ନିକଟରେ ଠିଆ ହୋଇଥିବା ବେଳେ ଅଭିଯୁକ୍ତ ଲୋକନାଥ ଏକ ବାଇକ୍‌ରେ ଆସି ତାଙ୍କୁ ଛୁରି ଦେଖାଇ ଦାଦାବଟି ମାଗିଥିଲା। ଟଙ୍କା ନ ଥିବା କହିବାରୁ ଘରୁ ଟଙ୍କା ଆଣିବାକୁ କହିଥିଲେ। ଖବରପାଇ ନୃସିଂହଙ୍କ ବାପା ହରିହର ଆସି ପୁଅକୁ ବଞ୍ଚାଇବା ବେଳେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ନୃସିଂହ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେହିପରି ବଟି ମାଗିବା ଅଭିଯୋଗରେ ଟାଉନଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାଲିସାହି ଶ୍ୟାମାକାଳୀ ମନ୍ଦିର ନିକଟର ଧର୍ମ ନାରାୟଣ ପଟ୍ଟନାୟକ (୪୨)। ପୋଲିସ ଏ ନେଇ ଏକ ମାମଲା(ନଂ.୨୪୪/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ବାଲିସାହିର ବିଷ୍ଣୁପ୍ରିୟା ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ୨୪ ତାରିଖ ରାତି ପ୍ରାୟ ୩ ଟା ୩୦ରୁ ୩ଟା ୪୫ ମଧ୍ୟରେ ଡୋର ବେଲ ବାଜିଥିଲା। ତେବେ ସେ ଦୁଆର ଖୋଲି ନ ଥିଲେ। ଫଳରେ ଦୁର୍ବୃତ୍ତ ଜଣଙ୍କ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ୫ ହଜାର ଟଙ୍କା ବଟି ମାଗିଥିଲା। ବିଷ୍ଣୁପ୍ରିୟା ସାହୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲା।

### ନ୍ୟାୟ ଦାବିରେ ଗ୍ରାମବାସୀ ଏସ୍‌ପିଙ୍କ ଦ୍ୱାରସ୍ଥ

ପୁରୀ ଅଫିସ,୨୬।୭ - ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ନ୍ୟାୟ ପ୍ରଦାନ ଦାବି କରି ମଙ୍ଗଳବାର ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଣସପଦା ଗ୍ରାମର ପୁଷ୍ପାଞ୍ଜଳି ପଲାଇ ଏବଂ ଗ୍ରାମବାସୀ ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗକାରିଣୀ ପୁଷ୍ପାଞ୍ଜଳି ପଲାଇ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ଗତ ମାସ ୨୪ ତାରିଖ ରାତି ପ୍ରାୟ ୧ ଟା ୩୦ରେ ତାଙ୍କ ଭଣଜାର ବାହାଘର ଭୋଜି ସାରି ପରିବାର ଲୋକ ଓ ଗ୍ରାମର କେତେଜଣ ଗ୍ରାମକୁ ଫେରୁଥିଲେ। ପାଣ୍ଡାପୋଖରୀ ଓ ଖଣ୍ଡୁଆଳ ମଝିରେ ଥିବା ବଡବାରୀ ସମ୍ମୁଖସ୍ଥ ୩୧୬ ଜାତୀୟ ରାଜପଥ ଉପରେ ପାଇକ ସାହି ଗ୍ରାମର ୭ରୁ ୮ ଯୁବକ ହଠାତ୍ ସମସ୍ତଙ୍କୁ ଘେରିଯାଇ ବାଇକ୍ ଅଟକାଇ କୌଣସି କାରକଣକୁ ନେଇ ବିଭିନ୍ନ ମାରଣାସ୍ତ୍ର, ଖଣ୍ଡା, ଭୁଜାଲି ଏବଂ ଲାଠି ସାହାଯ୍ୟରେ ଆକ୍ରମଣ କରିଥିଲେ। ଫଳରେ ସମସ୍ତ କ୍ଷତବିକ୍ଷତ ହେବା ସହ ଗୁରୁତର ଆହତ ହୋଇଥିଲେ। ଏ ନେଇ ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୧୫୮/୨୨ ରେ ମାମଲା ରୁଜୁ କରିଥିଲେ। ତେବେ ଘଟଣାକୁ ୧ ମାସ ବିତିଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ପୋଲିସ ଏକ କେସ୍ କରି କେବଳ ବସି ରହିଛି। ଆକ୍ରମଣ କରିଥିବା ଅଭିଯୁକ୍ତମାନେ ଖୁଲମଖୁଲା ବୁଲିବା ସହ ଅଭିଯୋଗକାରିଣୀଙ୍କ ପରିବାର ଲୋକଙ୍କୁ ବାରମ୍ବାର ଜୀବନରୁ ମାରିଦେବା ପାଇଁ ଧମକ ଦେଉଛନ୍ତି। ତେଣୁ ଗ୍ରାମବାସୀ ଏବଂ ପରିବାର ଲୋକ ଭୟରେ ଜୀବନ କାଟୁଛନ୍ତି। ଏ ସମ୍ପର୍କରେ ବ୍ରହ୍ମଗିରି ଥାନା ଅଧିକାରୀ କହିଛନ୍ତି, ତଦନ୍ତ ଚାଲିଛି ଏବଂ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଏଣୁ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ନ୍ୟାୟ ପ୍ରଦାନ କରିବାକୁ ଅଭିଯୋଗକାରୀ ମାନେ ଏସ୍‌ପିଙ୍କୁ ଦାବି କରିଛନ୍ତି। ଯଦି ଆଗାମୀ ଦିନରେ ନ୍ୟାୟ ନ ମିଳେ, ଗ୍ରାମବାସୀ ପୁରୀ-ସାତପଡା ରାସ୍ତାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।




ଗ୍ୟାସ ଦର ବୃଦ୍ଧି ଓ ନିତ୍ୟ ବ୍ୟବହାର ସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇବା ପ୍ରତିବାଦରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ପୁରୀର ବଳଗଣ୍ଡି ଛକରେ ବିକ୍ଷୋଭ କରାଯାଉଛି ।

## ଦର ବୃଦ୍ଧି ପ୍ରତିବାଦରେ ଏଏପିର ବିକ୍ଷୋଭ

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ପୁରୀ ଅଫିସ,୨୬।୭

ଦିନକୁ ଦିନ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ହେବାରେ ଲାଗିଛି। କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟ ଦରଦାମ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ଏଭଳି ଦରଦାମ ବୃଦ୍ଧି ସାଧାରଣ ଜନତାଙ୍କୁ ବ୍ୟତିବ୍ୟସ୍ତ କରିଦେଇଛି। ଏପଟେ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ଖାଦ୍ୟ ପଦାର୍ଥ ଉପରେ ଜିଏସ୍‌ଟି ଲଗାଇ ଲୋକଙ୍କୁ ମହଙ୍ଗା ବୋଝ ଦେଇଛନ୍ତି। ତେଣୁ ରନ୍ଧନ ଗ୍ୟାସ ଦର ବୃଦ୍ଧି ଏବଂ ଚୁଡା, ମୁଢ଼ି , ଗୁଡ଼ ଭଳି ଅତ୍ୟାବଶ୍ୟକ ଖାଦ୍ୟ ପଦାର୍ଥ ଉପରେ ଜିଏସ୍‌ଟି ଲାଗୁ କରୁଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପୁରୀ ଶାଖା ତରଫରୁ ମଙ୍ଗଳବାର ବଳଗଣ୍ଡି ଛକରେ ବିକ୍ଷୋଭ କରାଯିବା ସହ ଭାଜପା ନେତାଙ୍କ ଫଟୋରେ କାଳି ବୋଲି ବିରୋଧ ପ୍ରଦର୍ଶନ କରାଯାଇଛି।

ଗ୍ୟାସର ବର୍ଦ୍ଧିତ ଦର, ପେଟ୍ରୋଲ ଦର ଏବଂ ବିଭିନ୍ନ ଜିନିଷରେ ଜିଏସ୍‌ଟି ଲୋକଙ୍କୁ ଅତିଷ୍ଠ କରିଥିବା ନେଇ ବଡ଼ଦାଣ୍ଡରେ ଅଭିନୟ ମାଧ୍ୟମରେ ଏଏପି ପକ୍ଷରୁ ବିରୋଧ କରାଯାଇଛି। ଆଗକୁ ଯଦି କେନ୍ଦ୍ର ସରକାର ଜିଏସ୍‌ଟି ନ ହଟାନ୍ତି କିମ୍ବା ଗ୍ୟାସ୍ ଦର କମ୍ ନ କରନ୍ତି, ତେବେ ଆମ୍ ଆଦ୍‌ମୀ ପାର୍ଟି ଏହି ବିରୋଧକୁ ଜୋରଦାର କରିବା ସହ ଭାଜପା ନେତାଙ୍କୁ ଏହି ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି କୁହାଯାଇଛି। ଏହି ଅବସରରେ ପ୍ରଥମଥର ଓଡ଼ିଶାର ମହିଳା ଆଦିବାସୀ ଭାବେ ନିର୍ବାଚିତ ହୋଇଥିବା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାର ଜନସାଧାରଣଙ୍କ ଅବସ୍ଥା ଚିନ୍ତା କରି କେନ୍ଦ୍ର ସରକାରଙ୍କ ଦରଦାମ ବୃଦ୍ଧି ଏବଂ ଜିଏସ୍‌ଟି ଲାଗୁ ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ ପତ୍ର ପୁରୀ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ ଜିଲା ଆବାହକ ତଥା ରାଜ୍ୟ ମୁଖପାତ୍ର ସଞ୍ଜୀବ ମହାନ୍ତି, ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲା ମହିଳା ସଭାପତି ପାର୍ବତୀ ପ୍ରଧାନ, ଉପସଭାପତି ଚିନ୍ମୟୀ ରଥ, ଜିଲା ମହିଳା ସମ୍ପାଦକ ତପସ୍ୱିନୀ ଜଗଦେବ, ଜିଲା ଯୁବ ସଭାପତି ଅଂଶୁମାନ୍ ଶତପଥୀ, ପୁରୀ ପୌରପାଳିକା ଆପ୍ ଅଧ୍ୟକ୍ଷ ଅନିଲ ସେନାପତି, ମିଡିଆ ସଂଯୋଜକ ସମୀର ସାମନ୍ତରାୟ, ଜିଲା ଯୁବ ସମ୍ପାଦକ ସୁନୀଲ ଜେନା, ଯୁବ ସଂଗଠକ ସୁଧାଂଶୁ ଶେଖର, ରାଜେଶ ପଣ୍ଡା, ଯୁଧିଷ୍ଠିର ବାରିକ, ଅଭିଷେକ ପାଣିଗ୍ରାହୀ, ପ୍ରଦୀପ ପ୍ରଧାନ ପ୍ରମୁଖ ସଦସ୍ୟ ଯୋଗଦେଇଥିଲେ।

## ଲୋକନାଥ ମନ୍ଦିର ସଫେଇ

ପୁରୀ ଅଫିସ,୨୬।୭

ଲୋକନାଥ ମନ୍ଦିରରେ ଜଳଲାଗି ନିମନ୍ତେ ଲକ୍ଷାଧିକ କାଉଡ଼ିଆ ଆସିଥାନ୍ତି। ଶ୍ରଦ୍ଧାଳୁମାନେ ପୂଜା କରିବା ପରେ ବେଢ଼ା ମଧ୍ୟରେ ଫୁଲ, ଧୂପ, ଦୀପ ପଡ଼ିରହିଥାଏ। ଏହାକୁ ଦୃଷ୍ଟିରେ ରଖି ସାମାଜିକ ସଂଗଠନ ଉର୍ଜାବାନ ଓଡ଼ିଶା ପକ୍ଷରୁ ମଙ୍ଗଳବାର ଶ୍ରୀଲୋକନାଥଙ୍କ ବେଢ଼ା ସଫେଇ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଉଭୟ ଓଦା ଓ ଶୁଖିଲା ଅଳିଆକୁ ପୃଥକ୍ ରଖିବା ସହ ଚତୁଃପାର୍ଶ୍ୱରେ ବ୍ଲିଚିଙ୍ଗ ପକାଇ ସଫା କରାଯାଇଥିଲା। ସ୍କୁଲ କଲେଜ ଯାଉଥିବା ପିଲାଙ୍କୁ ମାଗଣାରେ ନିଜ ଅଟୋରେ ନେଉଥିବା ଉଦ୍ଧବ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଅନୁଷ୍ଠାନ ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନୀହାରିକା ତ୍ରିପାଠୀ, କୋଷାଧ୍ୟକ୍ଷ ସୀତାରାମ ସେନାପତି, ରଙ୍ଗଲତା ପଟ୍ଟନାୟକ, ଦିଲୀପ ଚିନ୍ନାରା, ଆଦର୍ଶ ମିଶ୍ର, ବିଭୁପ୍ରସାଦ ନନ୍ଦ, ଜଗନ୍ନାଥ ପଣ୍ଡା, ଉମେଶ ମହାକୁଡ଼ ଉପସ୍ଥିତ ଥିଲେ।

## ସ୍ତ୍ରୀ ହତ୍ୟାକାରୀଙ୍କୁ ୧୦ ବର୍ଷ ଜେଲ

ନିମାପଡ଼ା,୨୬।୭(ଡି.ଏନ୍.ଏ.):

ସ୍ତ୍ରୀଙ୍କୁ ହତ୍ୟା କରିବା ମାମଲାର ଶୁଣାଣି କରି ନିମାପଡ଼ା ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ଲୋକନାଥ ସାହୁ ଅଭିଯୁକ୍ତ ସ୍ୱାମୀଙ୍କୁ ମଙ୍ଗଳବାର ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ହେଲେ କାକଟପୁର ଥାନା ଅନ୍ତର୍ଗତ ଗମ୍ଭାରୀପଦା ଗ୍ରାମର ଗୋବିନ୍ଦ ସାହୁ। ଅଭିଯୁକ୍ତଙ୍କୁ ଆଇପିସି ଦଫା ୩୦୪(ଏ)ରେ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡ, ୪୯୮(ଏ)ରେ ୧ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୧ ମାସ ଦଣ୍ଡ ଘୋଷଣା କରାଯାଇଛି। ଉଭୟ ଦଣ୍ଡ ଏକକାଳୀନ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡାଦେଶ ପରେ ଅଭିଯୁକ୍ତ ଗୋବିନ୍ଦଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ୨୦୧୭ ଜୁଲାଇ ୫ ତାରିଖ ସକାଳେ ଗୋବିନ୍ଦ ସ୍ତ୍ରୀ ରଞ୍ଜନା ସାହୁଙ୍କୁ ଚା’ କରିବାକୁ କହିଥିଲେ। ମାତ୍ର କୌଣସି କାରଣରୁ ରଞ୍ଜନା ଚା’ କରିବାକୁ ଅମଙ୍ଗ ହୋଇଥିଲେ। ଫଳରେ କ୍ରୋଧାନ୍ୱିତ ହୋଇ ଗୋବିନ୍ଦ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ତାଙ୍କ ତଣ୍ଟି ଚିପି ଦେଇଥିଲେ। ରଞ୍ଜନାଙ୍କୁ ପ୍ରଥମେ କାକଟପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେହିଦିନ ରଞ୍ଜନାଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ରଞ୍ଜନାଙ୍କ ବାପା କଟକ ଚୌଦ୍ୱାର ଅଞ୍ଚଳର ଅର୍ଜୁନ ମହାପାତ୍ର ଜୁଲାଇ ୬ତାରିଖରେ ଜ୍ୱାଇଁ ଗୋବିନ୍ଦଙ୍କ ନାମରେ କାକଟପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(୫୩/୨୦୧୭) ରୁଜୁ କରି ଗୋବିନ୍ଦଙ୍କୁ ଗିରଫ ଓ କୋର୍ଟଚାଲାଣ କରିଥିଲା। ମାମଲାର ବିଚାର ସମୟରେ ୧୨ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲା ଜଜ୍ ସାହୁ ଏହି ରାୟ ଶୁଣାଇଛନ୍ତି। ମାମଲାକୁ ଅତିରିକ୍ତ ସରକାରୀ ଓକିଲ ସୀତାକାନ୍ତ ଦାସ ପରିଚାଳନା କରୁଥିଲେ।

## ପେନ୍‌ସନଭୋଗୀ ଶିକ୍ଷକଙ୍କୁ ମହଙ୍ଗା ଭତ୍ତା ଶୀଘ୍ର ଦିଆଯାଉ

ପୁରୀ ଅଫିସ,୨୬।୭

ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ସଂଘ ସଭାପତି ଲକ୍ଷ୍ମୀଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅବକାଶ ଲେନ୍‌ସ୍ଥିତ ମା’ ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପେନସନ୍ ଭୋଗୀ ଶିକ୍ଷକ କର୍ମଚାରୀଙ୍କୁ ଜାନୁୟାରୀ ୨୦୨୨ରୁ ୩ ପ୍ରତିଶତ ମହଙ୍ଗା ଭତ୍ତା ଏପର୍ଯ୍ୟନ୍ତ ପ୍ରଦାନ କରା ନ ଯିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ତାହା ପ୍ରଦାନ କରିବାକୁ ସଂଗଠନର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଦାବି କରିଥିଲେ। ସତ୍ୟବାଦୀ ବକୁଳବନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଗୋପବନ୍ଧୁଙ୍କ ଜୟନ୍ତୀ ପୂର୍ବରୁ ଆରମ୍ଭ କରିବାକୁ ସଂଗଠନ ସଭାପତି ଲକ୍ଷ୍ମୀଧର ତ୍ରିପାଠୀ ଦାବି କରିଥିଲେ। ବୈଠକରେ ସର୍ବଶ୍ରୀ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ମନୋଜ ସାମନ୍ତରାୟ, ଅନିଲ ବିଶ୍ୱାଳ, ଦାମୋଦର ପାଢ଼ୀ, ବ୍ରହ୍ମାନନ୍ଦ ଦାସ, କାମଦେବ ରାଉତରାୟ, ଆଶାଲତା ପ୍ରଧାନ, ଦୁର୍ଗାବତୀ ପ୍ରଧାନ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦାଶରଥି ମହାପାତ୍ର ଓ ଅଭିରାମ ଜେନା ସଭା ପରିଚାଳନା କରିଥିବା ବେଳେ ବିଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରାଜ୍ୟରେ ପ୍ରଥମ ହେଲେ ଅଭୀଲିପ୍ସା

**ଶକ୍ତି ସଂରକ୍ଷଣ ନେଇ ରାଜ୍ୟସ୍ତରୀୟ ପରୀକ୍ଷା**

ଗୋପ,୨୬।୭(ଡି.ଏନ୍.ଏ.):

ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ ସଚେତନତା ନେଇ ରାଜ୍ୟ ସରକାର ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଶକ୍ତି ସଂରକ୍ଷଣ ସପ୍ତାହ ପାଳନ କରୁଛନ୍ତି। ଏହି ସପ୍ତାହ ଅବସରରେ ପ୍ରତିବର୍ଷ ଭଳି ରାଜ୍ୟ ସରକାରଙ୍କ ପକ୍ଷରୁ ଶକ୍ତି ସଂରକ୍ଷଣ ନେଇ ରାଜ୍ୟସ୍ତରୀୟ ପରୀକ୍ଷା ଅନ୍‌ଲାଇନ୍ ମାଧ୍ୟମରେ କରାଯାଇଥିଲା। ରାଜ୍ୟର ୨ଶହ ସ୍କୁଲର ୨ହଜାର ୫୬୧ ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ପରୀକ୍ଷାର ବିଷୟବସ୍ତୁ ‘ଶକ୍ତି ସଂରକ୍ଷଣ ଓ ତାର ଗୁରୁତ୍ୱପୂର୍ଣ୍ଣ’ ରହିଥିଲା। ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଅଭୀଲିପ୍ସା ବାରିକ ଏହି ଅନ୍‌ଲାଇନ୍ ପରୀକ୍ଷାରେ ସମସ୍ତ ବିଦ୍ୟାର୍ଥୀଙ୍କୁ ପଛରେ ପକାଇ ରାଜ୍ୟରେ ପ୍ରଥମ ହୋଇଛନ୍ତି। ଶକ୍ତି ସଂରକ୍ଷଣ ସପ୍ତାହ ଦିବସ ଅବସରରେ ତାଙ୍କୁ ଗତ ୨୩ ତାରିଖରେ ଭୁବନେଶ୍ୱର ଚନ୍ଦକାସ୍ଥିତ ଆଞ୍ଚଳିକ ବୃକ୍ଷ ସମ୍ପଦ କେନ୍ଦ୍ରରେ ନଗଦ ୫ ହଜାର ଟଙ୍କା ସହିତ ସାର୍ଟିଫିକେଟ ଦେଇ ସମ୍ମାନିତ କରାଯାଇଛି। କୃତୀ ଛାତ୍ରୀ ଅଭୀଲିପ୍ସାଙ୍କୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସ୍କୁଲ ପକ୍ଷରୁ ଅଭୀଲିପ୍ସାଙ୍କୁ ମଙ୍ଗଳବାର ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମାନିତ କରିଛନ୍ତି। ଏନେଇ ଅଭୀଲିପ୍ସା କୁହିଛନ୍ତି, ବାପା ଶରତ ବାରିକ ଓ ମା’ ସୁମିତ୍ରା ବାରିକ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ଯୋଗୁ ସେ ଏପରି ଏକ ସଫଳତାର ପାହାଚ ଅତିକ୍ରମ କରିପାରିଛନ୍ତି। ଭବିଷ୍ୟତରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା କରିବେ ବୋଲି ସେ କହିଛନ୍ତି।



ଛାତ୍ରୀ ଅଭୀଲିପ୍ସା ବାରିକ ।

## ଆକର୍ଷଣ ସାଜିଛି ହସ୍ତଶିଳ୍ପ କାରୁକାର୍ଯ୍ୟ

- ନୀଳାଚଳ ଅର୍ବାନ ହାଟରେ ପ୍ରଦର୍ଶନୀ ମେଳା
- ଉଦ୍‌ଘାଟନ କଲେ ମନ୍ତ୍ରୀ ରୀତା ସାହୁ

ପୁରୀ ଅଫିସ,୨୬।୭:

ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ ଦ୍ୱାରା ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ପୁରୀ ନୀଳାଚଳ ଅର୍ବାନ ହାଟରେ ହୋଇଛି। ଭାରତ ସରକାରଙ୍କ ଅଧୀନ ବିକାଶ ଆୟୁକ୍ତଙ୍କ ଆର୍ଥିକ ସହାୟତାରେ ଓ ଓଡ଼ିଶା ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ମିଳିତ ସହାୟତା କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ ମଙ୍ଗଳବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରୁ ଶିଙ୍ଘ, ଚାନ୍ଦୁଆ, ପଥର ଖୋଦେଇ, କାଠ ଖୋଦେଇ, କଣ୍ଢେଇ, ଲୌହ ଶିଳ୍ପ, ଆଦିବାସୀ ଅଳଙ୍କାର, ଇମିଟେଶନ୍ ଜୁଏଲାରୀ, ସବାଇ ଘାସ, କାଇଁଚ ଶିଳ୍ପ ସର୍ବୋପରି ସମ୍ବଲପୁରୀ ବସ୍ତ୍ର ଓ ରୁପା ତାରକସୀ ଇତ୍ୟାଦି ସାମଗ୍ରୀ ଏହି ପ୍ରଦର୍ଶନୀରେ ବିକ୍ରି ଉଦ୍ଦେଶ୍ୟରେ ରହିଛି। ଭିନ୍ନ ଭିନ୍ନ ଜିଲାର ହସ୍ତଶିଳ୍ପର କାରୁକାର୍ଯ୍ୟ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କାରିଗର ଏଥିରେ ଅଂଶଗ୍ରହଣ କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି କରୁଛନ୍ତି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏହି ୧୦ଦିନ ମଧ୍ୟରେ ମେଳାରେ ୫୦ ଲକ୍ଷ ଟଙ୍କାର ବେପାର ହେବ ବୋଲି ବିଭାଗ ପକ୍ଷରୁ ଆଶା ରଖାଯାଇଛି।

ମନ୍ତ୍ରୀ ରୀତା ସାହୁ ପ୍ରଦର୍ଶନୀ ମେଳାକୁ ଉଦ୍‌ଘାଟନ କରି କହିଛନ୍ତି, ହସ୍ତତନ୍ତ୍ର ଓ ହସ୍ତଶିଳ୍ପ କାରୁକାର୍ଯ୍ୟର ପ୍ରଚାର ପ୍ରସାର ଦିଗରେ ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ। କରୋନା ସଂକ୍ରମଣ ବେଳେ ହସ୍ତତନ୍ତ ଓ ହସ୍ତଶିଳ୍ପର ବେପାରରେ ବ୍ୟାପକ ପ୍ରଭାବିତ ହୋଇଥିଲା। ଏଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ବିଭାଗର ସାର୍ବଙ୍ଗୀନ ବିକାଶ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ପ୍ରଦର୍ଶନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଶାସନ ସଚିବ ତଥା ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ ଯୋଗଦେଇଥିଲେ। ଗ୍ରାହକ ବିଶ୍ୱରଞ୍ଜନ ମହାପାତ୍ର ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ବସ୍ତ୍ର କ୍ରୟ କରି କହିଛନ୍ତି, ଉପକୂଳ ଓଡ଼ିଶାରେ ମିଳୁଥିବା ସମ୍ବଲପୁରୀ ଶାଢ଼ିର ମାନ ଭଲ ନ ଥାଏ। ତାହାକୁ ସମ୍ବଲପୁର ଶାଢ଼ି କହି ବିକ୍ରି କରାଯାଉଥିଲେ ମଧ ବାସ୍ତବରେ ତାହାର ମାନ ସମ୍ବଲପୁର ଶାଢ଼ି ସହ ସମାନ ହୋଇପାରିବ ନାହିଁ। ମାତ୍ର ଅସଲି ସମ୍ବଲପୁରୀ ବସ୍ତ୍ର ଏହି ପ୍ରଦର୍ଶନୀ ମେଳାରେ ମିଳିଲା, ଯଦିଓ ଦର ସାମାନ୍ୟ ଅଧିକ ରହିଛି ତଥାପି ଭଲ ମାନର ବସ୍ତ୍ରକୁ ହାତଛଡ଼ା କରିବାକୁ ଚାହିଁଲି ନାହିଁ। ପରିବାର ସଦସ୍ୟଙ୍କ ପାଇଁ ମଧ ସମ୍ବଲପୁରୀ ବସ୍ତ୍ର କିଣି ନେଉଛି।



ମନ୍ତ୍ରୀ ରୀତା ସାହୁ ପ୍ରଦର୍ଶନୀ ମେଳାରେ ଥିବା ଏକ ଷ୍ଟଲର ଫଟୋଚିତ୍ର ଦେଖୁଛନ୍ତି ।

## ୨୦୦ କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

**କଟକ ଅଫିସ:** କଟକ ଜିଲା ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଛକ ନିକଟରେ ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୨୦୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଚାଳକ ନୟାଗଡ଼ ଜିଲାର ଶ୍ରବଣ କୁମାର ମହାଖୁଦ(୨୫)ଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ସୂଚନା ଦିଆଯାଇଛି। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା (ନଂ.୧୯୦/୨୨) ରୁଜୁ ହୋଇଛି। ଉକ୍ତ ଭ୍ୟାନ୍(ନଂ. ଓଡ଼ି୦୭ଏସି-୯୨୫୬)ରେ ବ୍ରହ୍ମପୁରରୁ କଲିକତାକୁ ଗଞ୍ଜେଇ ଚାଲାଣ ହେଉଥିଲା। ଖବରପାଇ ଅବକାରୀ ବିଭାଗର ଏକ ଟିମ୍ ତ୍ରିଶୂଳିଆ ଛକ ନିକଟରେ ଜଗି ରହିଥିଲା। ଭ୍ୟାନ୍ ସେଠାରେ ପହଞ୍ଚିବା ପରେ ଟିମ୍‌ର ସଦସ୍ୟମାନେ ଧରିଥିଲେ।

**ସଂକ୍ଷେପରେ**

## ଆଜି ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ

### ଫଳାଫଳ ଘୋଷଣା ଉପରେ ଅଙ୍କୁଶ ଲଗାଇଲେ ହାଇକୋର୍ଟ

**କଟକ ସଦର,୨୬।୭(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧକ୍ଷ ଉପନିର୍ବାଚନ ବୁଧବାର ଅନୁଷ୍ଠିତ ହେବ। ହେଲେ ଫଳାଫଳ ଘୋଷଣା ଉପରେ ହାଇକୋର୍ଟ ଅଙ୍କୁଶ ଲଗାଇଛନ୍ତି। ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ମଙ୍ଗଳବାର ଏ ସମ୍ପର୍କିତ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଗତ ଏପ୍ରିଲ ୨୧ ତାରିଖରେ ଗତିରାଉତପାଟଣା ସମିତି ସଭ୍ୟା ତଥା ବ୍ଲକ ଅଧକ୍ଷା ବିଷ୍ଣୁପ୍ରିୟା ରାଉତଙ୍କର ଅକାଳ ବିୟୋଗ ଘଟିଥିଲା। ଏହାପରଠାରୁ ଉକ୍ତ ପଦବୀ ଖାଲି ପଡିଥିଲା। ଜୁଲାଇ ୧୩ ତାରିଖରେ ରାଜ୍ୟ ନିର୍ବାଚନ ଆୟୁକ୍ତ ପତ୍ରସଂଖ୍ୟା ୭୬୨୮/୧୩।୭।୨୦୨୨ରେ ବିଜ୍ଞପ୍ତି ପ୍ରକାଶ କରି ଜୁଲାଇ ୨୭ ତାରିଖରେ ଉପନିର୍ବାଚନ ପାଇଁ ସମୟ ଧାର୍ଯ୍ୟ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ୧୮ ଜଣ ସମିତି ସଭ୍ୟାସଭ୍ୟଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ଦାଏର ହୋଇଥିଲା। ସେହିପରି ଆଉଜଣେ ଆବେଦନକାରୀ ମଧ ଉପ ନିର୍ବାଚନ ନେଇ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ପ୍ରଥମେ ଗତିରାଉତପାଟଣା ପଞ୍ଚାୟତ ସମିତିସଭ୍ୟା ନିର୍ବାଚନ କରାଯିବା ପରେ ବ୍ଲକ ଅଧକ୍ଷା ନିର୍ବାଚନ କରାଯାଉ ବୋଲି ଉଭୟ ପକ୍ଷର ଆବେଦନକାରୀମାନେ ପିଟିଶନରେ ଦର୍ଶାଇଥିଲେ। ପ୍ରଥମେ ଉପନିର୍ବାଚନ ପାଇଁ ଆୟୁକ୍ତ ଜୁଲାଇ ୬ ତାରିଖକୁ ଦିନ ଧାର୍ଯ୍ୟ କରିଥିଲେ। ହେଲେ ଉକ୍ତ ଦିନ କେହି ନାମାଙ୍କନ ପତ୍ର ଦାଖଲ ପାଇଁ ଆସି ନ ଥିଲେ। ଫଳରେ ଆୟୁକ୍ତ ଉପ ନିର୍ବାଚନ ପାଇଁ ଆଉ ଏକ ତାରିଖ ଘୋଷଣା କରିଥିଲେ।

## ନାବାଳିକା ଅପହରଣ ଅଭିଯୋଗରେ ଜଣେ ଗିରଫ

**କଟକ ସଦର,୨୬।୭(ଡି.ଏନ୍.ଏ.):** ନାବାଳିକା ଅପହରଣ ଅଭିଯୋଗରେ କନ୍ଦରପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆ ଅଞ୍ଚଳର ରବିନାରାୟଣ ରାଉତ(୪୧)। ଜୁଲାଇ ୧୯ ତାରିଖରେ ଅଭିଯୁକ୍ତ ଜଣକ କନ୍ଦରପୁର ଥାନା ଅଞ୍ଚଳର ନାବାଳିକାଙ୍କୁ ବୁଲେଇ ନେବା ବାହାନାରେ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୪/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଝାଞ୍ଜିରିମଙ୍ଗଳା ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରି କଟକ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ହାଜର କରିଥିଲା। ସେଠାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୧୬୪ ଧାରାରେ ତାଙ୍କର ବୟାନ ରେକର୍ଡ କରାଯିବା ପରେ ବିଡାନାସୀସ୍ଥିତ ବସୁନ୍ଧରାକୁ ପଠାଇ ଦିଆଯାଇଥିଲା।

## ଜଷ୍ଟିସ୍ ବୀରକିଶୋର ରାୟଙ୍କ ଶ୍ରାଦ୍ଧୋତ୍ସବ

**କଟକ ଅଫିସ, ୨୬।୭:** ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସ ଓ ପ୍ରଥମ ମୁଖ୍ୟ ବିଚାରପତି ବୀରକିଶୋର ରାୟଙ୍କ ଶ୍ରାଦ୍ଧ ଦିବସ ହାଇକୋର୍ଟ ବାର୍ ଆସୋସିଏଶନ ପ୍ରେକ୍ଷାଳୟରେ ମଙ୍ଗଳବାର ପାଳିତ ହୋଇଯାଇଛି। ଜଷ୍ଟିସ୍ ବୀରକିଶୋର ରାୟ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ଜଷ୍ଟିସ ରାୟଙ୍କର ହାଇକୋର୍ଟ ପ୍ରତି ଅବଦାନ ବିଷୟରେ କହିଥିଲେ। ଅନୁଷ୍ଠାନର ଉପସଭାପତି ତଥା ଆଡ୍‌ଭୋକେଟ ସନାତନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ବିଜୟ କୁମାର ରଗଡ଼ ସ୍ୱାଗତ ଭାଷଣ, ସମ୍ମାନିତ ଅତିଥି ଭାବେ ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଯୋଗଦେଇଥିଲେ। ସେହିପରି ବିଚାରପତି ଶୁଭାଶିଷ ତାଳପତ୍ର, ଶତ୍ରୁଘ୍ନ ପୂଜାହାରୀ, ଅରିନ୍ଦମ ସିହ୍ନା, ମୃଗାଙ୍କ ଶେଖର ସାହୁ, ସାବିତ୍ରୀ ରଥ, ଶଶିକାନ୍ତ ମିଶ୍ର, ଆଦିତ୍ୟ କୁମାର ମହାପାତ୍ର, ଭି. ନରସିଂହ, ବିରଜା ପ୍ରସନ୍ନ ଶତପଥୀ, ଏମ୍. ରମଣ, ସଞ୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଡଭୋକେଟ ଲକ୍ଷ୍ମୀନାରାୟଣ ପଟେଲ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କୁ ହତ୍ୟା ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୬।୭**

କଟକ ଜିଲା ଲାଲବାଗ ଥାନା ଅଧୀନ କୁତାଖାଇ ଗଳିର ଏକ ଘରେ ଗତ ୧୫ ତାରିଖରେ ବି. ଗୁଣାବତୀ ନାମ୍ନୀ ମହିଳାଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ଅନ୍ୟ ଦୁଇଭାଇ ୱାଇ. ସୁଦୀପ(୨୫), ୱାଇ.ସୁନୀଲ(୨୫) ଓ ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଗୁଣାବତୀଙ୍କ ପୁଅ ରବିଙ୍କ ସହିତ ପଡୋଶୀ ଘର ଝିଅର ପ୍ରେମ ସମ୍ପର୍କ ଥିଲା। କୌଣସି କାରଣବଶତଃ ଉଭୟଙ୍କ ମଧରେ ସମ୍ପର୍କ ତୁଟି ଯିବାରୁ ଝିଅ ଜଣକ ଅନ୍ୟତ୍ର ବିବାହ କରିଥିଲେ। ହେଲେ ରବି ସେହି ଝିଅର ଆପତ୍ତିଜନକ ଫଟୋ, ଭିଡିଓ ରଖି ତାଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ। ଏ ସମ୍ପର୍କରେ ଝିଅ ତାଙ୍କ ବାପାଙ୍କୁ ଜଣାଇଥିଲେ। ଏହାପରେ ଗୁଣାବତୀଙ୍କ ଘରୁ ଲାପ୍‌ଟପ୍ ଆଣିବା ପାଇଁ ବାପା ଷଡ଼ଯନ୍ତ୍ର ରଚିଥିଲେ। ଏଥିଲାଗି ଗୁଣାବତୀଙ୍କ ପଡ଼ିଶାଘରର ଦୁଇ ସମ୍ପର୍କୀୟ ଭାଇ ସୁଦୀପ ଓ ସୁନୀଲଙ୍କୁ ସେ କହିଥିଲେ। ଯୁବକ ଦ୍ୱୟ ଝିଅର ବାପାଙ୍କଠାରୁ ପ୍ରାୟ ୯୦ ହଜାର ଟଙ୍କା ସୁଧ ନେଇଥିଲେ। ସୁଧ ମୂଳ ମିଶି ଉକ୍ତ ଟଙ୍କା ପ୍ରାୟ ଅଢେଇ ଲକ୍ଷରେ ପହଞ୍ଚିଥିଲା। ଅଭିଯୁକ୍ତଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାବେଳେ ଲାପ୍‌ଟପ୍ ଚୋରି କରି ଆଣିଲେ ସୁଧ ଟଙ୍କା ଛାଡ଼ କରିଦେବା ନେଇ ବୁଝାମଣା ହୋଇଥିଲା। ଏହାପରେ ଘଟଣା ଦିନ ପୂର୍ବାହ୍ନ ପ୍ରାୟ ୧୧.୩୦ରେ ଅଭିଯୁକ୍ତ ଦ୍ୱୟ ଲାପ୍‌ଟପ୍ ଚୋରି କରିବା ପାଇଁ ଗୁଣାବତୀଙ୍କ ଘରକୁ ଯାଇଥିଲେ। ସେଠାରୁ ଫେରୁଥିବାବେଳେ ଗୁଣାବତୀ ପଚରାଉଚରା କରିବାରୁ ସେମାନେ ଭୟଭୀତ ହୋଇ ପନିକିରେ ତାଙ୍କୁ ହାଣି ପକାଇଥିଲେ। ଫଳରେ ଗୁଣାବତୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହାପରେ ସେମାନେ ଏକ ପରିବା ବ୍ୟାଗ୍‌ରେ ଲାପ୍‌ଟପ୍ ଓ ପନିକିକୁ ନେଇ ଯୋବ୍ରା ନିକଟ ମହାନଦୀରେ ଫିଙ୍ଗିଦେଇଥିଲେ। ତେବେ ପୋଲିସ ଲାପ୍‌ଟପ୍ ଖୋଜିବାକୁ ଯାଇ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିଥିଲା।

## ମିଳୁନି ଲାପ୍‌ଟପ୍, ପନିକି

### କୋର୍ଟରେ ଦୋଷୀ ସାବ୍ୟସ୍ତ କରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ

ଲାଲ୍‌ବାଗ ଥାନା ଅଧୀନ କୁତାଖାଇ ଗଳିରେ ବି.ଗୁଣାବତୀ ନାମ୍ନୀ ମହିଳାଙ୍କୁ ହତ୍ୟା କରାଯିବା ଘଟଣାରେ ପୋଲିସ ସେଭଳି କିଛି ଠୋସ୍ ପ୍ରମାଣ ପାଇପାରିନାହିଁ। ଫଳରେ କୋର୍ଟରେ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହି ଘଟଣାରେ ଅଭିଯୁକ୍ତମାନେ କୌଣସି ସୁରାକ୍ ଛାଡ଼ି ନ ଥିବାବେଳେ ଲାପ୍‌ଟପ୍ ଓ ପନିକିକୁ ମହାନଦୀରେ ଫିଙ୍ଗି ଦେଇଛନ୍ତି। ସେହିପରି ଉକ୍ତ ଘଟଣାରେ କେହି ପ୍ରତ୍ୟକ୍ଷଦର୍ଶୀ ନାହାନ୍ତି। ମହାନଦୀରୁ ଉକ୍ତ ସାମଗ୍ରୀ ପୋଲିସ ମଧ ଜବତ କରିପାରି ନାହିଁ। କେବଳ ଅଭିଯୁକ୍ତଙ୍କ ବୟାନ ଆଧାରରେ ସେମାନଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ଗୁଣାବତୀଙ୍କୁ ହତ୍ୟା କରିବା ପରେ ତାଙ୍କ ଘରେ ଥିବା ଏକ କପଡ଼ାରେ ହାତ ପୋଛିଥିଲେ। ସେହିଠାରୁ ନମୁନା ସଂଗ୍ରହ କରାଯାଇଛି। ଏନେଇ ଡିସିପି ପିନାକ ମିଶ୍ର କହିଛନ୍ତି, ମହାନଦୀରେ ପାଣି ଅଧିକ ଥିବାରୁ ପନିକି ଓ ଲାପ୍‌ଟପ୍ ଜବତ କରାଯାଇପାରିନାହିଁ। ଏଥିସହ ହତ୍ୟାକଣ୍ଡ ଦିନ ମିଳିଥିବା ସାମଗ୍ରୀ ଓ ଅଭିଯୁକ୍ତମାନଙ୍କ ଡିଏନ୍‌ଏ ପରୀକ୍ଷା କରାଯିବ। ଏହାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



କଟକ ମାଲଗୋଦାମ ଅଞ୍ଚଳରେ ମଙ୍ଗଳବାର ଅଗ୍ନିଶମ ବିଭାଗ ପକ୍ଷରୁ ଅନୁଷ୍ଠିତ ମକ୍‌ଡ୍ରିଲ।

**ଦେବେନ୍ଦ୍ର ବେହେରା ହତ୍ୟା ମାମଲା**

## ୩ ଅଭିଯୁକ୍ତ କୋର୍ଟ ଚାଲାଣ



ଗିରଫ ୩ ଅଭିଯୁକ୍ତ।

**କଣ୍ଟାପଡା, ୨୬।୭(ଡି.ଏନ୍.ଏ.)**

ଗୋବିନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ଦେବେନ୍ଦ୍ର ବେହେରା(୩୫)ଙ୍କୁ ହତ୍ୟା କରିବା ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ପସା ଓରଫ ପ୍ରଶାନ୍ତ ଜେନା(୩୭), କାଳିଆ ଓରଫ ବିଶ୍ୱଜିତ୍ ମଲ୍ଲିକ(୩୪) ଓ ବାଘ ଓରଫ ପ୍ରେମାନନ୍ଦ ଭୋଇ (୨୭)। ହତ୍ୟାକାଣ୍ଡରେ ବ୍ୟବହୃତ ଚାପଡକୁ ପ୍ରଶାନ୍ତଙ୍କ ଘରୁ ଜବତ କରାଯିବା ସହ ଇଟା ଓ ବୋତଲ ମଧ ଜବତ ହୋଇଥିବା ଗୋବିନ୍ଦପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ସଦର ଏସ୍‌ଡିପିଓ ସୁବାସ ପଣ୍ଡା ଓ ଥାନାଧିକାରୀ ଅନାମ ଚରଣ ନାୟକ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ନୂଆଗାଁ ଗ୍ରାମ ବଜାରରେ ଅଭିଯୁକ୍ତ ୩ ଜଣ ମଦ ପିଉଥିଲେ। ସେହି ସମୟରେ ଦେବେନ୍ଦ୍ର ସାଇକେଲରେ ସେହି ବାଟଦେଇ ଘରକୁ ଫେରୁଥିବାବେଳେ ପ୍ରଶାନ୍ତ ତାଙ୍କୁ ଅଟକାଇଥିଲେ। ଫଳରେ ଉଭୟଙ୍କ ମଧରେ ପାଟିତୁଣ୍ଡ ହେବାରୁ ବିଶ୍ୱଜିତ୍ ଓ ପ୍ରେମାନନ୍ଦ ସେମାନଙ୍କ ପାଖକୁ ଯାଇଥିଲେ। ସେଠାରୁ ଦେବେନ୍ଦ୍ରଙ୍କୁ ଟାଣିଟାଣି ପ୍ରଶାନ୍ତଙ୍କ କଳଘର ପଛକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କୁ ଇଟାରେ ଛେଚିବା ସହ ବୋତଲରେ ମୁଣ୍ଡକୁ ପିଟି ଦେଇଥିଲେ। ସେ ତଳେ ପଡିଯିବାରୁ ପ୍ରଶାନ୍ତ ଏକ ଚାପଡରେ ତାଙ୍କ ବେକକୁ ହାଣି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏ ସମ୍ପର୍କରେ ଦେବେନ୍ଦ୍ରଙ୍କ ବଡଭାଇ ଖଗେନ୍ଦ୍ର ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୦୩/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଅଭିଯୁକ୍ତମାନଙ୍କୁ ସେମାନଙ୍କ ଘରୁ ଗିରଫ କରିଥିଲା।

## ୬ ଚୋରି ବାଇକ୍ ଜବତ, ୩ ଗିରଫ

**ଚୌଦ୍ୱାର,୨୬।୭(ଡି.ଏନ୍.ଏ.)**

ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରିବା ଘଟଣାରେ ଚୌଦ୍ୱାର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ ଓଟିଏମ୍ କଲୋନୀର ହେମନ୍ତ ଦୋରା, ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଗ୍ରାମର ସ୍ମୃତିରଞ୍ଜନ ପ୍ରଧାନ ଓ ଖୋର୍ଦ୍ଧା ଜିଲା ଖଣ୍ଡଗିରି ଥାନା ଅନ୍ତର୍ଗତ ତପୋବନ ବସ୍ତିର ସୁବାଶିଷ ପଟ୍ଟନାୟକ। ସେମାନଙ୍କ ନିକଟରୁ ୬ଟି ଚୋରି ବାଇକ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଭୁବନେଶ୍ୱର ସତ୍ୟନଗର ଅଞ୍ଚଳର ହେମନ୍ତ ପ୍ରଧାନ ଗତ ୨୪ ତାରିଖ ସନ୍ଧ୍ୟାରେ ଢେଙ୍କାନାଳରୁ କଟକ ଅଭିମୁଖେ ଯାଉଥିଲେ। ବାଟରେ ଚୌଦ୍ୱାର ନିକଟ ନୂଆଁକିରଠାରେ ବାଇକ୍ ରଖି ରାସ୍ତା ପାର୍ଶ୍ୱକୁ ଶୌଚ ହେବାକୁ ଯାଇଥିଲେ। ଫେରିବା ପରେ ଉକ୍ତ ସ୍ଥାନରେ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହେମନ୍ତ ଓ ସୁବାଶିଷଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରାଉଚରା କରିଥିଲା। ସେମାନେ ଉକ୍ତ ବାଇକ୍ ସହ ବିଭିନ୍ନ ସ୍ଥାନରୁ ଅନ୍ୟ ବାଇକ୍ ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏପରି କି ଅନ୍ୟ ଦୁଇଟି ବାଇକ୍‌କୁ ତାଙ୍କର ଅନ୍ୟ ଜଣେ ସହଯୋଗୀ ସ୍ମୃତିରଞ୍ଜନଙ୍କ ପାଖରେ ରଖିଥିବା କହିଥିଲେ। ସେମାନଙ୍କ ସୂଚନା ଆଧାରରେ ପୋଲିସ ମଙ୍ଗୁଳିସ୍ଥିତ ଏକ ପରିତ୍ୟକ୍ତ ଘରୁ ମଧ ଦୁଇଟି ବାଇକ୍ ଜବତ କରିଥିଲା।

## କାର୍‌ଗିଲ ବିଜୟ ଦିବସରେ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି

**ଆଠଗଡ଼/ବାଙ୍କୀ, ୨୬।୭ (ସ୍ୱ.ପ୍ର.)**



ଆଠଗଡ଼ରେ ଆୟୋଜିତ କାର୍ଯ୍ୟକ୍ରମରେ ଯବାନଙ୍କ ପରିବାରକୁ ସମ୍ବର୍ଦ୍ଧନା ଦିଆଯାଉଛି।

ଆଠଗଡ ଛାତ୍ର ବିଜେଡି ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ଆଠଗଡ ସହରସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟରେ ଚାରା ରୋପଣ କରାଯାଇଥିଲା। ଅପରାହ୍ନରେ ଆଠଗଡ ପୁରୁଣା ବସଷ୍ଟାଣ୍ଡ ଲକ୍ଷ୍ମୀ ବଜାର ମଣ୍ଡପରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଠଗଡ଼ ଛାତ୍ର ବିଜେଡି ସଭାପତି ଜ୍ୟୋତି ରଞ୍ଜନ ପ୍ରଧାନ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ଏନଏସି ଅଧକ୍ଷା ସସ୍ମିତା ରାଉତ, ସତ୍ୟପ୍ରିୟ ମହାନ୍ତିଙ୍କ ସମେତ କାରଗିଲ ଯୁଦ୍ଧରେ ଭାଗ ନେଇଥିବା ଅବସରପ୍ରାପ୍ତ ସୈନିକ ସନ୍ତୋଷ କୁମାର ମହାରଣା, ଦିଲୀପ କୁମାର ସ୍ୱାଇଁ, ବଳରାମ ପଣ୍ଡା,ସଂସାରୀ ମହାନ୍ତି ପ୍ରମୁଖ ଯୋଗଦେଇ କାରଗିଲ ଯୁଦ୍ଧର ଅନୁଭୂତି ବଖାଣିଥିଲେ। ସେହିପରି ପୂର୍ବତନ ସୈନିକ ତଥା ସାମାଜିକ କର୍ମୀ ଅଭୟ ବାରିକଙ୍କ ପକ୍ଷରୁ ଝୁଲଣ ପଡିଆରେ ଏହି ଦିବସ ପାଳନ କରାଯାଇଛି। ସେ ଶହୀଦ ପରିବାରର ସଦସ୍ୟଙ୍କ ଗୋଡ଼ ଧୋଇ ସେମାନଙ୍କୁ ସମ୍ମାନ ଜଣାଇଥିଲେ। ସେହିପରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମହିଳା ଏନସିସି ବିଭାଗ ଆନୁକୁଲ୍ୟରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏନସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହିଳା ଏନସିସି କ୍ୟାପଟେନ ଡ.ସନ୍ଧ୍ୟାରାଣୀ ମହାନ୍ତି ଏହାକୁ ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥିଭାବେ ଉପାଧକ୍ଷ ପ୍ରଧାପକ ମନୋଜ କୁମାର ମହାପାତ୍ର ଯୋଗଦେଇ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରିସରରେ ଏକ ବିଜୟ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ରଥଗଡା ଛକରେ ଭୁବନେଶରର ବାଲୁକାଶିଳ୍ପୀ ସୁବଳ ମହାରଣାଙ୍କ ଦ୍ୱାରା କାରିଗିଲ ବିଜୟ ଦିବସର ବାଲୁକାକଳା ଚିତ୍ର ପ୍ରଦର୍ଶନୀ ଏଥିସହ ୫୦୦ ମିଟର ଲମ୍ବର ଏକ ଜାତୀୟ ପତାକା ଶୋଭାଯାତ୍ରାରେ ବାହାରି ଆଠଗଡ ସହର ପରିକ୍ରମା କରିଥିଲା। ଏହି ଅବସରରେ ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାସଙ୍କ ସଭାପତିତ୍ୱରେ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛୋଟ ଛୋଟ ପିଲାଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୨୬।୭(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ରାମକୃଷ୍ଣପୁର ଗ୍ରାମର ଜଣେ ଛାତ୍ରଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ନିରଞ୍ଜନ ବାରିକ୍‌ଙ୍କ ପୁଅ ଶକ୍ତିସାରଥି ବାରିକ୍(୨୦)। ଶକ୍ତି ସ୍ଥାନୀୟ ନିଶ୍ଚିନ୍ତକୋଇଲିସ୍ଥିତ ଏକ ଆଇଟିଆଇରେ ଅଧ୍ୟୟନ କରୁଥିଲେ। ସକାଳୁ ଶକ୍ତିଙ୍କୁ ପରିବାର ଲୋକେ ମୁମୂର୍ଷୁ ଅବସ୍ଥାରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି।

## ୬ ଦଫା ଦାବିରେ କଂଗ୍ରେସର ପ୍ରତିବାଦ ସଭା



କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା କରାଯାଉଛି।

**ବାଙ୍କୀ, ୨୬।୭(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଯୁବ କଂଗ୍ରେସ ପକ୍ଷରୁ ୬ ଦଫା ଦାବି ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ ଡମପଡ଼ା ବ୍ଲକ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଥିବା ଅଭିଯୋଗ କରିଥିଲେ। ବାଙ୍କୀ ସହର ନିକଟରୁ ଡମପଡ଼ା ବ୍ଲକ କାର୍ଯ୍ୟାଳୟକୁ ଉଠାଇ ଆଣି ଡମପଡ଼ାରେ ଖୋଲିବା ପାଇଁ ଦାବି କରାଯାଇଥିଲା। ଡମପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ପୂରଣ କରିବାକୁ ଦାବି ହୋଇଥିଲା। ଏଥିସହ ପୂର୍ବରୁ ସ୍ଥିର ହୋଇଥିବା ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା, ବାଙ୍କୀ–କଟକ ଯାତାୟାତ କରୁଥିବା ବସ୍‌ଗୁଡିକ ଡମପଡ଼ା ଦେଇ ଯିବାକୁ ଦାବି କରାଯାଇଥିଲା। ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ଦିଆଯାଇଛି। ଏସବୁ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଡମପଡ଼ା ବ୍ଲକ ଯୁବ କଂଗ୍ରେସ ସଭାପତି ସୂର୍ଯ୍ୟନାରାୟଣ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱଜିତ୍ ରଣା, ବିଭୂତି ଭୂଷଣ ଦଳସିଂହ ରାୟ , ସୋମନାଥ ପଣ୍ଡା, ବାପି କରଣ , କୀର୍ତ୍ତିରଞ୍ଜନ ଧଳସାମନ୍ତ, ସୌମ୍ୟରଞ୍ଜନ ବେଉରା, ଦିଲୀପ କୁମାର ବେଉରା, ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

**ଆଠଗଡ଼,୨୬।୭(ସ୍ୱ.ପ୍ର.)**

ଆଠଗଡ଼ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ମିନତି ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ଏହି ଅଧିବେଶନରେ ସ୍ୱଚ୍ଛ ଭାରତ ଅଭିଯାନରେ ଗ୍ରାମାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ବର୍ଜ୍ୟବସ୍ତୁ ପାଇଁ ସେଗ୍ରିସେସନ ଶେଡ ନିର୍ମାଣ, ସଂଗ୍ରହ ପାଇଁ ୩ ଚକିଆ ଯାନ, ପରିଚାଳନା ପାଇଁ ପାଣ୍ଠି ଓ ବ୍ୟୟ ଅଟକଳ ନେଇ ଆଲୋଚନା ହୋଇଥିଲେ। ଏଥିସହ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ନିୟୋଜିତ କରିବା ସହ ସଚେତନତା ସୃଷ୍ଟି କରିବା ପାଇଁ ସାମାଜିକ ସମୀକ୍ଷା ଆଦି ବିଷୟରେ ଚର୍ଚ୍ଚା ହୋଇଥିଲା। ସେହିପରି ଗ୍ରାମରେ ନଳକୂପ, ଲିଚପିଟ୍ ଓ ମାଛ ଚାଷ ପାଇଁ ଦୀର୍ଘ ମିଆଦୀ ସୂତ୍ରରେ ପୋଖରୀକୁ ଲିଜରେ ଦେବା ଆଦି ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅରୁଣ ଦାସ, ଉପାଧକ୍ଷ ସୁବାସ ମଲ୍ଲିକ, ଜିଲା ପରିଷଦ ସଦସ୍ୟ ଶାନ୍ତିଲତା ବେହେରା, ମିନତି ଗାଗରାଇ, ବଳଭଦ୍ର ବାଘ, ରଞ୍ଜନ ଆଚାର୍ଯ୍ୟ ଓ ବିଷ୍ଣୁ ପ୍ରସାଦ ଖାଡଙ୍ଗା ପ୍ରମୁଖ ଯୋଗଦେଇଥିଲେ।

## 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଲାଭ ନିଅନ୍ତୁ କୃଷକ'

**କଟକ ଅଫିସ, ୨୬।୭**

**ଖରିଫ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ**
- ଫସଲ ପାଇଁ ବିନିଯୋଗ ହେବ ୧୮୮୧୫୦ ହେକ୍ଟର ଜମି
- ହେକ୍ଟର ପିଛା ବ୍ୟବହାର ହେବ ୭୪.୯ କିଗ୍ରା ସାର
- ସମସ୍ତ କେନାଲରେ ପାଣି ଛଡ଼ାଗଲା

ଜିଲାସ୍ତରୀୟ ଖରିଫ୍ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଲାଭ କୃଷକମାନେ ନେବାକୁ ଗୁରୁତ୍ୱ ଦେଇଥିଲେ। କୌଣସି ସଂସ୍ଥା ଚାଷୀଙ୍କୁ ଋଣ ଦେବାରେ ଖିଲାପ କଲେ ଜିଲା ପ୍ରଶାସନ ଓ ଅଗ୍ରଣୀ ବ୍ୟାଙ୍କ ପରିଚାଳକଙ୍କ ଦୃଷ୍ଟିକୁ ଆଣିବାକୁ ସେ କହିଥିଲେ। ସେହିପରି ଜିଲା ମୁଖ୍ୟ କୃଷି ଅଧିକାରୀ ନିରଞ୍ଜନ ଦାସ ଯୋଗଦେଇ କଟକ ଜିଲା ପାଇଁ ୨୦୨୨ ଖରିଫ ବର୍ଷର କୃଷି ନୀତି ନିର୍ଦ୍ଧାରଣ ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଥିଲେ, ଧାନ ଫସଲ ପାଇଁ ୧୩୧୧୮୮ ହେକ୍ଟର ଓ ଅଣଧାନ ଲାଗି ୫୬୯୬୨ ହେକ୍ଟର ଚାଷଜମି ବିନିଯୋଗ କରାଯିବ। ଚଳିତ ଖରିଫ ଚାଷ ପାଇଁ ହେକ୍ଟର ପିଛା ୭୪.୯ କିଗ୍ରା ସାର ବ୍ୟବହାର ହେବ। ଜଳସମ୍ପଦ ବିଭାଗ ପକ୍ଷରୁ ମଙ୍ଗଳବାରଠାରୁ ସମସ୍ତ କେନାଲରେ ପାଣି ଛଡ଼ାଯିବା ବ୍ୟବସ୍ଥା କରାଯାଇଛି। ସେହିପରି ଚଳିତବର୍ଷ ସମବାୟ ସଂସ୍ଥା ୫୦୦ କୋଟି ଋଣ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଏ ପର୍ଯ୍ୟନ୍ତ ୨୮୮୯ କୋଟି ଋଣ ମଞ୍ଜୁରୀ କରାଯାଇଛି। ଏହି ବୈଠକରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।